78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

# The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୮୭ ● କଟକ ● ରବିବାର ● ୦୩ ନଭେମ୍ବର-୨୦୨୪ ● ସିଂହ-୨୦ ● ସାଲ୍ ୧୪୩୧

CUTTACK ● SUNDAY ● 3 NOVEMBER-2024 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

## ବଲାଙ୍ଗିରରେ ମୁଖ୍ୟମନ୍ତ୍ରୀ

### ୨୭ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କଲେ

### ନବୀନ ସରକାରକୁ ଟାର୍ଗେଟ୍



**ବଲାଙ୍ଗିର,(ପିପିଏସ୍):** ବଲାଙ୍ଗିର ବେଲପଡ଼ାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ପୂର୍ବ ବିଜେଡି ସରକାରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ୨୪ବର୍ଷ ହେଲା ବଲାଙ୍ଗିରକୁ ଅବହେଳା କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ବିଧାନସଭାରେ ସୁକତେଲ ପ୍ରକଳ୍ପ ପ୍ରସଙ୍ଗ ଉଠାଇଥିଲେ, ହେଲେ ବିଜେଡି ସରକାର କୌଣସି ପଦକ୍ଷେପ ନେଇ ନ ଥିଲେ। ସେ ଆହୁରି କହିଛନ୍ତି, ଲୋୟର ସୁକତେଲ ପ୍ରକଳ୍ପ ପାଇଁ ୨୪ରୁ ୨୬ବର୍ଷ ଲାଗିଗଲା। ତଥାପି ସୁକତେଲ ପ୍ରକଳ୍ପରୁ ଲୋକଙ୍କୁ ପାଣି ମିଳୁନି। ୧୯୯୮ରେ ଭିତ୍ତି ପଡ଼ିଥିବା ପ୍ରକଳ୍ପ ୨୦୨୪ ପର୍ଯ୍ୟନ୍ତ ବି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲାନି। ତରବରିଆ ଭାବେ ଏହାର ଉଦ୍‌ଘାଟନ କରାଗଲା। ହେଲେ ଚାଷୀ ପାଣି ପାଇଲେନି। ଘୋଡ଼ାକୁ ଘାସର ଦାୟିତ୍ୱ ଦିଆଗଲେ, ଘାସ ସୁରକ୍ଷିତ ରହିବ କି? ଲୋୟର ସୁକତେଲ ନିର୍ମାଣ ପାଇଁ ଆସିଥିବା ଟଙ୍କା କୁଆଡ଼େ ଗଲା ବୋଲି କହି ମୁଖ୍ୟମନ୍ତ୍ରୀ ପ୍ରଶ୍ନକରିଛନ୍ତି। ବଲାଙ୍ଗିର ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏ ନେଇ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପ୍ରକଳ୍ପଗୁଡ଼ିକର ବିସ୍ତୃତ ବିବରଣୀ ଦେଇଥିଲେ। ୬୨୧କୋଟି ଟଙ୍କା ବ୍ୟୟରେ ମୋଟ୍ ୨୭ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି ଶ୍ରୀ ମାଝୀ। ସୂଚନା ଅନୁସାରେ, ତୁଷୁରାରେ ଏୟାରଷ୍ଟ୍ରିପ ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏହି ପ୍ରକଳ୍ପ ପାଇଁ ୬୬କୋଟି ଟଙ୍କା ବ୍ୟୟବରାଦ ରଖାଯାଇଥିବା ଜଣାପଡ଼ିଛି। ସେହିପରି ବଲାଙ୍ଗିର ଜିଲ୍ଲାର ଉପର ଲାନ୍ଥ ଜଳସେଚନ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପ ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ କହିଛନ୍ତି। ଏହାଦ୍ୱାରା ବେଲପଡ଼ା ବ୍ଲକ୍‌ର ୬ ହଜାର ହେକ୍ଟର ଚାଷଜମି ଜଳସେଚିତ ହେବ। ୨୪୯୫ ମିଟର ଡ୍ୟାମ ପାଇଁ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଡ୍ୟାମ୍‌ରୁ ୨୧୦ କିଲୋୱାଟ ବିଦ୍ୟୁତ ଉତ୍ପାଦନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ଟ୍ରେଲର-ପିକ୍‌ଅପ ଧକ୍କା: ୬ମୃତ, ୫ଆହତ



**ରାଉରକେଲା,(ପିପିଏସ୍):** ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଅନ୍ତର୍ଗତ ଗଏକାନପାଲି ନିକଟରେ ଶନିବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରେଲର୍‌କୁ ପିକ୍‌ଅପ୍ ଭ୍ୟାନ୍‌ଟି ପଛରୁ ଧକ୍କାଦେବାରୁ ୬ଜଣଙ୍କର ମୃତ୍ୟୁଘଟିଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସକାଳେ କିଛି ଲୋକ ସଂକୀର୍ତ୍ତନ ସାରି ପିକଅପ୍ ଭ୍ୟାନ୍‌ରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ରାସ୍ତାକଡ଼ରେ ଠିଆ ହୋଇଥିବା ଟ୍ରେଲରକୁ ପିକଅପ୍ ଭ୍ୟାନ୍‌ଟି ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୬ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ଜଣ ଆହତ ହୋଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛି। ଘନକୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

### ବାର୍ଷିକ ବଜେଟ୍ ପାଇଁ ପ୍ରସ୍ତାବ ମାଗିଲା ଅର୍ଥ ବିଭାଗ

# ୧୦ ସ୍ତମ୍ଭକୁ ଫୋକସ୍

**ଭୁବନେଶ୍ୱର,(ପିପିଏସ୍):**

ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବାର୍ଷିକ ବଜେଟ୍ ଉପସ୍ଥାପନ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସରକାରଙ୍କ ଚିହ୍ନିତ ୧୦ଟି ପ୍ରାଥମିକତା ରଣନୀତିକ କ୍ଷେତ୍ରକୁ ଦୃଷ୍ଟିରେ ରଖି ଆସନ୍ତା ଡିସେମ୍ବର ୨୦ତାରିଖ ସୁଦ୍ଧା ବଜେଟ୍ ପ୍ରସ୍ତାବ ପଠାଇବା ପାଇଁ ପ୍ରଶାସନିକ ବିଭାଗଗୁଡ଼ିକୁ ଅର୍ଥ ବିଭାଗ ନିର୍ଦ୍ଦେଶ ଦେଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ନିଆଯାଇଥିବା ନୀତି ଉପରେ ୨୦୨୫-୨୬ ଆର୍ଥିକବର୍ଷର ବଜେଟ୍ ଆକଳନ ଆଧାରିତ ହେବ ବୋଲି ଅର୍ଥ ବିଭାଗ ସ୍ପଷ୍ଟକରିଛି। ଏହାସହିତ ରାଜ୍ୟର ଅର୍ଥନୀତି ଚଳିତ ଆର୍ଥିକବର୍ଷରେ ୮%ରୁ ୮.୫% ହାରରେ ବୃଦ୍ଧି ପାଇବ ଓ ଏହି ଅଭିବୃଦ୍ଧି ହାର ୨୦୨୫-୨୬ରେ ମଧ୍ୟ ଜାରି ରହିବ ବୋଲି ଅର୍ଥ ବିଭାଗ ଆକଳନ କରିଛି। ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଶନିବାର ସମସ୍ତ ବିଭାଗର ସଚିବଙ୍କୁ ଚିଠି ଲେଖି ୨୦୨୫ ଫେବୃୟାରୀ ତୃତୀୟ ସପ୍ତାହରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ବିଧାନସଭାରେ ଉପସ୍ଥାପିତ ହେବ। ତେଣୁ ୨୦୨୪-୨୫ ପାଇଁ ସଂଶୋଧିତ ଆକଳନ ଓ ୨୦୨୫-୨୬ ନିମନ୍ତେ ବଜେଟ୍ ଆକଳନର ପ୍ରକ୍ରିୟା ଶୀଘ୍ର ଶେଷ ହେବା ଆବଶ୍ୟକ ବୋଲି କହିଛନ୍ତି।





ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷ ବଜେଟ୍‌ରେ ଗ୍ରହଣ କରିଥିବା ନୀତି ଆଧାରରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଆକଳନ ପ୍ରସ୍ତୁତ ହେବ ବୋଲି ଶ୍ରୀ ମିଶ୍ର ସ୍ପଷ୍ଟ କରିବା ସହ ରାଜ୍ୟ ସରକାର ବିକାଶର ୧୦ଟି ସ୍ତମ୍ଭ ଚିହ୍ନଟ କରିଥିବା ସୂଚନା ଦେଇଛନ୍ତି। ବିଜେପି ସରକାରଙ୍କ ବିକାଶର ୧୦ଟି ସ୍ତମ୍ଭ ହେଲା- ଅନ୍ନଦାତା(କୃଷକ), ନାରୀଶକ୍ତି(ମହିଳା), ସାମାଜିକ ନ୍ୟାୟ, ସ୍ୱାସ୍ଥ୍ୟସେବା, ଶିକ୍ଷା ବ୍ୟବସ୍ଥା, ସାବଲୀଳ ଜୀବନଶୈଳୀ, ମୌଳିକ ନାଗରିକ ସୁବିଧା, ବିକଶିତ ଗାଁ-ବିକଶିତ ସହର-ବିକଶିତ ଓଡ଼ିଶା, ଶିଳ୍ପ, ରୋଜଗାର ଓ କର୍ମନିଯୁକ୍ତି, ଓଡ଼ିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତି ଏବଂ ଲୋକଙ୍କ ସରକାର। ଲୋକଙ୍କ ସାମଗ୍ରିକ ଅଭିବୃଦ୍ଧି ଓ ଉନ୍ନତ ଜୀବନଧାରଣର ମାନକୁ ଧ୍ୟାନରେ ରଖି ଉତ୍ତର ଜନସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଅର୍ଥ ବିଭାଗ କହିଛି।

ଅର୍ଥ ବିଭାଗ ମଧ୍ୟ ରାଜ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ୍ ରାଜସ୍ୱ ଆଦାୟ ଚଳିତବର୍ଷ ତୁଳନାରେ ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରିଛି। ସାମଗ୍ରିକ ଘରୋଇ ଉତ୍ପାଦ ବୃଦ୍ଧି, ମୁଦ୍ରାସ୍ଫୀତି ଓ ଜାତୀୟ ତଥା ରାଜ୍ୟସ୍ତରରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ବୃଦ୍ଧିକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ ଏହି ଆକଳନ କରିଥିଲେ ମଧ୍ୟ ଆନ୍ତର୍ଜାତିକସ୍ତରରେ ଖଣିଜ ମୂଲ୍ୟର ପରିବର୍ତ୍ତନ ହେତୁ ରାଜ୍ୟର ସମ୍ବଳ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତକରିଛି। ତଥାପି ପ୍ରାକୃତିକ ଓ ଆର୍ଥିକ ସମ୍ବଳ ସହ ମାନବ ସମ୍ବଳକୁ ବ୍ୟବହାର କରି ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାର ଅର୍ଥନୀତି ୮%ରୁ ସାଢ଼େ ୮ ପ୍ରତିଶତକୁ ବୃଦ୍ଧି ପାଇବ ଏବଂ ୨୦୨୫-୨୬ରେ ମଧ୍ୟ ଏହି ଧାରା ସମାନ ଭାବେ ଜାରି ରହିବ ବୋଲି ଅର୍ଥ ବିଭାଗ ଆଶାବ୍ୟକ୍ତ କରିଛି। ତେବେ ପୂର୍ବ ଆର୍ଥିକ ବର୍ଷଗୁଡ଼ିକରେ କ୍ରମାଗତ ଭାବେ ଅବ୍ୟବହୃତ ଋଣ ସୀମାକୁ ପରବର୍ତ୍ତୀ ସମୟରେ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରିବ ବୋଲି ଅର୍ଥ ବିଭାଗ କହିଛି। ଏହାସହିତ ଏଫଆରବିଏମ୍ ଆକ୍ଟ-୨୦୦୫ ଅନୁଯାୟୀ ବଜେଟକୁ ରାଜସ୍ୱ ବଳକା ରଖିବା ସହ ବିତ୍ତୀୟ ନିଅଂଟ ପରିମାଣକୁ ଜିଏସଡିପିର ଅତିରିକ୍ତ ୦.୫% ଅର୍ଥାତ ୩.୫% ମଧ୍ୟରେ ସୀମିତ ରଖାଯିବ ବୋଲି ଅର୍ଥ ବିଭାଗ ସଙ୍କେତ ଦେଇଛି। ପଂଚଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁସାରେ ୨୦୨୫-୨୬ ମସିହା ପର୍ଯ୍ୟନ୍ତ ସାମଗ୍ରିକ ରାଜସ୍ୱ ଘରୋଇ ଉତ୍ପାଦ(ଜିଏସଡିପି)ର ୦.୫ପ୍ରତିଶତ ଅତିରିକ୍ତ ବାର୍ଷିକ ଋଣସୀମା ଉପଲବ୍ଧ ଅଛି, ଯାହାକି ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କ୍ଷେତ୍ରୀୟ ସଂସ୍କାର ଅନୁରୂପ । ତେଣୁ ବିତ୍ତୀୟ ନିଅଣ୍ଟ ପରିମାଣ ଜିଏସଡିପିର ସାଢ଼େ ୩ପ୍ରତିଶତ ମଧ୍ୟରେ ସୀମିତ ରହିବ ବୋଲି ଆକଳନ ହୋଇଛି। ପ୍ରସ୍ତାବିତ ବାର୍ଷିକ ବଜେଟ୍‌ରେ ରାଜ୍ୟର ପ୍ରାଥମିକତା ଅନୁରୂପ କ୍ଷେତ୍ରୀୟ ପ୍ରାଥମିକତା ଚିହ୍ନଟ କରାଯିବ ଓ ଇଏଫସି/ଏସଏଫସି ଦ୍ୱାରା ଅନୁମୋଦିତ ରାଜ୍ୟସ୍ତରୀୟ ଯୋଜନାଗୁଡ଼ିକ ନିମନ୍ତେ ପାଣ୍ଠି ଯୋଗାଇ ଦିଆଯିବ। ଡିସେମ୍ବର ୨୦ତାରିଖ ସୁଦ୍ଧା ବଜେଟ୍ ସଂକ୍ରାନ୍ତ ପ୍ରସ୍ତାବ ପଠାଇବା ପାଇଁ ପ୍ରଶାସନିକ ବିଭାଗଗୁଡ଼ିକୁ ଅର୍ଥ ବିଭାଗ ନିର୍ଦ୍ଦେଶ ଦେଇଛି। ଡିସେମ୍ବର ୨୧ରୁ ଜାନୁୟାରୀ ୫ତାରିଖ ପର୍ଯ୍ୟନ୍ତ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ ପ୍ରଶାସନିକ ବିଭାଗଗୁଡ଼ିକ ସହ କରାଯିବ। ଫେବୃୟାରୀ ୩ରେ ପ୍ରାକ୍ ବଜେଟ୍ ପରାମର୍ଶ ଓ କେନ୍ଦ୍ର ବଜେଟ୍ ୨୦୨୫-୨୬ ପରେ ଆକଳନଗୁଡ଼ିକରେ ସଂଶୋଧନ, ଫେବୃୟାରୀ ୬ରେ ବିଭାଗୀୟ ସଚିବମାନଙ୍କ ସହ ପରାମର୍ଶ, ଫେବୃୟାରୀ ୭ରୁ ୧୦ ତାରିଖ ମଧ୍ୟରେ ମନ୍ତ୍ରିପରିଷଦ ଦ୍ୱାରା ବାର୍ଷିକ ଚିଠା ବଜେଟକୁ ଅନୁମୋଦନ, ଫେବୃୟାରୀ ତୃତୀୟ ସପ୍ତାହରେ ବିଧାନସଭାରେ ବଜେଟ୍ ଉପସ୍ଥାପନ କରିବାକୁ କାର୍ଯ୍ୟସୂଚୀ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ନେଇ ବିଭାଗୀୟ ସଚିବ ଶ୍ରୀ ମିଶ୍ର ସମସ୍ତ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ।

## ଚଳିତବର୍ଷର ଅକ୍ଟୋବର ସବୁଠାରୁ ଗରମ

**ନୂଆଦିଲ୍ଲୀ,(ପିପିଏସ୍):** ଚଳିତବର୍ଷ ଅକ୍ଟୋବର ଦେଶରେ ସବୁଠାରୁ ଗରମ ଅକ୍ଟୋବର ମାସ ଭାବରେ ରେକର୍ଡ କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ପୂର୍ବରୁ ୧୯୫୧ରେ ଏଭଳି ହୋଇଥିଲା ଯେତେବେଳେ ଅକ୍ଟୋବର ମାସରେ ଏତେ ଗରମ ପଡିଥିଲା। ଚଳିତ ବର୍ଷ ମଧ୍ୟ ଭାରତ(ମଧ୍ୟପ୍ରଦେଶ, ମହାରାଷ୍ଟ୍ରର କିଛି ଅଂଶ ଓ ଛତିଶଗଡ଼)ରେ ତାପମାତ୍ରା ସବୁଠାରୁ ଅଧିକ ରହିଛି। ସେଭଳି ଉତ୍ତର ପଶ୍ଚିମ ଭାରତ, ଦିଲ୍ଲୀ ଏନ୍‌ସିଆରେ ୧୯୦୧ ପରେ ଏହା ଦ୍ୱିତୀୟ ସବୁଠାରୁ ଅଧିକ ଗରମ ମାସ। ନଭେମ୍ବରରେ ମଧ୍ୟ ଗରମରୁ ମୁକ୍ତି ମିଳିବାର ନାହିଁ। ପାଣିପାଗ ବିଭାଗର ସୂଚନା ଅନୁସାରେ, ନଭେମ୍ବରର ପ୍ରଥମ ଦୁଇସପ୍ତାହରେ ଦେଶର ବିଭିନ୍ନ ଭାଗରେ ତାପମାତ୍ରା ସାମାନ୍ୟଠାରୁ ଅଧିକ ରହିବ। ତେବେ ଦ୍ୱିତୀୟ ସପ୍ତାହରେ ତାପମାତ୍ରା ଅଳ୍ପ ହ୍ରାସ ପାଇପାରେ। ପାଣିପାଗ ବିଭାଗର ସୂଚନା ଅନୁସାରେ,





ନଭେମ୍ବର ଶେଷରେ ତାପମାତ୍ରା ଠିକ୍ ଠାକ୍ ଭାବରେ ତଳକୁ ଖସିବାର ସମ୍ଭାବନା ରହିଛି। ଚଳିତ ବର୍ଷ ଅକ୍ଟୋବରରେ ଏତେ ଗରମ କାହିଁକି ପଡିଛି? ଏହାର ଉତ୍ତରରେ ଆଇଏମ୍‌ଡି ମୁଖ୍ୟ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଏହା ପଛର କାରଣ ହେଉଛି ୪ଟି ଲୋ ପ୍ରେସର ସିଷ୍ଟମ, ସମର ମନସୁନ୍ ବିଳମ୍ବରେ ଯିବା। ନଭେମ୍ବରକୁ ନେଇ ସେ କହିଛନ୍ତି ଅଧିକାଂଶ ତାପମାତ୍ରା ସ୍ୱାଭାବିକଠାରୁ ଅଳ୍ପ ଉପରେ ରହିବ, ଯେଉଁ କାରଣରୁ ଉତ୍ତର-ପୂର୍ବ, ପୂର୍ବ ମଧ୍ୟ ଓ ଉତ୍ତର ପଶ୍ଚିମ ଭାଗର କିଛି ଅଂଶରେ ଗରମ ରହିବ। ସେଭଳି ପଶ୍ଚିମ ମଧ୍ୟ ଭାରତ ଓ ଉତ୍ତର ପଶ୍ଚିମ ଭାରତର କିଛି ଅଂଶରେ ଗରମ ରହିବ। ସେଭଳି ପଶ୍ଚିମ ମଧ୍ୟ ଭାରତ ଓ ଉତ୍ତର ପଶ୍ଚିମ ଭାରତକୁ ଯୋଡୁଥିବା ଅଞ୍ଚଳରେ ଦିନରେ ସ୍ୱାଭାବିକଠାରୁ କମ୍ ତାପମାତ୍ରା ରହିପାରେ। ଦେଶରେ ଚଳିତ ବର୍ଷ ଥଣ୍ଡା କିଭଳି ରହିବ, ଏହାକୁ ନେଇ ପାଣିପାଗ ବିଭାଗ ଭବିଷ୍ୟବାଣୀ କରିବାର ସ୍ଥିତିରେ ନାହିଁ। ଏହାର କାରଣ ହେଉଛି ଏପର୍ଯ୍ୟନ୍ତ ଲା ନିନା ହୋଇପାରେ। ଲାନିନା ହେବାପରେ ଚଳିତ ବର୍ଷ ପଡ଼ିବାକୁ ଥିବା ଥଣ୍ଡା ଠିକ୍ ଭାବରେ ଅନୁମାନ କରାଯାଇପାରେ।

# ନବୀନଙ୍କୁ ଜଗିବେ ୨ ପିଏସ୍‌ଓ, ଥିଲେ ୨୩


### ପାଣ୍ଡିଆନ୍ ଓ କୁଟେଙ୍କ ସୁରକ୍ଷା ହଟିଲା

### ସଞ୍ଜୟ ଉଠାଇଲେ ଉତ୍ତରଦାୟିତ୍ୱ ପ୍ରସଙ୍ଗ

### ପିଏସ୍‌ଓ ନେଉନଥିଲି କହିଲେ ଜୟ

### ନିୟମିତ ପ୍ରକ୍ରିୟା ବୋଲି କହିଲେ ଡିଜିପି

**ଭୁବନେଶ୍ୱର,(ପିପିଏସ୍):**



ମୁଖ୍ୟମନ୍ତ୍ରୀ ପଦରୁ ଯିବାର ୫ମାସ ପରେ କମିଲା ନବୀନଙ୍କ ସୁରକ୍ଷା। ପୂର୍ବରୁ ୨୩ଜଣିଆ ସୁରକ୍ଷା କର୍ମୀଙ୍କୁ କମାଇ ମାତ୍ର ୨ଜଣ ପର୍ସନାଲ ସିକ୍ୟୁରିଟି ଅଫିସର ବା ପିଏସ୍‌ଓ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛି ଗୃହବିଭାଗ। ସବୁଠୁ ବଡ଼କଥା ହେଲା ପାଣ୍ଡିଆନ୍‌ଙ୍କ ସୁରକ୍ଷାକୁ ବି ପ୍ରତ୍ୟାହାର କରାଯାଇଛି। ଏମିତି କି ଡି.ଏସ୍ କୁଟେଙ୍କ କ୍ୱାର୍ଟର ଜଗିବାକୁ ବି ବିଜେଡି ସରକାର ସମୟରେ ନିୟୋଜିତ ହୋଇଥିବା ୪ ସୁରକ୍ଷା କର୍ମୀ ଏବଂ ୨ ହୋମ୍‌ଗାର୍ଡଙ୍କୁ ପ୍ରତ୍ୟାହର କରାଯାଇଛି। ନିର୍ବାଚନର ପ୍ରାୟ ୫ମାସ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ସୁରକ୍ଷା କର୍ମୀ ପ୍ରତ୍ୟାହାର ହୋଇଛନ୍ତି। ବିରୋଧୀଦଳ ନେତା ଭାବେ ନବୀନଙ୍କୁ ଏବେଠୁ ମିଳିବ କେବଳ ୨ ଜଣ ପିଏସ୍‌ଓ। ପାଇଲଟ୍ ଗାଡ଼ି ବି ଆଉ ରହିବନାହିଁ। ସେହିପରି କୌଣସି ପଦପଦବିରେ ନଥିଲେ ମଧ୍ୟ ନିର୍ବାଚନ ପରେ ବି ପାଣ୍ଡିଆନ୍‌ଙ୍କୁ ୨ଜଣ ପିଏସ୍‌ଓ ଜଗୁଥିଲେ। ହେଲେ ତାଙ୍କଠାରୁ ବି ପିଏସଓ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଛନ୍ତି ସରକାର। ସେହିପରି ବିଜେଡି ସରକାର ସମୟରେ ପାୱାରଫୁଲ ଆଇପିଏସ ଡିଏସ୍ କୁଟେ, ଯାହାଙ୍କୁ ଏବେ ସରକାର ଗୃହ ବିଭାଗର ଓଏସ୍‌ଡି ଭାବେ ନିଯୁକ୍ତ କରିଛନ୍ତି, ତାଙ୍କ ୟୁନିଟ-୧ ସ୍ଥିତ କ୍ୱାର୍ଟରକୁ ୪ ସୁରକ୍ଷାକର୍ମୀଙ୍କ ସହ ୨ହୋମ୍‌ଗାର୍ଡ ଜଗୁଥିଲେ। ସମସ୍ତଙ୍କୁ ସରକାର ପ୍ରତ୍ୟାହାର କରିନେଇଥିବା କୁହାଯାଉଛି। ତେଣେ ନବୀନଙ୍କ ସୁରକ୍ଷା କମିବା ପରେ ବିଜେଡି ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। ଦଳର ନେତା ସଞ୍ଜୟ ଦାସବର୍ମା ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ବିଜେପି ସରକାରଙ୍କ ଆଚରଣ ଆଚମ୍ଭିତ କରିଛି। ନବୀନଙ୍କ ସୁରକ୍ଷାରେ ତ୍ରୁଟି ହେଲେ ତା'ର ଉତ୍ତର ଦାୟିତ୍ୱ ସରକାର ନେବେ। ଅନ୍ୟପକ୍ଷରେ ସଞ୍ଜୟଙ୍କୁ କାଉଣ୍ଟର କରି ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ସରକାରୀ ନିୟମ ଅନୁଯାୟୀ କାମ ହେଉଛି। ମୁଁ ବିରୋଧୀଦଳରେ ଥିବା ବେଳେ ପିଏସ୍‌ଓ ନେଉନଥିଲି। ଶାସନ କାଳରେ କରିଥିବା ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର ପାଇଁ ସେମାନଙ୍କୁ ଭୟ ଘାରିଥିବାରୁ ଅଧିକ ସୁରକ୍ଷା ମାଗୁଛନ୍ତି ବୋଲି ଜୟନାରାୟଣ କହିଛନ୍ତି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ ସର୍ବାଧିକ ୨୬୮ଜଣ ସୁରକ୍ଷାକର୍ମୀ ନିୟୋଜିତ ହେଉଥିଲେ। ୫-ଟି ଅଧକ୍ଷ ଭାବେ ପାଣ୍ଡିଆନ ଯେତେବେଳେ ବେଶ୍ ପାୱାରଫୁଲ୍ ଥିଲେ, ତାଙ୍କୁ ଘେରି ରହୁଥିଲା କଡ଼ା ସୁରକ୍ଷା ବଳୟ। ଅନ୍ୟପଟେ କିନ୍ତୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଭାବେ ବିଜେଡି ସରକାର ସମୟରେ ଗତ ୭ମାସ ହେବ ପିଏସ୍‌ଓ ହଟାଯାଇଥିବା ଅଭିଯୋଗ କରିଛନ୍ତି ଗିରିଧର ଗମାଙ୍ଗ। ତାଙ୍କର ଏହି ଅଭିଯୋଗ ପରେ ନୂଆ ସରକାର ଜଣେ ପିଏସ୍‌ଓ ନିଯୁକ୍ତ କରିଥିବା ଜଣାପଡିଛି। ଅନ୍ୟପଟେ ସୁରକ୍ଷା କର୍ମୀ ହ୍ରାସ ପ୍ରସଙ୍ଗରେ ପୁଲିସ୍ ଡିଜି କହିଛନ୍ତି, ଏହା ଏକ ନିୟମିତ ପ୍ରକ୍ରିୟା। ରାଜ୍ୟସ୍ତରୀୟ ସୁରକ୍ଷା କମିଟି ଏହାକୁ ସମୀକ୍ଷା କରେ। ଗ୍ରାଉଣ୍ଡରେ ଆବଶ୍ୟକତା, ଗୁଇନ୍ଦା ସୂଚନାକୁ ଆଧାର କରି କାହାକୁ କିଭଳି ସୁରକ୍ଷା ଯୋଗାଇଦିଆଯିବ, ସେ ବାବଦରେ ନିଷ୍ପତ୍ତି ନିଆଯାଏ।

## ଧ୍ୱନି ପ୍ରତିଧ୍ୱନି

ବିଚାର-ବିମର୍ଶକୁ ପ୍ରତ୍ୟାଖ୍ୟାନ କାହିଁକି ?

## ବାଟେଘାଟେ



କେଉଁଠି ରାସନ
ଚାଉଳ ମିଳେନା
ଉପାସରେ ପିଲା ଛୁଆ
ଟିପ ଦେବା ପାଇଁ
ଟ୍ରଲିରେ ଯାଉଛି
ଶୋଇକରି ବୁଢ଼ୀମାଆ
କେତେକ ଟାଉଟରିଆ
ରାସନ କାର୍ଡ
ହାତେଇ ଚାଉଳ
ବିକନ୍ତି ଦେଖିବ ଯାଆ
କାର୍ଡ ଧରି ଭୂତ
ମାନେ ପଳେଇଲେ
ଆସିବ କାର୍ଡ ନୂଆ

-ରାହୀ

# ଆତଙ୍କର କାରଣ ପାଲଟିଛି 'ମୋ ବସ୍'

## ୧୫ ବସ୍‌କୁ ୩ଘଣ୍ଟା ଅଟକାଇଲେ ଲୋକେ

*ମୋ ବସ୍ ଧକ୍କାରେ ଯୁବତୀ ଆହତ ହେବା ଘଟଣାକୁ ନେଇ ରାଜଧାନୀରେ ଦେଖାଦେଇଥିଲା ଉତ୍ତେଜନା। ୧୫ଟି ମୋ ବସ୍‌କୁ ଅଟକ ରଖିଲେ ଲୋକେ। ସାଢ଼େ ୩ଘଣ୍ଟା ପରେ ନନ୍ଦନକାନନ-ଜୟଦେବ ବିହାର ରାସ୍ତାରେ ଗଡ଼ିଲା ମୋ ବସ୍।*

### ଦ୍ରୁତଗତିରେ ଯୁବତୀଙ୍କ ଉପରେ ମାଡ଼ିଗଲା


### ବେପରୁଆ ଗାଡ଼ିଚାଳନାକୁ ନେଇ ଅସନ୍ତୋଷ

### ସପ୍ତାହକ ମଧ୍ୟରେ ଦ୍ୱିତୀୟ ଅଘଟଣ

**ଭୁବନେଶ୍ୱର,(ପିପିଏସ୍):** ପୁଣି ଦୁର୍ଘଟଣା ଘଟାଇଲା ମୋ ବସ୍। ଦ୍ରୁତଗତିରେ ଯୁବତୀଙ୍କ ଉପରେ ମାଡିଗଲା। ଯେଉଁଥିରେ ଯୁବତୀଙ୍କ ହାତ କଟିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କର ଚିକିତ୍ସା ଚାଲିଛି। ଶନିବାର ସକାଳେ ରାଜଧାନୀର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏହି ଦୁର୍ଘଟଣା ପରେ ୩ ଘଣ୍ଟା ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଡ୍ରାଇଭରକୁ ଅଟକ ରଖିବା ପରେ ସ୍ୱାଭାବିକ ହୋଇଥିଲା ସ୍ଥିତି। ତେବେ ବାରମ୍ବାର ଦୁର୍ଘଟଣା ଘଟାଉଥିବା ମୋ ବସ୍ ଚାଳକଙ୍କ ବେପରୁଆ ଚାଳନାକୁ ନେଇ ତେଜୁଛି ଅସନ୍ତୋଷ। ସେପଟେ ଏବାବଦରେ କିନ୍ତୁ କ୍ରୁଟ୍ କର୍ତ୍ତୃପକ୍ଷ ଚୁପ୍। ରାଜଧାନୀର ଚନ୍ଦ୍ରଶେଖରପୁର ଅଞ୍ଚଳ। ଦିନ ପ୍ରାୟ ସାଢେ ୧୧ଟା। ବ୍ୟସ୍ତବହୁଳ, ଟ୍ରାଫିକ ଭିଡ ଭିତରେ ରାସ୍ତା ପାର୍ ହେଉଥିବା ଯୁବତୀଙ୍କୁ ଧକ୍କା ଦେଇଥିଲା ଦ୍ରୁତଗତିରେ ଆସୁଥିବା ମୋ ବସ୍। ସ୍ଥାନୀୟ ଏକ ବିଉଟି ପାର୍ଲରେ କାମ କରୁଥିବା ସମ୍ବଲପୁରର ୨୦ବର୍ଷୀୟ ଯୁବତୀ ଜଣକ ତଳେ ପଡି ଛଟପଟ ହେଉଥିବା ବେଳେ ଗାଡ଼ି ଧରି ଚମ୍ପଟ ମାରିଥିଲା ଡ୍ରାଇଭର। ଏହାପରେ ରାସ୍ତାକୁ ଓହ୍ଲାଇ ଆସିଥିଲେ ଉତ୍ତେଜିତ ସ୍ଥାନୀୟ ବାସିନ୍ଦା। ଜୟଦେବ ବିହାର-ନନ୍ଦନକାନନ ରୁଟରେ ଚାଲୁଥିବା ୧୫ରୁ ଅଧିକ ମୋ ବସକୁ ଅଟକାଇ ଆରମ୍ଭ କରିଥିଲେ ପ୍ରତିବାଦ। ଯୁବତୀଙ୍କୁ କ୍ଷତିପୂରଣ ସହ କ୍ରୁଟ୍ ଅଧିକାରୀ ଘଟଣାସ୍ଥଳକୁ ଆସିବା ଜିଦରେ ଅଡ଼ି ବସିଥିଲେ। ଫଳରେ ଠପ୍ ହୋଇଯାଇଥିଲା ଗାଡ଼ି ଚଳାଚଳ। ରାସ୍ତାରେ ପ୍ରବଳ ଟ୍ରାଫିକ୍ ଜାମ୍। ୩ ଘଣ୍ଟା ଧରି ଜାରି ରହିଥିଲା ଉତ୍ତେଜନା। ପୁଲିସ ଡ୍ରାଇଭରକୁ ଅଟକ ରଖିବା ପରେ ସ୍ୱାଭାବିକ ହୋଇଥିଲା ସ୍ଥିତି। ମୋ ବସ୍, ଏବେ କଟକ-ଭୁବନେଶ୍ୱରର ଲାଇଫ୍ ଲାଇନ୍। ୫୦ପ୍ରତିଶତରୁ ଅଧିକ ରାଜଧାନୀ ବାସିନ୍ଦା ଏହା ଉପରେ ନିର୍ଭରଶୀଳ। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀଙ୍କ ପାଇଁ ବି ମୋ ବସ୍ ସେବା ଅଧିକ ଗ୍ରହଣୀୟ।




ହେଲେ ଡ୍ରାଇଭରଙ୍କ ବେପରୁଆ ଚାଳନା, ମୋ ବସ ସେବାକୁ କାଠଗଡ଼ାକୁ ଟାଣିଲାଣି। ବାରମ୍ବାର ଘଟୁଛି ଦୁର୍ଘଟଣା ଘଟୁଛି। ୨୯ ଅକ୍ଟୋବର। କଟକ ନେତାଜୀ ବସ୍ ଟର୍ମିନାଲରେ ମୋ ବସ୍ ଦୁର୍ଘଟଣାରେ ଯାଇଥିଲା ଜଣେ ବୃଦ୍ଧାଙ୍କ ଜୀବନ। ବସ୍‌ରୁ ଓହ୍ଲାଇବା ବେଳେ ଚାଳକଙ୍କ ଅସାବଧାନତା ଯୋଗୁଁ କଟକ ସିଡିଏ ଅଞ୍ଚଳର ସରସ୍ୱତୀ ଗୋଛାୟତଙ୍କ ଉପରେ ଚଢ଼ିଯାଇଥିଲା ବସ୍। ୨୫ ସେପ୍ଟେମ୍ବରରେ ଭୁବନେଶ୍ୱର ରଘୁନାଥପୁର ଅଞ୍ଚଳରେ ମୋ ବସ୍ ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିଲା। ୬ଏପ୍ରିଲ ୨୦୨୪: ଖୋର୍ଦ୍ଧା ୧୬ ନମ୍ବର ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ନାଳକୁ ଖସି ପଡିଥିଲା ମୋ ବସ୍। ଦୁର୍ଘଟଣାରେ ୨୦ଜଣ ଯାତ୍ରୀ ଆହତ ହୋଇଥିଲେ। ବାରମ୍ବାର ଦୁର୍ଘଟଣା ପରେ ଲୋକେ ଦାବି କରିଛନ୍ତି, ମୋ ବସ୍‌ରେ ତାଲିମପ୍ରାପ୍ତ ଡ୍ରାଇଭରଙ୍କୁ ରଖାଯାଉ। ସେମାନଙ୍କ ହେଭି ଭେହିକିଲ୍ ଲାଇସେନ୍ସର ଯାଞ୍ଚ ହେଉ।



ଟି ଟାଇମ୍
ପ୍ରଜାତନ୍ତ୍ର
୩.୧୧.୨୦୨୪




# କେତେ ସିସି ହୋଇଥାଏ ଜେଟ୍ ପ୍ଲେନ୍ ଇଞ୍ଜିନ୍



**ଜେ**ଟ୍ ଇଞ୍ଜିନର କ୍ଷମତାକୁ କାର୍ ଇଞ୍ଜିନ ଭଳି ସିସି(କ୍ୟୁବିକ୍ ସେଣ୍ଟିମିଟର) ରେ ମପାଯାଏନି କାରଣ ଏହା ଇଣ୍ଟରନାଲ୍ କମ୍ବଶନ ଇଞ୍ଜିନରୁ ଭିନ୍ନ କାମ କରିଥାଏ । ଜେଟ୍ ଇଞ୍ଜିନରେ ଥ୍ରଷ୍ଟ(ପୁଶ୍ ଦେଉଥିବା କ୍ଷମତା) ମୁଖ୍ୟ ରୂପେ ମପାଯାଏ । ଉଦାହରଣ ପାଇଁ ଏକ ବଡ କମର୍ଶିଆଲ ଜେଟ୍ ଇଞ୍ଜିନ(ଯଥା ବୋଇଂ ୭୭୭ର ଜିଇ୯୦ ଇଞ୍ଜିନ) ୧୧୦,୦୦୦ ପାଉଣ୍ଡ-ଫୋର୍ସର ଥ୍ରଷ୍ଟ ଉତ୍ପନ କରିପାରେ । କାରର ଇଞ୍ଜିନର ସିସି ମପାଯାଏ ଏବଂ ଏଥିରୁ କାରର କ୍ଷମତା ଜଣାପଡେ କିନ୍ତୁ ଜେଟ୍ ଇଞ୍ଜିନର କ୍ଷମତା ତାର ଥ୍ରଷ୍ଟ ଏବଂ ପାଓ୍ବରରୁ ମପାଯାଏ । ସେହିଭଳି ଜେଟ୍ ବିମାନ ବହୁତ କମ୍ ମାଇଲେଜ୍ ପ୍ରଦାନ କରେ । ଉଦାହରଣ ପାଇଁ ଏକ ବଡ ବିମାନ(ଯଥା ବୋଇଂ ୭୪୭)ର ହାରାହାରି ମାଇଲେଜ୍ ୦.୨-୦.୩ କିଲୋମିଟର ପ୍ରତି ଲିଟର ହୋଇଥାଏ । ଏକ ବୋଇଂ ୭୪୭ ପ୍ରତି ସେକେଣ୍ଡରେ ୧୦-୧୨ ଲିଟର ଇଞ୍ଜିନ ଜଳାଇପାରେ । ଅର୍ଥାତ୍ ଲମ୍ବା ଉଡାଣରେ ହଜାର ହଜାର ଲିଟର ଇନ୍ଧନ ଖର୍ଚ୍ଚ ହୋଇଥାଏ ।

# ଲିଭରକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି କି ?



**ମା**ନବ ଶରୀରର ଏକ ମୂଲ୍ୟବାନ ଅଙ୍ଗ ହେଉଛି ଲିଭର। ଏହି ଅଙ୍ଗ ସ୍ୱୟଂକାର୍ଯ୍ୟକ୍ଷମ ହୋଇପାରେ। ଅର୍ଥାତ୍ ଲିଭରର କିଛି ଅଂଶ ଦାନ କରିଦେଲେ ମଧ୍ୟ ଏହା ପୁଣି ଠିକ୍ ହୋଇଯାଇଥାଏ, ପୁର୍ବ ଆକାର ନେଇ ଯାଇଥାଏ। କିନ୍ତୁ ବର୍ତ୍ତମାନର ଖରାପ ଖାଦ୍ୟପେୟ ଲିଭରକୁ ମଧ୍ୟ ନଷ୍ଟ କରି ଦେଉଛି। ଅନେକ ଲୋକ ଲିଭର୍ ସିରୋସିସ ଭଳି ରୋଗର ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ଏହାକୁ ସୁସ୍ଥ ରଖିବା ନିହାତି ଜରୁରୀ। ଖାଦ୍ୟପେୟରେ କି କି ପରିବର୍ତ୍ତନ ଆଣି ଲିଭରକୁ ସୁସ୍ଥ ରଖିପାରିବେ, ଜାଣନ୍ତୁ...

ଯକୃତକୁ ସୁସ୍ଥ ରଖିବା ପାଇଁ କଣ କରିବା ଉଚିତ୍ ?

**ଫାଇବରରେ ଭରପୂର ଖାଦ୍ୟ ଖାଆନ୍ତୁ-** ଯକୃତକୁ ସୁସ୍ଥ ରଖିବା ପାଇଁ ଫାଇବରରେ ଭରପୂର ଥିବା ଖାଦ୍ୟ ଖାଆନ୍ତୁ। ଉଚ୍ଚ ଫାଇବର ଥିବା ଖାଦ୍ୟ ପେଟକୁ ସୁସ୍ଥ ରଖେ ଏବଂ ଓଜନ ହ୍ରାସ କରେ। ଏଥିପାଇଁ ନିୟମିତ ସାଲାଡ୍ ଖାଆନ୍ତୁ। ସାଲାଡ୍ ଖାଇବା ଦ୍ୱାରା ଶରୀର ଡିଟକ୍ସିଫାଏ ହୋଇଥାଏ ଏବଂ ଶରୀରରେ ଜମା ହୋଇଥିବା ବିଷାକ୍ତ ପଦାର୍ଥ ନିଷ୍କାସିତ ହୋଇଯାଏ।

**କମ୍ ତେଲ ଓ ମସଲା ଖାଆନ୍ତୁ-** ଅଧିକ ତେଲ ଏବଂ ମସଲାଯୁକ୍ତ ଖାଦ୍ୟ ଯକୃତ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ। ତେଣୁ, ପ୍ରତିଦିନ ତେଲ କମ୍ ଓ ସନ୍ତୁଳା ଖାଦ୍ୟ ଖାଆନ୍ତୁ। ଯଥା ସମ୍ଭବ କମ୍ ତେଲରେ ରୋଷେଇ ପନିପରିବା ଗ୍ରହଣ କରନ୍ତୁ।

**୮ ଗ୍ଲାସ୍ ପାଣି ପିଅନ୍ତୁ-** ଯକୃତର ସଠିକ୍ କାର୍ଯ୍ୟ ପାଇଁ ଶରୀରରେ ପର୍ଯ୍ୟାପ୍ତ ପରିମାଣର ଜଳ ନିହାତି ଆବଶ୍ୟକ। ତେଣୁ **ଦିନକୁ ଅତି କମରେ ୮- ୧୦** ଗ୍ଲାସ୍ ପାଣି ପିଇବା ଜରୁରୀ। ଏହା ସ୍ୱାଭାବିକ ଭାବରେ ଶରୀରକୁ ଡିଟକ୍ସିଫଏ କରିଥାଏ ଏବଂ ଖରାପ ପଦାର୍ଥକୁ ନିଷ୍କାସିତ କରି ଯକୃତକୁ ସୁସ୍ଥ ରଖିଥାଏ।

**ବ୍ୟାୟାମ ଗୁରୁତ୍ୱପୂର୍ଣ୍ଣ-** ଯକୃତ ହେଉ କିମ୍ବା ଅନ୍ୟ କୌଣସି ଅଙ୍ଗ, ଚର୍ବି ହେଉଛି ସବୁଠାରୁ ବଡ ଶତ୍ରୁ। ଏଥିପାଇଁ ପ୍ରତିଦିନ କିଛି ଶାରୀରିକ କାର୍ଯ୍ୟକଳାପ କରନ୍ତୁ, ଯାହା ଫଳରେ ଶରୀରରୁ ଚର୍ବି ଜମାଟ ବାନ୍ଧିବ ନାହିଁ।

**କୋଲ୍ଡ ଡ୍ରିଙ୍କ୍ସ ଏବଂ ମଦ୍ୟପାନରୁ ଦୂରରେ ରୁହନ୍ତୁ-** ଯଦି ଯକୃତକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି, ତେବେ ଅଧିକ ଚିନିଯୁକ୍ତ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ବଜାରରେ ଉପଲବ୍ଧ ପ୍ୟାକେଜ୍ ଜୁସ୍ ଏବଂ ମୃଦୁ ପାନୀୟ ପିଅନ୍ତୁ ନାହିଁ। ମଦ୍ୟପାନ ଯକୃତର ଶତ୍ରୁ, ତେଣୁ ସର୍ବପ୍ରଥମେ ମଦ୍ୟପାନ ଅଭ୍ୟାସକୁ ଦୂରାନ୍ତୁ।

# ନୀଳ ଲାଭା



**ଇ**ଣ୍ଡୋନେସିଆର ପୂର୍ବ ଜାଭାରେ ପ୍ରାୟ ୨୨ କି.ମି. ପର୍ଯ୍ୟନ୍ତ 'କାଓ୍ବା ଇଜେନ୍' ନାମକ ଏକ ଜ୍ୱାଳାମୁଖୀ ଲମ୍ବି ରହିଛି। ଏହି ଜ୍ୱାଳାମୁଖୀର ବିଶେଷତ୍ୱ ହେଉଛି ଯେ, ଏଥିରୁ ନୀଳ ରଙ୍ଗର ଲାଭା ନିର୍ଗତ ହୁଏ। ଯାହା ଦେଖିବାକୁ ଯେତିକି ସୁନ୍ଦର ସେତିକି ଆଶ୍ଚର୍ଯ୍ୟଜନକ ବି ଲାଗେ। କାରଣ ସମସ୍ତେ ଜାଣନ୍ତି ଜ୍ୱାଳାମୁଖୀରୁ ଉତ୍ତପ୍ତ ଲାଲ ରଙ୍ଗର ଲାଭା ନିର୍ଗତ ହେଇଥାଏ। ହେଲେ ଏହି ଆଗ୍ନେୟଗିରିରୁ ନୀଳ ରଙ୍ଗର ଲାଭା ନିର୍ଗତ ହୁଏ। ବୈଜ୍ଞାନିକଙ୍କ ମତରେ ଏଭଳି ନୀଳ ରଙ୍ଗର ଲାଭା ନିର୍ଗତ ହେବା ପଛର କାରଣ ହେଉଛି, ଏଥିରେ ସଲଫର୍ର ମାତ୍ରା ବହୁତ ଅଧିକ ଥାଏ। ସଲଫର୍ ଥିବାରୁ ଖାସ୍କରି ରାତିରେ ହିଁ ଏହି ଲାଭା ଔଜ୍ଜ୍ୱଲ୍ୟମାନ ନୀଳ ରଙ୍ଗର ଦେଖାଯାଏ। ଯାହାର ଦୃଶ୍ୟ ବେଶ୍ ସୁନ୍ଦର ଲାଗେ। ହେଲେ ଏଥିରୁ ସଲଫର ଡାଇଅକ୍ସାଇଡ ନାମକ କ୍ଷତିକାରକ ଗ୍ୟାସ ନିର୍ଗତ ହୁଏ। ତେଣୁ ଯେଉଁମାନେ ଏହି ବିସ୍ମୟକର ଲାଭା ଦେଖିବାକୁ ଆସନ୍ତି ସେମାନଙ୍କୁ ମାସ୍କ ପିନ୍ଧିବାକୁ ପଡେ। ନଚେତ ଶ୍ୱାସ ସମ୍ବନ୍ଧିତ ରୋଗ ହେବାର ଆଶଙ୍କା ଥାଏ।

# ଆଜିର ରାଶିଫଳ

**ମେଷ:** ଭାଗ୍ୟ ଆପଣଙ୍କ ସଙ୍ଗରେ ରହିବ। ଅନ୍ୟମାନଙ୍କ ସହିତ କଥା ହେବାବେଳେ ଠିକ୍ ଭାଷା ପ୍ରୟୋଗ କରନ୍ତୁ। ଦୀର୍ଘ ଦିନରୁ ଭାବିଥିବା କାମ କାହାରି ସାହାଯ୍ୟରେ ସଂପୂର୍ଣ୍ଣ ହୋଇଯିବ।

**ବୃଷ:** ଯେଉଁକାମ କରିବାକୁ ଚାହିଁବେ ସହଜରେ ସଂପୂର୍ଣ୍ଣ ହୋଇଯିବ। ସନ୍ଧ୍ୟାରେ ଆବଶ୍ୟକ ସାମଗ୍ରୀ କିଣିବା ପାଇଁ ବଜାରକୁ ଯିବେ। ଘରୋଇ ଉଦ୍ୟୋଗରେ କାମ କରୁଥିବା ଲୋକଙ୍କର ଦରମା ବୃଦ୍ଧି ହେବ।

**ମିଥୁନ:** ଆଗକୁ ବଢ଼ିବା ଲାଗି ଭଲ ଦିନଟିଏ। ବିଲଡ଼ର୍ସଙ୍କୁ ଧନଲାଭ ହେବ, ଠିକା ମିଳିବ। ଛାତ୍ରଛାତ୍ରୀ ପ୍ରୋଜେକ୍ଟ ସଂପୂର୍ଣ୍ଣ କରିବା ପାଇଁ ପୂରା ମନ ଲଗାଇବେ। ପିଲାଙ୍କର ସଫଳତାରେ ଗେ ?ରବାନ୍ୱିତ ଅନୁଭବ କରିବେ।

**କର୍କଟ:** ବ୍ୟବସାୟରେ ଭଲ ଲାଭ ପାଇବେ। ସାମାଜିକ ଗତିବିଧିରେ ସକ୍ରିୟ ଭୂମିକା ନିର୍ବାହ କରିବେ। ଲୋକେ ଆପଣଙ୍କ କାମର ପ୍ରଶଂସା କରିବେ। ଛାତ୍ରଛାତ୍ରୀଙ୍କ ଲାଗି ଦିନଟି ଭଲ ରହିବ।

**ସିଂହ:** ଜମିରେ ନିବେଶ ଲାଗି ଭଲ ଦିନଟିଏ। ପ୍ରତିଯୋଗୀ ପରୀକ୍ଷାର ପରିଣାମ ଆପଣଙ୍କ ପକ୍ଷରେ ଆସିବ। କୌଣସି କଥାରେ ଜଲଦି ରାଗନ୍ତୁ ନାହିଁ। ଅଚାନକ ଆୟର ନୂଆ ଉତ୍ସ ପାଇବେ।

**କନ୍ୟା:** ବିରୋଧୀମାନଙ୍କ ପ୍ରତି ସାବଧାନ ରହନ୍ତୁ। ଜୀବନସାଥୀର ଜୀବନରେ ପରିବର୍ତ୍ତନ ଆସିବା ଯୋଗୁଁ ଖୁସିର ପରିବେଶ ସୃଷ୍ଟି ହେବ। ପୁରୁଣା ଜମି ବିକ୍ରୀରେ ଭଲ ଲାଭ ପାଇବେ। ପ୍ରେମ ସମ୍ବନ୍ଧରେ ପ୍ରଗାଢ଼ତା ଆସିବ।

**ତୁଳା:** ଅଫିସରେ ଆପଣଙ୍କର ଆତ୍ମବିଶ୍ୱାସ ଦେଖି କର୍ତୃପକ୍ଷ ଖୁସି ହୋଇଯିବେ। ନୂଆ କାମ ଆରମ୍ଭ କରନ୍ତୁ ଭବିଷ୍ୟତରେ ଯଥେଷ୍ଟ ଲାଭ ପାଇବେ। ଛାତ୍ରଛାତ୍ରୀ ଲେଖାପଢ଼ାରେ ମନ ନିବେଶ କରନ୍ତୁ।

**ବିଛା:** ଅଫିସରେ କାର୍ଯ୍ୟକୁ ନେଇ କାହାରି ଉପରେ ଭରସା କରନ୍ତୁ ନାହିଁ। ନିଜର କାମ ନିଜେ କରନ୍ତୁ। ବନ୍ଧୁ ସହିତ ମନଖୋଲା କଥା ହେଲେ ଆପଣଙ୍କର ସମସ୍ୟାର ସମାଧାନ ବାହାରିବ।

**ଧନୁ:** ଜମି ବ୍ୟବସାୟୀଙ୍କ ଜମି ଭଲ ଦାମରେ ବିକ୍ରୀ ହେବ। ବାଲ୍ୟବନ୍ଧୁ ସହିତ ମିଶିବା ପାଇଁ ମନ କହିବ। ରାଜନୀତି କ୍ଷେତ୍ରରେ ଥିବା ଲୋକଙ୍କ ଲାଗି ଦିନଟି ଭଲ ରହିବ। କେ ?ଣସି ବଡ଼ ଯୋଜନା ଆରମ୍ଭ କରିପାରନ୍ତି।

**ମକର:** ବକେୟା ଅର୍ଥ ଅଚାନକ ଫେରସ୍ତ ପାଇବେ। କାର୍ଯ୍ୟରେ ପରିବାର ଲୋକଙ୍କର ସହଯୋଗ ପାଇବେ। ଆପଣଙ୍କର କଳା କୌଶଳ ସମସ୍ତଙ୍କୁ ପସନ୍ଦ ଆସିବ। ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ।

**କୁମ୍ଭ:** ବେପାର ବଢ଼ାଇବା ଯୋଗୁଁ ଧନଲାଭ ହେବ। କୌଣସ କାମ କରିବା ଲାଗି ତରତର ହୁଅନ୍ତୁ ନାହିଁ। ଘନିଷ୍ଠ ବନ୍ଧୁଙ୍କ ସହ ମିଶିବା ପାଇଁ ତାଙ୍କ ଘରକୁ ଯିବେ। ବିରୋଧୀ ଆପଣଙ୍କ ଠାରୁ ଦୂରତ୍ୱ ବନାଇ ରହିବେ।

**ମୀନ:** ଆପଣଙ୍କ ସମ୍ମୁଖକୁ ଆସୁଥିବା ସବୁ ଆହ୍ୱାନର ଦୃଢ଼ଭାବେ ମୁକାବିଲା କରିବେ। ନବ ବିବାହିତ ଦମ୍ପତ୍ତିଙ୍କର ସମ୍ବନ୍ଧ ଆହୁରି ମଜଭୁତ ହେବ। ଅଫିସରେ କେ ?ଣସି ବଡ଼ କାମର ଦାୟିତ୍ୱ ଆପଣଙ୍କୁ ଦିଆଯିବ।

# ସମ୍ପର୍କରେ ତୃତୀୟ ବ୍ୟକ୍ତିକୁ ନେଇ ଭୟ



**ଆ**ଜିକାଲି ପରକୀୟା ପ୍ରୀତି ଏକ ସାଧାରଣ ସମସ୍ୟା ହୋଇଗଲାଣି। ଏହି କାରଣରୁ ଅନେକ ପରିବାର ଭାଙ୍ଗି ଯାଉଛନ୍ତି ଏବଂ ସମ୍ପର୍କରୁ ଭରସା ମଧ୍ୟ ଉଠିଯାଉଛି। ଯଦି ଆପଣ ନିଜର ସମ୍ପର୍କକୁ ସୁରକ୍ଷିତ ରଖିବାକୁ ଚାହୁଁଛନ୍ତି ଏବଂ ସମ୍ପର୍କରେ କୌଣସି ତୃତୀୟ ବ୍ୟକ୍ତିଙ୍କ ପ୍ରବେଶକୁ ରୋକିବାକୁ ଚାହୁଁଛନ୍ତି, ତେବେ କେତେକ ଜିନିଷଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ପଡିବ।

ଏକ ସମ୍ପର୍କକୁ ଦୃଢ ରଖିବା ପାଇଁ ବିଶ୍ୱାସ, ଭରସା, ପାରସ୍ପରିକ ବୁଝାମଣା ଏବଂ ପରସ୍ପରଙ୍କ ସମସ୍ୟାରେ ଏକାଠି ଠିଆ ହେବା ଆବଶ୍ୟକ। କିନ୍ତୁ ଆଜିକାଲିର ଧାଁ ଧପଡ ଭିତରେ ଜୀବନ ମଣିଷକୁ ଏମିତି ଏକ ମୋଡରେ ଠିଆ କରେଇ ଦିଏ ଯେଉଁଠାରେ ବ୍ୟକ୍ତି ଗ୍ଲାମରରେ ହଜିଯାଏ ଏବଂ ସେହି ରାସ୍ତା ଆଡକୁ ଚାଲିଯାଏ ଯେଉଁଠି ତା'ର ପ୍ରେମରେ ପୂର୍ଣ୍ଣ ସମ୍ପର୍କର ଅନ୍ତ ହେବା ଆରମ୍ଭ ହୁଏ। ସଂପର୍କରେ ଏକ ତୃତୀୟ ବ୍ୟକ୍ତିର ପ୍ରବେଶ ଅର୍ଥାତ୍ ପରକୀୟା ପ୍ରୀତି ହେଉଛି ଏପରି ଏକ ପରିସ୍ଥିତି ଯାହା ବସିଥିବା ଘରକୁ ଭାଙ୍ଗିଦିଏ ଏବଂ ପରବର୍ତ୍ତୀ ସମୟରେ ଅନେକ ଥର ଦମ୍ପତିମାନେ ଚାହିଁଲେ ମଧ୍ୟ ଏକ ହୋଇପାରନ୍ତି ନାହିଁ। ଯଦି ଆପଣ ନିଜର ସମ୍ପର୍କରେ ତୃତୀୟ ବ୍ୟକ୍ତିଙ୍କ ପ୍ରବେଶକୁ ବନ୍ଦ କରିବାକୁ ଚାହୁଁଛନ୍ତି, ତେବେ କେତେକ ଗୁରୁତ୍ୱପୂର୍ଣ୍ଣ କଥାକୁ ମନେରଖନ୍ତୁ।

**ସଂପର୍କରେ ସମ୍ମାନ:** ସଂପର୍କରେ ସମ୍ମାନ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଦମ୍ପତିମାନେ ପରସ୍ପରଙ୍କ ବିଚାର, ଆବଶ୍ୟକତା, ପସନ୍ଦ ଇତ୍ୟାଦିକୁ ସମ୍ମାନ କରନ୍ତି ସେତେବେଳେ ସେମାନେ ଏକାଠି ରହିବାକୁ ଭଲ ପାଆନ୍ତି। ଏହା ସେମାନଙ୍କ ସମ୍ପର୍କକୁ ମଜବୁତ କରିବାର କାମ କରେ ଏବଂ କୌଣସି ତୃତୀୟ ପକ୍ଷ କେବେବି ଏହି ସମ୍ପର୍କକୁ ପ୍ରବେଶ କରିପାରିବେ ନାହିଁ।

**ସୀମା ପ୍ରତି ସତର୍କ:** ବିବାହିତ ଦମ୍ପତିମାନେ ସେମାନଙ୍କର ସୀମା ଜାଣିବା ଉଚିତ। ଏପରି ପରିସ୍ଥିତିରେ, ଯଦି କେହି ଆପଣଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି ଏବଂ ଆପଣଙ୍କ ସୀମାକୁ ପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ତାଙ୍କୁ ସେଠାରେ ରୋକିବାକୁ ଚେଷ୍ଟା କରନ୍ତୁ। ଆପଣ ଏକଥା ନିଜ ସାଥୀଙ୍କୁ ମଧ୍ୟ କହିବା ଉଚିତ୍ ଏବଂ ତାଙ୍କୁ ସତର୍କ କରାଇବା ଉଚିତ।

**ଚୁଗୁଲି ପ୍ରତି ସତର୍କ:** ଯଦି କେହି ଆପଣଙ୍କ ସାମ୍ନାରେ ଆପଣଙ୍କ ସାଥୀଙ୍କ ବିଷୟରେ ଚୁଗୁଲି କରୁଛନ୍ତି କିମ୍ବା ଆପଣଙ୍କ ସାଥୀଙ୍କ ସାମ୍ନାରେ ଆପଣଙ୍କ ବିଷୟରେ କଥାବାର୍ତ୍ତା କରି ଆପଣଙ୍କ ବିଶ୍ୱାସ ଜିତିବାକୁ ଚେଷ୍ଟା କରୁଛନ୍ତି, ତେବେ ଆପଣ ସତର୍କ ହେବା ଉଚିତ। ଏହିପରି ଲୋକମାନେ ବିଭାଜନ ସୃଷ୍ଟି କରି ସମ୍ପର୍କ ମଧ୍ୟରେ ମତଭେଦ ସୃଷ୍ଟି କରିପାରନ୍ତି।

**ବିଶ୍ୱାସ ଦେବା:** ଆପଣ ସବୁବେଳେ ନିଜ ସାଥୀଙ୍କୁ ଖୋଲାଖୋଲି ଭାବରେ କହିବା ଉଚିତ ଯେ ଆପଣ ସବୁବେଳେ ତାଙ୍କ ସହିତ ରହିବେ ଏବଂ କୌଣସି ବି ପରିସ୍ଥିତିରେ ତାଙ୍କଠାରୁ ଦୂରେଇ ଯିବେ ନାହିଁ। ଫଳରେ ଆପଣଙ୍କ ସାଥୀ କେବେବି ନିଜକୁ ଅସୁରକ୍ଷିତ ମନେ କରିବେ ନାହିଁ ଏବଂ ପ୍ରତ୍ୟେକ ପରିସ୍ଥିତିରେ ଆପଣଙ୍କୁ ବିଶ୍ୱାସ କରିବେ।


**ତୃତୀୟ ବ୍ୟକ୍ତି ପ୍ରତି ସତର୍କ:** ଯଦି କୌଣସି ତୃତୀୟ ବ୍ୟକ୍ତି ସମ୍ପର୍କରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ଠିକ ସମୟରେ ଆପଣଙ୍କ ସାଥୀ ସହିତ ଏ ବିଷୟ ଉପରେ ଆଲୋଚନା କରିବା ଭଲ ହେବ। କଥାହେବା ଦ୍ୱାରା ଆପଣଙ୍କ ମଧ୍ୟରେ କୌଣସି ଭୁଲ ଯୋଗାଯୋଗ ହେବ ନାହିଁ ଏବଂ ଆପଣ ଦୁହେଁ ପ୍ରତ୍ୟେକ ପଦକ୍ଷେପରେ ଏକ ଟିମ୍ ଭାବରେ କାମ କରିବେ।

# ବଲିଉଡ ଅଭିନେତ୍ରୀ ସାରା ଅଲି ଖାନ୍



**ବ**ଲିଉଡ ଅଭିନେତ୍ରୀ ସାରା ଅଲି ଖାନ କିଛି ନା କିଛି କାରଣକୁ ନେଇ ହେଡଲାଇନରେ ରହିଥାଆନ୍ତି। ଏହି ଅଭିନେତ୍ରୀ ସୋସିଆଲ ମିଡିଆରେ ମଧ୍ୟ ବହୁତ ସକ୍ରିୟ ଅଛନ୍ତି। ନିକଟରେ ସାରା ଅଲି ଖାନ କେଦାରନାଥ ଧାମର କିଛି ଫଟୋ ଶେୟାର କରିଥିଲେ। କିନ୍ତୁ ବର୍ତ୍ତମାନ କେଦାରନାଥର କିଛି ଫଟୋ ଭାଇରାଲ ହେବାରେ ଲାଗିଛି। ଏହାକୁ ଦେଖିବା ପରେ ସାରା କଂଗ୍ରେସ ନେତା ଅର୍ଜୁନ ପ୍ରତାପ ବାଜଓ୍ବାଙ୍କୁ ଡେଟ କରୁଛନ୍ତି ବୋଲି ଗୁଜବ ପ୍ରଚାରିତ ହେଉଛି। ସାରା ଅଲି ଖାନ କିଛି ଦିନ ପୂର୍ବରୁ କେଦାରନାଥ ଧାମକୁ ଦର୍ଶନ କରିବାକୁ ଯାଇଥିଲେ। ସେଠାରୁ ସେ କିଛି ଫଟୋ ଶେୟାର କରିଥିଲେ ଯେଉଁଥିରେ ସେ ପାହାଡର ଦୃଶ୍ୟକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା। ଅନେକ ଫଟୋଗ୍ରାଫରେ ସେ ମହାଦେବଙ୍କ ଆସ୍ଥାରେ ଲିନ ହୋଇଯାଇଥିବା ମଧ୍ୟ ଦେଖିବାକୁ ମିଳିଥିଲା। କଂଗ୍ରେସ ନେତା ଅର୍ଜୁନ ପ୍ରତାପ ବାଜଓ୍ବା ମଧ୍ୟ କେଦାରନାଥ ଧାମର ଅନେକ ଫଟୋ ଶେୟାର କରିଛନ୍ତି। ବିଶେଷ କଥା ହେଉଛି ଏହି ଫଟୋଗୁଡ଼ିକର ବ୍ୟାକଗ୍ରାଉଣ୍ଡ ସାରା ଅଲି ଖାନଙ୍କ ଫଟୋ ସହିତ ସମାନ। ଯେହେତୁ ସାରା ଅଲି ଖାନ ଏବଂ କଂଗ୍ରେସ ନେତା ଅର୍ଜୁନ ପ୍ରତାପ ବାଜଓ୍ବାଙ୍କ ଏହି ଫଟୋ ଏକା ସାଙ୍ଗରେ ସାମ୍ନାକୁ ଆସୁଛି, ଅଭିନେତ୍ରୀ ତାଙ୍କୁ ଡେଟ କରୁଛନ୍ତି ବୋଲି ଗୁଜବ ପ୍ରଚାରିତ ହେଉଛି। ଏହି ସମୟରେ କେଦାରନାଥ ଧାମରେ ସାରା ଏବଂ କଂଗ୍ରେସ ନେତା ଏକାଠି ପୂଜା କରୁଥିବା ଫଟୋ ସାମ୍ନାକୁ ଆସିଛି ଯାହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ସମୟରେ ଜଣେ ସୋସିଆଲ ମିଡିଆ ୟୁଜର ରେଡିଟରେ ଲେଖିଥିଲେ – 'ଏହା ସାରାଙ୍କ ପ୍ରେମିକା କି ?

# ହୃଦୟକୁ ସୁସ୍ଥ ରଖେ ଆଭୋକାଡ଼ୋ



**ହୃ**ଦୟକୁ ସୁସ୍ଥ ରଖେ ଆଭୋକାଡୋ- ଆଭୋକାଡୋ ଲିପଡ୍ ପ୍ରୋଫାଇଲ୍ରେ ସୁଧାର ଆଣିବା ସହ ହୃଦୟକୁ ସୁରକ୍ଷାତ୍ମକ ବଳୟ ଦେଇଥାଏ । ନିୟମିତ ୫ ସପ୍ତାହ ଆଭୋକାଡୋ ଖାଇବା ଦ୍ୱାରା ବଢିଥିବା ଲିପିଡ୍ ପ୍ରୋଫାଇଲ୍ସ୍ତରକୁ କମ୍ କରାଯାଇପାରେ । ଟ୍ରାଇଗ୍ଲିସରାଇଡସ୍ ଏବଂ ଏଲ୍ଡିଏଲ୍କୁ କମ୍ କରି ଏଚ୍ଡିଏଲ୍କୁ ବଢାଇଥାଏ । ଶର୍କରାସ୍ତରକୁ ନିୟନ୍ତ୍ରିତ ରଖେ ଡାଏଟ୍ରେ ଆଭୋକାଡୋକୁ ସାମିଲ୍ କରିବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବଢି ନଥାଏ । ଦିନକୁ ଅଧା ଆଭୋକାଡୋ ଖାଇବା ଦ୍ୱାରା ଶର୍କରାର ବୃଦ୍ଧିକୁ ରୋକା ଯାଇପାରିବ । ନିୟମିତ ଖାଇବା ଦ୍ୱାରା ଏହା ପେଟର ଚର୍ବି ଓ ଅନ୍ତଃନଳୀରେ ଜମୁଥିବା ଚର୍ବିକୁ ମଧ୍ୟ କମ୍ କରିଥାଏ । ଅନ୍ତଃନଳୀରେ ଜମୁଥିବା ଚର୍ବି ମଧୁମେହର କାରଣ ସାଜିଥାଏ ।

ପୋଷକ ତତ୍ତ୍ୱର ଅଭାବକୁ ଦୂରାଏ ଆଭୋକାଡୋ । ଅନ୍ୟାନ୍ୟ ସମସ୍ତ ଖାଦ୍ୟ ଅପେକ୍ଷା ଆଭୋକାଡୋ ଅଧିକ ଆଣ୍ଟି ଅକ୍ସିଡାଣ୍ଟ ଅବଶୋଷଣ କ୍ଷମତା ରହିଥାଏ । ଆଭୋକାଡ୍ ସହ ଟମାଟୋ ସସ୍ ଓ ଗାଜର ମିଶାଇ ଖାଇବା ଦ୍ୱାରା ଭିଟାମିନ୍ ଏ'ର ଅବଶୋଷଣ ବଢିଥାଏ, ଯାହା ଚର୍ମ, ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତି ପାଇଁ ମହତ୍ତ୍ୱପୂର୍ଣ୍ଣ । ସେହିପରି ପାଚନ ତନ୍ତ୍ରରେ ସୁଧାର ଆଣେ ଆଭୋକାଡୋ । ଏହା ପାଇନ ତନ୍ତ୍ରରେ ସୁଧାର ଆଣିଥାଏ । ଏକ ସୁସ୍ଥ ଅନ୍ତଃନଳୀ ମାଇକ୍ରୋବାୟୋମ୍ ପ୍ରତିରୋଧ କାର୍ଯ୍ୟକୁ ମଜ-ଭୁତ୍ କରିଥାଏ । ଯନ୍ତ୍ରଣା ସହ ଲଢିବା ବ୍ୟତୀତ ପୁରୁଣା ରୋଗରୁ ମଧ୍ୟ ଆଶ୍ୱସ୍ତି ଦେଇଥାଏ । ମସ୍ତିଷ୍କର ସକ୍ରିୟତାକୁ ବଢାଏ ବୟସ୍କ ଲୋକମାନେ ଡାଏଟ୍ରେ ଆଭୋକାଡୋ ସାମିଲ୍ କରିବା ଦ୍ୱାରା ସ୍ମରଣଶକ୍ତି ବଢିବା ସହ ମସ୍ତିଷ୍କ ସକ୍ରିୟତା ବଢିଥାଏ । ତେଣୁ ନିୟମିତ ଆଭୋକାଡୋ ଖାଇବା ଉଚିତ୍ ।

# ଚିକେନ ତନ୍ଦୁରି

**ଆବଶ୍ୟକ ସାମଗ୍ରୀ:** ଚିକେନ, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ,ଚିକେନ ତନ୍ଦୁରି ମସଲା, ଲଙ୍କା ଗୁଣ୍ଡ, ଚିକେନ ମସଲା, ଗୋଲମରିଚ ଗୁଣ୍ଡ, କଲର ପାଉଡର, କନଫ୍ଲୋର, ଦହି, ଲେମ୍ବୁ

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ବଜାରରୁ କିଛି ଲେଗ୍ ପିସ୍ ଚିକେନ ଆଣି ଦିଅନ୍ତୁ। ତାକୁ ଭଲ ଭାବରେ ଧୋଇ ଏକ ପାତ୍ରରେ ରଖନ୍ତୁ। ପରେ ସେଥିରେ ଲେମ୍ବୁ ରସ ଗୋଳାଇ କିଛି ସମୟ ରଖି ଦିଅନ୍ତୁ। ପରେ ଚିକେନ ମାରିନେଟ୍ ପାଇଁ ମସଲା ପ୍ରସ୍ତୁତ କରନ୍ତୁ। ଏକ ପାତ୍ରରେ ସ୍ୱାଦ ଅନୁସାରେ ଲୁଣ ନିଅନ୍ତୁ। ପରେ ସେଥିରେ ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ,ଚିକେନ ତନ୍ଦୁରି ପାଉଡର, ଲଙ୍କା ଗୁଣ୍ଡ, ଅଳ୍ପ ଚିକେନ ମସଲା, ଗୋଲମରିଚ ଗୁଣ୍ଡ, କଲର ପାଉଡର, କନଫ୍ଲୋର ପାଉଡର ଓ ଦହି ପକାଇ ମସଲାକୁ ଭଲ ଭାବରେ ଗୋଳାଇ ଦିଅନ୍ତୁ।ପରେ ସେହି ମସଲାକୁ ଆଣି ଲେଗ୍ ପିସ୍ ଚିକେନ ଚିକେନରେ ୪ରୁ ୫ ଘଣ୍ଟା ପର୍ଯ୍ୟନ୍ତ ଭଲ ଭାବରେ ମାରିନେଟ୍ କରି ରଖି ଦିଅନ୍ତୁ। ପରେ ଓଭାନରେ ଏହାକୁ ପୋଡ଼ନ୍ତୁ। ଚିକେନ ଦୁଇଟି ସାଇଡ୍ ହେଲା ପର୍ଯ୍ୟନ୍ତ ଏହାକୁ ପୋଡ଼ନ୍ତୁ। ଏହା ହୋଇଗଲା ପରେ ତାକୁ ପ୍ଲେଟକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ ତନ୍ଦୁରି। ଏହାକୁ ଆପଣ ପୁଦିନା ଚଟଣି ଓଟମାଟୋ ସସ୍ ଲଗାଇ ଖାଇ ପାରିବେ।



# ମା’ ଭଦ୍ରକାଳୀଙ୍କ ରାଜରାଜେଶ୍ୱରୀ ବେଶ



**ଭଦ୍ରକ, (ପିପିଏସ୍):**


ଭଦ୍ରକର ଅଧିଷ୍ଠାତ୍ରୀ ଦେ୍ୱୀ ମା ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ତୃତୀୟ ଦିବସର ମା’ ଭଦ୍ରକାଳୀ ରାଜରାଜେଶ୍ୱରୀ ବେଶରେ ପୂଜା ପାଇଛନ୍ତି। ସକାଳୁ ମନ୍ଦିର ଭିତରେ ଭକ୍ତ ମାନଙ୍କର ଭିଡ଼ ଲାଗିଥିଲା। ଭକ୍ତମାନେ ଧାଡ଼ିବାନ୍ଧି ମା’ଙ୍କୁ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ଆଶିଷ କାମନା କରିଛନ୍ତି। ରାଜରାଜେଶ୍ୱରୀ ବେଶେର ମା’ କମଳା ରଙ୍ଗର ପାଟ ବସ୍ତ୍ର ପରିଧାନ କରିବା ସହିତ ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରେର ଭୁଷିତ ହେଇଥିଲେ। ମା ଙ୍କର ମୁଖ ମଣ୍ଡଳ ପଦ୍ମ ବର୍ଣ୍ଣ ଥିବା ବେଳେ ଗଜ ଓ ବ୍ୟାଘ୍ର ବାହନେର ବିରାଜମାନ କରିଥିଲେ। ବାମ ହସ୍ତ ଯୁଗଳେର ଶଙ୍ଖ ଓ ଗଦା ଧାରଣ କରିଥିବା ବେଳ ଦକ୍ଷିଣ ହସ୍ତ ଯୁଗଳେର ଚକ୍ର ଓ ପଦ୍ମ ଧାରଣ କରି ଚତୁର୍ଦ୍ଧା ମୂର୍ତ୍ତିରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ। ଆଦ୍ୟାଶକ୍ତି ମା’ଭଦ୍ରକାଳୀ ସମସ୍ତ ଶକ୍ତିର ଉଦ୍ଧର୍ରେ। ସମସ୍ତ ଦେବା ଦେବୀ ମା’ଙ୍କ ଶକ୍ତିରେ ଶକ୍ତିଶାଳୀ। ମା’ଙ୍କୁ ରାଜରାଜେଶ୍ୱରୀ ବେଶର ଦର୍ଶନ କେଲ ଭକ୍ତ ସମାଜେର ଉଚ୍ଚ ପଦ ପଦବୀ ପ୍ରାପ୍ତ ହୋଇଥାଏ। ପ୍ରଶଂସା, ଯଶ, କୀର୍ତ୍ତି ଅର୍ଜ୍ଜନ କରିଥାଏ ବୋଲି ଭକ୍ତ ମାନଙ୍କର ଅତୁଟ ବିଶ୍ୱାସ ରହିଛି। ଆଜି ଦିନତମାମ ପୀଠେର ଭକ୍ତମାନଙ୍କର ଗହଳି ଦେଖିବାକୁ ମିଳିଥିଲା। ମହାଯଜ୍ଞର ମନ୍ତ୍ର ଧ୍ୱନିରେ ବମୋହିତ ହୋଇ ଭକ୍ତମାନେ ଯଜ୍ଞ ମଣ୍ଡପ ଚାରିପେଟ ପରିକ୍ରମା କରୁଥିବା ଦେଖିବାକୁ ମିଳିଥିଲା। ପୀଠେର ସନ୍ଧ୍ୟା ଦିବ୍ୟ ଆଳତୀ ପେର ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ମହାଯଜ୍ଞ ର ଦ୍ୱିତୀୟ ଦିବସରେ ଜଗନ୍ନାଥ ସଂସ୍କୃତିର ଗେବଷକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପ୍ରବଚନ ଦେଇଥିବା ବେଳେ ତୃତୀୟ ଦିନ ପ୍ରସିଦ୍ଧ ପାଲା ଗାୟକ ଲୋକନାଥ ମିଶ୍ର ପାଲା ପରବେଷଣ କରିଥିଲେ। ରବିବାର ମା’ଙ୍କର ସିଂହବାହିନୀ ବେଶ ନିମେନ୍ତ ସେବାୟତ ତଥା ମନ୍ଦିର ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି।

# ଭୁବନେଶ୍ୱରରେ ବିଗିଡ଼ିଲା ବାୟୁମଣ୍ଡଳ ସ୍ଥିତି

**ଭୁବନେଶ୍ୱର,(ପିପିଏସ୍):**

ଏବେ ନାହିଁ ଲଘୁଚାପ। ପାଣିପାଗ ବିଭାଗ କହିଛି, ଆସନ୍ତା ୭ଦିନ ମଧ୍ୟରେ ଲଘୁଚାପ ହେବାର କୌଣସି ସମ୍ଭାବନା ନାହିଁ। ରାଜ୍ୟରେ ଆସନ୍ତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ। ତେବେ ୬ ଓ ୭ ତାରିଖରେ ଉପକୂଳ ଜିଲ୍ଲାର କିଛି ସ୍ଥାନରେ ହାଲୁକା ବର୍ଷା ହୋଇପାରେ। ବର୍ତ୍ତମାନ ଉତ୍ତର ଉତ୍ତର-ପୂର୍ବ ଦିଗରୁ ପବନ ବହୁଛି। ଏହି ପବନ ଶୁଷ୍କ ବାୟୁ ନେଇ ଆସୁଛି। ସ୍ଥାନୀୟ ବାୟୁମଣ୍ଡଳ ସହ ଏହା ମିଶିବା ପରେ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ହେଉଛି। ବର୍ଷା ନେଇ କୌଣସି ଓ୍ୱାର୍ଣ୍ଣିଂ ନଥିବା ସ୍ପଷ୍ଟ କରିଛି ପାଣିପାଗ ବିଭାଗ। ସେପଟେ ଟ୍ୱିନ୍‌ସିଟିରେ ବାୟୁ ପ୍ରଦୂଷଣର ଭୟଙ୍କର ସ୍ଥିତି। ଭୁବନେଶ୍ୱର ଓ କଟକରେ ଯୁଆଡ଼େ ଚାହିଁବେ, ଖାଲି ଧୂଆଁ ଆଉ ଧୂଆଁ। ବିଗିଡ଼ିଯାଇଛି ପରିବେଶ, ପୁଣି ପ୍ରଦୂଷିତ ହୋଇଛି ଟ୍ୱିନ୍‌ସିଟିର ବାୟୁ ମଣ୍ଡଳ। ଦୁଇଦିନ ଧରି ଦୀପାବଳି ପାଳନ ବେଳେ ବାଣ ଫୁଟାଇବା ପରେ ବିଗିଡ଼ିଯାଇଛି ପୂରା ପରିବେଶ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ ଫୁ କରି ଉଡ଼ାଇ ଦେଇଛନ୍ତି ଟ୍ୱିନ୍‌ସିଟି ବାସିନ୍ଦା। ରାତି ୯ପର୍ଯ୍ୟନ୍ତ ବାଣ ଫୁଟାଇବା ପାଇଁ ନିର୍ଦ୍ଦେଶନାମା ଜାରୀ ହୋଇଥିବା ବେଳେ ଏହି ନିୟମକୁ ଖୋଲାଖୋଲି ଉଲଂଘନ ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଧୂଆଁମୟ ପରିବେଶ ଭିତରେ ଲୋକେ ଅଣନିଶ୍ୱାସୀ ଅନୁଭବ କରିଛନ୍ତି। ଏମିତିକି ଶୁକ୍ରବାର ସନ୍ଧ୍ୟା ପରଠୁ ଦୃଶ୍ୟମାନ କ୍ଷମତା ହ୍ରାସ ପାଇଥିଲା। ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଦୀପାବଳିରେ ଫୁଟିଥିବା ବାଣର ପ୍ରଭାବ ଅନେକ ଥିବାରୁ ୬୦ରୁ ୭୦ଭିତରେ ଥିବା ଭୁବନେଶ୍ୱରର ଏୟାର କ୍ୱାଲିଟି ଇଣ୍ଡେକ୍ସ ବଢି ୨ଶହକୁ ଟପିଛି। ଶୁକ୍ରବାର ସକାଳ ଯଦିଓ ଭୁବନେଶ୍ୱରର କିଛି ଅଞ୍ଚଳରେ ବର୍ଷା ହୋଇଥିଲା, କିନ୍ତୁ ରାତିରେ ପୁଣିଥରେ ବାଣ ଫୁଟାଇବା ଫଳରେ ପ୍ରଦୂଷଣ ଆକାଶ ଛୁଇଁଛି। ଭୁବନେଶ୍ୱରରେ ପ୍ରଦୂଷଣ ନିୟନ୍ତ୍ରଣର ଦୁଇଟି ଷ୍ଟେସନ ରହିଛି। ଲିଙ୍ଗରାଜ ଷ୍ଟେସନ ଅଧୀନରେ ଆସୁଥିବା ଅଞ୍ଚଳରେ ସ୍ଥିତି ଉଦବେଗଜନକ ରହିଛି। ଗତକାଲି ବାଣ ଫୁଟିବାରୁ ଭୁବନେଶ୍ୱରରେ ପ୍ରଦୂଷଣର ମାତ୍ରା ବଢିଥିବା ଅନୁମାନ କରାଯାଉଛି। ଯେଉଁଥିପାଇଁ ଭୁବନେଶ୍ୱର ଏକ ଧଳା ଚାଦର ପରି ଦୃଶ୍ୟମାନ ହେଉଛି।

## ଘନକୁହୁଡ଼ି ଆସ୍ତରଣ



ରାଜଧାନୀରେ ଘନ କୁହୁଡ଼ି। ଆଜି ବଡ଼ି ଭୋରରୁ ଟ୍ୱିନ ସିଟିରେ ସବୁ ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହେଉଛି। ଏଥିଯୋଗୁ ସାଧାରଣ ଜୀବନଯାତ୍ରା ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଘନ କୁହୁଡ଼ି ଯୋଗୁ ଗାଡ଼ି ଚଳାଚଳରେ ବାଧା ଉପୁଜିଛି। ରାଜଧାନୀ ଭୁବନେଶ୍ୱର ସହ କଟକରେ ବି ଆଜି ସକାଳେ କୁହୁଡ଼ିର ମୋଟା ଆସ୍ତରଣ ଜମିଛି। ଦୃଶ୍ୟମାନ ଦୂରତା ଖୁବ୍ କମ୍ ଥିବାରୁ ଲୋକେ ଯିବା ଆସିବା କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସକାଳେ ଲୋକେ ଗାଡ଼ି ଲାଇଟ ଲଗାଇ ଯାତାୟତ କରୁଥିବା ଦେଖିବାକୁ ମିଳିଛି। ଏତେ କୁହୁଡି ଯେ, ମୁହଁକୁ ମୁହଁ ଦିଶୁନାହିଁ। ୧୦୦ ମିଟର ଦୂରତାରୁ ମଧ ମୁହଁ ଦିଶୁନି। ଫଳରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ସାଧାରଣ ଜନଜୀବନ ମଧ ବ୍ୟାଘାତ ହୋଇଛି। ଦୀପାବଳିରେ ପ୍ରବଳ ବାଣ ଫୁଟାଇବାରୁ ପ୍ରଦୂଷଣ ବଢ଼ିଛି। ଏଥିପାଇଁ ଏପରି କୁହୁଡ଼ି ହୋଇଥିବା ସନ୍ଦେହ କରାଯାଉଛି। ସେହିପରି ପୁରୀରେ ମଧ ଘନ ଘନ କୁହୁଡି ଦେଖିବାକୁ ମିଳିଛି। ଘନ କୁହୁଡିରେ ଆଚ୍ଛାଦିତ ହୋଇଛି ଶ୍ରୀମନ୍ଦିର। ଶୀତର ମାତ୍ରା ବଢିନଥିବା ବେଳେ ଆଜି ସକାଳୁ କୁହୁଡି ଦେଖିବାକୁ ମିଳିଛି।

# ଚିରସ୍ରୋତା ବ୍ରାହ୍ମଣୀ ପ୍ରଦୂଷିତ, ଜଳଜୀବଙ୍କ ମୃତ୍ୟୁ




**ବିଷାକ୍ତ ପାଣି ପିଉଛନ୍ତି ଲୋକେ**
**ବେଫିକର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ**

**ତାଳଚେର, (ପିପିଏସ୍):** ଶଙ୍ଖ କୋଏଲ ଝରଣା ମିଳିତ ହୋଇ ଚିରସ୍ରୋତା ବ୍ରାହ୍ମଣୀ ନଦୀ ଭାବେ ରାଉରକେଲା ଉପରି ଭାଗ ପର୍ବତରୁ ପ୍ରବାହିତ। ଏହି ନଦୀରେ ପ୍ରଦୂଷଣ ମାତ୍ର ରାଉରକେଲାରେ କିଛି କମ ନୁହେଁ। ଅନୁଗୋଳ ଜିଲ୍ଲାର ତାଳଚେର ଏକ ଶିଳ୍ପ ସମୃଦ୍ଧ ଅଞ୍ଚଳ। ଏଠାରେ ଏସିଆ ମହାଦେଶର ବୃହତ୍ କୋଇଲା ଭିତ୍ତିକ ତାପଜ କେନ୍ଦ୍ର ଏନ୍‌ଟିପିସି ସ୍ଥାପିତ। ତା ପାଶ୍ୱର୍ରେ ଜେଆଇଟିପିଏଲ୍ ଜିନ୍ଦଲ ତାପଜ ବିଦ୍ୟୁତ ପ୍ରକଳ୍ପ ଡେରେଙ୍ଗ ଗ୍ରାମରେ ଅବସ୍ଥିତ। ତାଳଚେର ରାଜ ପ୍ରସାଦ ବ୍ରାହ୍ମଣୀ ନଦୀ ଅପର ପାଶ୍ୱର୍ରେ କୂଳକୁ ଲାଗି ଅନ୍ୟ ଏକ ଷ୍ଟିଲ କାରଖାନା। ଏମ୍ ସି ଏଲ ବା ତାଳଚେର ମହାନଦୀ କୋଇଲା ଖଣି, ନିର୍ମାଣଧୀନ ଥର୍ମାଲ ପାଓ୍ୱାର ଷ୍ଟେସନ, ଜିଏମ୍‌ଆର କାରଖେନା ପ୍ରଭୃତିର ବର୍ଜ୍ୟବସ୍ତୁ, ପୋଡାତେଲ, ଗ୍ରୀସ, ପୋଡା ମୋବିଲ, ମେସିନ ସୌଧ ବିଷାକ୍ତ ପ୍ରଦୂଷିତ ପାଣି ଛୋଟ କେନାଲ ଦେଇ ବ୍ରାହ୍ମଣୀ ନଦୀରେ ସିଧା ସଳଖ ମିଶୁଥିବା ଦେଖିବାକୁ ମିଳୁଛି। ନିର୍ଭୟର ସହିତ ଉକ୍ତ କଳ କାରଖାନା ଗୁଡ଼ିକ ରାଜ୍ୟ ପଲୁସନ ବୋର୍ଡକୁ ବେଖାତିର କରିବା ସହିତ ଜଳ ସଂରକ୍ଷଣ ଓ ଜଳ ସୁରକ୍ଷା ଆଇନ ୧୯୭୪କୁ ଖୋଲା ଉଲଂଘନ କରି ବ୍ରାହ୍ମଣୀ ନଦୀରେ ଫ୍ୟାକ୍ଟ୍ରି ବର୍ଜ୍ୟବସ୍ତୁ, ତୈଳ, ପୀଡ଼ା ମବିଲ, ଗ୍ରୀସ ମିଶ୍ରିତ ଦୂଷିତ ଜଳକୁ ସିଧା ସଳଖ ପାଣିରେ ଛାଡୁଥିବ ଲକ୍ଷ୍ୟ କରାଯାଇଛି। ନଦୀଜଳ ତେଲିଆ, ଫମ୍ପଲ୍ ପାଣି ଉପରେ ବିଣ୍ଡା ବିଣ୍ଡା ହୋଇ ବର୍ଜ୍ୟ ବିଷାକ୍ତ ତୈଳ ଭାସିବା ସହିତ ନଦୀ ପାଣି ସମ୍ପୂର୍ଣ୍ଣ କଳା ରଙ୍ଗର ହୋଇ ପ୍ରବାହିତ ହେଉଛି। ଏଥିରେ ସ୍ନାନ କଲେ ବିଭିନ୍ନ ପ୍ରକାର ଚର୍ମ ରୋଗ, ଗୋଡ ହାତ, ମୁଣ୍ଡ ଦେହ ଆବୁ ଆବୁ ହୋଇ କୁଣ୍ଡେଇ ଫୁଲିଯିବା, ବିଭିନ୍ନ ପ୍ରକାର ପେଟରୋଗ, କିଡିନ, ହାର୍ଟ, ସ୍ନାୟୁ ଦୁର୍ବଳ ପ୍ରଭୃତି ମାରାତ୍ମକ ରୋଗ ବ୍ୟାପୁଥିବା ଦେଖିବାକୁ ମିଳୁଛି।

ବିଷାକ୍ତ ତୈଳ ମିଶ୍ରିତ ଜଳରେ ମିଶିବାରୁ ବିଭିନ୍ନ ପ୍ରକାର ବିଷାକ୍ତ ଉପାଦାନ ସଂସ୍ପର୍ଶରେ ଆସି ମାଛ, କଇଁଛ ଜଳଜୀବମାନେ ଗ୍ରହଣ କରି ହଜାରେ ସଂଖ୍ୟାରେ ମରି ଭାସୁଥିବା ଦେଖିବାକୁ ମିଳିଛି। ଆକ୍ଟ ୦୧ ଆର୍ଟିକ୍ଲ ୨୫୨ ସମ୍ବିଧାନରେ ପାସ ହୋଇ ତୁରନ୍ତ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ତାକୁ ଚଳାଇବା ଅଫିସର ଲାଞ୍ଚ ନେଇ ସବୁ ଓକେ କରିଦେଉଛି। ରାଜ୍ୟ ପ୍ରଦୂଷଣ ବିଭାଗ ବା ବୋର୍ଡ ଅଣ୍ଡର ସେକ୍ସନ ୪ ଅଧୀନରେ ସୋରକ୍ କେନାଲ ଓ ନଦୀଗୁଡ଼ିକ ପ୍ରଦୂଷଣ ସୃଷ୍ଟିକାରୀ ବ୍ୟକ୍ତି, ଫ୍ୟାକ୍ଟ୍ରି ମାଲିକ ଅନ୍ୟାନ୍ୟ ଅଧିକାରୀ ଗିଳିଟି ଦେଖିଲେ ଗିରଫ ହେବେ ଓ ତାଙ୍କ ଫାକ୍ଟରି ବନ୍ଦ ହୋଇଯିବ। ଆଇନ ୧୯୭୪ ଅନ୍ତର୍ଗତ ଜଳ ନିୟନ୍ତ୍ରଣ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ କରିବାରେ କେନ୍ଦ୍ର ସରକାର ପ୍ରଥମେ ଆସାମ, ବିହାର, ଗୁଜୁରାଟ, ଜମ୍ମୁ ଓ କଶ୍ମୀର, କର୍ଣ୍ଣାଟକ, କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶ, ତ୍ରିପୁରା, ପଶ୍ଚିମବଙ୍ଗ, ୟୁନିୟନ୍ ଟେରିଟୋରି ପ୍ରଭୃତି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଲାଗୁ ହେଉଛି। ଏହା ଓଡ଼ିଶା ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ଅଧୀନରେ କାର୍ଯ୍ୟକାରୀ ହେଉଛି କି ନାହିଁ ତଦନ୍ତ ସାପେକ୍ଷ। ଜିଲ୍ଲା ପ୍ରଦୂଷଣ ବିଭାଗ କିମ୍ବା ରାଜ୍ୟ ପ୍ରଦୂଷଣ ବିଭାଗ ଏଭଳି ପ୍ରଦୂଷଣ କ୍ଷେତ୍ରରେ ନିଜକୁ ଦୂରେଇ ରଖିବା, କୌଣସି ଗସ୍ତ ନକରିବା, ଜଳର ମାନ ନିର୍ଦ୍ଧାରଣ ନ କରିବା ସାଧାରଣରେ ତାଙ୍କ କର୍ତ୍ତବ୍ୟ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଯଥାଶୀଘ୍ର ବ୍ରାହ୍ମଣୀ ନଦୀ ପ୍ରଦୂଷଣ କରିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପରିବେଶବିତ୍ ତଥା ତାଳଚେର ପ୍ରାକ୍ତନ ପୌରଅଧକ୍ଷ କେଶବ ଭୂତିଆଙ୍କ ସହିତ ବୁଦ୍ଧିଜୀବୀ ପରିବେଶବିତ, ନଦୀକୂଳିଆ ଗ୍ରାମବାସୀ ଦାବି କରିଛନ୍ତି।

## ଆଇନକୁ ଫୁଁ’

# ବିପଦରେ ଅଲିଭ୍ ରିଡ୍‌ଲେ



**ଅସ୍ତରଙ୍ଗ (ପିପିଏସ୍):** ଅଲିଭି ରିଡ୍‌ଲେଙ୍କ ପାଇଁ ଦିନେ ସ୍ୱର୍ଗ ପାଲଟିଥିବା ଓଡିଶାର ଉପକୂଳ ଆଉ ନିରାପଦ ହୋଇ ନାହିଁ। ନିଷିଦ୍ଧାଞ୍ଚଳ ଅବାଧ ଟ୍ରଲର ଯାତାୟତ ଟ୍ରଲର ମାଡ଼ରେ ରକ୍ତାକ୍ତ ହୋଇ ବେଳାଭୂମିକୁ ପଳାଇ ଆସୁଥିବାର ଦେଖିବାକୁ ମିଳୁଛି। ଏବେ ଆଗମନ ସମୟ ଆରମ୍ଭ ହୋଇଥିବାରୁ ମିଳନ ସମୟବେଳେ ଅଲିଭି ରିଡେଲ ମୃତ୍ୟୁ ଆଗକୁ ଅଣ୍ଡାଦାନ ପ୍ରକ୍ରିୟାକୁ ବାଧା ପ୍ରାପ୍ତ କରିବାର ଆଶଙ୍କା ରହିଛି। ଓଡିଶାର ଦୁର୍ବଳ ମେରାଇନି ଫିସିଂ ରେଗୁଲେସନ ଆକ୍ଟ (ଓମ୍ଫ୍ରା )ପାଇଁ ନିଷିଦ୍ଧାଞ୍ଚଳରେ ମାଛ ଧରିବାକୁ ଯାଉଥିବା ଟ୍ରଲର ଧରାପଡିଲେ ମଧ ସହଜରେ ଖସିଯାଉଛନ୍ତି।

ରାଜ୍ୟର ଏକ ପ୍ରମୁଖ ଗଣ ଅଣ୍ଡାଦାନସ୍ଥଳୀ ଦେବୀ ନାସିଠାରୁ କେଳୁଣୀ ମୁହାଣ ପର୍ଯ୍ୟନ୍ତ ସମୁଦ୍ର କୂଳରୁ ୨୦କିମି ପର୍ଯ୍ୟନ୍ତ ମାଛଧରାରେ ରୋକ ଲାଗିବା ସହିତ

## ନିଷିଦ୍ଧାଞ୍ଚଳରେ ଅବାଧ ଟ୍ରଲର ଯାତାୟାତ

ଟ୍ରଲର ଚାଳନା ସମ୍ପୂର୍ଣ୍ଣ ବାରଣ ହୋଇଛି। ତେବେ ନଭେମ୍ବର ୧ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ କଟକଣା ହୋଇଥିବାବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ବେଆଇନ ଟ୍ରଲର ଚଳାଚଳ ବଢ଼ି ଚାଲିଛି। କଇଁଛଙ୍କ ଆଗମନ ଓ ପ୍ରଜନନ ସମୟ ହୋଇଥିବା ବେଳେ ଏଥି ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଟ୍ରଲର ଚଳାଚଳ ଉପରେ ନିଷିଦ୍ଧାଞ୍ଚଳ ପ୍ରଦାନ କରାଯାଇଥିଲେ ମଧ ଏହାକୁ ମାନୁନାହାନ୍ତି ଟ୍ରଲର କର୍ମଚାରୀ। ଫଳରେ ବହୁ ଅଲିଭି ରିଡେଲ ଟ୍ରଲର ମାଡ଼ରେ ସମୁଦ୍ର ହେଉ ଅବା ବିଭିନ୍ନ ଉପାୟରେ ମୃତ୍ୟୁବରଣ କରିଥାନ୍ତି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ପ୍ରଥମ ଦିନରୁ ଦେବୀ ନଦୀ ମୁହାଣ ଅଞ୍ଚଳରେ ୩୦ରୁ ଉର୍ଦ୍ଧ୍ୱ ଟ୍ରଲର କୂଳଠାରୁ ମାତ୍ର ୨କିମି ଭିତରେ ଅନେକ ସଂଖ୍ୟାରେ ଟ୍ରଲର ଦିନ ଦ୍ୱିପ୍ରହର ରେ ସମୁଦ୍ରରେ ଚଳାଚଳ କରି ମାଛ ମାରୁଥିବା ଦୃଶ୍ୟ ବିଭାଗୀୟ ଅଧିକାରୀ କିପରି ଜାଣି ପାରୁନାହାନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆନ୍ତଜାତୀୟ ସ୍ୱୀକୃତି ପ୍ରାପ୍ତ ପରିବେଶକର୍ମୀ ସୋମ୍ୟରଞ୍ଜନ ବିଶ୍ୱାଳ କହିଛନ୍ତି ଦେବୀ ମୁହାଣ ଚିନ୍ତା ଜନକ ସ୍ଥିତିରେ। ସାତ ମାସ ଧରି କଟକଣା ଜାରି କରାଯାଇଛି କିନ୍ତୁ ନଭେମ୍ବର ୧ ଓ ୨ ତାରିଖ ମାତ୍ର ଦୁଇ ଦିନ ଭିତରେ ପାଖାପାଖି ୩୦ରୁ ଅଧିକ ଅବାଧ ଟ୍ରଲର ଚଳାଚଳ ନିଷିଦ୍ଧାଞ୍ଚଳ ମଧ୍ୟରେ ବିଚରଣ କରୁଛନ୍ତି। ଅଲିଭ ରିଡେଲଙ୍କ ପରିସଂସ୍ଥା କୁ ସୁରକ୍ଷା କରିବା ପାଇଁ ଯେଉଁ ଭଳି କଡାକଡି କଟକଣା ରହିବା କଥା ତାହା ଦେଖିବାକୁ ମିଳୁନି, ଏ ନେଇ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ବିଗତ ୨୦ ବର୍ଷରେ ଅବହେଳା ପ୍ରସଙ୍ଗକୁ ଉଲ୍ଲେଖ କରି ଚଳିତ ବର୍ଷ ଏହାର ସୁଧାର ଆଣିବାକୁ ଗୁରୁତ୍ୱରୋପ କରିଛନ୍ତି। ଏହା ସହ ଦେବୀ ନଦୀନାସିରୁ କେଳୁଣୀ ମୁହାଣ ପର୍ଯ୍ୟନ୍ତ ପାଟ୍ରୋଲିଂ ସମ୍ପୂର୍ଣ୍ଣ ଢିଲା ସମ୍ପର୍କରେ ଗୁରୁତ୍ୱ ଦେବାକୁ ନିବେଦନ କରିଛନ୍ତି।କଇଁଛଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିବା ସହିତ ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବା ନିହାତି ଜରୁରୀ ବୋଲି ଦାବୀ କରିଛନ୍ତି। ସୂଚନା ଥାଉକି ଅଲିଭି ରିଡେଲ ଆଗମନ ପରେ ପ୍ରଜନନ ପ୍ରକ୍ରିୟା ପାଇଁ ୪୫ରୁ ୬୦ଦିନ ଲାଗିଥାଏ। ପାଣିରେ ଭାସମାନ ଅବସ୍ଥାରେ ଏହି ପ୍ରକ୍ରିୟା ପାର କରିଥାନ୍ତି।

## ସତ୍ୟବାଦୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୂଳ ବିଷୟ ସହ ଯୋଡ଼ିବା: ଧର୍ମେନ୍ଦ୍ର

**ମଙ୍ଗଳପୁର/ଢେଙ୍କାନାଳ(ପିପିଏସ୍):**

- ସବୁ ସମସ୍ୟା ସମାଧାନର ଚାବିକାଠି ଶିକ୍ଷାରେ ଅନ୍ତର୍ନିହିତ ଅଛି
- ଶହୀଦ ବାଜି ରାଉତ ସାଧୀନତାକୁ ବୁଝିଥିବା କାରଣରୁ ବ୍ରିଟିଶମାନଙ୍କୁ ନଦୀ ପାର କରାଇ ଦେଇନଥିଲେ

ଆମକୁ ଆମ ଛାତ୍ରଛାତ୍ରୀଙ୍କ ଦକ୍ଷତା ବଢାଇବା ସହ ମାତୃଭାଷାରେ ଶିକ୍ଷା ପ୍ରଦାନ ତଥା ଶିକ୍ଷାର ମୂଳକୁ ମଜଭୂତ୍ କରିବାକୁ ହେବ । ଆମର ପରିଚୟ ଏବଂ ଅସ୍ମିତା କ’ଣ, ତା’ ଉପରେ ପିଲାମାନଙ୍କୁ ବିସ୍ତୃତ ଭାବେ ବୁଝାଇବା ପାଇଁ ପଡିବ । ଯେଉଁ ବ୍ୟକ୍ତି, ସମାଜ କିମ୍ବା ସମୂହ ତା’ର ମୂଳ ବିଷୟ ଏବଂ ଅସ୍ମିତା ସମ୍ପର୍କରେ ଅସ୍ପଷ୍ଟ, ସେହି ବ୍ୟକ୍ତି କେବେ ବି ଭବିଷ୍ୟତର ମାର୍ଗ ପ୍ରସ୍ତୁତ କରିପାରିବ ନାହିଁ ବୋଲି ଶନିବାର ଢେଙ୍କାନାଳ ଜିଲ୍ଲା ମଙ୍ଗଳପୁର ଠାରେ ସତ୍ୟବାଦୀ ସରକାରୀ ଉଚ୍ଚ ବିଦ୍ୟାଳୟର “ସୁବର୍ଣ୍ଣ ଜୟନ୍ତୀ ସମାରୋହ”ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଢେଙ୍କାନାଳ ମାଟିର ସୁଯୋଗ୍ୟ ସନ୍ତାନ ସାଧୀନତା ସଂଗ୍ରାମୀ ଶହୀଦ ବାଜି ରାଉତ ସାଧୀନତାକୁ ଭଲ ଭାବରେ ବୁଝିଥିବା କାରଣରୁ ବ୍ରିଟିଶମାନଙ୍କୁ ନଦୀ ପାର କରାଇନଥିଲେ । ଏଥିରେ ମୂଳ ବିଷୟ ଥିଲା ଦେଶପ୍ରେମ । ଏହି ଆଧାରରେ ପିଲାମାନଙ୍କୁ ଶିକ୍ଷାର ମୂଳ ଲକ୍ଷ୍ୟ ସହ ଯୋଡିବାକୁ ପଡିବ । ଆମ ଜୀବନ ସ୍ୱୟଂ ପାଇଁ ନୁହେଁ ବରଂ ସମୂହ ପାଇଁ । ଏହାକୁ ଛାତ୍ରଛାତ୍ରୀଙ୍କୁ ବୁଝାଇବା ପାଇଁ ପଡିବ । ସ୍କୁଲ ଶିକ୍ଷା ପାଇଁ ଯୋଜନା କରିବା ସହ ପିଲାମାନଙ୍କ ଜ୍ଞାନର ବିକାଶ, ବ୍ୟକ୍ତିତ୍ୱ, ଚରିତ୍ର ଗଠନର ଦାୟିତ୍ୱ ନେବା ପାଇଁ ପଡିବ । ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିକ ରାଜ୍ୟ ଭାବେ ସତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ୨୦୪୭ ସୁଦ୍ଧା ଦେଶ ସାଧୀନତାର ୧୦୦ ବର୍ଷ ପୂରଣ କରିବ । ବୈଷ୍ଣବ ଚରଣ ପଟ୍ଟନାୟକ, ଶହୀଦ ବାଜି ରାଉତ, ମହେଶ ଚନ୍ଦ୍ର ସୁବାହୁ ସିଂ, ସାରଙ୍ଗଧର ଦାସ ଓ ମୂଷା ମଲିକଙ୍କ ପରି ନେତୃତ୍ୱଙ୍କ ବିଚାରରେ ଦେଶସେବାରେ ବ୍ରତୀ ହୋଇ ୨୦୩୬ ଓ ୨୦୪୭ ମସିହା ସୁଦ୍ଧା ବୈଶ୍ୱିକ ନାଗରିକଙ୍କ କଲ୍ୟାଣ ପାଇଁ ଏବେ ଠାରୁ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଶ୍ରୀ ପ୍ରଧାନ ଅପିଲ କରିଛନ୍ତି ।



ସେ ଆହୁରି କହିଛନ୍ତି ଯେ ଶିକ୍ଷା କ୍ଷେତ୍ରରେ ଢେଙ୍କାନାଳ ସତନ୍ତ୍ର ଜିଲ୍ଲାର ଅଧିକାରୀ । ସବୁ ସମସ୍ୟାର ସମାଧାନର ଚାବିକାଠି ଶିକ୍ଷାରେ ଅନ୍ତର୍ନିହିତ ଅଛି । ଏଥିପାଇଁ ଏ ଅଞ୍ଚଳର ମହାପୁରୁଷମାନେ ଜିଲ୍ଲାର ବିକାଶ ପାଇଁ ଶିକ୍ଷାକୁ ଆୟୁଧ କରିଥିଲେ । କଳା, ସାହିତ୍ୟ ଓ ସଂସ୍କୃତିସମ୍ପନ୍ନ ଜିଲ୍ଲା ଢେଙ୍କାନାଳର ନାଗରିକମାନେ ଆତ୍ମବିଶ୍ୱାସୀ । ସତ୍ୟବାଦୀ ସରକାରୀ ହାଇସ୍କୁଲର ୫୦ ବର୍ଷ ପୂର୍ତ୍ତି ହେବା ଢେଙ୍କାନାଳ ଜିଲ୍ଲା ପାଇଁ ଏକ ଗୌରବମୟ ଉପଲବ୍ଧି । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ,ପୁରାତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ କାର୍ଯ୍ୟକାରୀ ହୋଇଥିବା ଜାତୀୟ ଶିକ୍ଷା ନୀତିରେ ସାମର୍ଥ୍ୟ ବା ଯୋଗ୍ୟତା, ମାତୃଭାଷାରେ ଶିକ୍ଷା ପ୍ରଦାନ, ଶିକ୍ଷାର ମୂଳକୁ ମଜଭୂତ୍ କରିବା ଉପରେ ବିଶେଷ ପ୍ରାଧାନ୍ୟ ଦିଆଯାଇଛି । ଆଜି ଯେତେବେଳେ ଟେକ୍ନୋଲୋଜି ଯୁଗରେ ଡିଗ୍ରୀ ଓ ସାର୍ଟିଫିକେଟ୍ ଅପେକ୍ଷା ଦକ୍ଷତା ଅଧିକ ମହତ୍ତ୍ୱ ରଖୁଛି, ସେହି ସମୟରେ ଅନେକ ମହାପୁରୁଷଙ୍କ ଦ୍ୱାରା ପ୍ରତିଷ୍ଠା ହୋଇ ବଟବୃକ୍ଷର ରୂପ ନେଇଥିବା ସତ୍ୟବାଦୀ ସରକାରୀ ହାଇସ୍କୁଲ ଢେଙ୍କାନାଳରେ ଶିକ୍ଷାର ପରମ୍ପରାକୁ ଆଗକୁ ନେବ ବୋଲି ସେ କହିଛନ୍ତି ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ସତ୍ୟବାଦୀ ସରକାରୀ ଉଚ୍ଚ ବିଦ୍ୟାଳୟର “ସୁବର୍ଣ୍ଣ ଜୟନ୍ତୀ ସମାରୋହ” ଅବସରରେ ଏକ ସ୍ମରଣିକା ଉନ୍ମୋଚନ ସହ ସ୍କୁଲର ପ୍ରତିଷ୍ଠାତା ସଦସ୍ୟମାନଙ୍କ ପରିବାରକୁ ସମ୍ମାନିତ କରିଥିଲେ । ଏହା ପୂର୍ବରୁ ଶ୍ରୀ ପ୍ରଧାନ ସ୍କୁଲ ପରିସରରେ ଆୟୋଜିତ ‘ରକ୍ତଦାନ ଶିବିର’ରେ ଯୋଗଦେବା ସହ ପୃଥକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ଏପରି ସାମାଜିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିକୁ ଧନ୍ୟବାଦ ଦେବା ସହ ଏହି କାର୍ଯ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଜସେବା ଓ ପରିବେଶ ସୁରକ୍ଷାର ମନୋଭାବ ତିଆରି କରିବ ବୋଲି କହିଥିଲେ ।

# ନନ୍ଦନକାନନରେ ୪ ବାଘ ଛୁଆକୁ ଜନ୍ମଦେଲା ରୂପା



**ଭୁବନେଶ୍ୱର,(ପିପିଏସ୍):**

ନନ୍ଦନକାନନରେ ବାଘୁଣୀ ରୂପା ପୁଣି ଥରେ ମା ହୋଇଛି । ରୂପା ଆଜି ସକାଳେ ନନ୍ଦନକାନନରେ ୪ଟି ଛୁଆକୁ ଜନ୍ମ ଦେଇଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ସମସ୍ତ ଶାବକ ସୁସ୍ଥ ଅଛନ୍ତି । ମା’ ରୁପା ସହ ୪ ବାଘ ଶାବକଙ୍କୁ ସିସିଟିଭି ନଜରରେ ରଖା ଯାଇଛି । ଧଳା ବାଘୁଣୀ ରୁପା ତୃତୀୟ ଥର ପାଇଁ ମା’ ହୋଇଥିବା ସୂଚନା ଦିଆଯାଇଛି ।

# ପବିତ୍ର ଗୋବର୍ଦ୍ଧନ ପୂଜା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,(ପିପିଏସ୍):**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ଗୋବର୍ଦ୍ଧନ ପୂଜା ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ପବିତ୍ର ଗୋବର୍ଦ୍ଧନ ପୂଜା ଉପଲକ୍ଷେ ରାଜବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ ଶ୍ରୀକୃଷ୍ଣଙ୍କ ଅପାର କରୁଣାରୁ ସମସ୍ତେ ସୁଖ, ଶାନ୍ତି ଓ ନିରାମୟ ଜୀବନଯାପନ କରନ୍ତୁ।

# ଡାକ ବିଭାଗ ତରଫରୁ ଜାତୀୟ ସତର୍କତା ସଚେତନତା ସପ୍ତାହ

ବାରିପଦା (ପିପିଏସ୍): ଅକ୍ଟୋବର ମାସ ୨୮ରୁ ଆରମ୍ଭ ହୋଇଥିବା ଜାତୀୟ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ମୟୁରଭଞ୍ଜ ଡାକ ମଣ୍ଡଳ ଅଫିସ ତରଫରୁ ଏକ ୱାକାଥନ ର ଆୟୋଜନ ହୋଇଯାଇଛି। ୱାକାଥନ ରେ ଡାକ କର୍ମଚାରୀଙ୍କ ସମେତ ସାଧାରଣ ଜନତା ମଧ୍ୟ ଭାଗ ନେଇଥିଲେ। ମୟୁରଭଞ୍ଜ ଡାକ ମଣ୍ଡଳର ଅଧିକ୍ଷକ ବସନ୍ତ କୁମାର ସିଂହ ଏବଂ ବାରିପଦା ଭିଜିଲାନ୍ସ ଅଫିସର ପୋଲିସ ସହ ଅଧିକ୍ଷକ ହରେକୃଷ୍ଣ ମାଝୀ ମିଳିତ ଭାବରେ ଏହି ୱାକାଥନ କୁ ଶୁଭାରମ୍ଭ କରିଥିଲେ। ଏବର୍ଷର ବାର୍ତ୍ତା 'ସତ୍ୟ ଏବଂ ନିଷ୍ଠାର ସଂସ୍କୃତିରେ ରାଷ୍ଟ୍ରର ସମୃଦ୍ଧି'କୁ ନେଇ ସାନ୍ତାଳୀ ଭାଷାରେ ରଚିତ ଗୀତରେ ସ୍ଥାନୀୟ ଆର୍ଟ ଏବଂ କ୍ରାଫ୍ଟର କଳାକାରମାନଙ୍କ ଦ୍ୱାରା ପଥ ପ୍ରାନ୍ତ ନୃତ୍ୟ ପରିବେଷଣ କରାଯାଇଥିଲା। ୱାକାଥନ ବଡବଜାରରୁ ଆରମ୍ଭ ହୋଇ ମୁଖ୍ୟ ମାର୍କେଟ, ଜିଲ୍ଲାପାଳ କାର୍ଯ୍ୟାଳୟ, କଚେରୀ ମାର୍କେଟ ହୋଇ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପାଖରେ ଶେଷ ହୋଇଥିଲା। ଡାକ ସହ-ଅଧିକ୍ଷକ ପ୍ରଣବ କୁମାର ମିଶ୍ର, ଡାକ ନିରୀକ୍ଷକ କୁଶାଳ ମୋହାଲିଙ୍କ ସମେତ ବିଭୁଦତ୍ତ ସାହୁ, ଅନିରୁଦ୍ଧ ମହାପାତ୍ର, ସଞ୍ଜୟ ଦାସ ପ୍ରମୁଖ ଏହି ୱାକାଥନ ପରିଚାଳନାରେ ସହଯୋଗ କରିଥିଲେ।

### ଅଲିଭ ରିଡ଼ଲେ କଇଁଛ ପାଇଁ ସୁରକ୍ଷା

# ମାଛଧରା ଉପରେ ଲାଗିଲା କଟକଣା



କୋଣାର୍କ (ପିପିଏସ୍): ସମୁଦ୍ରରେ ମାଛ ଧରିବା ଉପରେ ଲାଗିଲା କଟକଣା। ନଭେମ୍ବର ୧ରୁ ଆସନ୍ତା ମେ ୩୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଅଲିଭି ରିଡ୍‌ଲ କଇଁଛଙ୍କ ସଙ୍ଗମ ଅଣ୍ଡାଦାନ ଋତୁ ଆସୁଥିବାରୁ ସେମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡିଛି। କଟକଣାକୁ ଉଲ୍ଲଘନ କଲେ ଡ଼ଙ୍ଗା ଓ ଟ୍ରଲର ଜବତ ସହିତ ଜୋରିମାନା ବ୍ୟବସ୍ଥା ମଧ୍ୟ କରାଯାଇଛି। ଦେବୀନଦୀ ଠାରୁ ରାମଚଣ୍ଡୀ ମୁହାଣ ସମୁଦ୍ରର

ନିର୍ଦ୍ଦିଷ୍ଟ ଅଞ୍ଚଳରେ ମାଛ ଧରିବା ଉପରେ ଲାଗିଲା ରୋକ। ଅଣ୍ଡାଦାନ ସମୟ ହେତୁ କଇଁଛଙ୍କୁ ସୁରକ୍ଷା ଦେବା ପାଇଁ ମତ୍ସ୍ୟବିଭାଗ, ଜଙ୍ଗଲ ବିଭାଗ ପକ୍ଷରୁ ଏହି କଟକଣା ଲାଗିଛି। ସମୁଦ୍ର କୂଳ ଠାରୁ ଭିତରକୁ ୫ କିଲୋମିଟର ପରିଧି ମଧ୍ୟରେ ମାଛ ଧରାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ଯନ୍ତ୍ରଚାଳିତ ଡଙ୍ଗା, ବୋଟ ଚଳାଚଳ ଉପରେ ରୋକ୍ ଲାଗିଛି। ଏହି ସମୟରେ ମାଛ ଧରା ଉପରେ ତଟରକ୍ଷୀ ବାହିନୀ, ମତ୍ସ୍ୟବିଭାଗ ଏବଂ ଜଙ୍ଗଲବିଭାଗ, ସାମୁଦ୍ରିକ ଥାନାପକ୍ଷରୁ ମିଳିତ ପେଟ୍ରୋଲିଙ୍ଗ କରାଯିବ। ମାଛ ଧରା କଟକଣାକୁ ଉଲ୍ଲଘଂନ କଲେ ଟ୍ରଲର, ଡଙ୍ଗା ଜବତ କରାଯିବା ସହ ଜୋରିମାନା ଲଗାଯିବ ବୋଲି ଜଣାପଡିଛି। ପ୍ରତିବର୍ଷ ନଭେମ୍ବର ୧ରୁ ମେ ୩୧ ତାରିଖ ମଧ୍ୟରେ ବିରଳ ପ୍ରଜାତିର ଅଲିଭି ରିଡେଲ କଇଁଛ ଆଗମନ, ସଙ୍ଗମ ଓ ଅଣ୍ଡାଦାନ ପାଇଁ ସମୁଦ୍ର ମଧ୍ୟକୁ ଆସିଥାନ୍ତି। ତେବେ ସମୁଦ୍ର ମଧ୍ୟରେ ମୋଟର ଚାଳିତ ଡଙ୍ଗା, ଟ୍ରଲର ଚଳାଚଳ ଯୋଗୁଁ ବହୁ ସଂଖ୍ୟାରେ କଇଁଛ ମୃତ୍ୟୁ ବରଣ କରିଥାନ୍ତି। ଏଣୁ ଏମାନଙ୍କୁ ସୁରକ୍ଷା ଯୋଗାଇ ଦେବାପାଇଁ ମାଛ ଧରା ଉପରେ କଟକଣା ଲାଗିଛି। ପରିବେଶ ସୁରକ୍ଷା ଓ ସମୁଦ୍ରରେ ସନ୍ତୁଳନ ରକ୍ଷା ଦିଗରେ ଅଲିଭି ରିଡ୍‌ଲ କଇଁଛଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ସେମାନଙ୍କ ସୁରକ୍ଷା ସହ ଅଣ୍ଡାଦାନ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ।

# ଦୀପ୍ସା କିନ୍ନରର ମାତା ପୂଜା

କୋଣାର୍କ(ପିପିଏସ): ବିଶ୍ୱର ଶାନ୍ତି କାମନା କରି କୋଣାର୍କ କିନ୍ନର ସମାଜ ପକ୍ଷରୁ ପବିତ୍ର ଦୀପାବଳୀ ପୂଜା ଅବସରରେ ବୋହୂଚୋରୀ ମାତା ପୂଜା ଅନୁଷ୍ଠିତ ହୋଇଯାଇଛି। କୋଣାର୍କ କିନ୍ନର ସଙ୍ଘର ମୁଖ୍ୟା ଦୀପା କିନ୍ନରଙ୍କ ନେତୃତ୍ୱରେ କିନ୍ନର ଗୁରୁବାର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପବିତ୍ର ଜଳ କଳସିରେ ଧାରଣ କରି ଏକ ଶୋଭାଯାତ୍ରାରେ ଆସି ବୋହୂଚୋରୀ ମାତାଙ୍କ ପୂଜା ମଣ୍ଡପରେ ପହଞ୍ଚିବା ପରେ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହା ପରେ ପୂଜା ମଣ୍ଡପ ନିକଟରେ ସମବେତ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବନରେ ଆପ୍ୟାୟିତ କରାଯାଇଥିଲା। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏହି ପୂଜା ଆୟୋଜନ କରାଯାଇଥିବା ଦୀପା କିନ୍ନର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଚିନୁ କିନ୍ନର, ଶିବାନୀ କିନ୍ନର, ଶାନ୍ତି କିନ୍ନର, କାଜଲ କିନ୍ନର, ସୁକାନ୍ତି କିନ୍ନର, ରାନି କିନ୍ନର ପ୍ରମୁଖ ସହଯୋଗ କରିଥିଲେ।

# ରେଢୁଆ ବିସି କଲେଜରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ଦାବି ଜୋର

ରଘୁନାଥପୁର (ପିପିଏସ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲାଯିବା ନେଇ ଦୃଢ ଦାବି ହେଉଛି। ଏ ନେଇ ବିଭିନ୍ନ ଗ୍ରାମ ମାନଙ୍କରେ ଘନ ଘନ ବୈଠକ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ଆସନ୍ତା ନଭେମ୍ବର ୧୧ ତାରିଖରୁ ଗଣ ସତ୍ୟାଗ୍ରହ ସହ ଆନ୍ଦୋଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ଶନିବାର ସାମାଜିକ କର୍ମୀ ସ୍ନେହାଂଶୁ ଜେନା ଓ ଦେବୀପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଅଚ୍ୟୁତପୁର ଓ ଗୋକୁଳପୁର ଗ୍ରାମର ଲୋକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମବାସୀ ସୋମନାଙ୍କ ମତାମତ ଉପସ୍ଥାପନ କରିବା ସହ ଆନ୍ଦୋଳନ ପାଇଁ ପୂର୍ଣ୍ଣ ସମର୍ଥନ ଯୋଗାଇ ଦେବାକୁ ନିର୍ଭର ପ୍ରସ୍ତୁତି ଦେଇଥିବା ସାମାଜିକ କର୍ମୀ ଜେନା ପ୍ରକାଶ କରିଛନ୍ତି। ଅଚ୍ୟୁତପୁର ଆଖପାଖ ୪ଟି ବ୍ଲକର ୪୦ ଗୋଟି ପଞ୍ଚାୟତର ମଧ୍ୟବର୍ତ୍ତୀରେ ରହିଥିବା ଉକ୍ତ କଲେଜରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲାଗଲେ ଛାତ୍ରଛାତ୍ରୀମାନେ ଉପକୃତ ହେବା ସହ ସେମାନଙ୍କ ଆଉ ଦୂରକୁ ଯାଇ ପାଠପଢ଼ା ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡିବ ନାହିଁ ବୋଲି ମହାରଣା ପ୍ରକାଶ କରିଛନ୍ତି। ଏଣୁ ସରକାର ଅଞ୍ଚଳବାସୀଙ୍କ ଦାବିକୁ ସହୃଦୟତାର ସହ ବିଚାର କରି ଏଠାରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ଅନୁମତି ଦେବାକୁ ଉଭୟ ଜେନା ଓ ମହାରଣା ଅନୁରୋଧ କରିଛନ୍ତି।

# ହାଇକୋର୍ଟର ନୂତନ ଏଜିଏ ତପନ ଦାଶଙ୍କୁ ପାରାଦୀପରେ ସମ୍ବର୍ଦ୍ଧନା



ପାରାଦୀପ (ପିପିଏସ୍): ହାଇକୋର୍ଟର ନୂତନ ଅତିରିକ୍ତ ସରକାରୀ ଓକିଲ (ଏଜିଏ) ବା ଅତିରିକ୍ତ ସରକାରୀ ଓକିଲ ତପନ କୁମାର ଦାଶଙ୍କୁ ପାରାଦୀପରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ 'ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟ' ଆନୁକୂଲ୍ୟରେ ପାରାଦୀପ ପୋର୍ଟ କ୍ଲବ ପରିସରରେ ଶନିବାର ଦିନ ଆୟୋଜିତ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆଇନଜୀବୀ ଶ୍ରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟ ର ଉପଦେଷ୍ଟା ରବିନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଟ୍ରଷ୍ଟର ଅଧ୍ୟକ୍ଷ ରତ୍ନାକର ସାହୁ, କାର୍ଯ୍ୟକର୍ତ୍ତା ସୁଧାଂଶୁ ନାୟକ, ପ୍ରଶାନ୍ତ ସ୍ୱାଇଁ, ସମ୍ପାଦକ ଭାରତୀ ପ୍ରମୁଖଙ୍କ ସମେତ ପାରାଦୀପ ଗ୍ରୀନ ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକ, ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ, ବରିଷ୍ଠ ସାମ୍ବାଦିକ ଶୁଭଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ନାରାୟଣ ବେହେରା, ପ୍ରଭାକର ସାହୁ, ରତ୍ନାକର ଜେନା, ବିରଜା ତ୍ରିପାଠୀ, ପ୍ରୀତିରଞ୍ଜନ ମହାପାତ୍ର, ମନୋଜ ଦାସ, ବିବେକାନନ୍ଦ ରାଉତ, ପୁରୁଷୋତ୍ତମ ଶତପଥୀ,ଦବାନନ୍ଦ ବେହେରା, ବିରଜା ସେଠୀ ପ୍ରମୁଖ ଉପସ୍ଥିତ ରହି ଆଇନଜୀବୀ ତପନ କୁମାର ଦାଶଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଶୁଭକାମନା ଜଣାଇଥିଲେ।

### ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# 'ନୀତିରୁ ବିଚଳିତ ହେବା ହିଁ ଦୁର୍ନୀତି'



ବ୍ରହ୍ମପୁର(ପିପିଏସ୍): ଦୁର୍ନୀତିର ପରିଭାଷା ବ୍ୟାପକ ଶୃଙ୍ଖଳାଗତ ନୀତି ନିୟମରୁ ବିଚ୍ୟୁତି ହେବା ହିଁ ଦୁର୍ନୀତି। ପ୍ରତ୍ୟେକ ନାଗରିକ ନିଜ ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ନୀତିରୁ ବିଚଳିତ ନହୋଇ କାର୍ଯ୍ୟ କରିବା ବିଧେୟ ତେବେ ଯାଇ ଦୁର୍ନୀତିର ଲୋପ ହୋଇପାରିବ ବୋଲି ଦକ୍ଷିଣାଞ୍ଚଳ ଡିଆଇଜି ଡା.ସାର୍ଥକ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଣାଇଥିଲେ। ବ୍ରହ୍ମପୁର ଦୁର୍ନୀତି ନିବାରଣ ଖଣ୍ଡ ଦ୍ୱାରା ବ୍ରହ୍ମପୁର ମହାନଗର ନିଗମ ସଭାଗୃହ ପ୍ରକୋଷ୍ଠରେ ସଚେତନତା ସଭାରେ ଯୋଗଦେଇ ଶ୍ରୀ ଷଡଙ୍ଗୀ କହିଥିଲେ ଯେ, ପ୍ରତ୍ୟେକ ମଣିଷ ନିଜ ଆଚାର ବ୍ୟବହାରରେ ସଠିକ୍ ରହିଲେ ଦେଶରୁ ଦୁର୍ନୀତି ହଟିବ, ଦେଶ ପ୍ରଗତି ପଥରେ ଆଗେଇବ। ସେହି ସଂସ୍କୃତିକୁ ଉଦ୍‌ଜିବୀତ କରିବାର ବେଳ ଆସିଛି। ଅନ୍ୟତମ ଅତିଥି ଭାବେ ଯୋଗଦେଇ ବ୍ରହ୍ମପୁର ଏସ୍‌ପି ଡା.ଶ୍ରାବଣୀ ବିବେକ ଏମ୍. କହିଥିଲେ ଯେ, ସାରା ଭାରତ ବର୍ଷରେ ଓଡିଶା ଭିଜିଲାନ୍ସ ସୁନାମ ବଜାୟ ରଖିଛି। ଓଡିଶାରେ ଭିଜିଲାନ୍ସ ପ୍ରଶିକ୍ଷଣ ଏକାଡେମୀ ରହିଛି ଯାହାକି ଭାରତରେ ପ୍ରଥମ। ଦୁର୍ନୀତିକୁ ରୋକିବାରେ ଓଡିଶା ଦୁର୍ନୀତି ବିଭାଗର କାର୍ଯ୍ୟଶୈଳୀ ନିଆରା। ଆମ ପାଖରେ ଦୁର୍ନୀତିକୁ ଧରିବା ପାଇଁ ଅନେକ ସମ୍ବଳ ରହିଛି। ସେଗୁଡିକର ସଠିକ୍ ପରିଚାଳନା ଦ୍ୱାରା ଅନେକ ଅସାଧୁ ଲୋକଙ୍କୁ ଧରିବାରେ ସକ୍ଷମ ହୋଇଛି। ପରବର୍ତ୍ତି ଦିନ ମାନଙ୍କରେ ଏହି ବିଭାଗର କାର୍ଯ୍ୟ ଆହୁରି ବ୍ୟାପକ ହେବାକୁ ଯାଉଛି। ସାଇବର ଅପରାଧକୁ ରୋକିବା ସକାଶେ ଅନେକ ବୈଷୟିକ ଜ୍ଞାନ କୌଶଳ ରହିଛି ତାହାରି ବଳରେ ଅନେକେ ଧରା ପଡିଛନ୍ତି ଏବଂ ଅନେକେ ଧରା ପଡିବେ। ଅତ୍ୟାଧୁନିକ ଲ୍ୟାବ ରହିଛି। ଆଗକୁ ଫରେନସିକ୍ ଲ୍ୟାବ ମଧ୍ୟ ପ୍ରତିଷ୍ଠା ହେବାକୁ ଯାଉଛି ବୋଲି ମତ ଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ନିଗମ କମିଶନର ଭବାନୀ ପ୍ରସାଦ ମିଶ୍ର କହିଥିଲେ ଯେ, ମଣିଷ ମସ୍ତିଷ୍କରେ କୌଣସି ପ୍ରକାର ସମାଜ ବିରୋଧି ପରିକଳ୍ପନା ନ ରହୁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶଶୀ ଭୂଷଣ ରଥ ମହିଳା ମହା ବିଦ୍ୟାଳୟ ଅଧ୍ୟକ୍ଷ ଡ.ଚିତ୍ତ ରଞ୍ଜନ ଶତପଥୀ ଜଣାଇଥିଲେ ଯେ, ପ୍ରତ୍ୟେକ ନାଗରିକ ଦୁର୍ନୀତି ରୋକିବା ଦିଗରେ ଗୁଣ୍ଡିଚି ମୂଷାର ଭୂମିକା ଗ୍ରହଣ କରିବା ଉଚିତ୍।

ବ୍ରହ୍ମପୁର ଦୁର୍ନୀତି ନିବାରଣ ଖଣ୍ଡ ଆରକ୍ଷୀ ଅଧୀକ୍ଷକ ଗଣେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଦୁର୍ନୀତି ନିବାରଣ ବିଭାଗର କାର୍ଯ୍ୟକାରିତା ଏବଂ କିଭଳି ପଦକ୍ଷେପ ଗ୍ରହଣ କରାଯାଉଛି ତାହା ବ୍ୟକ୍ତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଭିଜିଲାନ୍ସ ଡିଏସ୍‌ପି ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦିବସ ଉପଲକ୍ଷେ ଆୟୋଜିତ ପ୍ରବନ୍ଧ ଲିଖନ, ବକ୍ତୃତା ଏବଂ କାର୍ଟୁନ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା କାର୍ଯ୍ୟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ସାମ୍ବାଦିକ ତଥା ଦୁର୍ନୀତି ବିଭାଗୀୟ ଅଧିକାରୀ, କର୍ମଚାରୀଗଣ ଉପସ୍ଥିତ ଥିଲେ।

# ଜୟକିଷାନ କୋ-ଅପରେଟିଭ ସୋସାଇଟିର ସ୍ୱନକ୍ଷତ୍ର ଦିବସ

ରଘୁନାଥପୁର (ପିପିଏସ୍): ସାଧାରଣ ଜନତାଙ୍କହିତ ସାଧନ ପାଇଁ କାର୍ଯ୍ୟ କରୁଥିବା ରଘୁନାଥପୁର ବ୍ଲକ ତାରପୁରସ୍ଥିତ ଜୟ କିଷାନ ମଲ୍ଟିପରପସ କୋପରେଟିଭି ସୋସାଇଟିର ୨୯ ତମ ସ୍ୱନକ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ଚଣ୍ଡି ପ୍ରସାଦ ସିଂହ ପୌରହିତ କରିଥିଲେ। ଏଥିରେ ଅନୁଷ୍ଠାନ ଭାଷା ଓ ଭାବନାର ସମ୍ପାଦକ ସୁକାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋସାଇଟିର କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ବିଶେଷକରି ଅଧିକରୁ ଅଧିକ ମହିଳାମାନେ ସହଯୋଗର ହାତ ବଢାଇବାକୁ ପ୍ରଧାନ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସୁଶ୍ରୀ ଗୀତା ରଥ ଯୋଗଦେଇ କୋପରେଟିଭି ଆନ୍ଦୋଳନରେ ବିନୋଭାଙ୍କ ଭୂମିକା ସମ୍ପର୍କରେ ରେଖାପାତ କରିଥିଲେ। ଏହାଛଡା ଗାଁରେ କୋଠଚାଷ କରି କୋପରେଟିଭିକୁ ନୂତନ ମାର୍ଗରେ ପହଞ୍ଚାଇବା ଏବଂ ପରସ୍ପର ମଧ୍ୟରେ ଭାଇଚାରା ସମ୍ପର୍କକୁ ମଜବୁତ କରିପାରିବା ବୋଲି ସୁଶ୍ରୀ ରଥ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ନିରୀକ୍ଷକ କୋପରେଟିଭି ବିଭାଗ ଶଶୀ ଶେଖର ରଥ ଅନୁଷ୍ଠାନ ଜରିଆରେ ନିଯୁକ୍ତି ସୁଯୋଗ ଓ ସାଧାରଣଜନତାଙ୍କୁ ସେବା ଉପଲବ୍ଧ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଅନୁଷ୍ଠାନର ସଭ୍ୟାସଭ୍ୟ ଓ କର୍ମଚାରୀଙ୍କୁ ବେଷ୍ଟ କୋଅପରେଟିଭ ଆୱାର୍ଡ ପ୍ରଦାନ କରାଯାଇଥିଲା। ଏହାଛଡା କାର୍ଯ୍ୟରତ ସମସ୍ତ ସଭ୍ୟାସଭ୍ୟ ମାନଙ୍କୁ ଅତିଥି ମାନେ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜଗନ୍ନାଥ ଚେତନାର କଥାବାଚକ ସୁଧିର କୁମାର ସାହାଣୀ, ଅଧାପକ ଓ ସମାଜ ସେବି ଲତିଫ ମହମ୍ମଦ, ଆଇ.ଡି.ଏଫ.ସି ବ୍ୟାଙ୍କ ଜଗତସିଂହପୁର ଶାଖା ପ୍ରବନ୍ଧକ ଦିବ୍ୟଜ୍ୟୋତି ଦାଶ ଏବଂ ଉଜ୍ଜୀବନ ବ୍ୟାଙ୍କର ଶାଖା ପ୍ରବନ୍ଧକ ଦେବରାଜ ପାତ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ହିତସାଧନ ପାଇଁ ଆହ୍ୱାନ ଦେଇଥିଲେ। ଉପସଭାପତି ଶକୁନ୍ତଳା ପରିଜା ଅତିଥି ପରିଚୟ ଓ ସମ୍ପାଦକ ନିମାଇଁ ଚରଣ ମହାନ୍ତି ବିବରଣୀ ପଠନ କରିଥିଲେ। ମନୋଜ ସ୍ୱାଇଁ, ଲକ୍ଷ୍ମଣ ଦାଶ, ହିମାଂଶୁ ଶେଖର ପଟ୍ଟନାୟକ, ରାକେଶ ବିଶ୍ୱାଳ,ସୁଶୀଲ କୁମାର ନାୟକ ଓ ସୀମା ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶାଖା ପ୍ରବନ୍ଧକ ନାରାୟଣ ଚନ୍ଦ୍ର ଗିରି ଧନ୍ୟବାଦ ଦେଇଥିଲେ।

### ଆମ୍ବ ଟାକୁଆ ଖାଇ ୨ଜଣ ମୃତ ଘଟଣା

# ଏମ୍‌କେସିଜିରେ ଅସୁସ୍ଥଙ୍କୁ ଭେଟିଲେ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା



ବ୍ରହ୍ମପୁର(ପିପିଏସ୍): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ୍ ଅନ୍ତର୍ଗତ ଗଦାପୁର ପଞ୍ଚାୟତର ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆ ଖାଇ ୨ଜଣଙ୍କ ମୃତ୍ୟୁ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହାସହ ୬ଜଣ ଅସୁସ୍ଥ ହୋଇ ବ୍ରହ୍ମପୁର ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ବେଳେ ଘଟଣାକୁ ନିନ୍ଦାକରି ଶନିବାର କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ବ୍ରହ୍ମପୁର ଏମ୍‌କେସିଜିରେ ପହଞ୍ଚି ମେଡିସିନ୍ ବିଭାଗରେ ଚିକିତ୍ସିତ ହେଉଥିବା ୬ଜଣ ଅସୁସ୍ଥଙ୍କୁ ଭେଟି ଆଲୋଚନା କରି ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହାସହ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ଅସୁସ୍ଥମାନଙ୍କ ସହ ଆଲୋଚନା ପରେ କାମ ଅଭାବ ସହ ଚାଉଳ ମିଳୁନଥିବାରୁ ଆମ୍ବ ଟାକୁଆ ଖାଇବାକୁ ସେମାନେ ବାଧ୍ୟ ହୋଇଛନ୍ତି। ଯାହାଫଳରେ ଏଭଳି ଘଟଣା ଘଟିଛି। ଏଣୁ ସରକାର ପର୍ଯ୍ୟାପ୍ତ ପରିମାଣର ଚାଉଳ ଯୋଗାଇଦେବାକୁ ସେ ଦାବି କରିଛନ୍ତି। ଏହାସହ କଂଗ୍ରେସର ଏକ ଟିମ୍ ଶ୍ରୀ ଜେନାଙ୍କ ନେତୃତ୍ୱରେ ମାଣ୍ଡିପଙ୍କା ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ଶ୍ରୀ ଜେନାଙ୍କ ଗସ୍ତ ସମୟରେ ଜିଲ୍ଲା କଂଗ୍ରେସ ସଭାପତି ଦୀପକ ପଟ୍ଟନାୟକ, ସାଇରାମ ପାତ୍ର, ଦଣ୍ଡପାଣି ପାତ୍ରଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ସିପିଆଇ(ଏମ୍) ପକ୍ଷରୁ ଘଟଣାକୁ ନିନ୍ଦା

ବ୍ରହ୍ମପୁର(ପିପିଏସ୍): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ୍ ଅନ୍ତର୍ଗତ ଗଦାପୁର ପଞ୍ଚାୟତର ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆ ଖାଇ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଅସୁସ୍ଥ ହୋଇ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣାକୁ ନିନ୍ଦାକରି ସିପିଆଇ(ଏମ୍)ର ଏକ ପ୍ରତିନିଧି ଦଳ ଏମ୍‌କେସିଜି ମେଡିସିନ୍ ବିଭାଗକୁ ଯାଇ ଘଟଣାକୁ ନିନ୍ଦା କରିବା ସହ ଓଡ଼ିଶା ରାଜ୍ୟ ପାଇଁ ଏକ କଳଙ୍କିତ ଘଟଣା ବୋଲି ସିପିଆଇ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା କହିଛନ୍ତି। ପୀଡିତାଙ୍କ ପାଖରେ ଉପସ୍ଥିତ ଥିବା ଗଦାପୁର ସରପଞ୍ଚଙ୍କ କହିବା ପ୍ରକାରେ ଗତ ୩ମାସ ଧରି ରାସନ ସାମଗ୍ରୀ ନ ମିଳିବା ଯୋଗୁ ଜୀବନ ବିକଳରେ ଗରିବ ଲୋକମାନେ ଆମ୍ବ ଟାକୁଆ ଜାଉ କରି ଖାଇବାକୁ ବାଧ୍ୟ ହୋଇଛନ୍ତି। ଫଳରେ ଏଭଳି ଘଟଣା ଘଟିଲା। ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ସହ ପୀଡିତା ମାନଙ୍କୁ ସୁସ୍ଥ ହେବା ପର୍ଯ୍ୟନ୍ତ ଉନ୍ନତମାନର ଚିକିତ୍ସା, ଖୁବ୍‌ଶୀଘ୍ର ମୁଣ୍ଡ ପିଛା ୧୦କେଜି ଲେଖାଏଁ ଚାଉଳ ଯୋଗାଇଦେବା ପାଇଁ ସିପିଆଇ(ଏମ୍) ପକ୍ଷରୁ ସରକାରଙ୍କ ପାଖରେ ଦାବି କରାଯାଇଛି।

# ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ପାରାଦୀପ (ପିପିଏସ୍): ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ବାର୍ଷିକୀକୁ ସାରା ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ସର୍ଦ୍ଦାର ପଟେଲଙ୍କ ୧୪୮ତମ ଜନ୍ମ ବାର୍ଷିକୀ ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ଗୁରୁବାର ଦିନ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପୁଷ୍ପମାଲ୍ୟ ପ୍ରଦାନ କରି ସର୍ଦ୍ଦାର ପଟେଲଙ୍କ ସ୍ମୃତିଚାରଣ କରିଥିଲେ। ଏହା ପରେ ପାରାଦୀପ ବନ୍ଦରାଧ୍ୟକ୍ଷ ଓ ଅଧିକାରୀମାନେ ଭିଡିଓ କନଫରେନସିଂ ମାଧ୍ୟମରେ କେନ୍ଦ୍ର ବନ୍ଦର, ଜାହାଜ ଏବଂ ଜଳପଥ ମନ୍ତ୍ରାଳୟ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ରାଷ୍ଟ୍ରିୟ ଏକତା ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସାଂସଦ ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର(ପିପିଏସ୍): ଶନିବାର ପୂର୍ବାହ୍ନରେ ବ୍ରହ୍ମପୁର ସାଂସଦ ଡଃ.ପ୍ରଦୀପ ପାଣିଗ୍ରାହୀ ଓ ବିଧାୟକ କେ.ଅନୀଲ କୁମାର ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟକୁ ଯାଇ ଆଇନ୍‌ଜୀବୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନାକରି ସେମାନଙ୍କ ସମସ୍ୟାର ସମାଧାନ ଉପରେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସାଂସଦ ଓ ବିଧାୟକଙ୍କ ଗସ୍ତକୁ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସ୍ୱାଗତ କରିବା ସହ ବିଧାକୟ ଓ ସାଂସଦଙ୍କୁ ଉତ୍ସର୍ଗିକୃତ ସମ୍ବର୍ଦ୍ଧନା ଦେଇଛନ୍ତି। ଓକିଲ ସଂଘ ସଭାପତି ନୟନ ମହାପାତ୍ର ଓ ସମ୍ପାଦକ ବିରଞ୍ଚି ମହାପାତ୍ର, ଉପସଭାପତି ରାମପ୍ରସାଦ ପଣ୍ଡା, ଯୁଗ୍ମ ସମ୍ପାଦକ ଗିରିଜା ବେହେରାଙ୍କ ସମେତ ବରିଷ୍ଠ ଆଇନ୍‌ଜୀବୀ ପୀତବାସ ପଣ୍ଡା, ଅଶୋକ ଶୁକ୍ଳ, ବରୁଣ ଗୌଡ, ଅକ୍ଷୟ ପଟ୍ଟନାୟକ, ରଘୁନାଥ ପାଣିଗ୍ରାହୀ, ଡି.ପ୍ରସାଦ ଦୋରା, ପ୍ରସାଦ ରାଓ, ମୋହନ ସିଂଘାରୀ, ପ୍ରଦୀପ ପଟ୍ଟନାୟକଙ୍କ ସମେତ ବହୁ ଆଇନ୍‌ଜୀବୀ ସାଂସଦ ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦେବାସହ ଆଲୋଚନାରେ ସାମିଲ୍ ହୋଇଥିଲେ।

# ଆନ୍ଦୋଳନରେ ସାମିଲ ହେବନି ମଲ୍ଟି ଏକ୍ସିଲ ଟ୍ରକ୍ ମାଲିକସଂଘ

ବ୍ରହ୍ମପୁର (ପିପିଏସ୍): ଗୋପାଳପୁର ପୋର୍ଟରେ ଆନ୍ଦୋଳନ ଡାକରା ଦେଇଛନ୍ତି ଟ୍ରକ ମାଲିକ ସଂଘ। ବିଭିନ୍ନ ଦାବି ପୂରଣ ପାଇଁ ଟ୍ରକ ମାଲିକ ମାନେ ଆନ୍ଦୋଳନ ଡାକରା ଦେଇଥିବା ବେଳେ ଏଥିରେ ସାମିଲ ହେବନି ଗଞ୍ଜାମ ମଲ୍ଟି ଏକ୍ସିଲ ଟ୍ରକ୍ ମାଲିକ ସଂଘ। ସରକାରଙ୍କ ନୀତି ଓ ଆଦର୍ଶରେ ସଂଘ କାର୍ଯ୍ୟ କରିବା ସହ ପରିବହନ କ୍ଷେତ୍ରରେ ସମସ୍ତ ସହଯୋଗ କରିବ ବୋଲି ସମ୍ପାଦକ ବିକ୍ରମ କେଶରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ସଂଘର ସଭାପତି ହେବା ପରେ ଆଜି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। କିଛି ସଂଘ ନିଜର ସ୍ୱାର୍ଥ ପାଇଁ ଆନ୍ଦୋଳନ ଡାକରା ଦେଇଥିବାରୁ ଗଞ୍ଜାମ ମଲ୍ଟି ଏକ୍ସିଲ ଟ୍ରକ୍ ମାଲିକ ସଂଘ ଏହାର ବିରୋଧ କରୁଛି ବୋଲି ସେ କହିଛନ୍ତି। ଆଲୋଚନାରେ ସଭାପତି ବିଧାୟକ କେ.ଅନୀଲ କୁମାରଙ୍କ ସହ ସମ୍ପାଦକ, ଉପସଭାପତି ସସ୍ମିତା କୁମାରୀ ପାଣିଗ୍ରାହୀ, ସହସମ୍ପାଦକ ବିଦ୍ୟାଧର ସାହୁ, ସଂଘ ପ୍ରତିଷ୍ଠାତା ସଦସ୍ୟ ପତିତପାବନ ସାହୁଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବୋଇତ ବନ୍ଦାଣ ସାଙ୍ଗକୁ ବାଲିଯାତ୍ରା: କମ୍ପିବ ତାଳଦା ଦେବୀ ନଦୀ ପଠା

ଅସ୍ତରଙ୍ଗ (ପିପିଏସ୍): ଉତ୍କଳୀୟ ପରମ୍ପରାକୁ ଉଜ୍ଜୀବିତ କରିବାକୁ ଚଳିତ ବର୍ଷଠାରୁ ଆରମ୍ଭ ହେବାକୁ ଯାଉଛି ବୋଇତ ବନ୍ଦାଣ ଉତ୍ସବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତ ନିକଟବର୍ତ୍ତୀ ବିଜୁ ସେତୁ ପାର୍ଶ୍ୱବର୍ତ୍ତୀ ଦେବୀ ନଦୀ ପଠାରେ ଆରମ୍ଭ ହେବାକୁ ଯାଉଛି ବୋଇତ ବନ୍ଦାଣ ଉତ୍ସବ। ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡା ଓ ରବି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ତାଳଦା ପଞ୍ଚାୟତ ବୁଦ୍ଧିଜୀବି ମାନଙ୍କୁ ନେଇ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକଅନୁଷ୍ଠିତ ହୋଇଛି।

ଆସନ୍ତା ନଭେମ୍ବର ୧୪ତାରିଖ ରୁ ୧୮ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୪ ତାରିଖ ସନ୍ଧ୍ୟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବା ବେଳେ ୧୫ ତାରିଖ ସକାଳୁ ଦେବୀ ନଦୀପଠାରେ ଉପସ୍ଥିତ ଅତିଥି ମାନଙ୍କ ଗହଣରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପାରମ୍ପରିକ ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନ ପାଇବ। ୫ଦିନ ବ୍ୟାପି ଅସ୍ତରଙ୍ଗ ଓ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅଞ୍ଚଳବାସୀ ମନୋରଞ୍ଜନ ଖୋରାକ ଯୋଗାଇବ ମୀନା ବଜାର। ବୈଠକ ରେ ସଭାପତି ବିଜୟ କୁମାର ପଢିଆରୀ, ସମ୍ପାଦକ ଯଯାତି କେଶରୀ ସାହୁ, କୋଷାଧକ୍ଷ ଦିବାକର ସାହୁଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଂଚଳ ଜନପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ସଂଗ୍ରାମୀ ନେତା କୈଳାସ ମହାନ୍ତିଙ୍କ ପରଲୋକ

ଏରସମା, (ପିପିଏସ): ଜଗତସିଂହପୁର ଜିଲାର ବାଲିକୁଦା ବ୍ଲକର ତିତିରା ପଞ୍ଚାୟତର କେଉଟପାଳ ଗ୍ରାମରେ ଜନ୍ମିତ ସଂଗ୍ରାମୀ ନେତା ତଥା ସମାଜସେବୀ କୈଳାସ ଚନ୍ଦ୍ର ମହାନ୍ତିଙ୍କ ୭୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଶ୍ରୀ ମହାନ୍ତିଙ୍କ ବିୟୋଗରେ ତାଙ୍କ ଜନ୍ମ ସ୍ଥାନ ତିତିରା, ବୋରିକିନା ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ୬୦ ଦଶକରୁ ଜଣେ ସଂଗ୍ରାମୀ ନେତା ହିସାବରେ ବାଲିକୁଦା, ଜଗତସିଂହପୁର ଓ ଏରସମା ଅଞ୍ଚଳରେ ସାଧାରଣ ଜନତାର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ତାଙ୍କର ସାଲିସ ବିହୀନ ସଂଗ୍ରାମ ସବୁଦିନ ପାଇଁ ମନେ ରହିବ। ଶ୍ରୀ ମହାନ୍ତିଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ମହାନ୍ତିଙ୍କ ବିୟୋଗରେ ଜଗତସିଂହପୁର ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ବରିଷ୍ଠ ବିଜେପି ନେତା ସଞ୍ଜୟ ମହାନ୍ତି, ବରିଷ୍ଠ ଆଇନଜୀବୀ ବୀରନାରାୟଣ ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ରୁନିଲତା ବେହେରା, ଅବସରପ୍ରାପ୍ତ ଟ୍ରିବ୍ୟୁନାଲ୍ ଅଧ୍ୟକ୍ଷ ଉଲ୍ଲାସ ଚନ୍ଦ୍ର ମହାନ୍ତି ପ୍ରମୁଖଙ୍କ ସହିତ ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶ୍ରୀ ମହାନ୍ତିଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାର ସହୋଦର ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ରହିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନେଇ ଗ୍ରାମ୍ୟ ପରିକ୍ରମା କରିବା ପରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶ୍ରୀ ମହାନ୍ତିଙ୍କ ଜ୍ୟେଷ୍ଠପୁତ୍ର ଶିବ ଦତ୍ତ ମହାନ୍ତି (ହାପି) ମୁଖାଗ୍ନି ଦେଇଥିଲା ବେଳେ ଝିଅ ବିଚାରବିଭାଗୀୟ ଅଧିକାରୀ ଆଇନଜୀବୀ ଇପିସିତା ମହାନ୍ତି ଉପସ୍ଥିତ ରହିଥିଲେ।

# ପାରାଦୀପ କଳିଙ୍ଗ ବାଲିଯାତ୍ରା ପାଇଁ ଭୂମିପୂଜା



ପାରାଦୀପ (ପିପିଏସ୍): ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ପାରାଦୀପର କଳିଙ୍ଗ ବାଲିଯାତ୍ରା ମହୋତ୍ସବ ପାଇଁ ସମୁଦ୍ର ବେଳାଭୂମି ନିକଟସ୍ଥ ବିଜୁ ମୈଦାନ ପଡିଆ ଠାରେ ବୁଧବାର ଦିନ ଭୂମି ପୂଜା ଅନୁଷ୍ଠିତ ହୋଇଯାଇଛି। ନଭେମ୍ବର ୧୪ ରୁ ୨୦ ତାରିଖ ଦୀର୍ଘ ସାତଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବ ପାଇଁ ଆୟୋଜିତ ଭୂମି ପୂଜାରେ କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଭୂମି ପୂଜାରେ ନଡ଼ିଆ ବାଡେଇ ପ୍ରସ୍ତୁତି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ କମିଟିର ସୁମନ୍ତ ବିଶ୍ୱାଳ, ମାୟାଧର ରାଉତ, ସବିତା ମହାପାତ୍ର, ସୁବ୍ରତ ପ୍ରଧାନ, ଉଲ୍ଲାସ ବିଶ୍ୱାଳ, ସର୍ବେଶ୍ୱର ବଳିୟାରସିଂହ, ପ୍ରଦୀପ ସାହୁ ପ୍ରମୁଖ ବହୁ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ। ପାରାଦ୍ୱୀପରେ ଏହି ଉତ୍ସବ ୩୩ ବର୍ଷର ପଦାର୍ପଣ କରିବାକୁ ଯାଉଛି ଏବଂ ଏବର୍ଷ କଳିଙ୍ଗ ବାଲିଯାତ୍ରାରେ ରାଜ୍ୟ ଓ ରାଜ୍ୟ ବାହାରୁ ନାମିଦାମୀ କଳାକାରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହୋତ୍ସବକୁ ଉଦ୍‌ଘାଟନ କରିବାର ଯୋଜନା ରହିଛି।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ





ଜଗତସିଂହପୁର, (ପିପିଏସ୍): ଦୁର୍ନୀତି ଏପରି ଏକ ବିଷବୃକ୍ଷ ଯାହା ଦେଶ ତଥା ରାଜ୍ୟର ପ୍ରଗତି ପଥରେ ସାଜିଛି ପ୍ରତିବନ୍ଧକ। ତେଣୁ ଓଡିଶା ସରକାରଙ୍କ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୮ତାରିଖ ଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏଥିପାଇଁ ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ସଭାର ଆୟୋଜନ କରାଯାଇଥିଲା। 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି' ମୂଳମନ୍ତ୍ରରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ, ଜଗତସିଂହପୁର, ଅମରେନ୍ଦ୍ର ଦାସ ଉପସ୍ଥିତ ସମସ୍ତଙ୍କୁ ଦୁର୍ନୀତିକୁ ପ୍ରଶ୍ରୟ ନଦେଇ ସମସ୍ତଙ୍କ ସହଯୋଗରେ ଏହାକୁ ବିରୋଧ କରିବାକୁ କହିଥିଲେ। ବର୍ତ୍ତମାନ ସରକାରଙ୍କ ତରଫରୁ ସମସ୍ତ କାର୍ଯ୍ୟ ଅନଲାଇନ ଜରିଆରେ ହେଉଥିବାରୁ ସ୍ୱଚ୍ଛତା ଆସିପାରିଛି। ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ ସଚେତନତା ଓ ସହଭାଗିତା ଦ୍ୱାରା ଦୁର୍ନୀତିମୁକ୍ତ ସମାଜ ଗଠନ ସମ୍ଭବ ବୋଲି କହିଥିଲେ। ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ କହିଲେ ଯେ, ଦୁର୍ନୀତି ଏକ ବିକୃତ ମାନସିକତା ଏବଂ ସ୍ୱଚ୍ଛତା ଓ ସତ୍ୟନିଷ୍ଠତା ହିଁ ସମାଜରେ ପରିବର୍ତ୍ତନ ଆଣିପାରିବ। ଆଜିର ଏଆଇ ଯୁଗରେ ପ୍ଲାଟୋ, ମାର୍କସଙ୍କ ଆଦର୍ଶର ଉଦାହରଣକୁ ଦୃଷ୍ଟାନ୍ତ କରି ଚାରିତ୍ରିକ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ ଜିଲ୍ଲାପାଳ। ସମସ୍ତଙ୍କ ସହଯୋଗ ରେ ସଙ୍କୋଚତାର ସହିତ ଆମର ଭବିଷ୍ୟତ ପିଢି ପାଇଁ ଏକ ଦୁର୍ନୀତିମୁକ୍ତ ସୁସ୍ଥ ସମାଜ ଗଠନ ନିମନ୍ତେ, ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସର୍ବଦା ସତ୍ୟ ପଥରେ ଯିବାପାଇଁ ଜିଲ୍ଲାପାଳ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ପୌର ପରିଷଦର ଅଧକ୍ଷା ଅର୍ଚ୍ଚନା ସିଂହ ମଧ୍ୟ ଦୁର୍ନୀତିକୁ ଏକ ବ୍ୟାଧି ରୂପେ ଅଭିହିତ କରି ସଚେତନତାକୁ ଏହାର ପ୍ରତିକାର ବୋଲି କହିଥିଲେ।

ସଭାରେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ସତ୍ୟନିଷ୍ଠ ସାଧୁତା ହିଁ ଦୁର୍ନୀତି ମୂଳ ଉତ୍ପାଟନ କରିବା ନିମନ୍ତେ ସହାୟକ ବୋଲି କହିଥିଲେ। ଶେଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଆୟୋଜିତ ବିଦ୍ୟାଳୟଓ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।ଏହି ପରିପ୍ରେକ୍ଷୀରେ ଆଜି ସକାଳ ୮ ଟାରେ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମାନ୍ୟବର ବିଧାୟକ ଜଗତସିଂହପୁର, ଅମରେନ୍ଦ୍ର ଦାସ, ଜଗତସିଂହପୁର ପୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହ ଓ ଡି ପି ଓ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧିକ୍ଷକ ଅନୁପମା ସାହୁ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଡିପିସି, ମିଶନ ଶକ୍ତି, ଡିପିଏମ, ଓ ଏଲ ଏମ, ଜିଲ୍ଲା ସଂସ୍କୃତି ଅଧିକାରୀ, ଭିଜିଲାନ୍ସ ଇନିସପେକ୍ଟର ସିଦ୍ଧାର୍ଥ କୁମାର ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ, ମିଶନ ଶକ୍ତି ମହିଳା, ଏନ୍.ସି.ସି, ସ୍କାଉଟ, ଗାଇଡ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ। ପରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୁଲ୍ୟରେ ମୁଖ୍ୟ ଡାକଘର ସମ୍ମୁଖରେ ବାଣୀକ୍ଷେତ୍ର ନାଟ୍ୟ ପରିଷଦ, ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ବିଷୟ ସମ୍ବଳିତ ରଙ୍ଗୋଲି ପ୍ରଦର୍ଶିତ ହୋଇଥିଲା। ଏହି ସଭାରେ ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧିକ୍ଷକ ଅନୁପମା ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ସୁଭାଷ କୁମାର ରାଉତ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସସ୍ମିତ କୁମାର ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଗୁଲ୍ ପେ'ରୁ ୬୧ ହଜାର ଗାଏବ



## ● ଥାନାରେ ମାମଲା
## ● ପୁଲିସ୍ କରୁଛି ତଦନ୍ତ

ଟିଟିଲାଗଡ଼(ପିପିଏସ୍): ଟିଟିଲାଗଡ଼ ଥାନା ଅନ୍ତର୍ଗତ ଘଣ୍ଟବାହାଲି ଗ୍ରାମର ଅରବିନ୍ଦ ମହାନ୍ତିଙ୍କ ପଞ୍ଜାବ ନେସନାଲ ବ୍ୟାଙ୍କରେ ଥିବା ଆକାଉଣ୍ଟରୁ ୬୧ ହଜାର ୪୯୯ ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଅରବିନ୍ଦ ଟିଟିଲାଗଡ଼ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗରୁ ଜଣାପଡ଼ିଛି ଯେ ଅରବିନ୍ଦ ଗୁଗୁଲ ପେ ବ୍ୟବହାର କରନ୍ତି । ତାଙ୍କ ବ୍ୟାଙ୍କ ଖାତାରେ ମୋଟ ୬୧ ହଜାର ୭୯୪ ଟଙ୍କା ଜମା ଥିଲା । ସେ ଜଣଙ୍କୁ ୪ ହଜାର ଟଙ୍କା ପଠାଇବା ପାଇଁ ପ୍ରୟାସ କରିଥିବାବେଳେ ଟଙ୍କା କମ୍ ଥିବା ବାର୍ତ୍ତା ଆସିଥିଲା । ସେ ବ୍ୟାଙ୍କକୁ ଯାଇ ଦେଖିବାରୁ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ କେହି ଜଣେ ମିନାରୁଲ ଶେଖଙ୍କ ପାଖକୁ ପ୍ରଥମେ ୪୯ ହଜାର ୯ ଶହ ୯୯ ଟଙ୍କା ଏବଂ ପରେ ୧୧ ହଜାର ୫ ଶହ ଟଙ୍କା ଟ୍ରାନ୍ସଫର ହୋଇଥିବା ଜାଣିବାକୁ ପାଇଥିଲେ । ଅରବିନ୍ଦଙ୍କ ପାଖକୁ ଏନେଇ କୌଣସି ଓଟିପି ମଧ୍ୟ ଆସିନଥିବା ସେ କହିଛନ୍ତି । ବର୍ତ୍ତମାନ ତାଙ୍କ ବ୍ୟାଙ୍କ୍ ଖାତାରେ ୬୧ ହଜାର ୭୯୪ ଟଙ୍କା ବଦଳରେ ୨ ଶହ ୯୫ ଟଙ୍କା ୨୭ ପଇସା ରହିଛି । ବ୍ୟାଙ୍କରେ ଆମ ପଇସା ଯଦି ସୁରକ୍ଷିତ ନୁହେଁ ତେବେ ଆଉ କଣ କରିବୁ ବୋଲି ଏନେଇ ହତାଶ ଅରବିନ୍ଦ ଦୁଃଖରେ ମୁଣ୍ଡ ପିଟୁଛନ୍ତି । ଏନେଇ ଟିଟିଲାଗଡ଼ ପୁଲିସ ଏକ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରଖିଛି ।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

# 'ସଜାଗ ଓ ସଚେତନ ହେଲେ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ'




ମାଲକାନଗିରି(ପିପିଏସ୍): ଜିଲ୍ଲାରେ ଦୁର୍ନୀତି ନିବାରଣ ସପ୍ତାହ ଚଳିତ ମାସ ୨୮ ତାରିଖ ଠାରୁ ଆରମ୍ଭ ହୋଇ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିଛି । ଏହି ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଦେଶ ସ୍ୱାଧୀନତା ହେବାର ଅନେକ ବର୍ଷ ପରେ ବି ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ ଆଜି ମଧ୍ୟ ଦୁର୍ନୀତି ଲୋପ ପାଇ ନାହିଁ । ଆବଶ୍ୟକତାଠାରୁ ଅଧିକ ଲୋଭ ହିଁ ଦୁର୍ନୀତିକୁ ପ୍ରଶ୍ରୟ ଦେଉଛି । ସଜାଗ ଏବଂ ସଚେତନ ହେଲେ ଦୁର୍ନୀତିର ମୂଳୋତ୍ପାଟନ ହୋଇପାରିବ ଓ ଏକ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ । ଏହି ମାନସିକତା ଜାଗ୍ରତ କରିବା ସକାଶେ ପ୍ରତ୍ୟେକ ନାଗରିକ ଯତ୍ନବାନ ହେବା ଜରୁରୀ ହୋଇ ପଡିଛି ବୋଲି ନିଜ ବକ୍ତବ୍ୟରେ ଶ୍ରୀ ପ୍ରଧାନ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ, ଦୁର୍ନୀତି ନିବାରଣ ବିଭାଗୀୟ ଉପ ଆରକ୍ଷୀ ଅଧୀକ୍ଷକ, ସଦାନନ୍ଦ ପାଣି ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ମଞ୍ଚାସୀନ ଥିଲେ । ଲୋକଙ୍କର ମାନସିକତା ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ଓ ସମସ୍ତେ ଏକଜୁଟ ହୋଇ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ହେବ ବୋଲି ଏହି ଅବସରରେ ଶ୍ରୀ ପାଣି ଆହ୍ୱାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ସାଧୁତାର ଶପଥପାଠ କରାଇଥିଲେ । ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ପରିବେଷଣ କରିଥିଲେ । ମହାବିଦ୍ୟାଳୟ ସ୍ତରରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲା ପରିଷଦ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା । ରାଲିରେ ଜିଲ୍ଲାର ପାରମ୍ପରିକ ଲୋକନୃତ୍ୟକୁ ସାମିଲ କରଯାଇଥିଲା । ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମାଆ, ଏନସିସି କ୍ୟାଡେଟ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ଜିଲ୍ଲା ପରିଷଦ ଅର୍ଥ ପରିଚାଳକ ମାନସ ମିଶ୍ର, ବାଲାଜୀ ପଟ୍ଟନାୟକ, ଭିଜିଲାନ୍ସ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତି ଟାକ୍ରିଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଭିଜିଲାନ୍ସ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ଜିଲ୍ଲା ପରିଷଦ, ଜିଲ୍ଲା ଶିକ୍ଷା ବିଭାଗ ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ କଳାହାଣ୍ଡି ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ

ଭବାନୀପାଟଣା(ହି. ସ ) : କଳାହାଣ୍ଡି ଜିଲ୍ଲା ଗଠନ ଦିବସ ୨୦୨୪ ନଭେମ୍ବର ପହିଲା ଦିନ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲ୍ଲାପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ କଳାହାଣ୍ଡି ର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସଦରମହକୁମା ସ୍ଥିତ ଟାଉନହଲ ଠାରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାମାନଙ୍କ ଦ୍ୱାର ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ କଳାହାଣ୍ଡି ମ୍ୟାପ୍ ରେ ମାନବ ଶୃଙ୍ଖଳ ପ୍ରଦର୍ଶନ, ଜେଲ୍ ଛକଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ପଥ ଉତ୍ସବ,ମାଣିକେଶ୍ୱରୀ ମନ୍ଦିର ରେ ପୂଜାର୍ଚ୍ଚନା କରି ମନ୍ଦିର ରୁ ଟାଉନହଲ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ମାଙ୍କ ମନ୍ଦିରରୁ ପୂଜାର୍ଚ୍ଚନା ପୂର୍ବକ ମଶାଲ ଧରି ଶୋଭାଯାତ୍ରାରେ ଟାଉନ ହଲ ପର୍ଯ୍ୟନ୍ତ ପରିକ୍ରମା ରେ ଯାଇଥିଲେ । ଏହି ଅବସରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଟାଉନ ହଲ ଠାରେ ଏକ ସାଧାରଣ ସଭା ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ କଳାହାଣ୍ଡି ମାଳବିକା ଦେବୀ,ସମ୍ମାନିତ ଅତିଥି ଭାବେ ବିଧାୟକ ଲାଞ୍ଜିଗଡ଼ ପ୍ରଦୀପ ଦିଶାରୀ, ବିଧାୟକ ଧର୍ମଗଡ଼ ସୁଧୀର କୁମାର ପାଟଯୋଷୀ, ମାନ୍ୟବର ସଭାପତି ଜିଲ୍ଲାପରିଷଦ ପୁଷ୍ପେନ୍ଦ୍ର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତନ୍ମୟ କୁମାର ଦରଓ୍ୱାନ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବଇତାରୁ ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଆର୍ତତ୍ରାଣ ମହାପାତ୍ର ଜିଲ୍ଲା ବିଜେପି ସଭାପତି ଯୋଗଦେଇଥିଲେ । ଅତିଥି ମାନେ କଳାହାଣ୍ଡି ଜିଲ୍ଲା ଗଠନର ଇତିହାସ ସଂପର୍କରେ ସୂଚନା ଦେଇ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । କଳାହାଣ୍ଡି ଜିଲ୍ଲା ବିଭିନ୍ନ କ୍ଷେତ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ,କୃଷି କ୍ଷେତ୍ରରେ ବିକାଶ ଓ ଅଗ୍ରଗତି କରିଛି । ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ ଦଳ ମତ, ଭେଦଭାବ ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବା ପାଇଁ ସାଂସଦ, ବିଧାୟକ ଆହ୍ୱାନ ଦେଇଥିଲେ । ଏହି ଅବସରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର ସଫଳ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ଅନୁଷ୍ଠାନ ର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଜିଲ୍ଲା ର ସମସ୍ତ ବ୍ଲକ ସ୍ତରରେ ମଧ୍ୟ ଜିଲ୍ଲା ଗଠନ ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ,ଛାତ୍ରଛାତ୍ରୀ,ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ମହାପାତ୍ର ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଜୟପୁର, (ହି.ସ.)- ଜୟପୁରର ପୂର୍ବତନ ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ୍ଙ୍କୁ ବିଦାୟକାଳିନ ଓ ସ୍ୱାସ୍ଥ୍ୟ ଅଧିକାରି ଅରୁଣ ପାଢୀଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା ଦିଆଯାଇଛି । ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଭୁବନେଶ୍ୱର ସ୍କୁଲ ଓ ଗଣଶିକ୍ଷା ବିଭାଗର ଉପ ସଚିବ ଭାବେ ବଦଳି ହୋଇଛି । ଆଜି ଜୟପୁର ପୌର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚି ଜେନା, କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ, ଚୈତନ୍ୟ ବାସକି ସହ ପୌର କର୍ମଚାରି ମାନେ ଉପସ୍ଥିତ ରହି ବିଦାୟକାଳିନ ସମ୍ବର୍ଦ୍ଧନା ଦେଇଥିଲେ ।

# ବାନ୍ଦନା ପରବ ପାଇଁ ଦୁଲୁକୁଛି ପୁରପଲ୍ଲୀ

ଚମ୍ପୁଆ, (ହି.ସ.) - କେନ୍ଦୁଝର ଜିଲ୍ଲାର ଗଣପର୍ବ ବାନ୍ଦନା ପର୍ବ ପାଇଁ ଏବେ ଗାଁ ଗାଁରେ ଉତ୍ସବର ମାହୋଲ । କେଉଁ ଆଦିମ କାଳରୁ ପାଳିତ ହୋଇ ଆସୁଥିବା ଏହି ଗଣପର୍ବ ପାଇଁ ପୁରପଲ୍ଲୀ ଦୁଲୁକି ଉଠୁଥିବା ବେଳେ ଗାଁ ଗାଁରେ ଶୁଭୁଛି ମାନ୍ଦଲ, ନାଗରାର ଶବ୍ଦ । କାର୍ତ୍ତିକ ମାସର ଅମାବାସ୍ୟା ତିଥିରେ ପାଳିତ ଏହି ଗଣପର୍ବ ପାଇଁ କୁଡୁମି ସମ୍ପ୍ରଦାୟ ସହିତ ହୋ, ଶାନ୍ତାଳ, ମୁଣ୍ଡା, କମାର କୁମ୍ଭାର ଆଦି ସଂପ୍ରଦାୟଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତି ଆଗରୁ ହୋଇସାରି ଥାଏ । ତେବେ ମୁଖ୍ୟତଃ କୁଡୁମି ସମ୍ପ୍ରଦାୟରେ ଏହି ଗଣପର୍ବ ପାଇଁ ଘରଗୁଡିକ ଲିପାପୋଛା ସହିତ ରଙ୍ଗ ମରାଯାଇ ସାଜସଜ୍ଜା କରା ଯାଇଥିବା ବେଳେ ତିନିଦିନ ବ୍ୟାପି ହେଉଥିବା ଏହି ପର୍ବର ପ୍ରଥମ ଦିନରେ ଗୋଠ ପୂଜା ଯାହାକି ଗାଁ ମୁଣ୍ଡ ପଡିଆରେ କରା ଯାଇଥାଏ । ଏହି ଗୋଠପୂଜାରେ କୁକୁଡା ବଳି ଦିଆଯାଇ କୁକୁଡା ମାଂସରେ ଚାଉଳ ଚୁନା ଲଗାଇ ଲେଟ ମାଂସପିଠା ପ୍ରସ୍ତୁତି କରିବାର ଏକ ସ୍ୱତନ୍ତ୍ର ଆକର୍ଷଣ ରହିଥାଏ । ଗୋଠରେ ଗାଁ ସାରା ବଳଦକୁ ପାରମ୍ପରିକ ବାଦ୍ୟ ବଜାଇ ଘୋଉଡ଼ା ଯାଇଥାଏ । ଏହି ଅବସରରେ ରଖା ଯାଇଥିବା ଅଣ୍ଡାକୁ ଯାହାର ବଳଦ ମାଡିବ ତାଙ୍କ ଘରେ ମା ଲକ୍ଷ୍ମୀଙ୍କ ପ୍ରବେଶ ହେଲା ବୋଲି ବିଶ୍ୱାସ ରହିଥିବାରୁ ସେ ବ୍ୟକ୍ତି ସକ୍ଷମ ଅନୁସାରେ ଗାଁ ସମସ୍ତ ଲୋକ ମାନଙ୍କୁ ପାରମ୍ପରିକ ଭାବେ ପିଠାପଣା, ମାଂସ, ହାଣ୍ଡିଆ ମଦ ଦେଇ ଆପାୟିତ କରିବାର ପରମ୍ପରା ରହିଛି । ତାପରେ ଘରେ ଘରେ ଜାଳିଥିବା ଜାଗର ଯେପରି ନ ଲିଭିବ ସେଥିପାଇଁ ଗାଁରେ ସମସ୍ତେ ପୁରୁଣା ରାଗ ରୁଷାକୁ ଭୁଲି ଲୋକମାନେ ବାନ୍ଦନା ନାଚ, ଗୀତ କରି ଧେଙ୍ଗୁଆନଯିବା ପରମ୍ପରା ସବୁଠାରୁ ଆକର୍ଷଣୀୟ । ଗାଁର ବୁଢା ଠାରୁ ପିଲା ପର୍ଯ୍ୟନ୍ତ ଢୋଲ, ମାନ୍ଦଳ, ନାଗରା ଆଦି ବାଦ୍ୟ ବଜାଇ ଦଳ ଦଳ ହୋଇ ନାଚ ଗୀତରେ ମତୁଆଲା ହୋଇ ଧେଙ୍ଗୁଆନ ଯିବା ପରମ୍ପରା ରହିଛି । ଦ୍ୱିତୀୟ ଦିନ ଗୁହାଳ ପୂଜାରେ ହଳ ଲଙ୍ଗଳ, ଜୁଆଳି ସବୁକୁ ପୂଜା କରାଯିବା ସହିତ ଗୋ ମାତାଙ୍କୁ ପୂଜା ଦେବା ଅବସରରେ ଗୋ ଧନଙ୍କ ସୁରକ୍ଷା ତଥା ଶୁଭ ମନାସି ଗୁହାଳ ପୂଜା କରା ଯାଉଥିବା ବେଳେ ତୃତୀୟ ବା ଶେଷ ଦିନରେ ଧାନକେଣ୍ଡା ସଂଗ୍ରହ କରି ମରଳ ତିଆରି କରି ଘରର ବଳଦ, ଗାଈ ମାନଙ୍କୁ ପୂଜାକରି ପିନ୍ଧାଯାଇଥାଏ । ଏହି ଅବସରରେ ପ୍ରତି ଘରେ ମା ବୋହୁ ମାନେ ଉପବାସ ରହି ଘରେ ଥିବା ଗୋରୁ, ଗାଈଙ୍କୁ ବନ୍ଦାପନା କରି ପୂଜା କରିବା ବିଧି ସ୍ୱତନ୍ତ୍ର ଓ ନିଆରା ହୋଇଥାଏ । ଦୂର ଦୁରାନ୍ତରେ ବିଭିନ୍ନ ବୃତିରେ କାର୍ଯ୍ୟରତ ଥିବା ଏହି ସମ୍ପ୍ରଦାୟର ଲୋକେ ସମସ୍ତେ ନିଜ ଭିଟା ମାଟିକୁ ଫେରି ଏକତ୍ରିତ ଭାବରେ ସପରିବାର ଏହି ପର୍ବକୁ ପାଳନ କରିଥାନ୍ତି ।

# ସେନ୍‌ସର ସାର୍ଟିଫିକେଟ୍ ପାଇଲା 'କବାଡ଼ି'

ଜୟପୁର, (ହି.ସ.) - ସାଇ ଫିଲ୍ମଦ୍ୱାରା ପ୍ରସ୍ତୁତ କରାଯାଇଥିବା କୋରାପୁଟିଆ ଓଡିଆ ଫିଲ୍ମ 'କବାଡ଼ି'କୁ ସେନ୍‌ସର ସାର୍ଟିଫିକେଟ ମିଳିଥିବା ଯୋଗୁଁ ସ୍ଥାନୀୟ ଏସ୍ଆର କନଫିରେନ୍ସ ହଲ ପରିସରରେ ଏକ ଆନନ୍ଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସାଇ ଫିଲ୍ମ ଦ୍ୱରା ପ୍ରସ୍ତୁତ ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରଥମ କୋରାପୁଟିଆ ଓଡିଆ ସିନେମା କବାଡି ର ସେନସର ସାର୍ଟିଫିକେଟ ମିଳିବା କୋରାପୁଟ ଜିଲ୍ଲାପାଇଁ ଗର୍ବ ଓ ଗୌରବର କଥା ଅଟେ । ଏଥି ପୂର୍ବରୁ କୋରାପୁଟ ଜିଲ୍ଲାରେ ଅନେକ ଗୁଡିଏ ପିଲ୍ମ ନିର୍ମାଣ କରାଯାଇଥିବାବେଳେ ପ୍ରଥମଥର କବାଡିକୁ ଏହି ସାର୍ଟିଫିକେଟ ମିଳିଛି । କାହଣି ପ୍ରଯୋଜନା ଓ ନିର୍ଦ୍ଦେଶନା ଅମର ମିଶ୍ରଙ୍କ ପ୍ରଚେଷ୍ଟାରେ ଆଜି ଏହି ପିଲ୍ମକୁ ସେନ୍‌ସର ସାର୍ଟିଫିକେଟ ମିଳିପାରିଛି । ଏହି ଫିଲ୍ମଟି ଆନ୍ଧ୍ର ଓଡିଶା ବୋର୍ଡର ଭିତରେ ଥିବା ଏକ ଗ୍ରାମର ଗ୍ରାମିଣ କାହାଣି । ସେହି ଗ୍ରାମରେ କିପରି କବାଡି ଖେଳ ହେଉଛି କବାଡି ଖେଳରୁ କିପରି ପ୍ରେମ ହେଉଛି ତାହା ଏହି ଫିଲ୍ମରେ ପରିବେଷଣ କରାଯାଇଛି । ଏହି ସିନେମାଟି ସମ୍ପୂର୍ଣ୍ଣ କମର୍ସିଆଲ ଅଟେ । ଏଥିରେ ଆକ୍ସନ, ହାସ୍ୟ,ଫାଇଟ ଆଦି ଭରପୁର ରହିଛି । ଆଗାମୀ ଡିସେମ୍ବର ମାସରେ ଏହା ଲୋକାର୍ପଣ କରି ବଡ ପରଦାକୁ ଆସିବ ବୋଲି ପ୍ରଯୋଜକ ନିର୍ଦ୍ଦେଶକ ଅମର ମିଶ୍ର ସୂଚନା ଦେଇଛନ୍ତି । ଦର୍ଶକ ଯେପରି ଭରପୁର ମଜା ଉଠାଇ ପାରିବେ ସେନେଇ ଏହି ଫିଲ୍ମ ନିର୍ମାଣ କରାଯାଇଛି । ଏହି ଫିଲ୍ମ ନିର୍ମାଣ କରିବାକୁ ବର୍ଷ ବର୍ଷ ଲାଗିଥିଲେ ମଧ୍ୟ ଲୋକଙ୍କ ଭଲପାଇବା ଓ ଇଚ୍ଛା ଶକ୍ତି ଯୋଗୁଁ ଏହା ବଡପରଦାକୁ ଆସି ପାରିଛି । ଆୟୋଜିତ ଏହି ଆନନ୍ଦ ଉତ୍ସବ ସମାରୋହରେ ସିନେମାହଲ ମାଲିକ ତଥା କେଏଫଡିଏସ ଉପଦେଷ୍ଟା ସୁବାଶ ରାଉତ,ବରିଷ୍ଠ ଆଇନଜିବୀ ତଥା କେଏଫଡିଏସ ସଭାପତି ରବିନ୍ଦ୍ର କୁମାର ପାତ୍ର, ହାସ୍ୟ ଅଭିନେତା ତଥା ବରିଷ୍ଠ କଳାକାର ଗୋପାଳ କୃଷ୍ଣ ସାମନ୍ତରାୟ ଉପସ୍ଥିତ ରହି ଫିଲ୍ମ ବିଷୟରେ ସମ୍ୟକ ସୂଚନା ଦେବା ସହ ସାଇ ଫିଲ୍ମର ଉନ୍ନତି କାମନା କରିଥିଲେ । ଏହି କବାଡି ଫିଲ୍ମ ରେ କାହାଣି ଓ ପ୍ରଯୋଜନା ଓ ନିର୍ଦ୍ଦେଶନା ଦେଇଛନ୍ତି ଅମର ମିଶ୍ର, ସହ ପ୍ରଜୋଜକ କାବେରୀ ମିଶ୍ର ଓ କିଶୋର ମିଶ୍ର, ସହ ନିର୍ଦ୍ଦେଶନା ରବିନ୍ଦ୍ର ରାଉତ, ଅଭିନୟରେ ମାନସ ରଞ୍ଜନ ପଣ୍ଡା, ରିଷ୍ଟା ମହାନ୍ତି, ରବିନ୍ଦ୍ର ରାଉତ, ସୀତାକାନ୍ତ ପ୍ରଧାନ, ବିଜୟା ପାଣିଗ୍ରାହୀ, ପ୍ରଗ୍ୟା ପ୍ରଧାନ, ଅଜିତ ମହାପାତ୍ର, ନିରଞ୍ଜନ ପାଣିଗ୍ରାହୀ, ବୁଲୁ କୁମାର, ଏମ.ଡି ବବ୍ଲୁ ଓ ଅବିଭକ୍ତ କୋରାପୁଟ ଜିଲ୍ଲାର କଳାକାର । ଏହି ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭୟ ମିଶ୍ର, ଗୀତିକାର ବସନ୍ତରାଜ ସାମଲ, ଗାୟକ ହ୍ୟୁମାନ ସାଗର, ଦୀପ୍ତିରେଖା ପାଢି, ସଞ୍ଜୁ ଓ ଓଡିଶାର ସୁନାମ ଧନ୍ୟ ଗାୟକ ମାନେ କଣ୍ଠଦାନ କରିଛନ୍ତି ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ

ଜୟପୁର, (ହି.ସ.)- ଜୟପୁର ଉପଖଣ୍ଡ ପ୍ରଶାସନ ତରଫରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତି ପାଳିତ ହୋଇଛି । ଜୟନଗର ପାଇକ ସାହି ସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗୁରୁବାର ସକାଳ ୭ଟାରେ ଜୟନ୍ତି ପାଳନ କରାଯାଇଛି । ଏସଡିପିଆରଓ ଯଶୋଦା ଗାଦବା ଉପସ୍ଥିତ ରହି ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଜୟନ୍ତି ଅବସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ମାର୍ଗରେ ୩ଟି ନାମ ଫଳକ ଆଜି ଜୟପୁର ପୌରପାଳିକା ଦ୍ୱାରା ଲଗାଯାଇଛି । ଜୟପୁର ମୁଖ୍ୟ ରାସ୍ତାର ରାଜା ନହର ଛକ, ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ଓ ମୁଖ୍ୟ ଟ୍ରାଫିକ ଛକ ଠାରେ ନାମ ଫଳକ ଲଗାଯାଇଛି ।

# ଭେରାଇଟି ଷ୍ଟୋର୍‌ରେ ନିଆଁ ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ



ରାଉରକେଲା,(ପିପିଏସ୍): ବଣାଇ ଉପଖଣ୍ଡ ଲହୁଣିପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ଗ୍ରାମର ଷ୍ଟେଟ ବ୍ୟାଙ୍କ୍ ନିକଟରେ ନନ୍ଦିନୀପ୍ରଭା ଦାସ ନାମକ ଏକ ଭେରାଇଟି ଷ୍ଟୋର ଦୋକାନରେ ସଟ ସର୍କିଟ୍ ଯୋଗୁଁ ପୋଡିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ଦୋକାନ ମାଲିକାଣୀଙ୍କ କହିବା ଅନୁସାରେ ଦିପାବଳୀ ଉପଲକ୍ଷେ ଦୋକାନ ଖୋଲି ପୂଜା କରିବା ପରେ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ତେବେ ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖି ଖବର ଦେଇଥିଲେ । ଖବର ପାଇ ଦୋକାନ ମାଲିକିଆଣୀ ନନ୍ଦିନୀ ଆସି ଦୋକାନ ଖୋଲି ଦେବା ବେଳେକୁ ଦୋକାନ ଭିତରେ ଥିବା ବ୍ୟାଟେରୀ ପୋଡି ଯାଇ ଭିତରେ ଥିବା ବିଭିନ୍ନ ସାମଗ୍ରୀ ମଧ୍ୟରେ କମ୍ପୁଟର, ମୋବାଇଲରେ ବ୍ୟବହାର ହେଉଥିବା ସାମଗ୍ରୀ ଆଦି ମୂଲ୍ୟବାନ ଜିନିଷ ପୋଡି ଯାଇଥିବା ଦେଖିବାକୁ ପାଇଥିଲେ । ପରେ ଲହୁଣିପଡ଼ା ଥାନାରେ ଦୋକାନ ପୋଡି ଯାଇଥିବା ନେଇ ଏକ ଲିଖିତ ଅଭିଯୋଗ କରିଥିଲେ । ତେବେ ଏହି ଦୋକାନ ମାଲିକାଣୀ ନନ୍ଦିନୀପ୍ରଭା ଦାସ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କାର ଲୋନ୍ କରି ଭେରାଇଟି ଷ୍ଟୋର ଦୋକାନ ଖୋଲିଥିବା କହିଛନ୍ତି ।

# ଦୁର୍ନୀତି ନିବାରଣ ସପ୍ତାହରେ ସଚେତନତା ଶୋଭାଯାତ୍ରା



ରାଉରକେଲା ,(ପିପିଏସ୍): ବଣାଇଁରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବଣାଇଁ ବିଡିଓ ଦିବ୍ୟ ଶଂକର ଜୟପୁରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଏକ ଶୋଭାଯାତ୍ରା ବାହାରି ଦେଓଗାଁ ଛକ ଠାରୁ ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସଚେତନତା କରାଇଥିଲେ । ଏହି ଦୁର୍ନୀତି ନିବାରଣ ସଚେତନତା ଉଦେଶ୍ୟ ହେଉଛି ସରକାରୀ କାର୍ଯ୍ୟରେ ଲୋଭାସକ୍ତ ହୋଇ ଅନ୍ୟ ଠାରୁ ଉତ୍କୋଚ ବା ଲାଞ୍ଚ ନେବା କିମ୍ବା କାର୍ଯ୍ୟ ହାସଲ ପାଇଁ ଲାଞ୍ଚ ଦେବା ଉଭୟ ଦୁର୍ନୀତି ଯୁକ୍ତ ନେଇ ଏକ ସଚେତନତା ହୋଇଥିବା ବେଳେ ଜନ ସାଧାରଣଙ୍କ ସହିତ ସାଧନ ପାଇଁ କାର୍ଯ୍ୟ କରିବା ସହିତ ଯିଏ ଯେଉଁ ପଦବୀରେ ରହିଥିଲେ ମଧ୍ୟ ନିଜ ଦାୟିତ୍ୱକୁ ସାଧୁତା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବା ଉଚିତ୍ ବୋଲି ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସମସ୍ତଙ୍କୁ ବାର୍ତ୍ତା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଦୁର୍ନୀତି ନିବାରଣ ବିଭାଗ ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବାନ ମହାଜନ କହିଛନ୍ତି ଯେ, ଯଦି କୌଣସି ସରକାରୀ ଅନୁଷ୍ଠାନ କିମ୍ବା ସରକାରୀ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନର ଅଧିକାରୀ ଓ କର୍ମଚାରୀ ଉତ୍କୋଚ ନେବା ପାଇଁ ଆଶା ପ୍ରକାଶ କରନ୍ତି ତେବେ ତୁରନ୍ତ ମୋବାଇଲ ନମ୍ବର ୯୪୩୭୨୨୫୦୭୩, କିମ୍ବା ମୋ ନଂ ୯୪୩୮୨୭୮୮୦ ରେ ଫୋନ କରି ଜଣାଇବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମର ରାଉରକେଲା ଭିଜିଲାନ୍ସ ନିରୀକ୍ଷକ ଲିପିକା ନାଏକ, ଆଲଫୋନା ତିର୍କି, ଏଏସଆଇ ରିଜେସ ଜେନା, ବଣାଇଁ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ, ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନିଲ ମୁଣ୍ଡୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗର ପୁଷ୍ପାଞ୍ଜଳି ସାହୁ,ଯୁଧିଷ୍ଠିର ତ୍ରିପାଠୀ, ଶିକ୍ଷା ବିଭାଗର ଶିକ୍ଷକ ଏବଂ ସିଆରସିସି, ବିଭିନ୍ନ ସରକାରୀ ବିଭାଗ କର୍ମଚାରୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଚେତନତା ରାଲି ସାମିଲ ହୋଇଥିଲେ ।

# ବଲାଙ୍ଗିର ଜିଲ୍ଲା କ୍ରୀଡ଼ାସଂସଦର କାର୍ଯ୍ୟକାରିଣୀ ବୈଠକ ୮ରୁ ସି.କେ. ନାଇଡୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ବଲାଙ୍ଗିର, (ହି.ସ.): ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ କାର୍ଯ୍ୟାଳୟ ପ୍ରକୋଷ୍ଠ ସଂସଦର କାର୍ଯ୍ୟକାରିଣୀ ଓ ଟୁର୍ଣ୍ଣାମେଂଟ କମିଟି ବୈଠକ ସଭାପତି ଡ. ଶ୍ରୀକର ମିଶ୍ର ଓ ଟୁର୍ଣ୍ଣାମେଂଟ କମିଟି ଅଧ୍ୟକ୍ଷ ତଥା ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଂପାଦକ ହରିନାରାୟଣ ପୁଜାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସଭାପତି ଶ୍ରୀ ମିଶ୍ରଙ୍କୁ ସ୍ୱାଗତ କଲା ପରେ ସଂପାଦକ ହରି ନାରାୟଣ ପୁଜାରୀ ବୈଠକ ଆୟୋଜନ ସଂପର୍କିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ନଭେମ୍ବର ୮ ରୁ ୧୧ ତାରିଖ ପର୍ଯ୍ୟନ୍ତ ଓଡିଶା ବନାମ କର୍ଣ୍ଣାଟକ ସି.କେ. ନାଇଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ, ନଭେମ୍ବର ୨୦ ରୁ ୨୩ ଓଡିଶା ବନାମ ବିଧର୍ବ କୁଚ୍ ବିହାର ଟ୍ରଫି ଓ ନଭେମ୍ବର ୨୬ ରୁ ସିନିୟର (ପୁରୁଷ) ଇନଟ୍ରା କ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟ ଗାନ୍ଧୀ ଷ୍ଟାଡିୟମ ରେ ହେବ ବୋଲି ଟୁର୍ଣ୍ଣାମେଂଟ କମିଟି ବୈଠକରେ ଶ୍ରୀ ପୁଜାରୀ ପ୍ରକାଶ କରିଥିଲେ ଓ ଏହାର ସଫଳ ଆୟୋଜନ ସକାଶେ ସମସ୍ତ ସଭ୍ୟ ଙ୍କ ସହଯୋଗ କାମନା କରିଥିଲେ । ଆହୁରି ମଧ୍ୟ ସେ କହିଥିଲେ ଡିସେମ୍ବର ତୃତୀୟ ସପ୍ତାହରୁ ଜୁନିୟର ଇନଟ୍ରା କ୍ଲବ କ୍ରିକେଟ ଓ ଶେଷ ସପ୍ତାହରେ ଅନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଂଟ ମଧ୍ୟ ଗାନ୍ଧୀ ଷ୍ଟାଡିୟମରେ ଆୟୋଜନ କରାଯିବ । ସିନିୟର ଇନଟ୍ରାକ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟ ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ କ୍ଲବମାନେ ନଭେମ୍ବର ୫ ସୁଦ୍ଧା ସେମାନଙ୍କ ଆବଶ୍ୟକ ନଥିପତ୍ର ସହ ସେମାନଙ୍କ ନାମ ପଞ୍ଜିକରଣ କରିବାକୁ ସଂସଦର କାର୍ଯ୍ୟାଳୟରେ ଆବେଦନ କରିବେ ବୋଲି ସଂଘ ସୂତ୍ରରୁ ପ୍ରକାଶ ପାଇଛି । ଆଜିର ଏହି କାର୍ଯ୍ୟକାରିଣୀ ବୈଠକରେ ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଓ ଶତୃଘ୍ନ ସିଂହ, କୋଷାଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ, ଜିଲ୍ଲା କ୍ରୀଡା ଶିକ୍ଷାଧିକାରୀ ପ୍ରଦୀପ ପାତ୍ର, ଫୁଟବଲ ସଂପାଦକ ପ୍ରଫୁଲ୍ଲ ବେହେରା, ଗ୍ରାମ୍ୟ କ୍ରୀଡା ସଂପାଦକ ସଂଗ୍ରାମ ବହିଦାର, ବରିଷ୍ଠ ସଭ୍ୟ ରମାକାନ୍ତ ସେଠ, ସୁଧିର ପଣ୍ଡା, କାଉନସିଲ ସଭ୍ୟ ଜୟରାମ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ବହିଦାର ବିଭିନ୍ନ ପ୍ରସ୍ତାବ ଉପରେ ସମର୍ଥନ ଜଣାଇଥିଲେ । ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ବଲାଙ୍ଗିର ରେ ଫୁଟବଲ ଏକାଡେମୀ ପ୍ରତିଷ୍ଠା ପାଇଁ ଯଥୋଚିତ ପଦକ୍ଷେପ ନେବାକୁ ସଭାପତି ଡ.ଶ୍ରୀକର ମିଶ୍ର ଙ୍କୁ ଅନୁରୋଧ କରିଥିଲେ । ଶେଷରେ ଯୁଗ୍ମ ସଂପାଦକ ଶ୍ରୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଜାତନ୍ତ୍ର

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୩।୧୧ ।୨୦୨୪ ■ ରବିବାର

# ଅନୁଶାସନ ନେଇ ଚିନ୍ତା

ଯେକୌଣସି ସମାଜ ସଂଯମ, ସହିଷ୍ଣୁତା ଓ ସଦ୍‌ଭାବନାରେ ହିଁ ସଶକ୍ତ ହୋଇଥାଏ । ଯଦି କେବେ ସମାଜ ଏହି ଗଣତାନ୍ତ୍ରିକ ଭାବନା ସବୁର ପ୍ରତିକୂଳରେ ଚାଲିବାକୁ ଲାଗେ, ସେତେବେଳେ କେବଳ ହିଂସାର ଆଶଙ୍କା ବଢ଼ିଯାଏ ନାହିଁ, ବରଂ ସମାଜରେ ଭୟର ବାତାବରଣ ସଂଚରିଯାଏ । ବାସ୍ତବରେ ସଂଯମ ଅଭାବରୁ ସଡ଼କରେ ବାଟ ଦେବା-ନଦେବାକୁ ନେଇ ଅନେକ ସମୟରେ ମରଣାନ୍ତକ ଆକ୍ରମଣ ହେଉଛି । ଦଶହରା ମେଳାରୁ ଫେରିବା ବେଳେ ଦିଲ୍ଲୀରେ ଦୁଇଭାଇଙ୍କ ଉପରେ ତିନିଜଣ ଅପରାଧୀ ଏପରି ଆକ୍ରମଣ କରିଥିଲେ ଯେ ଜଣେ ଭାଇର ମୃତ୍ୟୁ ହୋଇଥିଲା । କ'ଣ ସଡ଼କରେ ହୋଇଥିବା ଏ ବିବାଦକୁ ସଦ୍‌ଭାବନାର ସହ ସମାଧାନ କରାଯାଇ ପାରିନଥାନ୍ତା ? କ'ଣ ଆମେ ସଡ଼କ କି ସମାଜରେ ସଂଯମ ହରାଇ ଚାଲିଛନ୍ତି ? କ'ଣ ଆମର ମନରେ ନାନା ପ୍ରକାରର କୁଣ୍ଠା ଭର୍ତ୍ତି ହୋଇଚାଲିଛି ? କ'ଣ ପରସ୍ପର ପ୍ରତି ଈର୍ଷା ଆମକୁ କ୍ରୋଧୀ କରିଦେଉଛି ? ଏକ ପରିବର୍ତ୍ତନ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ଅଛି, ପୂର୍ବ ସମୟରେ ସବୁବେଳେ ଲୋକେ କହୁଥିଲେ ସହିବା ଶିଖ, ମିଳିମିଶି ରହିବା ଶିଖ । ଗାନ୍ଧିଜୀଙ୍କ କଥା ସବୁବେଳେ କୁହାଯାଏ । କେହି ଗୋଟିଏ ଗାଲକୁ ଚାପୁଡ଼ା ମାରିଲେ, ଅନ୍ୟ ଗାଲଟି ଦେଖାଇଦିଅ । ଏବେ ଶାନ୍ତି, ଅହିଂସା ଦର୍ଶନକୁ ଲୋକେ ଭୁଲି ବସିଥିବାବେଳେ, ସଡ଼କ ହେଉ କି ସମାଜରେ ଲୋକେ ଇଟାର ଜବାବ ପଥରରେ ଦେବାକୁ ଲାଳାୟିତ ହୋଇ ଯାଉଛନ୍ତି ।

ମୂର୍ତ୍ତି ବିସର୍ଜନ ସମୟରେ ଆଇନଶୃଙ୍ଖଳା ରକ୍ଷା ଏକ ବଡ଼ ଆହ୍ୱାନ ହୋଇଯାଇଛି ।

କେବଳ ଓଡ଼ିଶାରେ ନୁହେଁ, ଦେଶର ପ୍ରାୟ ଅଧିକାଂଶ ରାଜ୍ୟରେ ଏ ଅବସ୍ଥା । ଉତ୍ତରପ୍ରଦେଶର ବାହରାଇଚରେ ଯାହା ଘଟିଗଲା କି ଝାଡ଼ଖଣ୍ଡର ଗଡ଼ବାରେ ଯାହା ଘଟିଗଲା, ତାହାକୁ ଅଣଦେଖା କରାଯାଇ ପାରିବ ନାହିଁ । ସମ୍ଭବତଃ ପ୍ରତ୍ୟେକ ସଂପ୍ରଦାୟ ମାନିନେଉଛି ଯେ ପୂରା ସମାଜ କି ଦେଶକୁ ତା' ହିସାବରେ ହିଁ ଚାଲିବାକୁ ହେବ, ଯଦି ଦେଶ କି ସମାଜ ତା' ହିସାବରେ ନ ଚାଲିଲା, ତେବେ ସିଏ ଆଇନକୁ ନିଜ ହାତକୁ ନେଇଯିବ । କୌଣସି ଶୋଭାଯାତ୍ରା ଉପରେ ପଥର ଫୋପାଡ଼ିବା ଘଟଣା ସାମାନ୍ୟ ନୁହେଁ । ଲକ୍ଷ୍ୟ କରିବାର କଥା ହେଉଛି, ଘୃଣାର ଏ ପଥର ଗୋଟିଏ ଦିନରେ ସଂଗୃହୀତ ହୋଇନାହିଁ । କେତେକ ପ୍ରତିଶୋଧ ନେବାକୁ କି ନିଜ ଆକ୍ରୋଶ ସାଧିବାକୁ ବସିଥାଇପାରନ୍ତି, ସେମାନଙ୍କୁ କେହି ବି ବାରମ୍ବାର ମନେପକାଇ ଦେଉନାହିଁ ଯେ ସଦ୍‌ଭାବ ସହିତ ବଞ୍ଚିବା ହେଉଛି ବିଜ୍ଞତାର କାର୍ଯ୍ୟ । ବିଭ୍ରାଟ ସୃଷ୍ଟିକାରୀ ଲୋକେ ବିଭିନ୍ନ ଜାଗାରେ ଅଛନ୍ତି, ତେଣୁ ଶୋଭାଯାତ୍ରାମାନଙ୍କ ଉପରେ ବିଭିନ୍ନ ଜାଗାରେ ଆକ୍ରମଣ ମଧ୍ୟ ହେଉଛି । ଏହାର ଆଉ ଏକ ଦିଗ ମଧ୍ୟ ଅଛି, ଶୋଭାଯାତ୍ରା ବାହାର କରିବାରେ ନିଜସ୍ୱ ଏକ ଶୋଭା ଅଛି, ଶୋଭନୀୟ ଢଙ୍ଗରେ ଯଦି ଏହା କରାଯାଏ, ତେବେ ସମ୍ଭବତଃ ଏପରି ସମସ୍ୟା ହୁଅନ୍ତା ନାହିଁ । ଉଗ୍ରତା, ଅଭଦ୍ର ଆବାଜ, ଉତ୍ତେଜନାପ୍ରବଣ ସ୍ଲୋଗାନ କ'ଣ କେବେ କୌଣସି ଶୋଭାଯାତ୍ରାର ଶୋଭାବର୍ଦ୍ଧନ କରିଥାଏ ?

ହଁ, ଯଦି କୌଣସି ଶୋଭନୀୟ ଓ ବିଧିବଦ୍ଧ ଭାବେ ସ୍ୱୀକାର୍ଯ୍ୟ ଯାତ୍ରା ଉପରେ ଆପତ୍ତି କେହି କରେ, ତେବେ ତାହା କୌଣସି ଅପରାଧଠାରୁ କମ୍ ନୁହେଁ । ଧାର୍ମିକ ଆଚରଣର ଆଦର୍ଶ ସ୍ଥିତି ହେଉଛି ନିଜର ବ୍ୟବହାର ଯେପରି କାହାକୁ ଅସୁବିଧା ନ କରେ । ଅସୁବିଧା ସୃଷ୍ଟି କରିବା ହେଉଛି ଅଧର୍ମ । ତେବେ ଲୋକେ ସଂଯମ, ସହିଷ୍ଣୁତା ତ୍ୟାଗ କରି କାହିଁକି ଆଇନକୁ ନିଜ ହାତକୁ ନେଉଛନ୍ତି, ତାହା ମଧ୍ୟ ଦେଖିବା ଦରକାର । କୌଣସି ଶୋଭାଯାତ୍ରା ଅଶୋଭନୀୟ ହେବା କି କୌଣସି ଯାତ୍ରାକୁ ଟାର୍ଗେଟ କରାଯିବା, ଉଭୟ ସ୍ଥିତିରେ ଆଇନଶୃଙ୍ଖଳା ବ୍ୟବସ୍ଥାର ଅଭାବ ହିଁ ଦାୟୀ । ପୋଲିସକୁ ଏ ପ୍ରକାର ସ୍ଥିତିରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର । ପ୍ରତ୍ୟେକ ସଂପ୍ରଦାୟ ଉପରେ ଶାସନ-ପ୍ରଶାସନର ମଜବୁତ ପ୍ରଭାବ ରହିବା ଦରକାର । ଯଦି କୌଣସି ଅଞ୍ଚଳରେ ଆଇନଶୃଙ୍ଖଳା ବ୍ୟବସ୍ଥା ପ୍ରଭାବିତ ହୁଏ, ତେବେ ବୁଝିବାକୁ ହେବ ଯେ ସେଠାକାର ପ୍ରଶାସନିକ କଳ ସମାଜରେ ଥିବା ବିବାଦର ସମାଧାନ କରିବାରେ ବିଫଳ ହେଉଛି । କୌଣସି ଅଞ୍ଚଳରେ ଶାନ୍ତି ବଜାୟ ରଖିବା ହେଉଛି ପ୍ରାଥମିକ ଭାବେ ପୋଲିସର ଦାୟିତ୍ୱ । ସାମାଜିକ ଓ ଧାର୍ମିକ ସଂଗଠନକୁ ମଧ୍ୟ ସମାଜରେ ଉଗ୍ରତା ବଢ଼ାଇବାଭଳି କାର୍ଯ୍ୟ ନ କରି ବିନମ୍ରଭାବ ଶିକ୍ଷା ଦେବା ଦରକାର । ତା'ହେଲେ ଯାଇ ସମାଜରେ ବଢ଼ିଚାଲିଥିବା ରାଗ, ଦ୍ୱେଷ, କ୍ରୋଧ ପ୍ରଶମିତ ହୋଇପାରିବ । ❑❑

# ଗୀତଗୋବିନ୍ଦ ପାଟ

ମହାନ ଅପୂର୍ବ ରାଧାକୃଷ୍ଣ ଲୀଳା ବିଷୟର ସଂସ୍କୃତ ଗୀତିକାବ୍ୟ ହେଉଛି କବି ଜୟଦେବ କୃତ ପବିତ୍ର ଗୀତଗୋବିନ୍ଦ । ସୁଲଳିତ ଛନ୍ଦରେ ବିରଚିତ ଏହି ସଂସ୍କୃତ ଶ୍ଳୋକ ଓ ଭାବତଲ୍ଲୀନ ସଂଗୀତ ଭିତରେ ପ୍ରେମମୟ ଶ୍ରୀକୃଷ୍ଣ ଓ ଦଶ ଅବତାରର ଲୀଳା ମହାତ୍ମ୍ୟ ବର୍ଣ୍ଣିତ ହୋଇଛି । ମହାପ୍ରଭୁଙ୍କୁ ଦୈନନ୍ଦିନ ନୀତିକାନ୍ତି ଭିତରେ ବଡ଼ ଶୃଙ୍ଗାର ବେଶ ସମୟରେ ଗୀତଗୋବିନ୍ଦ ଲେଖା ହୋଇଥିବା ବାରଲାଗି ପାଟ ଶ୍ରୀଅଙ୍ଗରେ ଅର୍ପଣ ପୂର୍ବକ ଲାଗି ହୋଇଥାଏ । ଦୈନନ୍ଦିନ ଓ ବିଶେଷ ପର୍ବ, ଯାନିଯାତ୍ରା ଦିନମାନଙ୍କରେ କେତେକ ସ୍ୱତନ୍ତ୍ର ସୂତା ଓ ପାଟବସ୍ତ୍ର ଶ୍ରୀଜୀଉମାନଙ୍କୁ ପିନ୍ଧାଇ ଦିଆଯାଏ । ପ୍ରଭୁଙ୍କର ପ୍ରତ୍ୟେକ ବସ୍ତ୍ର ନିଜ ଗୁଣରେ ସ୍ୱତନ୍ତ୍ର । ପ୍ରଭୁଙ୍କ ନାମରେ ତନ୍ତ ଚଳାଇ ମନ ପସନ୍ଦର ବସ୍ତ୍ର ତିଆରି କରିଥାନ୍ତି କାରିଗରମାନେ । ଏ ବସ୍ତ୍ରମାନଙ୍କ ମଧ୍ୟରେ ଗୀତଗୋବିନ୍ଦ ପାଟ ସେମିତି ଏକ ଦୁର୍ଲଭ ବସ୍ତ୍ର । କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ସ୍ମରଣୀୟ ପଦାବଳୀକୁ ସୂତାରେ ବାନ୍ଧି ପକାଇ ବସ୍ତ୍ରରେ ସେ ଶ୍ଳୋକକୁ ଅବିକଳ ଉପସ୍ଥାପନ କରିବା ଏକ ପରିଶ୍ରମ ବହୁଳ କାର୍ଯ୍ୟ । କିନ୍ତୁ ଏ କାର୍ଯ୍ୟ ଚାଲିଛି । ଦିନେ ନୁହେଁ ଓଳିଏ ନୁହେଁ ବର୍ଷ ବର୍ଷ ଧରି ପ୍ରଭୁ ବଡ଼ସିଂହାର ବେଶରେ ପିନ୍ଧନ୍ତି ଗୀତଗୋବିନ୍ଦ ପାଟ । ଯାହାର ଦେହସାରା ଗୀତଗୋବିନ୍ଦ ପଦାବଳୀ ।

ମହାପ୍ରଭୁଙ୍କ ଦୈନନ୍ଦିନ ପୂଜା ରୀତିନୀତି ଭିତରେ ଗୀତଗୋବିନ୍ଦ ସେବକ ମଧ୍ୟ ରହିଛନ୍ତି । ଚନ୍ଦନ ଲାଗି ସମୟରେ ଓ ମହାପ୍ରଭୁଙ୍କ ଆଳତୀ ସମୟରେ ଭିତର ଗାୟଣୀ କଳାହାଟ ଦୁଆରେ ମହାପ୍ରଭୁଙ୍କ ପାର୍ଶ୍ୱରେ ରହି ଗୀତଗୋବିନ୍ଦ ଗାନ କରିଥାନ୍ତି । ଏହା ଶ୍ରୀମନ୍ଦିର ପରିବେଶକୁ ଭକ୍ତିପୂର୍ଣ୍ଣ ଓ ଆଧାତ୍ମିକମୟ କରିଥିବାବେଳେ ବଡ଼ ଠାକୁରଙ୍କ ପାର୍ଶ୍ୱରେ ବୀଣାକାର ବୀଣା ବଜାଇଥାନ୍ତି । ଗୀତଗୋବିନ୍ଦ ସେବକ ଭିତର କାଠ ପାଖରେ ଗୀତଗୋବିନ୍ଦ ପାଠ କରନ୍ତି । ଗୀତଗୋବିନ୍ଦ ଗାନ ମନ୍ଦିରରେ ଏକ ସେବାର ରୂପ ମଧ୍ୟ ନେଇଛି ।

**ଯଶସ୍ୱିନୀ ପଟ୍ଟନାୟକ**
ସିଡିଏ, କଟକ

# ବିଚାର-ବିମର୍ଶକୁ ପ୍ରତ୍ୟାଖ୍ୟାନ କାହିଁକି ?

**ଧ୍ୱନିପ୍ରତିଧ୍ୱନି**

**ଭର୍ତ୍ତୃହରି ମହତାବ**



ପ୍ରସ୍ତାବିତ ୱାକଫ ଅଧିନିୟମ ଉପରେ ବିଚାରବିମର୍ଶ ଲାଗି ଡକାଯାଇଥିବା ସଂସଦର ଯୁଗ୍ମ ସଂସଦୀୟ କମିଟି ବା ଜେପିସିର ବୈଠକରେ ବିରୋଧୀ ପକ୍ଷର ସଦସ୍ୟମାନେ ଯେପରି ଭାବେ ବହିଷ୍କାର କରିଛନ୍ତି, ତହିଁରୁ ଲାଗୁଛି ସେମାନେ ଏ ବିଷୟରେ କିଛି ଚର୍ଚ୍ଚା ହେଉ ବୋଲି ଚାହାନ୍ତି ନାହିଁ ଏବଂ ଯଦି ହୁଏ ତେବେ ସେମାନେ କାହା କଥା ଶୁଣିବାକୁ ପ୍ରସ୍ତୁତ ନୁହନ୍ତି । ଏଥର ବିରୋଧୀ ପକ୍ଷର ସଦସ୍ୟମାନେ ଜେପିସି ବୈଠକର ବହିଷ୍କାର କରନ୍ତି କାରଣ, ଦିଲ୍ଲୀ ୱାକଫ ବୋର୍ଡ ପକ୍ଷରୁ ଯେଉଁ ଲିଖିତ ଆବେଦନ ଦିଆଯାଇଥିଲା, ତାହା ତାଙ୍କ ପସନ୍ଦ ମୁତାବକ ନଥିଲା । ଆମ ଆଦମୀ ପାର୍ଟିର ଜନୈକ ସଦସ୍ୟ ସଂଜୟ ସିଂହ ଅଭିଯୋଗ କଲେ ଯେ ଦିଲ୍ଲୀ ୱାକଫ ବୋର୍ଡର ପ୍ରଶାସକ, ମୁଖ୍ୟମନ୍ତ୍ରୀଙ୍କ ମଂଜୁରୀ ନ ନେଇ ବୋର୍ଡର ରିପୋର୍ଟ ପ୍ରସ୍ତୁତ କରିଛନ୍ତି; ତେଣୁ ତାଙ୍କ କଥା ସଂସଦୀୟ କମିଟି ନ ଶୁଣୁ । ଯଦି ଶୁଣିବେ, ତେବେ କୌଣସି ବିରୋଧୀ ପକ୍ଷର ସଦସ୍ୟ ତାହାକୁ ବସି ଶୁଣିବେ ନାହିଁ । କୌତୂହଳର ବିଷୟ ଏହି ଯେ ବୈଠକକୁ ବହିଷ୍କାର କରିବାର କିଛି ସମୟ ପରେ ଯେତେବେଳେ ସେମାନେ ଦେଖିଲେ ବୈଠକ ପୂର୍ବବତ ଚାଲିଛି, ସେମାନେ ସମସ୍ତେ ବୈଠକକୁ ଫେରିଆସିଥିଲେ ।

ମଧ୍ୟାହ୍ନ ଭୋଜନ ସମୟରେ ବେଙ୍କେଟ ହଲ୍‌ରେ ଜେପିସି ଅଧ୍ୟକ୍ଷ ଶ୍ରୀ ଜଗଦମ୍ବିକା ପାଲଙ୍କ ସହ ଦେଖାହେଲା । ପାଖରେ ବସିଥିଲାବେଳେ ତାଙ୍କୁ ଯେତେବେଳେ ଏ ବିଷୟରେ ପଚାରିଲି, ଦିଲ୍ଲୀ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଥିଲେ ତ ୱାକଫ ବୋର୍ଡର ମତାମତ ପାଇଁ ? ସେ ହଁ କରି କହିଲେ, ଚିଫ୍ ସେକ୍ରେଟେରୀ ହିଁ ଅନୁମତି ଦେଇଛନ୍ତି ୱାକଫ ବୋର୍ଡ ପ୍ରଶାସକଙ୍କୁ ନିଜର ରିପୋର୍ଟ ପ୍ରଦାନ କରିବା ପାଇଁ । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଅନୁମତି ନିଆଯାଇ ନାହିଁ, ସେ ରିପୋର୍ଟକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରି ନାହାନ୍ତି ଇତ୍ୟାଦି କଥା କୁହାଯାଉଛି ଏବଂ ବିରୋଧୀ ପକ୍ଷର ସାଂସଦଙ୍କୁ ବୁଝାଇବାପରେ ମଧ୍ୟ ସେମାନେ ଅମାନିଆ ହେଉଛନ୍ତି । ତାଙ୍କ କଥା ଯୁକ୍ତିଯୁକ୍ତ ଥିଲା ।

ବାସ୍ତବରେ କିଛି ସପ୍ତାହ ହେଲା ଜେପିସି ବୈଠକ ଏକ ଆଖଡ଼ା ଭଳି ହୋଇଯାଇଛି । ଗତ ସପ୍ତାହରେ ତୃଣମୂଳ କଂଗ୍ରେସ ସାଂସଦ କଲ୍ୟାଣ ବାନାର୍ଜୀ ଏତେମାତ୍ରାରେ ଉତ୍ତେଜିତ ହୋଇଯାଇଥିଲେ ଯେ ପାଖରେ ଥିବା କାଚ ପାଣିବୋତଲକୁ ଟେବୁଲ ଉପରେ ବାଡ଼େଇ ଅଧ୍ୟକ୍ଷଙ୍କ ଉପରକୁ ଫୋପାଡ଼ିଥିଲେ । କାଚବୋତଲ ବାଡ଼େଇ ଭାଙ୍ଗିବା ଯୋଗୁଁ ତାଙ୍କ ହାତ ପାପୁଲି ରକ୍ତାକ୍ତ ହେଲା । ତାଙ୍କୁ ଗୋଟିଏ ଦିନ ଲାଗି ବୈଠକରୁ ସସ୍‌ପେଣ୍ଡ କରାଗଲା । ଏପ୍ରକାର ଘଟଣା କେବେ ସଂସଦୀୟ ଇତିହାସରେ ଘଟିନାହିଁ । କୌଣସି ସଂସଦୀୟ କମିଟି ବୈଠକରେ ଏ ପ୍ରକାର ଅନୁଚିତ ବ୍ୟବହାର ଆଦୌ ଗ୍ରହଣୀୟ ହୋଇନପାରେ । ଯେଉଁ ସମୟରେ ଏପ୍ରକାର ଘଟଣା ଘଟିଲା, ସେତେବେଳେ କଟକରୁ ଯାଇଥିବା ଏକ ଓକିଲ ସଂଗଠନ ସାକ୍ଷ୍ୟ ପ୍ରଦାନ କରୁଥିଲେ । ସେମାନଙ୍କ ବକ୍ତବ୍ୟକୁ ବାଧା ଦେଇ ସାଂସଦ କଲ୍ୟାଣ ବାନାର୍ଜୀ ଲଗାତାର ମନ୍ତବ୍ୟ ଦେବାରୁ ତାଙ୍କୁ ପଶ୍ଚିମବଙ୍ଗର ଭାଜପା ସାଂସଦ ତଥା କଲିକତା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ବନ୍ଦୋପାଧ୍ୟାୟ ନିରବ ରହିବାକୁ କହିବାରୁ ଇଏ ରାଗିକରି ପଞ୍ଚମ ହୋଇ କାଚଟେବୁଲ ବାଡ଼େଇ ଅଧ୍ୟକ୍ଷଙ୍କ ଉପରକୁ ଫିଙ୍ଗିଲେ । ଏ ପ୍ରକାର କାର୍ଯ୍ୟ ଲାଗି ତାଙ୍କୁ ସବୁଦିନ ପାଇଁ କମିଟି ବୈଠକରୁ ବିଦା କରିଦେବାର ଥିଲା ।

ଏବେ ଯେଉଁ ପ୍ରଚଳିତ ୱାକଫ ଅଧିନିୟମ ଅଛି ତାହା ଅତ୍ୟନ୍ତ ବିବାଦୀୟ, ତାହା କେବଳ ୱାକ୍‌ଫ ବୋର୍ଡଗୁଡ଼ିକୁ ମନୋମୁଖୀ ଢ଼ଙ୍ଗରେ କାର୍ଯ୍ୟ କରିବାକୁ ଅଧିକାର ପ୍ରଦାନ କରୁନାହିଁ, ବରଂ ନ୍ୟାୟବ୍ୟବସ୍ଥାର ମୌଳିକ ସିଦ୍ଧାନ୍ତର ମଧ୍ୟ ଉଲ୍ଲଂଘନ କରୁଛି । ଏହି ଅଧିନିୟମରେ ପରିବର୍ତ୍ତନ, ସଂଶୋଧନ କରିବା ନିହାତି ଆବଶ୍ୟକ, ଅନିବାର୍ଯ୍ୟ ବି । ଆରମ୍ଭରୁ ଜଣାଯାଇଛି ଯେ ବିରୋଧୀପକ୍ଷ ଏହି ଅଧିନିୟମର ସଂଶୋଧନ-ପରିବର୍ତ୍ତନ ସପକ୍ଷରେ ନଥିଲେ କି ଏବେ ବି ନାହାନ୍ତି । ସେମାନେ ସମ୍ଭବତଃ ଭାବୁଛନ୍ତି ଜେପିସି ବୈଠକରେ ଉଚ୍ଚସ୍ୱରରେ ହଟ୍ଟଗୋଳ କଲେ କି ବୈଠକକୁ ବହିଷ୍କାର କଲେ ସ୍ଥିତାବସ୍ଥା କାଏମ ରହିବ । କିନ୍ତୁ ସେପରି ହେଲାଭଳି ଲାଗୁନାହିଁ । ଏପ୍ରକାର ବ୍ୟବହାର ଦ୍ୱାରା ସେମାନେ ଶାସନପକ୍ଷର ଶାସନ କରିବାର ଅଧିକାରକୁ ଛଡ଼ାଇ ନେଇପାରିବେ ନାହିଁ । ଯଦି ଜେପିସିରେ ସାମିଲ ଥିବା ବିରୋଧୀ ପକ୍ଷର ସଦସ୍ୟମାନେ ଭାବୁଛନ୍ତି ପ୍ରଚଳିତ ୱାକଫ ଅଧିନିୟମର କୌଣସି ପ୍ରକାରର ସଂଶୋଧନର ଆବଶ୍ୟକତା ନାହିଁ, ତେବେ ସେମାନେ ନିଜର ଯୁକ୍ତିକୁ ସିଦ୍ଧ କରିବା ଲାଗି ଜୋର ଦେବା ଦରକାର, ଏ ପ୍ରକାର ହଟ୍ଟଗୋଳ, ଗୁଣ୍ଡାମୀ କରିବା ଉଚିତ ନୁହେଁ କି କେହି ଏ ବିଷୟରେ କିଛି ନ କହୁ ସେପରି ଏକ ବାତାବରଣ ସୃଷ୍ଟି କରିବା ଦରକାର । ସରକାରଙ୍କ ଉଦ୍ଦେଶ୍ୟ ଠିକ୍ ନୁହେଁ ବୋଲି କହିବା ଓ ପ୍ରଚଳିତ ୱାକଫ ଅଧିନିୟମରେ କୌଣସି ତ୍ରୁଟି ନାହିଁ ବୋଲି କହିବା ଆଦୌ ଯୁକ୍ତିସଂଗତ ନୁହେଁ । ଯଦି ସେମାନଙ୍କୁ କାହାକୁ ୱାକଫ ଆଇନରେ କୌଣସି ତ୍ରୁଟି ଦେଖାଯାଉ ନାହିଁ ତେବେ କ'ଣ କୁହାଯିବ ହିନ୍ଦୁ ଭୂଅଧିନିୟମ ମଧ୍ୟ ପ୍ରଣୟନ କରାଯାଉ ଓ ତାହାର ବୋର୍ଡକୁ ମଧ୍ୟ ୱାକଫ ବୋର୍ଡ ଭଳି ଅଧିକାର ଦେଇଦିଆଯାଉ, ଯାହାଫଳରେ ତାହା ଯେଉଁ ଜମିକୁ ଚାହିଁବ, ତାହାକୁ ନିଜସ୍ୱ କରିନେଇପାରିବ ଓ ପୀଡ଼ିତ କେଉଁଠାରେ ବି ଆପତ୍ତି ଅଭିଯୋଗ କରିପାରିବ ନାହିଁ ? ଯଦି ବିରୋଧୀ ପକ୍ଷର ନେତାମାନେ ଏ ବିଷୟରେ ଅବଗତ ନାହାନ୍ତି ତେବେ ତାହା ସେମାନଙ୍କର ବୋକାମୀ । ଆଜିର ୱାକ୍‌ଫ ବୋର୍ଡ କିପରି ଭାବେ ମନୋମୁଖୀ ଢଙ୍ଗରେ ଯାହାର ପାଇଲେ ତାହାର ଜମିକୁ ୱାକଫ୍ ସମ୍ପତ୍ତି ବୋଲି ଘୋଷଣା କରିଚାଲିଛି ଓ ଏହି କ୍ରମରେ ପୂରା ଗ୍ରାମକୁ ମଧ୍ୟ ନିଜ ସମ୍ପତ୍ତି ବୋଲି ଦାବି କରୁଛି । ଆଜି ଯଦି ନୂଆଦିଲ୍ଲୀରେ ଥିବା ହାଇକୋର୍ଟ ପରିସରକୁ, ଦିଲ୍ଲୀରେ ଥିବା କେନ୍ଦ୍ର ସରକାରଙ୍କ ମୁଖ୍ୟାଳୟଗୁଡ଼ିକ ୱାକଫ୍ ଜମିରେ ଅବସ୍ଥିତ ବୋଲି କୁହାଯାଉଛି, ଏ ବ୍ୟବସ୍ଥାର ସଂଶୋଧନ ହେବା ଦରକାର କି ନୁହେଁ ? ❑❑

# ବିଦ୍ରୋହର ଅଗ୍ନିସ୍ଫୁଲିଙ୍ଗ: ଋତୁରାଜ ବସନ୍ତ

**ପ୍ରକାଶ ମହାପାତ୍ର**

ଏ ଧରାପୃଷ୍ଠରେ ମାତ୍ର ୩୧ଟି ବସନ୍ତକୁ ଉପଭୋଗ କରିଥିବା ପ୍ରତିଭାସମ୍ପନ୍ନ କବି ବସନ୍ତ ମୁଦୁଲି ସୃଜନିର ଉନ୍ମେଷକାଳରେ ଆକସ୍ମିକ ଭାବେ ଜୀବନ ରଗମଞ୍ଚର ଅଭିନୟରୁ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ବିଦାୟ ନେବା ହୁଏତ ବିଧି ନିର୍ଦ୍ଦେଶ ହୋଇପାରେ ମାତ୍ର ସ୍ୱଳ୍ପ ସମୟର ସାଧନା,ସର୍ଜନା ତାଙ୍କୁ ଅମର କରି ରଖିଛି ମଧ୍ୟ।ପ୍ରଚଣ୍ଡ ଦମ୍ଭରେ ସାହସୀ ମଣିଷଟିଏ ହୋଇ ଠିଆ ହୋଇଥିବା ଚରିତ୍ରଟିଏ ଥିଲେ କବି ବସନ୍ତ। ତାଙ୍କ ଜୀବନ ଓ କବିତା ମଧ୍ୟରେ ଥିଲା ପ୍ରତିଜ୍ଞାବଦ୍ଧତା (କମିଟମେଣ୍ଟ)ର ବାର୍ତ୍ତା।କବିତାରେ ଜୀବନକୁ,ସମାଜକୁ ପରଖିବାର ନିଆରା ଭଙ୍ଗୀ ସହ ଅଭାବ,କଷଣ, ନିଷ୍ପେଷଣ ଭିତରେ ସ୍ୱପ୍ନ ଦ୍ରଷ୍ଟା କବି ଥିଲେ ସେ।କବିତା ଲେଖି ଅନ୍ୟର ହୃଦୟ ଜିଣିବା ଥିଲା ତାଙ୍କର ଝୁଙ୍କ। ସାମାଜିକ ଅଙ୍ଗୀକାର ବଦ୍ଧତାରେ, ମଣିଷପଣିଆର ଜୟଯାତ୍ରାର ଦାୟରେ ସେ ଲେଖିଛନ୍ତି-'କାମ୍ୟ ମୋର ସାମାଜିକ ଅଙ୍ଗୀକାର ମୋର ପ୍ରଥମ ବିନ୍ଦୁ ପତନରେ ଏବଂ ମୋର ଶେଷ ରକ୍ତ ତର୍ପଣରେ।'

ମାନବିକତାର ଉନ୍ମେଷ,ଉତ୍କର୍ଷ ପାଇଁ ନୈବେଦ୍ୟ ଭାବେ ସୃଷ୍ଟ ଏହି ପଂକ୍ତି କବିର ଦେହରେ, ମନରେ, ଆତ୍ମାରେ, ଚିନ୍ତା ଚେତନାରେ, କାର୍ଯ୍ୟ କଳାପରେ ପ୍ରଚଣ୍ଡ ମାନବବାଦୀ ନହେଲେ କେବେବି ସୃଷ୍ଟି କରିପାରିବନାହିଁ। ସେହିପରି ସାମ୍ପ୍ରତିକ ସମୟରେ ଯେତେବେଳେ ମଣିଷ ଭିତରୁ ମାନବିକ ମୂଲ୍ୟବୋଧ ନିଶ୍ଚିହ୍ନ ହେବାକୁ ବସିଛି,ସ୍ୱଚ୍ଛନ୍ଦ ଜୀବନଯାପନ କଷ୍ଟକର ହୋଇପଡ଼ିଛି ସମ୍ବେଦନଶୀଳ କବି ବସନ୍ତ ହାଣମୁହଁକୁ ମଥାପାତି ଦେବାପାଇଁ ଅଣ୍ଟା ଭିଡ଼ିଛନ୍ତି, ଫୁଲଶେଯର ମୋହ ତାଙ୍କୁ ମୋହାବିଷ୍ଟ କରିବାରେ ବିଫଳ ହୋଇଛି ବରଂ ପୃଥିବୀରେ ପ୍ରେମର ମଞ୍ଜି ବୁଣି ଦେଇଛନ୍ତି କବିତା ଭିତରେ- 'ଯେତେ ଗୁଳି ଅଛି କୁଢ଼େଇ ଦିଅ ମୋ ଛାତିରେ, ଯେତେ ପ୍ରେମ ଅଛି ଅଜାଡ଼ି ଦିଅ ଏ ମାଟିରେ।' ଅବା 'ଯେଉଁଠିଥାଅ ପ୍ରେମର ମନ୍ତ୍ର ଉଚ୍ଚାରଣ କର, ମଣିଷଙ୍କୁ ଭଲ ପାଅ, ମଣିଷର ଦୁଃଖସୁଖରେ ଭାଗୀଦାର ହୁଅ।

ପ୍ରେମ ଓ ଭ୍ରାତୃତ୍ୱର ଧ୍ୱଜା ଉଡାଉଥିବା ସ୍ୱଳ୍ପାୟୁ କବିଙ୍କର ଅନେକ କବିତାରେ ସାମ୍ପ୍ରତିକ ସମାଜ ବ୍ୟବସ୍ଥା ପ୍ରତି ପ୍ରଚ୍ଛନ୍ନ ବ୍ୟଙ୍ଗ ଓ ବିଦ୍ରୁପର ସ୍ୱର ମଧ୍ୟ ଶାଣିତ ଥିଲା।ତାଙ୍କର ଶାଣିତ ଦୃଷ୍ଟିଭଙ୍ଗୀ ଏକ ଶ୍ରେଣୀହୀନ ଶୋଷଣମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଛି ଅନେକ କବିତାରେ ।

ସ୍ୱାଧୀନତା ପରବର୍ତ୍ତୀ ସମାଜର ରାଜନୀତିକ ଶୋଷଣ ତଥା ଜାତି,ଧର୍ମ,ଅର୍ଥ ନାମରେ ସୃଷ୍ଟି ହୋଇଥିବା ଶ୍ରେଣୀବୋଧକୁ ଆଧାରକରି ବାମପନ୍ଥୀ ଚେତନାରେ ସେ ଅନେକ କବିତା ମଧ୍ୟ ଲେଖିଛନ୍ତି।ଆଉ କେତେକ କବିତାରେ ଉଦାର ମାନବବାଦ ଓ ଦେଶପ୍ରୀତି ହିଁ ତାଙ୍କ କବିତାର ଅନ୍ୟତମ ବିଭବ ବୋଲି ସ୍ପଷ୍ଟ ହୋଇଛି।ଏହାବ୍ୟତୀତ କବିଙ୍କର ରୋମାଣ୍ଟିକ ଚେତନା ମଧ୍ୟ କମ ପ୍ରାଣମୟ ନୁହେଁ।ଏଇ ଯେମିତି ତାଙ୍କର ପ୍ରିୟତମା କବିତାରେ-

'ଗୋଟିଏ ଶବ୍ଦରେ ଯଦି ଆତ୍ମସମର୍ପଣ, କୋଟିଏ ବୋମା ଫିଙ୍ଗିବା ଦରକାର କ'ଣ ?'

ତାଙ୍କ କବିସତ୍ତା ଜଣେ ସାଧାରଣ ମଣିଷର ଯିଏ ସଂଗ୍ରାମର ସମସ୍ତ ଯନ୍ତ୍ରଣାକୁ ଭୋଗିବାରେ ଆନନ୍ଦ ପାଏ।ତାଙ୍କ କବିତା ଯେତିକି ସରଳ ଓ ସାବଲୀଳ ସେତିକି ବୌଦ୍ଧିକ ଚେତନାରେ ମହିମାମୟ। ପ୍ରକାଶ ଭଙ୍ଗୀରେ ମୌଳିକତା, ଶବ୍ଦଗୁମ୍ଫନରେ ନିଆରାତ୍ୱ ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ଦେଇଛି।ତାଙ୍କର ସ୍ୱତନ୍ତ୍ର ଆବେଦନ ହିଁ ତାଙ୍କର ସ୍ୱତନ୍ତ୍ରତାକୁ ଚିହ୍ନଟ କରେ।

'ମୋ ଦେଶରେ କ'ଣ
କେହିଜଣେ ଜନ୍ମିନାହିଁ
କଙ୍କାଳ ଓଠରେ ଯୋଡ଼ିଦେବା
ପାଇଁ ଭାଷା
ମୋ ଦେଶରେ କ'ଣ
କେହିଜଣେ ନାରୀ ନାହିଁ
ଜନ୍ମ ଦେବାପାଇଁ ନୂତନ
ସୂର୍ଯ୍ୟର ଆଶା।'

ତାଙ୍କ କବିତାରେ ଶବ୍ଦସବୁ ପରମାଣୁ ବୋମାଠାରୁ ଶକ୍ତିଶାଳୀ, ଆଗ୍ନେୟଗିରିରୁ ଉଦଗିରିତ ଲାର୍ଭା ପରି। ୨ ନଭେମ୍ବର ୧୯୫୫ରେ ଜନ୍ମିତ କବି ୧୯୮୦ରୁ କବିତା ରଚନାରେ ମଗ୍ନ ହୋଇ ମାତ୍ର ଛଅ ବର୍ଷର ସାହିତ୍ୟ ସାଧନା କରି ଓଡ଼ିଆ କବିତା ସାମ୍ରାଜ୍ୟରେ ନିଜର ସ୍ୱତନ୍ତ୍ର ପାଦଚିହ୍ନ ଛାଡ଼ିଯାଇଛନ୍ତି।୧୯୮୬ ଜୁନ ୧୫ତାରିଖରେ ଏକ ଦୁର୍ଘଟଣାରେ ଆକସ୍ମିକ ବିଦାୟ ନେଇ ମାତ୍ର ୩୧ବର୍ଷର ଜୀବନ ଜୀଇଁଥିବା ବସନ୍ତଙ୍କ ଜୀବନର ସଙ୍ଘର୍ଷମୟ କାହାଣୀ ହିଁ ତାଙ୍କୁ ସ୍ୱାଧୀନଚେତା କବିଭାବେ ପରିଚୟ ଦେଇଛି। ଜୀବନର ପ୍ରତିଟି ପଦକ୍ଷେପରେ ଦାରିଦ୍ର୍ୟ ସହ ରୀତିମତ ସଂଗ୍ରାମ କରି ସେ ବଞ୍ଚିଥିଲେ ଓ ସୃଜିଥିଲେ ବହୁ ସୃଷ୍ଟି। ତାଙ୍କର 'ଯିଏ ଯେଉଁଠି ଅଛ','ବସନ୍ତ ବର୍ଣ୍ଣମାଳା', 'ବିଭୋର ବସନ୍ତ',ଶ୍ରେଷ୍ଠ କବିତା ପୁସ୍ତକ ବ୍ୟତୀତ ଓଡିଶା ସାହିତ୍ୟ ଏକାଡେମୀ 'ବସନ୍ତ ବର୍ଣ୍ଣବିଭା' ପୁସ୍ତକ ପ୍ରକାଶ କରିଛି।

ଏହି କ୍ରାନ୍ତିକାରୀ ପ୍ରତିଭାବାନ କବିଙ୍କର ଦେହାବସାନ ପରେ 'କବି ବସନ୍ତ ମୁଦୁଲି ସ୍ମୃତି ସଂସଦ' ପ୍ରତିଷ୍ଠା କରାଯାଇ ତାଙ୍କ ସ୍ମୃତି ସମାରୋହ ପାଳନ କରାଯିବା ସଙ୍ଗେସଙ୍ଗେ ପ୍ରତିବର୍ଷ ଜଣେ ପ୍ରତିଭାବାନ ଯୁବକବିଙ୍କୁ 'କବି ବସନ୍ତ ମୁଦୁଲି କବିତା ପୁରସ୍କାର' ପ୍ରଦାନ କରାଯାଉଛି।ନଭେମ୍ବର ୩ ତାରିଖରେ କବି ବସନ୍ତ ମୁଦୁଲିଙ୍କ ୩୭ ତମ ସ୍ମୃତି ସମାରୋହ ପାଳନ କରାଯାଉଛି।ଏହି ଅବସରରେ କବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି।

ମଞ୍ଜୁରୀରୋଡ଼,ଭଦ୍ରକ
ମୋ-୯୯୩୭୯୭୦୩୪୫

## ସଂପାଦକଙ୍କୁ ପତ୍ର

### ମହାକାଶ ଗବେଷଣା କ୍ଷେତ୍ରରେ ଭାରତ

ମହାଶୟ,

ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ଏବ ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି । ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ବିପର୍ଯ୍ୟୟ ଓ ଖାଦ୍ୟ ନିରାପତ୍ତା ଭଳି ଆହ୍ୱାନର ସମ୍ମୁଖୀନ ହେବାକୁ ମହାକାଶ ଗବେଷଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଏକ କ୍ଷେତ୍ର ଯେଉଁଠାରେ ବିଭିନ୍ନ ଦେଶ ଏକତ୍ର କାର୍ଯ୍ୟ କରନ୍ତି । ଏହା ଆନ୍ତର୍ଜାତୀୟ ସହଯୋଗକୁ ପ୍ରୋତ୍ସାହିତ କରିବାରେ ଏହା ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରେ । ଗତ କିଛି ଦଶନ୍ଧି ମଧ୍ୟରେ ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ଅସାଧାରଣ ଅଗ୍ରଗତି କରିଛି । ଭାରତର ମହାକାଶ ମିଶନ ୧୯୬୨ ମସିହାରେ ଆରମ୍ଭ ହୋଇଥିଲା, ଯେତେବେଳେ ବିକ୍ରମ ସାରଭାଇଙ୍କ ଉଦ୍ୟମରେ ଭାରତୀୟ ଜାତୀୟ ମହାକାଶ ଗବେଷଣା କମିଟି ଗଠନ କରାଯାଇଥିଲା । ସ୍ପେସ୍ ଅନୁସନ୍ଧାନ କ୍ଷେତ୍ରରେ ଭାରତୀୟ ମହାକାଶ ଗବେଷଣା ସଂଗଠନ ଏକ ବ୍ୟାପକ ଭୂମିକା ଗ୍ରହଣ କରିଥିଲା ଓ ସ୍ପେସ୍ ଟେକ୍ନୋଲୋଜିର ବ୍ୟବହାରକୁ ପ୍ରୋତ୍ସାହିତ କରିଥିଲା । ୧୯୭୨ ମସିହାରେ, ସ୍ପେସ୍ ବିଭାଗ ପ୍ରତିଷ୍ଠା ହେଲା । ଭାରତୀୟ ମହାକାଶ ଗବେଷଣା ସଂଗଠନକୁ ଏହି ବିଭାଗ ଅଧୀନରେ ଅଣାଯାଇଥିଲା । ପ୍ରାରମ୍ଭିକ ବର୍ଷରେ ଭାରତୀୟ ମହାକାଶ ଗବେଷଣା ସଂଗଠନ ଛୋଟ ଉପଗ୍ରହ ଉତକ୍ଷେପଣ୍ ଓ ରକେଟ୍ ଟେକ୍ନୋଲୋଜିର ବିକାଶ ଉପରେ ଧ୍ୟାନ ଦେଇଥିଲା । ଧୀରେ ଧୀରେ, ଏହା ଏହାର ସାମର୍ଥ୍ୟକୁ ବିସ୍ତାର କଲା ଓ ଅଧିକ ଜଟିଳ ମିଶନଗୁଡିକ କଲା । ଚନ୍ଦ୍ର ପୃଷ୍ଠରେ ଭାରତର ପ୍ରଥମ ମିଶନ ଥିଲା ଚନ୍ଦ୍ରାୟଣ । ୨୦୨୩ ମସିହାରେ ଭାରତ ଚନ୍ଦ୍ରୟାନ -୩ ମିଶନ ମାଧ୍ୟମରେ ଚନ୍ଦ୍ରର ଦକ୍ଷିଣ ପୋଲ ଉପରେ ଏକ 'ନରମ ଅବତରଣ' କରି ଇତିହାସ ସୃଷ୍ଟି କରିଥିଲା । ଚନ୍ଦ୍ରରେ 'ନରମ ଅବତରଣ' କରିବାରେ ଓ ଚନ୍ଦ୍ରର ଦକ୍ଷିଣ ପୋଲାର ଅଞ୍ଚଳରେ ପ୍ରଥମ ଅବତରଣ କରିବାରେ ଭାରତ ବିଶ୍ୱର ଚତୁର୍ଥ ଦେଶ ହୋଇପାରିଛି । ମଙ୍ଗଳିଆନ୍ ବହୁତ କମ୍ ବଜେଟରେ ମଙ୍ଗଳ ଗ୍ରହର କକ୍ଷପଥରେ ପ୍ରବେଶ କରି ଏକ ନୂତନ ଇତିହାସ ସୃଷ୍ଟି କଲେ ।

ବିକାଶ କୁମାର ପତି,
ଝାରସୁଗୁଡ଼ା

# ସ୍ମରଣୀୟ ଅନୁଭୂତି

**ଡଃ. ଅରୁନ୍ଧତୀ ଦେବୀ**



**ଜୟନ୍ତୀ ଉପଲକ୍ଷେ**

ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ନିଜର ସର୍ବସ୍ୱ ଦେଇଥିବା ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀଙ୍କ ଏକମାତ୍ର କନ୍ୟା ଥିଲେ ଅନ୍ନପୂର୍ଣ୍ଣା ମହାରଣା, ଶ୍ରଦ୍ଧା ନାମ ଚୁନି । ସମସାମୟିକ ସମାଜରେ ଚୁନିଅପା ଭାବେ ସେ ଜଣାଶୁଣା ଥିଲେ । ଗୋପବନ୍ଧୁ ସପରିବାର ଗାନ୍ଧୀ ନୀତି ଗ୍ରହଣ କରିଥିବାରୁ, ଶୈଶବରେ ହିଁ ଏହାର ପ୍ରଭାବ ଚୁନିଙ୍କ ଉପରେ ପଡ଼ିଥିଲା । ମହାତ୍ମାଙ୍କ ଆଦର୍ଶରେ ସେ ଆଜୀବନ ବଞ୍ଚିଥିଲେ । ଗୋପବନ୍ଧୁ ସରକାରୀ ବିଦ୍ୟାଳୟରେ ନିଜର ସନ୍ତାନଙ୍କୁ ପଢ଼ାଇବାକୁ ଚାହୁଁ ନଥିଲେ । ତେଣୁ ଚୁନିଙ୍କର ଶିକ୍ଷା ଘର ମଧ୍ୟରେ ହୋଇଥିଲା । ଘରେ ସେ ପଢ଼ିଥିଲେ ଜ୍ଞାନାର୍ଜନ କରିଥିଲେ । ପିତା-ମାତାଙ୍କର ଶ୍ରେଷ୍ଠ ଗୁଣ ଗୁଡ଼ିକ ତାଙ୍କଠାରେ ବିକଶିତ ହୋଇଥିଲା ଏବଂ ସେ ଅତ୍ୟନ୍ତ ଶୃଙ୍ଖଳିତ ଓ ପାରଙ୍ଗମ ହୋଇପାରିଥିଲେ । ତେର ବର୍ଷ ବୟସରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ଏବଂ ୧୯୩୨ରେ ମାତ୍ର ପନ୍ଦର ବର୍ଷ ବୟସରେ ଜେଲ ଯାଇଥିଲେ । ୧୯୩୪ରେ ସେ ମହାତ୍ମାଙ୍କ ସହ ପୁରୀରୁ ଭଦ୍ରକ ହରିଜନ ପଦଯାତ୍ରାରେ ଯୋଗ ଦେଇଥିଲେ । ହରିଜନ ସେବାକୁ ସେ ଜୀବନର ଏକ ବ୍ରତ ଭାବେ ଗ୍ରହଣ କରିଥିଲେ । ୧୯୪୨ରେ ପିତାଙ୍କ ଇଚ୍ଛା ଅନୁଯାୟୀ ଚୁନି ଅସବର୍ଣ୍ଣ ବିବାହ କରିଥିଲେ । ପତି ଶରତ ଚନ୍ଦ୍ର ମହାରଣା ଥିଲେ ବୈଶ୍ୟ । ଭାରତ ଛାଡ଼ ଆନ୍ଦୋଳନ ସମୟରେ ତାଙ୍କୁ ପ୍ରାୟ ଅଢ଼େଇ ବର୍ଷ କାରାଗାରରେ ଅଟକ ରହିବାକୁ ପଡ଼ିଥିଲା । ୧୯୫୮ରେ ସନ୍ଥ ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ । ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଜୟପ୍ରକାଶଙ୍କ ନେତୃତ୍ୱରେ ଚମ୍ବଲର ଦୁର୍ଦ୍ଧର୍ଷ ଡକାଏତମାନଙ୍କ ଆତ୍ମସମର୍ପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ଜାତୀୟ ସ୍ତରରେ ଚର୍ଚ୍ଚିତ ହୋଇଥିଲେ । ଏହି ବିଷୟରେ ସେ ଲେଖିଥିଲେ ଦସ୍ୟୁ ହୃଦୟର ଦେବତା । ୧୯୧୭ ନଭେମ୍ବର ଆଜିର ଦିନରେ ସେ ଜନ୍ମ ହୋଇଥିଲେ ।

ଜନସାଧାରଣଙ୍କ ସହିତ ଏକ ରୂପ ହୋଇ ଗଠନମୂଳକ କାର୍ଯ୍ୟ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଚେତନା ଆଣିବାର ପରଖ ସ୍ୱରୂପ ଜାତିର ଜନକ ମହାତ୍ମା ଗାନ୍ଧୀ ୧୯୩୪ ମସିହା ମେ ୮ରୁ ଓଡ଼ିଶାରେ ଆରମ୍ଭ କରିଥିଲେ ପଦଯାତ୍ରା । ଅସ୍ପୃଶ୍ୟତା ନିବାରଣ ଏହାର ମୂଳ ଉଦ୍ଦେଶ୍ୟ ଥିବାରୁ ଏହା ହରିଜନ ପଦଯାତ୍ରାଭାବେ ବେଶ୍ ଖ୍ୟାତ ଥିଲା । ଏ ପଦଯାତ୍ରାରେ ଗାନ୍ଧିଜୀଙ୍କ ସହିତ ଓଡ଼ିଶା, ଭାରତ ତଥା ସର୍ବୋପରି ଅନେକ ବିଦେଶୀ ଗାନ୍ଧୀ ଅନୁଗାମୀ ଏଥିରେ ସାମିଲ ହୋଇଥିବାରୁ ଏ ପଦଯାତ୍ରାକୁ ନେଇ ସେତେବେଳେ ସମଗ୍ର ଭାରତ ଏପରିକି ବିଦେଶରେ ଭାରି ଚର୍ଚ୍ଚା ହୋଇଥିଲା । ଚିର ସତ୍ୟ ଓ ଅହିଂସାର ମୂର୍ତ୍ତିମନ୍ତ ଜୀବନ୍ତ ପ୍ରତୀକ ଗାନ୍ଧୀଙ୍କ ଭାଷାରେ ସ୍ୱାଧୀନତା ଅର୍ଜନ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସ୍ୱାଧୀନ ଭାରତର ଉପଯୁକ୍ତ ନାଗରିକ ଗଢ଼ିବା ଥିଲା ତା'ଠାରୁ ତତୋଽଧିକ ଗୁରୁତ୍ୱପୂର୍ଣ୍ଣ । ପୁରୀରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାରେ ଯେଉଁ ବିଶିଷ୍ଟ ବ୍ୟକ୍ତିତ୍ୱ ସାମିଲ ଥିଲେ ଓ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ କହନ୍ତି ।

ମୀରାବେନ୍ ଗାନ୍ଧୀଙ୍କ ବ୍ୟକ୍ତିଗତ ଦାୟିତ୍ୱରେ, ଗାନ୍ଧୀଙ୍କ ହିନ୍ଦୀ ବକ୍ତବ୍ୟକୁ ଓଡ଼ିଆ ଅନୁବାଦକ ଦାୟିତ୍ୱରେ ଥିଲେ ରାଜକୃଷ୍ଣ ବୋଷ, ମନମୋହନ ଚୌଧୁରୀ, ଫଟୋଗ୍ରାଫର ଭାବେ ଓ ତତ୍‌କାଳୀନ ଓଡ଼ିଶାର ଏକମାତ୍ର ଖବରକାଗଜ "ସମାଜ"କୁ ପଦଯାତ୍ରାର ରିପୋର୍ଟ ପ୍ରଦାନ କରୁଥିଲେ ବିନୋଦ କାନୁନ୍‌ଗୋ । ଏତଦ୍‌ବ୍ୟତୀତ ଠକ୍କର ବାପା, ପୂର୍ବତନ ଉପରାଷ୍ଟ୍ରପତି କୃଷ୍ଣକାନ୍ତଙ୍କ ପିତା ଲାଲା ଅଚିନ୍ତ୍ୟରାମ, ପ୍ରଫେସର ମାଲ୍‌କାନି, ବାଲ୍ କାଲେକର, ଜମୁନାଲାଲ୍ ବଜାଜଙ୍କ ପତ୍ନୀ ଉମା ବଜାଜ୍, ଜୟପ୍ରକାଶ ନାରାୟଣଙ୍କ ଧର୍ମପତ୍ନୀ ପ୍ରଭାବତୀ ଦେବୀ, ଗୋପବନ୍ଧୁ ଚୌଧୁରୀ, ନାରାୟଣ ମହତାବ୍ ପ୍ରମୁଖ । ତେବେ ଏଥିରେ ସୁଇଜରଲାଣ୍ଡ ଶାନ୍ତି ଆନ୍ଦୋଳନର ନେତା ନେତାଜୀ ସୋରିସେଲ୍, ଜର୍ମାନୀର ବିଶିଷ୍ଟ ସମାଜସେବୀ ମିଃ ବ୍ରୁନ୍‌ଟା, ଇଂଲଣ୍ଡର ବିଶିଷ୍ଟ ନେତା ଅଗା ଖାଁ ହାରିସନ୍ ପ୍ରମୁଖ ସାମିଲ ଥିବାରୁ ପୃଥିବୀର ବଡ଼ ବଡ଼ ଖବର କାଗଜରେ ଏ ସଂକ୍ରାନ୍ତରେ ସବିଶେଷ ରିପୋର୍ଟ ବାହାରୁଥିଲା । ସେତେବେଳେ ୧୭ ବର୍ଷ ହୋଇଥିଲା କିଶୋରୀ ଅନ୍ନପୂର୍ଣ୍ଣାଙ୍କୁ । ପଦଯାତ୍ରାବେଳେ ହରିଜନ ମହିଳାମାନଙ୍କୁ ସେମାନଙ୍କ ଅଭାବ ଅସୁବିଧା ବୁଝି ରିପୋର୍ଟ ଦେବାକୁ ତାଙ୍କୁ କୁହାଯାଇଥିଲା । ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ଏହି ଯାତ୍ରା ଅନୁଷ୍ଠିତ ହେବା ସହ ପ୍ରାୟ ପ୍ରତିଦିନ ବିଭିନ୍ନ ସ୍ଥାନରେ ସାଧାରଣ ସଭା ଅନୁଷ୍ଠିତ ହେଉଥିଲା । ମେ ୧୭ ତାରିଖ ଦିନ କାଜିପାଟଣାଠାରେ ପଦଯାତ୍ରା ସମୟରେ ଗାନ୍ଧିଜୀ ହରିଜନ କାମ ପାଇଁ ଚାନ୍ଦା ମାଗିବାରୁ ଉପସ୍ଥିତ ଜନତାଙ୍କ ପାଖରେ ଯାହା ଥିଲା ତତ୍‌କ୍ଷଣାତ୍ ସବୁ ଗାନ୍ଧିଙ୍କ ଆଗରେ ଥୋଇଦେଲେ । ସେତେବେଳେ ଅନ୍ନପୂର୍ଣ୍ଣା ଦେବୀଙ୍କ ମା' ସେଠାରେ ଉପସ୍ଥିତ ଥିଲେ । ଗାନ୍ଧିଜୀ ହସି ହସି ତାଙ୍କ ମା'ଙ୍କୁ କହିଲେ ତୁମେ ମୋତେ କ'ଣ ଦେବ ?

ତାଙ୍କ ମା' ଦୃପ୍ତ କଣ୍ଠରେ କହିଲେ, ମୋର ତ ତୁମେ ସର୍ବସ୍ୱ ନେଇସାରିଛ, ପୁଅ ନେଲ, ବୋହୂ ନେଲ, ନାତି, ନାତୁଣୀ ନେଲ । ମୋର ଆଉ କ'ଣ ବାକି ଅଛି ଯେ ତୁମକୁ ଦେବି ? ଗାନ୍ଧିଜୀ ହସି ଉଠି ଅଥ ଗମ୍ଭୀର ଭାବେ କହିଲେ ତୁମ ପରି ମା' ତ ଏ ଦେଶ ପାଇଁ ଆଦର୍ଶ । ପଦଯାତ୍ରା ଜୁନ୍ ୮ରେ ଶେଷ ହେଲା ଭଦ୍ରଖରେ । ଗାନ୍ଧିଙ୍କ ଫେରିଲା ପରେ ୨୧ ଡିସେମ୍ବର ୧୯୩୪ରେ ସେ ଅନ୍ନପୂର୍ଣ୍ଣା ଦେବୀଙ୍କ ପାଖକୁ ସ୍ୱହସ୍ତ ଲିଖିତ ଖଣ୍ଡେ ଚିଠି ପଠାଇଥିଲେ । ସେଥିରେ ଲେଖିଥିଲେ ଆଦରର ଚୁନି, ଗାଁର ଉନ୍ନତି ପାଇଁ ଯଥାସମ୍ଭବ ସବୁ ମୂଳ ମଜୁରୀ ନିଜ ହାତରେ କରିବା ଭଲ । ତୁମମାନଙ୍କର ନିଷ୍ଠାପର ଅବଦାନ ନିଷ୍ଫଳ ହେବନାହିଁ । ଏତେ ବଡ଼ ମହାପୁରୁଷ, ବିଶ୍ୱ ଯାହାକୁ ଯୁଗସ୍ରଷ୍ଟା କହୁଛି, ସେହି ଲୋକଟି ସାଙ୍ଗରେ ଆମପରି ତୁଚ୍ଛ ଜନ ଯେ ବାଟ ଚାଲିଥିଲୁ, କଥା କହିଥିଲୁ, ବସିଥିଲୁ, ତାଙ୍କ ପାଖରେ ମନ କଥା କହିବାର ସୁଯୋଗ ପାଇଥିଲୁ, ଅବୋଧ ଶିଶୁ ପରି ତା'ର ସେବାଯତ୍ନ ମଧ୍ୟ ଗ୍ରହଣ କରିଥିଲୁ - ଏହି ସ୍ମରଣୀୟ ବକ୍ତବ୍ୟ ଅନ୍ନପୂର୍ଣ୍ଣା ମହାରଣା ତାଙ୍କ ଆତ୍ମଜୀବନୀରେ ବି ଲେଖିଛନ୍ତି । ତାଙ୍କ ଆତ୍ମଜୀବନୀରେ ସେ କଥା ମନେ ପକାଇଲାବେଳକୁ ତାହାକୁ ବିଶ୍ୱଗୁରୁ ରବୀନ୍ଦ୍ରନାଥଙ୍କ ଭାଷାରେ ହିଁ ଆବୃତ୍ତି କରିବାକୁ ମନ ଡାକେ – "ଆମି ବନଫୁଲ ତୋମାର ମଲାୟ, ଛିଲେମ ତୋମାର ଗଲେ, ଆଜି ଏ କ୍ଲାନ୍ତ ଦିବସର ଅବସାନେ, ଲୁପ୍ତ ଆଲୋୟ ପାଖୀର ସୁପ୍ତଗାନେ, ଧୂଲାୟ ଧୂଲାୟ ଦୀର୍ଣ୍ଣ ଜୀର୍ଣ୍ଣ, ନା ହୋକ ସେ ପଲେ ପଲେ ।" ମାତ୍ର ଚିତ୍ତ ଶୁଦ୍ଧିର ସାଧନା, ସମାଜ ପରିବର୍ତ୍ତନ ପାଇଁ ଆପ୍ରାଣ ଉଦ୍ୟମ ସର୍ବୋପରି ହରିକୃପା ବିନା ଏ ଉଚ୍ଚାଭିଳାଷ ପୂରଣ ହେବା ସମ୍ଭବ କି ?

କଟକ
ମୋ:୯୯୩୭୧୭୨୮୧୦

# ରଦ୍ଦି

**ରଶ୍ମିରେଖା ଦାସ**



**କା**ଲି ସଜ ସଜ ବାସୁଥିବା ଶବ୍ଦ ପୁଞ୍ଜାଏ
ଆଜି ଅଦରକାରୀ ରଦ୍ଦି
ନୀରବତାର ନଈ ଭିତରେ
କୂଳ ଭୁଲିଗଲେ
ଦଳେ ଛାତ୍ର ଆନ୍ଦୋଳନକାରୀ
ଯେଉଁମାନେ ଥିଲେ ତୀବ୍ର ତାରୁଣ୍ୟର ଫ୍ରଣ୍ଟ ପେଜ୍।
ବିକ୍ରି ହେଇଗଲା
ଅନେକ ଅପମୃତ୍ୟୁ ମାମଲା
ହାଇକୋର୍ଟର ଧୂଳିରେ ଛକି ଶୂନ ଖେଳୁଥିବା
ସେ ଅଠରବର୍ଷର କିଶୋରୀ
କେତେବେଳେ ଯେ ବାଲିଘର ଭଳି ଭୁଶୁଡ଼ି ପଡ଼ିଲା
କିଏ ବା ରଖୁଛି ହିସାବ।
ଅଜଣା ମଣିଷଟିଏ ନେଇଚାଲିଗଲା
ଗତ ଛ'ମାସର ତେଲ ଚିକିଟା
ଜମି ଆସିଥିବା ଅଟା ଗୁଣ୍ଡ
ମଲା ଅସରପା ଦାଗ
କିଛି ଅସଜଡ଼ା ସ୍ୱପ୍ନର ଲୁହ
ଆଉ କେତେ ଅଙ୍କା ଯାଇ ପାରିନଥିବା
ଦର ଖଣ୍ଡିଆ ପାହାଡ଼।
କିଲୋ ପନ୍ଦର ଟଙ୍କାର ହିସାବ ଭିତରେ
ଅଚିହ୍ନା ହେଇଗଲା
କେତେ ଗୁଡ଼ାଏ ଚିହ୍ନା ଦରଜ
ନିକିତିରେ ଭାଗ ହେଲା
ଆଖିର ଲୁହ ଆଉ ଛାତିର ଦରଜ
ରବିବାରର ଦ୍ୱିପ୍ରହରକୁ ନିସ୍ତବ୍ଧ
କରି ଦେଇଥିବା ସେ ଗପ
ଆଜି ଯାଏ ମୁଣ୍ଡରେ ଭୂତପରି ଓହଳି ଥିବା
ସେ ପ୍ରିୟ କବିଙ୍କ କବିତା
ସବୁ କିଛି ଧୀରେ ଧୀରେ ହଜିଗଲେ
ଅକ୍ଟୋବରର ଏକ ସକାଳରେ।
ଦିନେ ସମୟ ସରିଆସିବା ବେଳରେ
କେଉଁ ଏକ ଖାଁ ଖାଁ ଅକ୍ଟୋବରର ସକାଳେ
ଏ ଦେହ ପାଲଟିବ ରଦ୍ଦି
ମିଳେଇ ଯିବ ମୋତେ ନେଇ ଯେତେ ଯେତେ
ହସ କାନ୍ଦ ସ୍ୱପ୍ନ ସମ୍ଭାବନା,
ମୋ ପାପ ପୁଣ୍ୟର ହିସାବ କଷୁଥିବା ମଣିଷତକ
ମୂର୍ଦ୍ଧାର କହି
ଭୁଲିଯିବେ ମୋତେ
ଯେମିତି ମୁଁ ଆଜି ଭୁଲିଗଲି
ସେଇ ଗତ ଛ'ମାସର ଘଟଣା ଓ ଦୁର୍ଘଟଣା ସବୁକୁ ...।

ମଧୁସୂଦନ ନଗର, କଟକ
rashmirekhadas744@gmail.com

# ଅପରିଚିତ ସମ୍ପର୍କ

**ଚିନ୍ମୟୀ ପ୍ରଧାନ**

**ଗ୍ରୀ**ଷ୍ମର ପ୍ରଚଣ୍ଡ ରୌଦ୍ରତାପ। ଦିନ ଆଠଟା ବେଳକୁ ଘରୁ ବାହାରିବା କଷ୍ଟକର। ହେଲେ ପେଟ ଚାଖଣ୍ଡକ ପାଇଁ ସଂଘର୍ଷ କରୁଛି ପୁନି। ଗଛ ମୂଳରେ ନିଜର ଛୋଟ ଛୁଆଟିକୁ ଶୁଆଇ ଦେଇ ଜରିପାରି କାକୁଡ଼ି ଓ କାଗେଜୀଲେମ୍ବୁ ବିକୁଛି। ଦେହରେ ତା' ଚିରାଫଟା ସୂତାଲୁଗା। ମୁଣ୍ଡରେ ଏଣେତେଣେ ଉଡୁଛି ନୁଖୁରାବାଳ। ତକତକ ଗୋରା ଦେହ, କିନ୍ତୁ ଖରାତରାରେ ଝାଉଁଳି ଯାଇଛି। ଆଖି ଦୁଇଟି ସୁନ୍ଦର, ଢଳଢଳ। ଲୁଗା କାନିରେ ବୋହି ଆସୁଥିବା ଝାଳ ପୋଛୁ ପୋଛୁ ତାକୁ ଶୁଭିଲା ମୋଟର ଗାଡ଼ିର ହର୍ଣ୍ଣ। ଏକ କାର୍ ଆସି ଲାଗିଲା ତା ଆଗରେ। ଓହ୍ଲାଇଲେ ଜଣେ ମଧ ବୟସ୍କ ଭଦ୍ରବ୍ୟକ୍ତି। ସେ ଆସି ପଚାରିଲେ ପୁନିକୁ- କାକୁଡ଼ି କେତେ ?

- ପଚାଶ ଟଙ୍କା ଆଜ୍ଞା।
- ହଉ। ଦୁଇ କେଜି ଦିଅ।
- ଲେମ୍ବୁ କେତେ ?
- ଦଶଟଙ୍କାକୁ ତିନି।
- ଚାରିଟା ଦେଇ ଦିଅ।

ଏତକ ନେଇସାରି ବାବୁ ଜଣକ ହଜାର ଟଙ୍କିଆ ନୋଟ୍ ଖଣ୍ଡେ ବଢ଼େଇ ଦେଲେ ପୁନି ହାତକୁ।

- ବାବୁ, ମୋ ପାଖରେ ଏତେ ଟଙ୍କାର ଖୁଚୁରାନାହିଁ।
- ଠିକ୍ ଅଛି। ଫେରେଇବା ଦରକାର ନାହିଁ। ତୁମେ ରଖ।
- ରଖିପାରିବିନି ଆଜ୍ଞା, ଆପଣ ବରଂ ସେସବୁ ସେମିତି ନେଇ ଯାଆନ୍ତୁ।
- ଜିଦିକରନି, ରଖ। ମୁଁ ପୁଣି କାଲି ଆସିଲେ ଆଉ କାକୁଡ଼ି ନେବି।
- ହେଲେ କାଲି ବି ମୁଁ ତ ଏହାକୁ ଖୁଚୁରା କରିପାରିବିନି। ଏତେ ଟଙ୍କା ନେଇ କାହା ପାଖକୁ ଗଲେ କୋଉଠୁ ଚୋରି କରି ଆଣିଛି ବୋଲି ଲୋକେ ଭାବିବେ। ଆପଣ ଆଜି ଏ ଟଙ୍କା ନେଇ ଯାଆନ୍ତୁ। କାଲି ଆସିଲେ ଏକାଥରେ ଦେବେ।
- ମୁଁ ଯଦି କାଲି ନ ଆସେ ?
- ଆପଣ ବିଶ୍ୱାସରେ ଏତେ ଟଙ୍କା ଦେଇ ଯାଉଛନ୍ତି; ଆଉ ମୁଁ ଆପଣଙ୍କ ଉପରେ ଏତିକି ବିଶ୍ୱାସ କରିପାରିବିନି। ଉତ୍ତର ଦେଲା ପୁନି।
- ଆଛା ତୁମ ଘରେ ଆଉ କିଏ ସବୁ ଅଛନ୍ତି ?
- କେହି ନାହାନ୍ତି ଆଜ୍ଞା। ଖାଲି ଆମେ ଯାହା ମାଆ-ପୁଅ।



ପିଲାଟି ଆଡ଼େ ଭଦ୍ରଲୋକ ଜଣକ ନଜର ପକେଇଲେ। ସୁନ୍ଦରିଆ ପିଲାଟା। ଧୂଳି ଲାଗି ଟିକେ ଅସନା ଦିଶୁଛି ସିନା, ସଫାସୁତୁରା କରିଦେଲେ ଚମକିବ। ରାଜାଛୁଆ ଭଳି ଦିଶିବ। ଛିଣ୍ଡା ଲୁଗା ଖଣ୍ଡେ ପକେଇ ମାଆ ତା'ର ଗଡ଼େଇ ଦେଇଛି। ସିଏ ତା'ର ଅଚିନ୍ତାରେ ଶୋଇଛି। ସେ ବା କାହୁଁ ଜାଣିବ ସୁଖଦୁଃଖ !

ଘରକୁ ଫେରିଆସି ଭଦ୍ର ବ୍ୟକ୍ତିଜଣକ ପତ୍ନୀଙ୍କୁ ସବୁ କଥା କହିଲେ। ଦୁହେଁ ନିଷ୍ପତ୍ତି ନେଲେ ମା'-ପୁଅଙ୍କୁ ଘରକୁ ନେଇଆସିବେ।

ତା ପରଦିନ ଯାଇ ସେମାନେ ପହଞ୍ଚିଗଲେ ପୁନି ପାଖରେ। ବାବୁଙ୍କୁ ଦେଖି ଏଥର ପୁନି ଖୁବ୍ ସହଜ ଢଙ୍ଗରେ ପଚାରିଲା, କେତେ କାକୁଡ଼ି ଦେବି ?

- ସବୁଯାକ ଦେଇ ଦିଅ।
- ଏତେ ନେଇ କ'ଣ କରିବେ ? ଆପଣଙ୍କର କ'ଣ ବଡ଼ ପରିବାର କି ?
- ଭଦ୍ରବ୍ୟକ୍ତିଙ୍କ ପତ୍ନୀ କହିଲେ, ହଁ ଆମର ବହୁତ ବଡ଼ ପରିବାର। ଆଉ ଆମେ ତୁମକୁ ସେହି ପରିବାରରେ ସାମିଲ କରିବା ଚାହୁଁ। ତୁମେ ଆମ ସହିତ ଆମ ଘରେ ରହିବ।
- ମୁଁ !
- ହେଲେ ଆପଣଙ୍କୁ ତ ଜାଣେନା। ମୋ ଭଳି ଅଭାଗିନୀକୁ କାହିଁକି ବା ଆଶ୍ରୟ ଦେବେ ? - ଅଭିମାନରେ କହିଲା ପୁନି।

ଏବେ ଭଦ୍ର ବ୍ୟକ୍ତିଙ୍କ ପତ୍ନୀ କହିବା ଆରମ୍ଭକଲେ, ମୁଁ ଶ୍ୱେତା ତ୍ରିପାଠୀ, ଆଉ ଇଏ ହେଲେ ମୋ ସ୍ୱାମୀ ସତ୍ୟେନ୍ଦ୍ର। ସେ ବ୍ୟାଙ୍କ୍ ମ୍ୟାନେଜର। ମୁଁ ଜଣେ ଶିକ୍ଷୟିତ୍ରୀ। ଆମ ଘରେ ତୁମ ପରି ବହୁତ ଲୋକ ଅଛନ୍ତି। ଆମେ ତୁମର ଓ ତୁମ ପୁଅର ଭଲରେ ଯତ୍ନନେବୁ। ଚାଲ ଆମ ସାଙ୍ଗରେ। କିଛି ବି ଅସୁବିଧା ହେବନି। କ'ଣ କହୁଛ ? ଆମ ସହ ଯିବ ନା ନାହିଁ ?

- କ'ଣ ଭାବିଲା କେଜାଣି, ସେମାନଙ୍କ କଥାରେ ରାଜି ହୋଇଗଲା ପୁନି।

ବାପ୍‌ରେ ରାଜପ୍ରାସାଦ ପରି ଘର। ଆଖି ଲାଖି ଯାଉଥାଏ।...

ସେମାନେ ସମସ୍ତେ ଓହ୍ଲାଇଲେ କାର୍‌ରୁ। ଦୁଇଜଣ ସ୍ତ୍ରୀ ଲୋକ ଆସି ପୁନିକୁ ନେଇଗଲେ ଘରକୁ। ଘର ଭିତରେ ଛୋଟ ବଡ଼ ହେଇ ପ୍ରାୟ ପଚାଶ ପାଖାପାଖି ଲୋକ। ପୁନି ଭାବିପାରୁନଥାଏ। ତାକୁ ସବୁ ନୂଆନୂଆ ଲାଗୁଥାଏ। ଆଶ୍ଚର୍ଯ୍ୟ ହୋଇ ଚାହିଁବା ଛଡ଼ା ଆଉ କ'ଣ ବା ସେ କରିପାରନ୍ତା ! କେହିଜଣେ ତାକୁ ନୂଆ ଲୁଗା ଓ ତା ପୁଅ ପାଇଁ ନୂଆ ଡ୍ରେସ୍ ଆଣିଦେଲେ ପିନ୍ଧିବା ପାଇଁ। ଖାଇବା ବେଳ ହୋଇଯାଇଥିଲା। ସମସ୍ତେ ତଳେ ଆସନ ପକାଇ ବସିଲେ। ତାକୁ ବି ବସିବାକୁ କହିଲେ। ସେ ପୁଅକୁ ଧରି ବସିଲା। ପୁଅକୁ ଖୁଆଇ ଦେଇ ସେ ଖାଇଲା। ପୂର୍ଣ୍ଣିମା ଆସି ଘରର ସବୁ ନୀତି ନିୟମ ବିଷୟରେ ବୁଝେଇ ଦେଲା। ସକାଳ ପାଞ୍ଚଟା ପୂର୍ବରୁ ସମସ୍ତେ ଉଠି ମୁହଁ ଧୋଇ ନିତ୍ୟକର୍ମ ସାରି ପ୍ରାର୍ଥନା କରନ୍ତି। ସୁରେଖା ସମସ୍ତଙ୍କୁ ଯୋଗ ଶିଖାଏ। ଯୋଗ ପରେ ମିଶ୍ରି ପାଣି ପିଇବାକୁ ଦିଆଯାଏ। ପରେ ସକାଳ ଜଳଖିଆ ନଅଟାରେ। ଖରାବେଳେ ଖାଇବା ସାଢ଼େ ବାରଟାରେ। ସାଢ଼େ ପାଞ୍ଚଟାରେ କ୍ଷୀର ପିଇବାକୁ ହେବ। ସଂଧ୍ୟା ଛଅଟାରେ ପ୍ରାର୍ଥନା। ସାଢ଼େ ଆଠଟା ବେଳକୁ ରାତ୍ରିଭୋଜନ। ଏଠାରେ ସମସ୍ତେ ନିଜ କାମ ନିଜେ କରନ୍ତି, ନିଜ ବାସନ ନିଜେ ଧୁଅନ୍ତି। ସକାଳ ଓ ସଞ୍ଜରେ ସାନମାନେ ଗୁରୁଜନଙ୍କୁ ପ୍ରଣାମ କରିଥାନ୍ତି। ଧୀରେ ଧୀରେ ତୁମେ ସବୁ ବୁଝିଯିବ।...

ପନ୍ଦର ଦିନ ଭିତରେ ପୁନି ସମସ୍ତଙ୍କୁ ନିଜର କରିନେଲା। ତାକୁ ଲାଗୁଥିଲା, ଯେମିତି ସମସ୍ତେ ତା'ପରିବାରର ଲୋକ। ଅନ୍ତେବାସୀ ବାବୁ ଓ ବାବୁଆଣିଙ୍କୁ ବାପା ବୋଉ ଆଉ ପିଲାମାନେ ଜେଜେ ଓ ଜେଜେମା ଡାକନ୍ତି।

ପୁନି ବୟସର ଲୋକ ବି ପାଠ ପଢ଼ନ୍ତି ସେଠାରେ। ତାଙ୍କ ଭିତରୁ ଯେଉଁମାନେ ଶିକ୍ଷିତ ସେମାନେ ଅନ୍ୟମାନଙ୍କୁ ପଢ଼ାନ୍ତି। ତାଙ୍କ ଭିତରୁ କେଇଜଣ ଚାକିରି ବି କରିଛନ୍ତି। ସେଠାରେ ସବୁ ପର୍ବପର୍ବାଣିକୁ ଧୁମଧାମରେ ପାଳନ କରାଯାଏ। ବିବାହ ଯୋଗ୍ୟ ପୁଅ ଝିଅଙ୍କ ବାହାଘର ବି ଧୁମ୍‌ଧାମରେ ହୁଏ। ଯାଭିତରେ ବିତିଗଲାଣି ପଚିଶବର୍ଷ। ପୁନିର



ପୁଅ ବି ସେଇଠି ପାଠ ପଢି ବଡ଼ହେଲା। ପୁନି ବିଶ୍ୱାସ କରି ପାରୁନଥିଲା ସତରେ ତା ଭାଗ୍ୟରେ ଏତେ ସୁଖ ଥିଲା ବୋଲି। ସେ ତ ଭାବୁଥିଲା ଜୀବନସାରା ଏମିତି ଯା ପିଣ୍ଡା ତା ପିଣ୍ଡାରେ ତା ଜୀବନ ଯିବ ବୋଲି। ହେଲେ ଭଗବାନଙ୍କର ଅନ୍ୟ ଅବତାର ସତ୍ୟେନ୍ଦ୍ର ବାବୁ ତା ନିକଟରେ ପହଞ୍ଚିଲେ। ଦେବୁକୁ ପାଠପଢ଼ାଇ ମଣିଷ କଲେ। ବାବୁଙ୍କ ଭଳି ବଡ଼-ମଣିଷ ହେବ ବୋଲି ଶପଥ ନେଇଛି ଦେବୁ। ସମାଜବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ସେ ଏବେ ସେ ଅଧ୍ୟାପନା କରୁଛି।...

ସେଦିନ ସକାଳୁ ସକାଳୁ ସୋନାଲି ଆସି କହିଲା, ଆଜି ଦେବୁ ଭାଇର ସିଭିଲ୍ ସର୍ଭିସେସ୍ ରେଜଲ୍ଟ ବାହାରିବ। ସେ ନିଶ୍ଚୟ ସଫଳ ହେବ। ଜେଜେଙ୍କ ଆଶୀର୍ବାଦ ଅଛି ତା'ଉପରେ।... ଏଇ ଖୁସିରେ ପୁନି ମାଉସୀ ସମସ୍ତଙ୍କ ପାଇଁ ଖିରି ତିଆରି କରିବେ। ସତକୁ ସତ ଦେବୁ ଆଇଏଏସ୍ ପାଇଲା। ସେଦିନ ସେହି ପରିବାରରେ ଖେଳିଯାଇଥିଲା ଖୁସିର ଲହରୀ। ବାପା ବୋଉଙ୍କ ଋଣ କେମିତି ଶୁଝିବ ଭାବୁଥିଲା ପୁନି।

ସତ୍ୟେନ୍ଦ୍ର ଆସି କହିଲେ, ପୁନି ! ଆମ ପରେ ବି ଏଠି ସମସ୍ତେ ସେମିତି ଖୁସିରେ ରହିବ। ବେସାହାରା ଲୋକଙ୍କୁ ଆଶ୍ରୟ ଦେଇ ନିଜ ପରିବାରରେ ସାମିଲ୍ କରିବ। କଦାପି ଭାବିବନାହିଁ ଏହା ଅନାଥାଶ୍ରମ। ଆଶ୍ରମ କ'ଣ କେବେ ଅନାଥଙ୍କର ହୋଇପାରେ ? ଏହା ତ ଈଶ୍ୱରଙ୍କର ପରିବାର ! ଈଶ୍ୱରରୂପୀ ସତ୍ୟେନ୍ଦ୍ର ବାବୁ ଓ ଶ୍ୱେତା ମାଡାମ୍‌ଙ୍କ ହାତଗଢ଼ା ପରିବାର ସେହିଭଳି ଚାଲିଛି ଆଜି। ସେମାନଙ୍କୁ ବାପାବୋଉ ଆସନ ଦେଇଥିବା ଅନ୍ତେବାସୀ ଝୁରୁଛନ୍ତି ପ୍ରତିଟି ମୁହୂର୍ତ୍ତରେ। ସେମାନଙ୍କ ଅନ୍ତେ ତୁଟିନାହିଁ ପରିବାର। ଯିଏ ଯେଉଁଠୁ ଆସି ଏଠି ଆଶ୍ରୟ ନେଇଛି; ସିଏ ପାଲଟିଛି ତାହାର ଅତି ଆପଣାର ସଦସ୍ୟଟେ। ଏଠି କେହି ଖୋଜନ୍ତିନାହିଁ କାହାର ପରିଚୟ। ଅପରିଚିତ ସମ୍ପର୍କର ବନ୍ଧନ ଏଇ ପରିବାର।

ବରାହୀପୁର, ଅଡ଼ଶପୁର
କଟକ
ମୋବାଇଲ୍- ୯୯୩୮୩୧୧୧୨୦

# ପିଲାଦିନ

**ଭଗବାନ ପଣ୍ଡା ଭଗତ୍**

ଅନେକ ପଛରେ ଛାଡ଼ି ଆସିଛି
ମୋ'ର ପିଲାଦିନ
ଯେଉଁ ଦିନ;
ପିଜୁଳି ଗଛରେ ଚଢ଼ି
ଆମ୍ବ ତୋଳୁଥିଲି,
ଆମ୍ବ ଗଛରେ ଚଢ଼ି
ହାତ ବଢ଼ଉ ଥିଲି
ଦିନରେ ତୋଳି ଆଣିବାକୁ
ଆକାଶରୁ ଜହ୍ନ !
ଗାଁ ଦାଣ୍ଡରେ ଧାଉଁଥିଲି
କଙ୍କି, ପ୍ରଜାପତିଙ୍କ ପଛରେ
ତ କେବେ, ଗୋଧୂଳି ବେଳାରେ
ଧୂଳି ଉଡ଼େଇ ଯାଉଥିବା
ଗୋଠ ଫେରନ୍ତା ଗାଈଙ୍କ ପଛରେ...।
ଅନେକ ଜିଜ୍ଞାସା
ଥିଲା ମନରେ-
ସିଧା କାନ୍ଥରେ ନ ଖସିପଡ଼ି



କେମିତି ଚାଲନ୍ତି ଝିଟିପିଟିମାନେ... ?
ଅମୁହାଁ ମାଟି ଭିତରେ
କେମିତି ଯା'ଆସ କରନ୍ତି ଜିଆମାନେ... ?
ଖୁଦ କଣିକାକୁ ଧରି, ପିମ୍ପୁଡ଼ିମାନେ
ତାଲିମ ନ ନେଇ, କେମିତି ଚାଲନ୍ତି
ଶୃଙ୍ଖଳିତ ହୋଇ ଗୋଟିଏ ଧାଡ଼ିରେ... ?
କୁତ୍ସିତ ମଳା ଶଂବାଳୁଆର ଖୋଳପା ଭିତରୁ
କେମିତି ବାହାରି ଆସେ
ସୁନ୍ଦର ପ୍ରଜାପତି ଟିଏ... ?
ପିଲାଦିନ,
ଏକ ଅଭୁଲା ଅତୀତ !
ଯାହାକୁ ସହଜରେ ଭୁଲି ହୁଏନାହିଁ।
ଖୋଜୁଛି ମୁଁ, ହଜି ଯାଇଥିବା
ମୋ'ର ସେହି ପିଲାଦିନ !
କାଶ୍,
ପୁଣି ଥରେ ଫେରି ଆସନ୍ତା କି ? ?

'ଶୈଳକକ୍ଷ', ଶ୍ରୀମା ନଗର ପ୍ରଥମ ଗଳି
ଲୋଚାପଡା, ବ୍ରହ୍ମପୁର
ଓଡ଼ିଶା - ୭୬୧୦୦୧.
ଦୂରଭାଷ ନଂ - ୯୭୭୮୧ ୬୪୫୦୭

# ପ୍ରତିରୂପ

**ସ୍ନିଗ୍ଧା ପଣ୍ଡା**

ତୁମକୁ ଦେଖାଯାଉଥିବା ମୁଁ
ଦେଖାଯାଉ ନଥିବା ମୁଁ
ଦୁଇଜଣଙ୍କୁ ମତେ ବୋହିବାକୁ ପଡ଼େ
ସବୁବେଳେ
ଚାହିଁଲେ ବି କାହାକୁ ହଜେଇପାରେନା
କି ଛାଡ଼ିପାରେନା କେଉଁଠି
ଭୁଲିଗଲି କହିପାରେନା କେତେବେଳେ ?
ଜଣେ ହସୁଥାଏ ଦିନସାରା
ଲୁଗା ପିନ୍ଧୁଥାଏ ତମ ପସନ୍ଦର
ସଜଉଥାଏ, ଜଗିଥାଏ ତମ ଘର
ରୁଟି ସେକୁଥାଏ ନିଆଁରେ
ଭୋକ ଥାଉ କି ନ ଥାଉ
ରାତିର ଖାଇବା ବନ୍ଦ ହୁଏନାହିଁ
ଆଉ ଜଣେ ଲୁହପୋଛେ ନିଜ ଆଡ଼େ ଚାହିଁ
ଅନ୍ଧାର ଘେରିଥାଏ ସମସ୍ତ ପ୍ରହର
ଲୁଚେଇବାକୁ
ପାଣିକାଦୁଅର ଅସନା ସଂସାର ?
ଜଣେ କହିବ କହିବ ହେଇ ଶବ୍ଦ ସବୁକୁ



ଓଠ ପଛରେ କୋଳପ ପକାଏ
ଅଥଚ ଜାଣିବାକୁ ଦିଏ ନାହିଁ
ପ୍ରେମ ନାଁରେ
ହୃଦୟ ଫାଟି ରକ୍ତ ଝରୁଚି
ନିଜକୁ ଖଣ୍ଡେ ଖଡ଼ିକା ଅଗରେ
ଫୁଲ ପରି ଫୁଟେଇଲା ବେଳେ
ଆଉ ଜଣେ ତପସ୍ୟା କରୁଥାଏ
ନୀରବତାର ଉଇ ହୁଙ୍କା ଭିତରେ
ସାରି ଦେଉଥାଏ ଅସ୍ତିତ୍ୱ
ସ୍ୱପ୍ନମାନଙ୍କ ବଣିଜରେ ?
ଜଣେ ଚିରି ହେଉଥାଏ
ପ୍ରସ୍ତ ପରେ ପ୍ରସ୍ତ
ଆଉ ଜଣେ ପ୍ରତିରୂପ ତା'ର
ପୋଛୁଥାଏ ରକ୍ତ
ଜଣେ ଭୂକମ୍ପ ବିଧ୍ୱସ୍ତ
ଆଉ ଜଣେ ଆଙ୍କୁଥାଏ
ଭଙ୍ଗା ଇଟା ବାଲିଗୋଡ଼ି ଉପରେ
ସାନ୍ତ୍ୱନାର ସନ୍ତକ ?

ଲହଣ୍ଡା
ବରଗଡ଼-୭୬୮୧୧୧
ମୋ:୯୮୬୧୩୨୩୬୫୦

# ସିଏ ପରା ବାପା

ଆଖିରେ ଯିଏ ମାପିପାରେ ଆକାଶ
ମୁଣ୍ଡରେ ଯିଏ ବୋହିପାରେ ପୃଥିବୀ
ସନ୍ତାନର ଚିନ୍ତା ଯା' ଶିର ଶିରପା
ସିଏ ପରା ଆମ ବାପା।



ଅନ୍ଧାରେ ଯିଏ ଢାଳିପାରେ ଆଲୋକ
ବିପଦେ ଯିଏ ବୁଣିପାରେ ସାହସ
ସନ୍ତାନର ଜପ ଯା'ପାଇଁ ଅଜପା
ସିଏ ପରା ଆମ ବାପା।

ଖରାରେ ଯିଏ ଦେଇପାରେ ଛାଇ
ବର୍ଷାରେ ଯିଏ ହୋଇପାରେ ଛତା
ସନ୍ତାନର ଅଳି ଯା'ହୃଦେ ଅଲିପା
ସିଏ ପରା ଆମ ବାପା।

ବିନା ଥକ୍କାରେ ଯିଏ ଚାଲିପାରେ ବାଟ
ସମୟ ଆଗରୁ ଯିଏ କାଢ଼ିପାରେ ପାଦ
ସନ୍ତାନର ରକ୍ଷା ଯା'ଶକ୍ତ ଖୋଳପା
ସିଏ ପରା ଆମ ବାପା।

ଛାତିରେ ଯିଏ ଚାପିପାରେ କୋହ
ଦୁଃଖରେ ଯିଏ ବାଣ୍ଟିପାରେ ହସ
ସନ୍ତାନର ମନ ଯା'ପାଶେ ଅଛପା
ସିଏ ପରା ଆମ ବାପା।

ରାମଚନ୍ଦ୍ର ପ୍ରଧାନ,
ଶିକ୍ଷକ
ଟେକ୍ନିକାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ
ମୋ-୯୮୬୧୬୩୮୭୩୬

# ଠିକ୍ ତୁମ ପରି କେହି ନୁହେଁ

**ନିରଞ୍ଜନ ସାହୁ**

ତୁମ ପରି କେହି ହୋଇବ ନାହିଁ ଟି
ହୋଇପାରିବନି କେବେ
ତୁମରି ବିକଳ୍ପ ତୁମେ ଏକା ଅଟ
ସେ ସ୍ଥାନ କେହି ନ ନେବେ...।
କାହିଁକି କେଜାଣି ଏ ଅବୁଝା ମନ
କଦାପି ବୁଝଇ ନାହିଁ
ତୁମେ ପର ବୋଲି ଜାଣିକି ତଥାପି
ତୁମକୁ ରହଇ ଚାହିଁ...।

ନିହଲପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩

# ବୋକି ଝିଅ

**ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି**

ମୁଁ ସାରା ରାତି ଉଜାଗର ଜାଗର,
ସେ ବ୍ୟସ୍ତବହୁଳ ଦଶହରାର ବଜାର।
ମୁଁ କେଉଁ ଆହତ କପୋତୀର ବିଳାପ,
ସେ ନାନାବାୟା ଗୀତର ମନଛୁଆଁ ପ୍ରଳାପ।
ମୁଁ ବିସ୍ମୃତିର ଜଙ୍ଗଲରେ ଅବଶୋଷ ଝଡ଼ର ଝଙ୍କାର,
ସେ ଦୂର ଦେବାଳୟେ, ମନ୍ଦ୍ର ମଧୁର ଦୁର୍ଲଭ ଓଁକାର।

ମୁଁ ମେଘକୁ ଦୂତ,
ଆକାଶକୁ ସାଧା କାଗଜ ଆଉ
କବିତାକୁ ଚିଠିକରି ଲେଖୁଥିବା
ଗୋଟେ ବୋକିଝିଅ...
ସେ ମେଘକୁ ମେଘ,
ଆକାଶକୁ ଆକାଶ ଆଉ
କବିତାକୁ ବାସ କବିତା ଭାବୁଥିବା
ଗୋଟେ ଚାଲାକ୍ ପୁଅ !
ମୁଁ ପେନ୍ଥା ପେନ୍ଥା
ସୁନାରୀ ଫୁଲର ହସ,
ସେ କେବେ ହେଲେ ମେଣ୍ଟୁ ନଥିବା
ହାବୁକାଏ ତତଲା ଶୋଷ।
ମୁଁ ଦିଗବଳୟ ଯାଏଁ ଲମ୍ବି ଯାଇଥିବା
ଗୋଟିଏ ଦୀର୍ଘତମ ସ୍ୱପ୍ନ ବିଭୋର ମନ,
ସେ ଶତଚେଷ୍ଟା ପରେ ଟପି ହେଉନଥିବା
ଗୋଟେ ଆଖି ଝଲସା ସମ୍ମୋହନ।
ମୁଁ ସାରା ଦୁନିଆକୁ ବେଖାତିର କରି,
ନୀଳ ବଉଦର ପଛପାଖେ ଲୁଚି
ତାକୁ ଅନ୍ତରରୁ ଡାକିଥିବା
ଗୋଟିଏ ବୋକିଝିଅ,
ସେ ସାରା ଦୁନିଆର କଥା ମାନି,
ମୋ ଲୋହିତ ଆବେଗ ସବୁକୁ
ନୀଳ ଆକାଶରେ ଗୋଧୂଳିର
କ୍ଷଣସ୍ଥାୟୀ ଛିଟା ଭାବି
ଅନ୍ଧାରରେ ଅପସରି ଯାଇଥିବା
ଗୋଟେ ଚାଲାକ୍ ପୁଅ।



ଏନ୍‌ଆଇଟି ରାଉରକେଲା
-୮୨୬୦୮୩୬୩୫୯

ଏଇ ପୃଷ୍ଠାପାଇଁ ଗପ ଓ କବିତା ପଠାଇବାକୁ ଚାହୁଁଥିଲେ ପଠାଇପାରିବେ। ନୂଆ ଲେଖକଙ୍କୁ ପ୍ରାଥମିକତା ଦିଆଯିବ। ମେଲ୍ କରନ୍ତୁ:
**Prajatantrasahitya@gmail.com**

# ଶ୍ୟାମାକାଳୀଙ୍କ ପୂଜା ମହାସମାରୋହରେ ପାଳିଲେ ରିଆମାଳବାସୀ



ଦେବଗଡ (ପିପିଏସ୍): ଦେବଗଡ଼ ଜିଲ୍ଲା ରିଆମାଳ ସଦର ମହକୁମାରେ ମା' ଶ୍ୟାମାକାଳୀ ପୂଜା ହନୁମାନ ଛକ ଠାରେ ଏବର୍ଷ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ପୂଜକ ରୂପେ ଧୁବେଇଧର ନନ୍ଦ କର୍ତ୍ତା ରୂପେ ମୁକେଶ ପୋଡ଼ ତଥା ତାଙ୍କର ଧର୍ମ ପତ୍ନୀ ମିନା ପୋଢ ଯୋଗ ଦେଇଥିବା ବେଳେ , 'ମା' ଶ୍ୟାମାକାଳୀ ପୂଜା ରିଆମାଳ ଯୁବ ଗୋଷ୍ଠୀଙ୍କ ଦ୍ୱାରା ପଞ୍ଚମ ବର୍ଷ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । 'ମା' କାଳୀଙ୍କ ପୂଜାରେ ସଭାପତି ସନ୍ତୋଷ ପୋଡ଼ ଉପ ସଭାପତି ଶକ୍ତି ପ୍ରଧାନ (ରିଙ୍କୁ )ସମ୍ପାଦକ ସୁରେନ୍ଦ୍ର ବେହେରା, ,ସହ ସମ୍ପାଦକ ମନୋଜ ବେହେରା,ଶୁଭମ ପ୍ରଧାନ, ଲବ ବେହେରା କୋଷାଧକ୍ଷ ପଦ୍ମଲାଭ ବେହେରା (ମଣ୍ଟୁ )ହଜାରି ବେହେରା,ଲକି ପ୍ରଧାନ, ନିହାର ରଞ୍ଜନ ପୃଷ୍ଟି, ଦଶରଥ ପ୍ରଧାନ, ଗଣେଶ ପୋଡ଼,ଧନୁଞ୍ଜୟ ସାଇଁ,ଦିଲୀପ ମୁଣ୍ଡା, ଦୁଃଖୁ ମୁଣ୍ଡା, ପର୍ଶୁରାମ ମାଝୀ ସମସ୍ତ ସଭ୍ୟ ପ୍ରମୁଖ ସହଯୋଗ କରିଥିଲେ । 'ମା'ଙ୍କ ପୂଜା ପାଇଁ ପୂଜା ମଣ୍ଡପ ଗୋଟିଏ ନଥିବାରୁ ବହୁତ ଅସୁବିଧା ରେ ପାଳିତ ହେଉଅଛି । ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଧ୍ୟାନଦେଲେ 'ମା' ଙ୍କ ପୂଜା ଧୁମଧାମରେ ପାଳିତ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରୁଛନ୍ତି ।

# ସିଦ୍ଧେଶ୍ୱରୀ ଧର୍ମ ସଂସଦର ବାର୍ଷିକୋତ୍ସବ

ସମ୍ବଲପୁର, (ହି.ସ.)- ସମ୍ବଲପୁର ସିଦ୍ଧେଶ୍ୱରୀ ଧର୍ମ ସଂସଦ, ସମ୍ବଲପୁରର ୪୯ତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଛି । ଗୋପୀନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କବି ଜୟକୃଷ୍ଣ ବେହେରା ମୁଖ୍ୟ ଅତିଥି, ଧର୍ମ ପ୍ରାଣ ଶିବ ନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା ଏବଂ ଦିବ୍ୟ ଜୀବନ ସଂଘର ଉପସଭାପତି ଶଙ୍କର୍ଷଣ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଏହି ଅବସରରେ ଶକ୍ତି ତତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା । ସମ୍ପାଦକୀୟ ବିବରଣୀ ପାଠ କରି ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ଗତ ୪୯ ବର୍ଷ ଧରି ଚାଲି ଆସିଥିବା ସିଦ୍ଧେଶ୍ୱରୀ ଧର୍ମ ସଂସଦର ଜୟଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ । ଗାଳ୍ପିକ ତଥା ଔପନାସିକ ଜନ୍ମେଜୟ ବାବୁ ମଧ ଆଲୋଚନାରେ ଭାଗ ନେଇଥିଲେ । ଏହି ଅବସରରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ଅମୀୟ ପାଣି ଧନ୍ୟବାଦ ଅର୍ପଣ କରିବା ପରେ ଶାନ୍ତି ପାଠ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

# ବଢୁଛି ତେଜରାତି ସାଙ୍ଗକୁ ପନିପରିବା ଦର : ଖାଉଟି ହରବର



ଘଟଗାଁ, (ହି.ସ.) : ଦର ନିୟନ୍ତ୍ରଣ ଉପରେ ବ୍ୟବସ୍ଥା ନଥିବାରୁ କେନ୍ଦୁଝର ଜିଲ୍ଲାରେ ତେଜରାତି ସାମଗ୍ରୀ ସାଙ୍ଗକୁ ପନିପରିବା ମାଂସ, ମାଛ ଦର ବୃଦ୍ଧି ଖାଉଟିମାନଙ୍କୁ କଲବଲ କରୁଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଖାଦ୍ୟ ସାମଗ୍ରୀର ଦର ବୃଦ୍ଧିକୁ ନିୟନ୍ତ୍ରଣ ପାଇଁ କୌଣସି ବିଧିବଦ୍ଧ ବ୍ୟବସ୍ଥା ନଥିବାରୁ ବ୍ୟବସାୟୀମାନେ ପରିସ୍ଥିତିକୁ ଦେଖି ମନଇଚ୍ଛା ଦରବୃଦ୍ଧି କରୁଛନ୍ତି । ସରକାରୀ ସ୍ତରରେ ଲୋକମାନଙ୍କୁ ଆଶ୍ୱାସନା ଦେବାପାଇଁ ସରକାରୀ କଳ ବିଭିନ୍ନ ସମୟରେ ମିଛ ଆଶ୍ୱାସନା ଦେଇ ନିଜର ଦାୟିତ୍ୱ ସାରିଦେଉଛନ୍ତି । ବର୍ତ୍ତମାନ କେନ୍ଦୁଝର ସହରରେ ଖାସୀମାଂସ କିଲୋ ୮୦୦ ଟଙ୍କାରେ ପହଂଚି ଥିବାବେଳେ ଦେଶୀ ମାଛ କିଲୋ ୨୫୦ ଟଙ୍କାରୁ ୨୬୦ରେ ପହଂଚିଛି । ଆନ୍ଧ୍ର ମାଛ କିଲୋ ୨୦୦ ଟଙ୍କାରେ ପହଂଚି ଥିବାବେଳେ କେତେକ ମାଛ ବ୍ୟବସାୟୀ ମାଛର ବେକପାର୍ଶ୍ୱ ହାଲକା ଲାଲ ଦିଶୁଥିବା ମାଛଗୁଡ଼ିକୁ ଦେଶୀ ବା ଲୋକଲ ମାଛ କହି ଦେଶୀମାଛର ଦରରେ ମଧ ବିକ୍ରି କରୁଥିବାବେଳେ ମାଂସ ଦୋକାନୀମାନେ ମଧ ମେଣ୍ଢା, ମାଇଛେଳିକୁ ଖାସୀମାଂସ କହି ବିକ୍ରି କରୁଥିବାର ଅଭିଯୋଗ ହୋଇଛି । କେବଳ ଯେ ମାଛ ମାଂସର ଦରବୃଦ୍ଧି ନୁହେଁ ପନିପରିବାରେ ମଧ ହାତ ମାରିହେଉନି । ୫୦୦/୬୦୦ଟଙ୍କାରେ ମଧ ପରିବା ବ୍ୟାଗ ପୁରୁନାହିଁ । ଆଜିର ଦିନରେ କେନ୍ଦୁଝର ବଜାରରେ ଗେଡ୍ଡୁ ଛୁଇଁକୁ ସଜନା ଛୁଇଁ କହି କେଜି ୨୦୦ରୁ ୨୪୦ଟଙ୍କାରେ ବିକୁଥିବାବେଳେ ଫୁଲକୋବି ୧୨୦ଟଙ୍କା, ବାଇଗଣ, ପୋଟଳ, ଝୁଡ଼ଙ୍ଗ, ବିଲାତି, ୭୦ରୁ ୮୦ଟଙ୍କାରେ ବିକ୍ରି କରୁଛନ୍ତି, ସେହିଭଳି ତେଜରାତି ସାମଗ୍ରୀ ମଧ ସାଧାରଣ ବର୍ଗର ଲୋକମାନଙ୍କ ପାଇଁ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି । ହରଡ଼ ଡାଲି କିଲୋ ୧୭୦ଟଙ୍କା, ପିଆଜ ୬୦ଟଙ୍କା, ହଳଦୀ ୨୬୦ଟଙ୍କା, ଚିନି ୪୫ ଟଙ୍କା, ସୋରିଷ ତେଲ ୧୮୦ ଟଙ୍କା,ରିଫାଇନ ଓ ଅନ୍ୟାନ୍ୟ ଖାଇବା ତେଲ ଲିଟର ୧୪୦ରୁ ୧୮୦ଟଙ୍କା, ଚା କେଜି ୪୦୦ଟଙ୍କା, ଜିରା, ରସୁଣ କିଲୋ ୪୦୦ ଟଙ୍କାରେ ବିକ୍ରି ବିଶେଷ କରି ଗରିବ ଓ ମଧ୍ୟବିତ୍ତ ପରିବାରର ଲୋକଙ୍କୁ ମାତ୍ରାଧିକ ଭାବେ କଲବଲ କରିଥିବାର ଦେଖାଯାଇଛି । ଯାହାକି ଏଭଳି ଦରବୃଦ୍ଧି ଉପରେ ନିୟନ୍ତ୍ରଣର ଆବଶ୍ୟକତା ନିତ୍ୟାନ୍ତ ଜରୁରୀ ବୋଲି ବରିଷ୍ଠ ସାମ୍ବାଦିକ ସୁରଜିତ ତ୍ରିପାଠୀ ଦୃଢ଼ ଦାବି କରିଛନ୍ତି ।

# ଓଡ଼ିଶାର ଶ୍ରୀଅନ୍ନ ଓ ପାରମ୍ପରିକ କୃଷି ଐତିହ୍ୟକୁ ନେଇ ଆଞ୍ଚଳିକ ଖାଦ୍ୟମେଳା ଓ ପ୍ରଦର୍ଶନୀ

ଜୟପୁର,(ହି.ସ.) - କୋରାପୁଟ ନିଶାଣୀମୁଣ୍ଡା ପଡ଼ିଆ ଠାରେ ଓଡ଼ିଶାର ଶ୍ରୀଅନ୍ନ ଓ ପାରମ୍ପରିକ କୃଷି ଐତିହ୍ୟକୁ ନେଇ ଆଂଚଳିକ ଖାଦ୍ୟ ମେଳା ଓ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧକ୍ଷତାରେ ଆୟୋଜିତ ଖାଦ୍ୟ ମେଳାରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ ଆତ୍ମା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ମହାନ୍ତି ଖାଦ୍ୟମେଳା ଆୟୋଜନର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ ।ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି,ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, କୋଟସ ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । କୋରାପୁଟ, ଗଜପତି, ରାୟଗଡ଼ା , ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାର କୃଷକ,ଛାତ୍ରଛାତ୍ରୀ, କୃଷି ବିଶେଷଜ୍ଞ,ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଉଦ୍ୟୋଗୀ ମାନେ ଯୋଗଦେଇଥିଲେ ।ଏହି ଅବସରରେ ସଫଳ ବ୍ୟକ୍ତି ବିଶେଷଙ୍କୁ ଉପଢ଼ୌକନ ଓ ପ୍ରମାଣ ପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।ଆତ୍ମା ପ୍ରକଳ୍ପ ଉପ ନିର୍ଦ୍ଦେଶକ ତାପସ ଚନ୍ଦ୍ର ରୟ, ଜୟପୁର ଏଡିଓ ଲୋଚନ ମାଝୀ, କୋରାପୁଟ ଏଡିଓ ହେମନ୍ତ କୁମାର ପଡ଼ିହାରୀ ପ୍ରମୁଖଙ୍କ ସହ କୃଷି ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କୋରାପୁଟ ଏଡିଓ ହେମନ୍ତ କୁମାର ପଡ଼ିହାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଙ୍ଗଲ ନିକଟରୁ ମହିଳାଙ୍କ ଶବ ଉଦ୍ଧାର

କନ୍ଧମାଳ, (ହି.ସ.) – କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ ବଡ଼ିମୁଣ୍ଡା ଗ୍ରାମପଂଚାୟତ ନିକଟସ୍ଥ ଏଯାଡ଼େଲା ଛକ ନିକଟରେ ଥିବା ଏକ ଜଙ୍ଗଲରୁ ଜଣେ ମହିଳାଙ୍କ ମୃତ ଦେହ ଜବତ କରିଛି ପୋଲିସ୍ । ଆଜିର ଏହି ଘଟଣାକୁ ନେଇ ସାରା ଅଂଚଳବାସୀଙ୍କୁ ଚକିତ କରିଥିବା ଜଣାପଡ଼ିଛି ଘଟଣା ସମ୍ପର୍କରେ ଖବର ପାଇ ଘଟଣା ସ୍ଥଳରେ ଟିକାବାଲି ଥାନା ଅଧିକାରି କଲ୍ୟାଣୀମୟୀ ଷେଣ୍ଡ ଓ ପୋଲିସ ଟିମ ସମେତ ସେଠାରେ ପହଂଚି ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ୬/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି । ଏହି ଅବସରରେ ତହସିଲଦାର ନର୍ମଦା ନାୟକ ଏବଂ ବିଭାଗୀୟ ଅଧିକାରୀମାନେ ପହଂଚି ଘଟଣାର ତନାଘନା ଆରମ୍ଭ କରିଥିବା ଜଣାପଡିଛି । ସୂଚନା ମୁତାବକ ମୃତ ଦେହଟି ରୁନିମା ପ୍ରଧାନ(୪୦) ସ୍ୱାମୀ ନିଶିକାନ୍ତ ପ୍ରଧାନ ଗୁଟିଙ୍ଗିଆ ଗ୍ରାମପଂଚାୟତ ଅନ୍ତର୍ଗତ ସାନଗୁମାଗଡ଼ ଗ୍ରାମର ବୋଲି ଜଣା ପଡିଛି । ରୁନିମା ପ୍ରଧାନ ଙ୍କ ଦୁଇଟି ସନ୍ତାନ ଅଛନ୍ତି । ଗତ ମଙ୍ଗଳବାର ଦିନ ତାଙ୍କ ବଡ଼ ଭଉଣୀ ସୁଭଦ୍ରା ସହିତ ସାନଗୁମାଗଡ଼ ଗାଁ ରୁ ବସ୍ତିଙ୍ଗିଆ ଆଶ୍ରମ ବିଦ୍ୟାଳୟକୁ ଝିଅକୁ ଦେଖିବା ପାଇଁ ଯାଇଥିଲେ । ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ହେମ୍ବ୍ରମ କହିଛନ୍ତି ଯେ ଏହାର ଅଧିକ ସତ୍ୟାସତ୍ୟ ତଥ୍ୟ ପ୍ରମାଣ ପାଇଁ ଏକ ଅନୁସନ୍ଧାନକାରୀ କୁକୁର ଓ ସାଇଂଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଥିବା କହିଛନ୍ତି ।

# ରାଉରକେଲା ରିଜର୍ଭ ପଡ଼ିଆରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ରାଉରକେଲା ,(ପିପିଏସ୍): ରାଉରକେଲା ରିଜର୍ଭ ପୋଲିସ୍ ପଡିଆରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିନ ଅକ୍ଟୋବର ୩୧ ତାରିଖକୁ ୨୦୧୪ରେ କେନ୍ଦ୍ର ସରକାର ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ । ରାଜନୈତିକ ଦୃଷ୍ଟିକୋଣରୁ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ଦେଶ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀକୁ, ରାଷ୍ଟ୍ରୀୟ ଏକତା ଦିବସ ପାଳନ କରୁଛି । ଏହି ଅବସରରେ ରାଉରକେଲା ପୋଲିସ ପକ୍ଷରୁ ରିଜର୍ଭ ପୋଲିସ ପଡିଆ ଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି । ଏହି ରାଷ୍ଟ୍ରୀୟ ଏକତା ଦିବସରେ ପୋଲିସ ବାହିନୀ ପକ୍ଷରୁ ଏକ ପ୍ୟାରେଡ୍ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମାଞ୍ଚଳ ପୋଲିସ୍ ଡିଆଇଜି ବ୍ରିଜେଶ କୁମାର ରାୟ ଏବଂ ସମ୍ମାନୀୟ ଅତିଥି ଭାବେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନୀ ଯୋଗଦେଇ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ତାଙ୍କ ବକ୍ତବ୍ୟରେ ଆଜି ଦେଶ ଅକ୍ଟୋବର ୩୧କୁ ରାଷ୍ଟ୍ରୀୟ ଏକତା ଦିବସ ରୂପେ ପାଳନ କରୁଛି । ଏହି ଅବସରରେ ଡିଆଇଜି ଶ୍ରୀ ରାୟ ସମସ୍ତ ଜୱାନଙ୍କୁ ଶପଥପାଠ କରାଇ କହିଥିଲେ ଯେ, "ମୁଁ ସତ୍ୟ ନିଷ୍ଠା ସହ ଶପଥପାଠ କରୁଛି ଯେ, ଦେଶର ଏକତା, ଅଖଣ୍ଡତା ଓ ଏକାଗ୍ରତା ବଜାୟ ରଖିବାକୁ ବଜାୟ ସହ ଏହି ବାର୍ତ୍ତାକୁ ସମସ୍ତଙ୍କ ମଧ୍ୟରେ ପହଞ୍ଚାଇବାକୁ ପ୍ରୟାସ କରିବି ।" ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲ ।

# ପୋଖରୀ ପୁନଃଉଦ୍ଧାର ଓ ଚିତ୍ତ ବିନୋଦନ କେନ୍ଦ୍ରର ଭିତ୍ତିପ୍ରସ୍ତର

ଜୟପୁର, (ହି.ସ.) - ଜୟପୁର ବ୍ଲକ ଅନ୍ତର୍ଗତ ଉମୁରି ଠାରେ ଆଜି ପୋଖରି ପୁନଃ ଉଦ୍ଧାର, ଚିତ ବିନୋଦନ କେନ୍ଦ୍ର ନେଇ ଭିତି ପ୍ରସ୍ତର ଦିଆଯାଇଛି । ଜୟପୁର ବ୍ଲକ ପ୍ରଶାସନ ତରଫରୁ ଆୟୋଜିତ କାଯ୍ୟକ୍ରମରେ ମୁଖ୍ୟ ଅତିଥି ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇ ଭିତ୍ତି ପ୍ରସ୍ତର ଦେଇଥିଲେ । ମନ୍ଦିର ବିକାଶ ମଧ ହେବ ବୋଲି ପ୍ରଶାସନ ତରଫରୁ ସୁଚନା ଦିଆଯାଇଛି । ଆଗାମି ଦିନରେ ଏହା ଏକ ପଯ୍ୟଟନ ସ୍ଥଳ ହେବ ବୋଲି ବିଧାୟକ ବାହିନିପତି ସୁଚନା ଦେଇଛନ୍ତି । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ତିଳୋତମା ମୁଦୁଲି, ବ୍ଲକ ଉପାଧକ୍ଷ ଗଣେଷ ପାଢୀ, ସରପଂଚ ସବିତା ନାୟକ, ବିଡିଓ ଶକ୍ତି ମହାପାତ୍ର ,ସହକାରି ନିବାହୀ ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଟିଟିଲାଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଖୋଲିଲା ଡାଇଲିସିସ୍ କେନ୍ଦ୍ର



ଟିଟିଲାଗଡ଼, (ପିପିଏସ୍): ଟିଟିଲାଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାର ପିପଲପଦର ସ୍ଥିତ ନୂତନ କୋଠା ପରିସରରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ହସ୍ତରେ ବହୁ ପ୍ରତିକ୍ଷିତ ଡ଼ାଇଲିସିସ କେନ୍ଦ୍ର କିଛି ସମୟ ପରେ ଉଦଘାଟନ ହେବ । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଉପଜିଲାପାଳ ରେହାନ ଖତ୍ରୀ ମଞ୍ଚାସିନ ଥିଲେ । ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳରେ କିଡ଼ନି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଥିବା ବେଳେ ଡ଼ାଇଲିସିସ ସେଣ୍ଟର ନୂତନ ଆଶା ସୃଷ୍ଟି କରିଛି । ଏହାସହ ଆଜି ତାଙ୍କ ନିର୍ବାଚନ ମଣ୍ଡଳୀର ତୁଷୁରା ଏୟାରଷ୍ଟ୍ରିପର ସମ୍ପ୍ରସାରଣ କାର୍ଯ୍ୟ ନେଇ ଶିଳାନ୍ୟାସ କରିଥିବାରୁ ବିଧାୟକ ଶ୍ରୀ ଜୈନ ତାଙ୍କ ସମ୍ବୋଧନରେ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ, ସାଂସଦ ସଂଗୀତା ସିଂଦେଓଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଅବସରରେ ପୌରାଧକ୍ଷା ମମତା ଜୈନ, ଟିଟିଲାଗଡ଼ ବିଡ଼ିଓ ଚନ୍ଦ୍ରମଣି ନାଗ, ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ, ବରିଷ୍ଠ ବିଜେପି ନେତା ପ୍ରମୋଦ ପ୍ରଧାନ, ରାଜ୍ୟ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ହରିନାରାୟଣ ମିଶ୍ର, ସଞ୍ଜୟ ତ୍ରିପାଠୀ, ଆରକେଏସ ସଦସ୍ୟ ସୁଦାମ ମହାରଣା, କେ ଭୁବନେଶ୍ୱର ରାଓ, ସଞ୍ଜୟ ବର୍ମା, କାଲୁ କେଡ଼ିଆ, ସଞ୍ଜୟ ବେହେରା, କାଉନସିଲର ବୁଦ୍ଧିଆ ଆଚାର୍ଯ୍ୟ, ସୁନିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ

ବଲାଙ୍ଗିର, (ହି.ସ.): ଜିଲ୍ଲା ବ୍ରାହ୍ମଣ ମହାସଭା ଆନୁକୁଲ୍ୟରେ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଲକ୍ଷ୍ମୀ ନୃସିଂହାୟ ଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି । ବ୍ରଜ କିଶୋର ପଣ୍ଡା ସପତ୍ନିକ କର୍ତ୍ତା ଭାବରେ ଦାୟିତ୍ୱ ତୁଳାଇଥିଲେ । ପଣ୍ଡିତ ଗିରିଧାରୀ ଶତପଥିଙ୍କ ପୌରହିତ୍ୟରେ ପଣ୍ଡିତ ଲକ୍ଷ୍ମୀ ପ୍ରସାଦ ଚାନ୍ଦ, ପଣ୍ଡିତ ସନ୍ତୋଷ ଶତପଥି ଏବଂ ପଣ୍ଡିତ ଚନ୍ଦ୍ରଧ୍ୱଜ ମିଶ୍ର ସମସ୍ତେ ମିଶି ଲକ୍ଷ୍ମୀ ନୃସିଂହ ଭଗବାନଙ୍କ ଉପଲକ୍ଷେ ୧୦୦୮ ଆହୁତି ନୃସିଂହ ମନ୍ତ୍ରରେ ବିଶ୍ୱ ଶାନ୍ତି ପାଇଁ ଆହୁତି ପ୍ରଦାନ ଏବଂ ହୋମ ଯଜ୍ଞ କାର୍ଯ୍ୟ ତୁଳାଇଥିଲେ । ସଭାପତି ଧନଞ୍ଜୟ ମିଶ୍ର ନୃସିଂହ ମନ୍ତ୍ର ଶ୍ଳୋକପାଠ କରିଥିଲେ । ଶକ୍ତି ବାହିନୀ ର ମାଁ ମାନେ ତୁଳସୀ ମଞ୍ଜରୀ ଅର୍ପଣ କରିଥିଲେ । ସଂପାଦକ ଆଇନଜିବୀ ଜୟରାମ ମିଶ୍ର, ଉପ-ସଭାପତି ଗୋପବନ୍ଧୁ ପୁରୋହିତ, କୋଷାଧକ୍ଷ ପର୍ଶୁରାମ ନାୟକ, ସଂଗଠନ ସଂପାଦକ କିଶୋର କୁମାର ପୁରୋହିତ, ପୁରୁଷୋତ୍ତମ ପଣ୍ଡା, ପଣ୍ଡିତ ଶ୍ୟାମ ସୁନ୍ଦର ଦାଶ, ନଗର ସଭାପତି ନରେନ୍ଦ୍ର କୁମାର ଆଚାର୍ଯ୍ୟ, ସଂପାଦକ ସଂକର୍ଷଣ ତ୍ରିପାଠି, ବରିଷ୍ଠ ଅଧକ୍ଷ ସତ୍ୟବନ୍ତ ବେଦବାକ୍, ସରୋଜ କୁମାର ପାଣିଗ୍ରାହୀ, ଗୋପାଳଜୀ ପାଣିଗ୍ରାହୀ, ଶିବ ପ୍ରସାଦ ଖୁଆସ, ଲୋକନାଥ ନେପାକ, ସାମ୍ବାଦିକ ଗୋପବନ୍ଧୁ ଶତପଥି, ବିଘ୍ନରାଜ ମିଶ୍ର, କିଶୋର ମୋହନ ମିଶ୍ର, ରାକେଶ ପଣ୍ଡା, କୃପାସିନ୍ଧୁ ମିଶ୍ର, ଦାମୋଦର ଓତା, ଶିବ ଶଙ୍କର ରଥ, ସନ୍ତୋଷ ତ୍ରିପାଠି, ଜଗନ୍ନାଥ ଷଡଙ୍ଗି, ସିଦ୍ଧେଶ୍ୱର ପାଣିଗ୍ରାହୀ ସମେତ ବହୁତ ସଭ୍ୟ ଯୋଗଦାନ କରିଥିଲେ । ଶକ୍ତି ବାହିନି ର କସ୍ତୁରୀ ରଥ, ରତ୍ନ ମଞ୍ଜରୀ ପଣ୍ଡା, ମାଳତି ଉଦ୍‌ଗାତା, ସୌଦାମିନୀ ମିଶ୍ର,ସୁମନ ତ୍ରିପାଠି, ଆରତି ମିଶ୍ର, କଲ୍ୟାଣି ନାୟକ, ଲକ୍ଷ୍ମୀପ୍ରୀୟା ମିଶ୍ର, ଜୟଶ୍ରୀ ଆଚାର୍ଯ୍ୟ, ପୁଷ୍ପାଞ୍ଜଳି ଶତପଥି ପ୍ରଭୃତି ତୁଳସି ଅର୍ପଣ କରିଥିଲେ । ସଂପାଦକ ଜୟରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# 'ମାଇଁ ଭାରତ'ପକ୍ଷରୁ ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ

କନ୍ଧମାଳ, (ହି.ସ.)- କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମାଇ ଭାରତ ଫୁଲବାଣୀ ତରଫରୁ ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ କେବିହିଷ୍ଟ କଲେଜ ଫୁଲବାଣୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ କେବି ହିଷ୍ଟ କଲେଜ ର ଅଧକ୍ଷ ଅନିଲ କୁମାର ଚୌଧୁରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ସି ଡବ୍ଲୁ ସି ସଭ୍ୟ ପ୍ରସନ୍ନ ବିଶୋଇ, କେବିହିଷ୍ଟ କଲେଜ ର ଅଧାପକ ସୁରଭି ବାଳା ପାଣିଗ୍ରାହୀ, ଦିବ୍ୟ ନାରାୟଣ ହୋତା, ଆୟୁଷ କୁମାର ଦାଶ ଏବଂ ମାଇ ଭାରତ ଫୁଲବାଣୀ ର ସହ କର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଦୁର୍ନୀତି କିପରି ଭାବରେ ରୋକାଯାଇ ପାରିବ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇ ଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । ଭାଇ ଓ ଭଉଣୀ ମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଜସ୍ମିନ କହ୍ନର ପ୍ରଥମ, ଚିନ୍ମୟୀ ପ୍ରଧାନ ଦ୍ୱିତୀୟ ଏବଂ ଜ୍ୟୋତି ବେହେରା ତୃତୀୟ ହୋଇ ଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମ ର ମୁଖ୍ୟ ଲକ୍ଷ ଉ ଉଦେଶ୍ୟ ବିଷୟରେ ଉପସ୍ଥିତ ଥିବା ଭାଇ ଉ ଭଉଣୀ ମାନଙ୍କୁ ଅବଗତ କରିଥିଲେ । କୁଇଜ ପ୍ରତିଯୋଗିତାରେ ବିଜୟୀ ପ୍ରତି ଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ବୈଠକରେ ମାଇଁ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଉପସ୍ଥିତ ଥିବା ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସ୍ୱେଚ୍ଛାସେବୀ ରଚିତା ରାଣୀ ସାହାଣୀ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ମୋ ସେବାକେନ୍ଦ୍ର ମାଧ୍ୟମରେ ଲାଇଫ୍ ସାର୍ଟିଫିକେଟ୍ ପାଇଲେ ପେନ୍‌ସନଧାରୀ

କନ୍ଧମାଳ, (ହି.ସ.)- ବାଲିଗୁଡା ଉପ କୋଷାଗାର କାର୍ଯ୍ୟାଳୟଠାରେ ବିନା ଶୁଳ୍କରେ ପେନସନ ଉପଭୋକ୍ତାଙ୍କ ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପାଇଁ ମୋ ସେବା କେନ୍ଦ୍ରରେ ସହାୟତାରେ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ଅବସରରେ ଉପକୋଷାଗାର ଅଧିକାରୀ ସୁଧାକର କହଁର, ମିନତି କୁମାରୀ ମିଶ୍ର,ତପନ କୁମାର ଦିଗାଳ, ପ୍ରଦୀପ କୁମାର ବେହେରା, ଶରତ କୁମାର ପୂଜାରୀ, ମୋ ସେବା କେନ୍ଦ୍ରର ଜିଲ୍ଲା ପରିଚାଳକ ରାଜେଶ ପାଣିଗ୍ରାହିଙ୍କ ସମେତ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରି ଉପସ୍ଥିତ ଥିଲେ ଓ ବାଲିଗୁଡା ଅଂଚଳର ବହୁ ପେନସନ ଉପଭୋକ୍ତା ନିଜର ଆଧାର କାର୍ଡ, ପେନସନ ବହି, ବ୍ୟାଙ୍କ ପାସବୁକ ଏବଂ ମୋବାଇଲ ନମ୍ବର ସଂଯୋଗ କରି ବିନା ଶୁଳ୍କରେ ସେମାନଙ୍କ ଜୀବନ ପ୍ରମାଣପତ୍ର ହାତ ପାଆନ୍ତାରେ ପାଇପାରିବେ ଓ ମୋ ସେବା କେନ୍ଦ୍ର ମାଧ୍ୟମରେ ପେନସନ ଉପଭୋକ୍ତାଙ୍କ ଘରକୁ ଯାଇ ସେବା ଦେବାର ବ୍ୟବସ୍ଥା ମଧ ରହିଛି । ଏହି ସେବା ପାଇ ନିଜେ ଖୁସିଥିବା କହିଛନ୍ତି ପେନସନଧାରୀ ମାନେ ଓ ଏହି ସେବା ପାଇବା ଦ୍ୱାରା ନିଜର ସମୟ ବଂଚିବା ସହିତ ସହଜରେ ବୃଦ୍ଧ, ବୃଦ୍ଧା ମାନେ ଘରେବସି ଏହି ସେବା ପାଇପାରିବେ ବୋଲି କହିଛନ୍ତି ସମ୍ପର୍କୀୟ ମାନେ ।

# ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

ଜୟପୁର, (ହି.ସ.)- ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନ ଠାରେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଛି । ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ତିରୋଧାନ ଦିବସ ପାଳନ କରାଯାଇଛି । ବରିଷ୍ଠ କଂଗ୍ରେସ ନେତା ମଦନ ମୋହନ ନାୟକ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଇନ୍ଦିରା ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ ନେତା ଓ କର୍ମି ମାନେ ମତବ୍ୟକ୍ତ କରିଥିଲେ ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ଉଦ୍‌ଯାପିତ

ବଲାଙ୍ଗୀର, (ହି.ସ.) – ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ମହୋତ୍ସବ ୨୦୨୪ ଦୁଇ ଦିନିଆ ମହକ ଓ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ପ୍ରଥମ ଦିନରେ ଜିଲ୍ଲାପାଳ କାର୍ଯ୍ୟାଳୟରୁ ଏକ ମଶାଲ ଯାତ୍ରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ପରେ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ ଓ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଜିଲ୍ଲାପାଳ କାର୍ଯ୍ୟାଳୟରୁ ଏହି ମଶାଲ ଶୋଭାଯାତ୍ରା ମିଶନ ଫିଲ୍ଡ ପର୍ଯ୍ୟନ୍ତ କରାଗଲା । ଏହାପରେ ଜିଲ୍ଲା ଶିକ୍ଷ ତାଲିମ ଅନୁଷ୍ଠାନ ଠାରେ ମହକ ଓ ଉତ୍ସାହ କାର୍ଯ୍ୟକ୍ରମ ପାଇଁ ମୁଖ୍ୟ ଅତିଥି ଭାବେ ସେକ୍ରେଟାରୀ ଡିଏଲ୍ଏସ୍ଏର ପବିତ୍ର ଚନ୍ଦ୍ର ପଧାନ, ଆଇଟିଆଇର ଅଧକ୍ଷ ସାମ ଓରାମ, ଶିଶୁ ମଙ୍ଗଳ ଅଧକ୍ଷ ଲମ୍ବୋଦର ଦୀପ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ, ଜିଲ୍ଲା ଶିଶୁମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ଲମ୍ବଡିଆଁ, ଉଚ୍ଚଡିଆଁ,୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼, ଚେସ, ଫୁଟବଲ୍, କେରମ ପ୍ରତିଯୋଗିତା ହୋଇଥିବାବେଳେ, ଦ୍ୱିତୀୟ ଦିନରେ ବକ୍ତୃତା, ଗୀତ, ଡାନ୍ସ, ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ କରାଗଲା । ଏହି କାର୍ଯ୍ୟକ୍ରମରେ ଗ୍ରାମ ମଙ୍ଗଳ ପାଠାଗାର, ସଲେପଲି, ଆଦୃତ ଶିଶୁ ଗୃହ, ପାର୍ବତି ଗିରି ଶିଶୁ ଯତ୍ନ ଅନୁଷ୍ଠାନ, ପଥର ଚେପା, ଗୁରୁକୁଳ ସପ୍ତଶ୍ରୀ ସେବାଶ୍ରମ, ଦେଓଗାଁ, ଉତ୍କଳ ବାଳାଶ୍ରମ, କଂଟାବାଞ୍ଜି ଅନୁଷ୍ଠାନର ଅନ୍ତେବାସୀମାନେ ଉପସ୍ଥିତ ଥିଲେ, ଏହି କାର୍ଯ୍ୟକ୍ରମରେ ୨୫୦ରୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଏହି ଶିଶୁ ମହୋତ୍ସବରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସମ୍ୟକ୍ ବିବରଣୀ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ ପାଢ଼ୀ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ଡକ୍ଟର ମାନସୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ପୋଲି ଟେକନିକ୍ କଲେଜର ଅଧକ୍ଷ ଡକ୍ଟର ଏସ୍ ବେହୁରା, ଜିଲ୍ଲା ଶିକ୍ଷ ତାଲିମ୍‌ର ଅଧକ୍ଷ ସାମ ଓରାମ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନେ ଶିଶୁମାନଙ୍କୁ ବିଭିନ୍ନ ସତ୍ୟ କାହାଣୀମାନ କହି ଉତ୍ସାହିତ କରିଥିଲେ ।

# ମାଆ ଝିଅଙ୍କୁ ଆକ୍ରମଣ; ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଦୀପାବଳି ରାତିରେ ଅଶାନ୍ତ ହୋଇଛି ରାଜଧାନୀ। ବାଣ ଫୁଟାକୁ କେନ୍ଦ୍ରକରି ଖଣ୍ଡା ବୁଲିବା ସହିତ ମାଆ ଝିଅଙ୍କୁ ଆକ୍ରମଣ ହୋଇଛି। ଘଟଣାରେ ସଂପୃକ୍ତ ଚନ୍ଦ୍ରମଣି ପ୍ରଧାନକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଏଥିସହିତ ଦୁଇ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ (ଜେଜେବି) ହାଜର କରାଯାଇଛି। ୟୁନିଟ୍ ୨ ଅଞ୍ଚଳର କ୍ରିଷ୍ଟାରାଣୀ ଦାସ ଓ ତାଙ୍କ ଝିଅ ବାଣ ଫୁଟାଉଥିବା ବେଳେ ତାଙ୍କ ପଡ଼ିଶା ଘରକୁ ଆସିଥିବା କାଳୀ ବାଡ଼ି ବସ୍ତିର ଦୁଇ ନାବାଳକ ମଧ୍ୟ ବାଣ ଫୁଟାଉ ଥିଲେ। ଜଣେ ନାବାଳକ ସିଗାରେଟ ଟାଣିବା ସହିତ ତାଙ୍କ ଝିଅ ମୁହଁକୁ ଧୂଆଁ ଛାଡ଼ିଥିଲା। ଏହାକୁ ବିରୋଧ କରିବାରୁ ନାବାଳକ ମାନେ ଆକ୍ରମଣ କରିଥିଲେ। ପରେ ପରେ କାଳୀ ବାଡ଼ି ବସ୍ତିର ଚନ୍ଦ୍ରମଣି ସମେତ ଆଉ କିଛି ସହଯୋଗୀ ସେଠାରେ ଖଣ୍ଡା ଧରି ପହଞ୍ଚିଥିଲେ। ଖଣ୍ଡା ବୁଲାଇ ଆତଙ୍କ ଖେଳାଇବା ସହିତ ମାଆ ଝିଅଙ୍କୁ ଆକ୍ରମଣ କରିଥିଲେ। ଏନେଇ କ୍ରିଷ୍ଟା ରାଣୀ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଚନ୍ଦ୍ରମଣିକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଦୁଇ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଥିଲା।

# ମିଶନ ଆଶ୍ରାରେ ଦିଲ୍ ଦିୟା ଔର ଦିଓ୍ୱାଲି

**ଭୁବନେଶ୍ୱର (ପିପିଏସ୍):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ ଫୋରମର ମିଶନ ଆଶ୍ରାରେ ଦିଲ୍ ଦିୟା ଔର ଦିଓଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ ସନ୍ତୋଷ କୁମାର ପ୍ରଧାନ,ଉପସଚିବ ବସନ୍ତ କୁମାର ବେହେରା,ଖୋର୍ଦ୍ଧା ଜିଲ୍ଲାର ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଦିଆଲ,ପିପୁଲସ ଫୋରମର ସଂପାଦକ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ନିଶିଥ ରଞ୍ଜନ ନନ୍ଦ, ଦିବ୍ୟଜ୍ୟୋତି ପଟ୍ଟନାୟକ,ସତ୍ୟଜିତ ଦାସ ଓ ଅଶୋକ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ଉତ୍ସବ ଉଦଘାଟନ କରିଥିଲେ। ଅନୁଷ୍ଠାନରେ ଥିବା ୨୫୦ ଅନ୍ତେବାସୀଙ୍କୁ ନେଇକରି ଦିଲ୍ ଦିୟା ଔର ଦିଓଲି କାର୍ଯ୍ୟକ୍ରମ ହୋଇଥିଲା।ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ନାଚ ଗୀତର ଆସର ଜମିଥିଲା।ପରେ ଅତିଥିମାନଙ୍କ ସହିତ ସମସ୍ତ କର୍ମଚାରୀ ଅନ୍ତେବାସୀଙ୍କୁ ନେଇ ଦୀପ ଜାଳି ବାଣ ଫୁଟାଇ ଥିଲେ।ଯାଁଲା ମିଶନ ଆଶ୍ରା କେନ୍ଦ୍ରର ଅଧିକ୍ଷକ ସୃଷ୍ଟିପ୍ରିୟା ବୋରା ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିବାବେଳେ ବିଜନ ବିହାରୀ ସ୍ୱାଇଁ, ରୋଜାଲିନ ପୃଷ୍ଟି,ସୋନାଲି ନାୟକ ଓ ମିଶନ ଆଶ୍ରାର ସମସ୍ତ କର୍ମଚାରୀ ତାଙ୍କୁ ସହାୟତା କରିଥିଲେ।

# ଅଯୋଧା ଯାଇଥିବା ଓଡ଼ିଆ ପରିବାରର ୨ ମୃତ

**ଭୁବନେଶ୍ୱର (ପିପିଏସ୍):** ଅଯୋଧ୍ୟା ଯାଇଥିବା ଏକ ଓଡ଼ିଆ ପରିବାର ଦୁର୍ଘଟଣାର ଶିକାର ହୋଇଛନ୍ତି। ବିହାରର ପାଟନା ନିକଟରେ ଦୁର୍ଘଟଣା ହୋଇଥିବା ବେଳେ ବାପା ଓ ୧୦ ବର୍ଷୀୟ ପୁଅ ମୃତ୍ୟୁବରଣ କରିଛନ୍ତି। ପତ୍ନୀ, ଝିଅ ଓ କାର ଚାଳକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ମେଦାନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବାପପୁଅଙ୍କ ମୃତଦେହ ନାଳନ୍ଦା ଜିଲ୍ଲାର ବିହାର ଶରିଫରେ ରହିଛି। ମିଳିଥିବା ସୂଚନା ଅନୁସାରେ, ଓଡ଼ିଆ ଦମ୍ପତି ତାଙ୍କ ପୁଅଝିଅ ଓ ଚାଳକ ସହିତ ଅଯୋଧ୍ୟା ବୁଲିବାକୁ ଯାଇଥିଲେ। ସେଠାରୁ ଫେରୁଥିବା ସମୟରେ ପାଟନା ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣାରେ ବାପପୁଅଙ୍କର ମୃତ୍ୟୁ ହୋଇଯାଇଛି। ଆଇଆରଟିଏସ୍ ଅଧିକାରୀ ଅଖିଳେଶ ପାଣ୍ଡେଙ୍କ ପ୍ରଚେଷ୍ଟାରେ ବିହାରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଗୁରୁତର ପତ୍ନୀ, ଝିଅ ଓ ଚାଳକଙ୍କୁ ମେଦାନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚାଳକ ଓ ଝିଅଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ସୁଧାର ଆସିଛି।

# ଓ୍ୱିନର୍ ଆସୋସିଏସନ୍ ଅଫିସ୍‌କୁ ବୋମାମାଡ଼



**ଭୁବନେଶ୍ୱର (ପିପିଏସ୍):** ସହିଦନଗର ଥାନା ଇନ୍‌ଫ୍ରା ପାର୍କ ନିକଟରେ ଥିବା ଓ୍ୱିନର୍ ଆସୋସିଏସନ୍ ଅଫିସ୍‌କୁ ବୋମାମାଡ଼ ହୋଇଛି। ଖବର ପାଇ ସହିଦନଗର ଥାନା ପୁଲିସ ପହଞ୍ଚି ବୋମାର କିଛି ଅଂଶ ଜବତ କରି ତନାଘନା କରୁଛି। ଏଥିସହ କେଉଁମାନେ ଏହି ବୋମା ମାଡ଼ କରିଛନ୍ତି ସେମାନଙ୍କୁ ସିସିଟିଭି ଫୁଟେଜ୍ ଆଧାରରେ ପୁଲିସ ଚିହ୍ନଟ କରୁଛି। ଦୀପାବଳି ପାଇଁ ବାଣ ଫୁଟାଯାଉଥିବାରୁ ବୋମା ଫିଙ୍ଗାଯାଇଥିବା ନେଇ କେହି ଜାଣିପାରିନଥିଲେ। ବୋମା ମାଡ଼ରେ ଗୋଟିଏ କାର, ଗୋଟିଏ ବାଇକ୍ ଏବଂ ଅଫିସର ଝରକା ଏବଂ କବାଟ ଭାଙ୍ଗିଯିବା ପରେ ବୋମା ମାଡ଼ ହୋଇଥିବା ନେଇ ଜଣାପଡ଼ିଥିଲା। ସୂଚନା ଅନୁସାରେ, ଶୁକ୍ରବାର ରାତି ୧୦ଟା ସମୟରେ ୨୦ରୁ ୩୦ଜଣ ସଂଘବଦ୍ଧ ଭାବେ ଆସି ଉକ୍ତ ଓ୍ୱିନର ଆସୋସିଏସନ୍ ଅଫିସ ଉପରକୁ ବୋମା ପକାଇ ଚମ୍ପଟ ମାରିଥିଲେ। ବୋମା ଶବ୍ଦ ଶୁଣି ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିଲେ।

# ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

**ଭୁବନେଶ୍ୱର (ପିପିଏସ୍):** ଦୀପାବଳି ରାତିରେ ବିଏସ୍ଏଫ୍ ଯବାନଙ୍କ ସ୍ତ୍ରୀଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ଚେନ୍ ଝାମ୍ପିନେଇଛନ୍ତି। ଚେନ୍ ଝାମ୍ପିବାବେଳେ ସେ ଓ ତାଙ୍କ ଝିଅ ପଡ଼ି ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଭଳି ଘଟଣା ଖାରବେଳନଗର ଥାନା ମଧୁସୂଦନନଗର ଅଞ୍ଚଳରେ ଦେଖିବାକୁ ମିଳିଛି। ସୁନା ଚେନ୍ ଲୁଟ୍‌କୁ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ମହିଳା। ଖାରବେଳନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଆରମ୍ଭ କରିଛି ତନାଘନା। ଅଭିଯୋଗକାରିଣୀ ହେଲେ ମଧୁସୂଦନନଗର ଅଞ୍ଚଳରେ ରହୁଥିବା ମହେଶ୍ୱତା ଶତପଥୀ। ଗତକାଲି ରାତି ପ୍ରାୟ ସାଢ଼େ ୯ଟା ସମୟରେ ମହେଶ୍ୱତା ଓ ତାଙ୍କ ଝିଅ ଦୀପାବଳି ଉତ୍ସବ ପାଳନ କରି ଜଣେ ସମ୍ପର୍କୀୟଙ୍କ ଘରୁ ଫେରୁଥିଲେ। ମଧୁସୂଦନ ନଗରରେ ରହୁଥିବା ଆପାର୍ଟମେଣ୍ଟ ନିକଟରେ ପହଞ୍ଚିବା ବେଳକୁ ହଠାତ ଏକ କଳାରଙ୍ଗର ପଲସର୍ ଗାଡ଼ିରେ ତିନିଜଣ ଯୁବକ ଆସି ତାଙ୍କ ସ୍କୁଟିକୁ ସାଇଡ୍ ମାରିବା ସହ ଅଟକାଇ ଦେଇଥିଲେ। ପରେ ତାଙ୍କ ବେକରେ ଥିବା ସୁନା ଚେନ୍ ଝାମ୍ପି ନେଇଥିଲେ। ପାଟି କରିବାରୁ ଗାଳି ଗୁଲଜ କରିବା ସହ ଧକ୍କା ମାରି ତାଙ୍କୁ ଓ ତାଙ୍କ ଝିଅଙ୍କୁ ତଳେ ପକାଇ ଦେଇଥିଲେ। ଫଳରେ ତାଙ୍କ ମୁହଁ ଓ ଦେହରେ ଆଘାତ ଲାଗିଛି।

# ଆଇନଜୀବୀଙ୍କୁ ଆକ୍ରମଣ ଘଟଣାକୁ ରାଜ୍ୟ ଆଇନଜୀବୀ ପରିଷଦର ନିନ୍ଦା

**ଭୁବନେଶ୍ୱର (ପିପିଏସ୍):** ଉତ୍ତରପ୍ରଦେଶ ଗାଜିଆବାଦ ଜିଲ୍ଲା ଜଜ କୋର୍ଟ ପରିସରରେ ଆଇନଜୀବୀଙ୍କୁ ପୁଲିସର ଆକ୍ରମଣକୁ ନିନ୍ଦା କରିଛି ରାଜ୍ୟ ଆଇନଜୀବୀ ପରିଷଦ।ଏଥିସହିତ ଉତ୍ତରପ୍ରଦେଶ ସରକାର ତୁରନ୍ତ ଏହାର ଏକ ବିଚାର ବିଭାଗୀୟ ତଦନ୍ତ କରିବା ପାଇଁ ଦାବି କରିଛି ପରିଷଦ। ସେହିପରି ଆହତ ଆଇନଜୀବୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ମଧ୍ୟ ଦାବି କରାଯାଇଛି। ଏ ନେଇ ଆୟୋଜିତ ବୈଠକରେ ରାଜ୍ୟ ଆଇନଜୀବୀ ପରିଷଦର ଅଧକ୍ଷ୍ୟ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଅଧକ୍ଷତାରେ ଉପାଧକ୍ଷ ରାଜୀବ କୁମାର ମହାନ୍ତି, ଭକ୍ତଭୂଷଣ ବାରିକ, ପୀତବାସ ପଣ୍ଡା, ଦେବୀପ୍ରସାଦ ଧଳ, ବିଭୁପ୍ରସାଦ ଦାସ, ଅକ୍ଷୟ କୁମାର ପତି, ଆତ୍ମପ୍ରକାଶ ମହାନ୍ତି, ସୌରଚନ୍ଦ୍ର ମହାପାତ୍ର, ଅରୂପାନନ୍ଦ ଦାସ, ଦେବଦତ୍ତ ମିଶ୍ର, ଦୀନେଶ ଚନ୍ଦ୍ର ରାୟ, ପ୍ରସନ୍ନ କୁମାର ପାଢ଼ୀ, ସଂଜିତ କୁମାର ପାଣିଗ୍ରାହୀ, ଗିରିଜା ଶଙ୍କର ମିଶ୍ର, ମାନସ କୁମାର ଚାନ୍ଦ, ଗିରିଧାରୀ ମହାପାତ୍ର, ନୃସିଂହ ଚରଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ରେଳମନ୍ତ୍ରୀ ଓ ଇଞ୍ଜିନିୟର ମହାସଂଘ ଆଲୋଚନା

**ଭୁବନେଶ୍ୱର (ପିପିଏସ୍):** ଗତ ୩୦ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ସର୍ବ ଭାରତୀୟ ରେଳବାଇ ଇଂଜିନିୟର ମହାସଂଘ ମଧରେ ଦିଲ୍ଲୀସ୍ଥିତ ରେଳବାଇ ବୋର୍ଡରେ ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ମହାସଂଘ ପକ୍ଷରୁ ମହାସଚିବ ଇଂ ବିଷ୍ଣୁ ପ୍ରସାଦ ଦାଶଙ୍କ ନେତୃତ୍ୱରେ ଦେଶର ବିଭିନ୍ନ ପ୍ରାନ୍ତରୁ ୬ ଜଣ ସଭ୍ୟ ଯୋଗ ଦେଇଥିଲେ। ପୂର୍ବତଟ ରେଳ ଇଂଜିନିୟର ସଂଘର ସଭାପତି ଇଂ ବବିନ୍ ମହାନ୍ତି ପ୍ରତିନିଧିତ୍ୱ କରିଥିଲେ। ଏହି ଆଲୋଚନାରେ ରେଳ ଇଂଜିନିୟରଙ୍କ ପଦୋନ୍ନତି ଉପରେ ଆଲୋଚନା ହୋଇଥିଲା। ଆଲୋଚନାରେ ଅଶୋକ କୁମାର ଶୁକ୍ଲାଙ୍କ ନେତୃତ୍ୱରେ ଭାରତୀୟ ମଜଦୁର ସଂଘ ତଥା ଭାରତୀୟ ରେଳ ମଜଦୁର ସଂଘର ପ୍ରତିନିଧି ଯୋଗ ଦେଇଥିଲେ। ଦାବିକୁ ପୂର୍ଣ୍ଣ ସହମତି ଦେଇଥିବା ଯୋଗୁଁ ମହାସଂଘ ତରଫରୁ ରେଳମନ୍ତ୍ରୀ ଓ ମଜଦୁର ସଂଘକୁ ଧନ୍ୟବାଦ ଦିଆଯାଇଥିଲା।

## ଫରକ ପଡ଼ିଲାନି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଟକଣା

# ଦୁଇଦିନରେ ଫୁଟାଇଲେ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବାଣ

**ଭୁବନେଶ୍ୱର (ପିପିଏସ୍):** ଚଳିତବର୍ଷ କାଳୀପୂଜା ଏବଂ ଦୀପାବଳି ଦୁଇଦିନ ପାଳିତ ହୋଇଥିଲା। ତେଣୁ ଅଧିକ ବାଣ ଫୁଟିବା ଆଶଙ୍କା କରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କଡ଼ା କଟକଣା ଜାରି କରାଯାଇଥିଲା। ହେଲେ ଏହାକୁ କେହି ମାନିଲେନି। ଯେମିତି ବାଣ ଫୁଟାଇବା କଥା ସେମିତି ଫୁଟାଇଲେ। ଯାଞ୍ଚ ପାଇଁ କୌଣସି ବ୍ୟବସ୍ଥା ହୋଇନଥିବାରୁ ଲୋକେ ରାତି ୯ଟା ପରେ ବି ପ୍ରଦୂଷଣ ସୃଷ୍ଟିକାରୀ ଓ ଘାତକ ବାଣ ଫୁଟାଇଥିଲେ। ରାତି ସାରା ସହରସାରା ଫୁଟିଥିଲା ବାଣ। କେବଳ ଗ୍ରୀନ୍ ବାଣ ଫୁଟାଇବାକୁ କୁହାଯାଇଥିଲେ ମଧ ଉଚ୍ଚ ଶବ୍ଦ ବାଲା ବାଣ କେଉଁଠୁ ଆସିଲା ତାହାକୁ ନେଇ ଏବେ ଚର୍ଚ୍ଚା। ବାଣ ଦୋକାନୀମାନେ ଚୋରାରେ ଏହି ସବୁ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଣ ବିକ୍ରି କରିଥିବା କୁହାଯାଉଛି। ଯାହାକୁ ଧରିପାରିଲାନି ପୁଲିସ। ସନ୍ଧ୍ୟା ୬ଟାଠାରୁ ଆରମ୍ଭ ହୋଇଯାଇଥିଲା ବାଣ ଫୁଟା। ଅନେକ ରାତି ୧୨ଟା ପର୍ଯ୍ୟନ୍ତ ଏହି ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇଥିଲେ। ଏ



ନେଇ କଣ୍ଟ୍ରୋଲ ରୁମ୍ ଏବଂ ଥାନାକୁ ଏକାଧିକ ଫୋନ୍ ଯାଇଥିଲା। କିନ୍ତୁ ପୁଲିସ କାହା ଘରକୁ ଯାଇ କାବାଟ ବାଡେଇ ଅମାନିଆଙ୍କୁ ଧରିବା ସମ୍ଭବ ହୋଇନଥିଲା। ତେଣୁ ପୁଲିସ ନିକଟକୁ ଆସୁଥିବା ଫୋନ୍ କଲ୍‌କୁ ଜାଣିଶୁଣି ଅବହେଳା କରାଯାଇଥିଲା। ଗୋଟିଏ ରାତିରେ ସହରବାସୀ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଫୁଟାଇ ଦେଇଥିବା ଆକଳନ କରାଯାଉଛି। ଏହି ଦିନ ପୁଲିସ ବିଭିନ୍ନ ଛକରେ ଜଗି ରହିଥିବା ବେଳେ ପିସିଆର ଭ୍ୟାନ୍ ଗଳି କନ୍ଦିରେ ବୁଲି ଅମାନିଆଙ୍କୁ ସାବାଡ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏକାଧିକ ଅମାନିଆଙ୍କ ଆଗରେ ହାର ମାନିଥିଲେ। ବାଣ ଫୁଟାଇବା ଦ୍ୱାରା ସହର ସାରା କୃତ୍ରିମ କୁହୁଡିର ଭ୍ରମ ସୃଷ୍ଟି ହୋଇଥିଲା। ଯୁଆଡେ ଚାହିଁଲେ ଖାଲି ଧୂଆଁ ଆଉ ଧୂଆଁ ଦେଖାଯାଉଥିଲା। ପ୍ରଦୂଷଣର ମାତ୍ରା ଏଭଳି ଭାବେ ବଢ଼ିଯାଇଥିଲା ଯେ ରାସ୍ତା ଦେଖାଯିବା କଷ୍ଟକର ହୋଇଥିଲା। ଏପରିକି ଦିଲ୍ଲୀ ପରି ସ୍ଥିତି ମଧ ସୃଷ୍ଟି ହୋଇଥିଲା।

ଅପରପକ୍ଷରେ ବାଣ ଫୁଟାଇ ୫୦ ଜଣ ଆହତ ହୋଇଥିଲେ। ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅନେକଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଘରକୁ ପଠାଯାଇଥିବା ବେଳେ ଗୁରୁତର ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇ ଦିଆଯାଇଥିଲା। ବାଣ ଫୁଟା ପରେ ସକାଳୁ ସହର ସାରା କୁଢ଼ କୁଢ଼ ଆବର୍ଜନାରେ ଭର୍ତ୍ତି ହୋଇଥିଲା। ହାକୁ ବିଏମ୍‌ସିର କର୍ମଚାରୀମାନେ ସଫା କରିବାକୁ ନାକେଦମ ହୋଇଯାଇଥିଲେ। ସେହିପରି ଅନେକ ମଦୁଆ ଏବଂ କିଛି ହାତ ଗଣତି ଅମାନିଆଙ୍କୁ ପୁଲିସ ଧରି ଥାନାକୁ ନେଇ ସକାଳୁ ଛାଡ଼ି ଦେଇଥିଲା। ସବୁଠାରୁ ବଡ କଥା ହେଲା ବାଣ ଫୁଟାଇବା ଯୋଗୁଁ ପ୍ରଦୂଷଣର ସ୍ତର ଏଭଳି ବଢ଼ିଯାଇଛି ଯେ ଆଜି ସକାଳ ୯ଟା ବେଳକୁ ବାୟୁର ଏକ୍ୟୁଆଇ ୧୭୦ ପାଖାପାଖି ରହିଥିଲା। ଲୋକେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥିଲେ। ପ୍ରଦୂଷଣ ସୃଷ୍ଟିକାରୀ ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟଙ୍କ କଡ଼ା କଟକଣା ସତ୍ତ୍ୱେ, କେହି ଏହାକୁ ମାନିନଥିଲେ। ଦୀପାବଳୀ ପୂର୍ବରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବା ପାଇଁ ପୁଲିସ ପକ୍ଷରୁ କୁହାଯାଇଥିଲା। ବାଣ ଫୁଟାଇବା ପାଇଁ ଗାଇଡ୍‌ଲାଇନ୍ ବି ଜାରି କରାଯାଇଥିଲା। ହେଲେ, ଗାଇଡଲାଇନ କିଭଳି କାର୍ଯ୍ୟକାରୀ ହେବ ତାହାକୁ ଦେଖିବାକୁ କେହି ନଥିଲେ। ଯାହା ପୂରା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କହିଛି, ଦୀପାବଳିରେ ଗ୍ରୀନ କ୍ରାକର ଫୁଟାଇବାକୁ ଲୋକଙ୍କୁ ଅନୁରୋଧ କରାଯାଇଥିଲା ଓ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ପ୍ରଶାସନକୁ ବି ନିର୍ଦ୍ଦେଶ ଦିଆଯାଇଥିଲା।

## ବିନ୍ଦୁସାଗର କୂଳରେ ପୟା ଶ୍ରାଦ୍ଧ

**ଭୁବନେଶ୍ୱର (ପିପିଏସ୍):** ପବିତ୍ର ପୟା ଶ୍ରାଦ୍ଧ ଓ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜା କରି ବଡ଼ବଡୁଆ ଡାକ ପାଇଁ ଦୀପାବଳିରେ ଏକାମ୍ର କ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଆଶ୍ୱିନ ମାସ ପ୍ରଥମ ଦିନରୁ ୧୫ଦିନ ଧରି ଚାଲିଥିବା ମହାଳୟା ସମୟରେ ଯେଉଁ ଶ୍ରଦ୍ଧାଳୁ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଇ ନ ଥିଲେ, ସେମାନେ ଏହି ଅମାବାସ୍ୟା ତିଥିରେ ଶ୍ରାଦ୍ଧ କାର୍ଯ୍ୟ ସମ୍ପନ୍ନ କରିବା ବିଧି ଅନୁସାରେ ବିନ୍ଦୁସାଗର କୂଳ ଓ ଶ୍ରୀରାମନଗର ସ୍ଥିତ ସୂକ୍ଷ୍ମେଶ୍ୱର ମନ୍ଦିର ନିକଟରେ ଶ୍ରଦ୍ଧାଳୁମାନେ ତାଙ୍କ ପିତୃପୁରୁଷ ଓ ମାମୁଘରର ତିନି ପୁରୁଷକୁ ଏହି ପିଣ୍ଡ ଦାନ କରିଥିଲେ। ଏଥିପାଇଁ ବିନ୍ଦୁସାଗର କୂଳରେ ଧାଡ଼ି ହୋଇ ବ୍ରାହ୍ମଣମାନେ ରହି ପୂଜା କାର୍ଯ୍ୟ କରିଥିଲେ। ଏହି ସ୍ଥାନରେ ପିଣ୍ଡଦାନ କଲେ ପରଲୋକଗତ ଆତ୍ମର ସଦ୍‌ଗତି ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ଭୋର୍‌ରୁ ଆସି ଶ୍ରାଦ୍ଧ ଅର୍ପଣ କରିଥିଲେ। ବିନ୍ଦୁସାଗର ଦକ୍ଷିଣ ପୂର୍ବ ଘାଟଠାରୁ ଉତ୍ତରେଶ୍ୱର ଘାଟ ପର୍ଯ୍ୟନ୍ତ ବହୁ ପୁରୁଷ ଓ ମହିଳାଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ସେହିପରି ଦୀପାବଳି ଅମାବାସ୍ୟା ଉପଲକ୍ଷେ ବଡ଼ବଡୁଆଙ୍କୁ ଡାକିବା ପାଇଁ ବିନ୍ଦୁସାଗର କୂଳ ଓ ଶ୍ରୀଲିଙ୍ଗରାଜ ମନ୍ଦିରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସକାଳ ୯ଟାରୁ ବିନ୍ଦୁ ସାଗର କୂଳରେ ଭିଡ଼ ଜମିଥିଲା। ସେହିପରି ସୂର୍ଯ୍ୟାସ୍ତ ପରେ ଶ୍ରଦ୍ଧାଳୁମାନେ କାଉଁରିଆ କାଠି ଓ ବିଭିନ୍ନ ପୂଜା ସାମଗ୍ରୀ ଆଣି ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ବଡ଼ବଡୁଆ ହୋ... ଡାକିଥିଲେ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଲୁହା ବ୍ୟାରିକେଡ୍ କରାଯିବା ସହ ତଳେ ବାଲି ବିଛାଯାଇଥିଲା। ପୁଲିସ ଭିଡ଼ ନିୟନ୍ତ୍ରଣ କରଥିଲା। ଏହି ଅବସରରେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ସୂଚନା ରହିଛି।

# ରାଜଧାନୀରେ ସିରିଜ୍ ଲୁଟ୍

**ଭୁବନେଶ୍ୱର (ପିପିଏସ୍):** ଦୀପାବଳିରେ ରାଜଧାନୀରେ ମାତିଲେ ଲୁଟେରା। ନୂଆପଲ୍ଲୀ, ଖାରବେଳନଗର ଏବଂ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ସିରିଜ ଲୁଟ ହୋଇଛି। ଦାମୀ ସିଗାରେଟ, ପୁଡ଼ିଆ ଓ ୫ଟି ଗ୍ୟାସ୍ ଟାଙ୍କି। ୩ଜଣ ଅଟୋରେ ଆସି ଲୁଟ୍‌ପାଟ କରିଥିବାର ଚିତ୍ର ସିସି ଟିଭିରେ କଏଦ ହୋଇଛି। ନୂଆପଲୀ ଥାନାରେ ଅଭିଯୋଗ ପରେ ପୁଲିସ ଖୋଳତାଡ଼ କରୁଛି। ଲୁଟେରାଙ୍କୁ ଧରିବା ପାଇଁ ଗଠନ ହୋଇଛି ସ୍ୱତନ୍ତ୍ର ଟିମ। ଏହି ସବୁ ଲୁଟ୍ ପଛରେ ବିହାରୀ ଗ୍ୟାଙ୍ଗର ସଂପୃକ୍ତି ଥିବା କୁହାଯାଉଛି। ତେଣୁ ପୁଲିସ ଚୋରି ହୋଇଥିବା ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରୁଛି।

# ୟୁନିଟ୍ ୧ ଭୂତଳ ମାର୍କେଟରେ ଜଳିଗଲା ଶାଢ଼ି ଦୋକାନ

**ଭୁବନେଶ୍ୱର (ପିପିଏସ୍):** ଦୀପାବଳି ରାତିରେ କ୍ୟାପିଟାଲ ଥାନା ଅଞ୍ଚଳରେ ବଡ଼ ଅଘଟଣ ଘଟିଛି। ଗତକାଲି ବିଳମ୍ବିତ ରାତିରେ ୧ ନମ୍ବର ହାଟ ଭୂତଳ ମାର୍କେଟରେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୨ଟି ଶାଢ଼ି ଦୋକାନ ସଂପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଦୁଇଟି ଅଗ୍ନିଶମ ଟିମ୍ ପ୍ରାୟ ୬ ଘଣ୍ଟାର କସରତ ପରେ ନିଆଁ ଆୟତ୍ତ କରିଥିଲେ। ସଟ୍‌ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ସନ୍ଦେହ କରୁଛି। ଏହି ଭୂତଳ ମାର୍କେଟରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ଯାଞ୍ଚ କରାଯାଉଛି। ସୂଚନା ଅନୁସାରେ ଗତକାଲି ଥିଲା ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି। ଏଥିପାଇଁ ଚଳଚଞ୍ଚଳ ଥିଲା ଗାଁରୁ ସହର। ଅନ୍ଧକାର ଉପରେ ଆଲୋକର ବିଜୟ ସ୍ୱରୂପ ଚାରିଆଡ଼େ ଜମିଥିଲା ଦୀପାବଳିର ଧୂମ୍। ତେବେ ଠିକ୍ ଏତିକି ବେଳେ ଭୁବନେଶ୍ୱରରେ ଘଟିଥିଲା ବଡ଼ ଧରଣର ଅଘଟଣ। ରାତି ପ୍ରାୟ ସାଢେ ୧୧ଟା ସମୟରେ ୧ ନମ୍ବର ହାଟ ଭୂତଳ



ମାର୍କେଟରେ ଲାଗିଥିଲା ନିଆଁ। ପ୍ରଥମେ ୨୩ ନମ୍ବର ଦୋକାନରୁ ନିଆଁ ଲାଗିବା ଆରମ୍ଭ ହୋଇଥିଲା। ଏହି ଦୋକାନରୁ ପ୍ରବଳ ମାତ୍ରାରେ ଧୂଆଁ ବାହାରିଥିଲା। ଦୋକାନରେ ଥିବା କର୍ମଚାରୀମାନେ ଭୟରେ ବାହାରକୁ ଦୌଡ଼ିଥିଲେ। ଏହାପରେ ନିଆଁ ସମସ୍ତ ଦୋକାନକୁ ବ୍ୟାପିଥିଲା। ତେବେ ଭୂତଳ ମାର୍କେଟରେ ଅଗ୍ନିକାଣ୍ଡ ହୋଇଥିବା ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର ଦୁଇଟି ଟିମ୍ ପହଞ୍ଚିଥିଲା। ତେବେ ଏହି ମାର୍କେଟରେ ପୂରା ସେଣ୍ଟ୍ରାଲ ଏସି ଥିବାରୁ ନିଆଁ ଲିଭାଇବାକୁ ଅଗ୍ନିଶମ ବାହିନୀ ନାକେଦମ ହୋଇଥିଲା। ଦୁଇଟି ଅଗ୍ନିଶମ ଟିମ୍ ପ୍ରାୟ ୬ ଘଣ୍ଟାର କସରତ ପରେ ନିଆଁକୁ ଆୟତ୍ତ କରିଥିଲା। ସେପଟେ ଏହି ଅଗ୍ନିକାଣ୍ଡରେ ଭୂତଳ ମାର୍କେଟରେ ଥିବା ୨୬ଟି ଦୋକାନ କ୍ଷତିଗ୍ରସ୍ତ ହୋଇଛି। ଲକ୍ଷାଧିକ ଟଙ୍କାର ଶାଢୀ ଜଳି ପୋଡ଼ି ନଷ୍ଟ ହୋଇଯାଇଛି। ତେବେ କିଭଳି ସ୍ଥିତିରେ ଅଗ୍ନିକାଣ୍ଡ ଘଟିଲା ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ସେପଟେ ଗତକାଲି ରାତିରେ ଭୁବନେଶ୍ୱର ବାପୁଜୀନଗରରେ ମଧ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ବାପୁଜୀ ନଗରରେ ଥିବା ୩ଟି ଭେଣ୍ଡିଂ ଜୋନ୍ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି। ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଛି, ନା ବାଣ ଫୁଟାରୁ ନିଆଁ ଲାଗିଛି ତାହା ସ୍ପଷ୍ଟ ହୋଇନାହିଁ। ଏହି ଅଗ୍ନିକାଣ୍ଡରେ ୩ଟି ସାଇକେଲ ଦୋକାନ ସମ୍ପୂର୍ଣ୍ଣ ଜଳି ଯାଇଛି। ଛୋଟ ପିଲାଙ୍କ ରେସିଂ ସାଇକେଲଠୁ ବଡ଼ ସାଇକେଲ ଯାଏଁ ବିକ୍ରି କରୁଥିବା ଦୋକାନ ମାଲିକ ସନ୍ଧ୍ୟାରେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ଆଉ ପରିବାର ସଦସ୍ୟଙ୍କ ସହ ଦୀପାବଳି ପାଳନବେଳେ ସାଢେ ୮ଟାରେ ଜଳିଗଲା ଦୋକାନ। ସ୍ଥାନୀୟ ଲୋକେ ଖବର ଦେବା ପରେ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ।

# ଟିପିସିଓଡିଏଲ୍‌କୁ ଇନୋଭେସନ୍ ଓ୍ୱିଥ୍ ଇମ୍ପାକ୍ଟ ଆଓ୍ୱାର୍ଡ

**ଭୁବନେଶ୍ୱର (ପିପିଏସ୍):** ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଆୟୋଜିତ ସମ୍ମାନଜନକ ଇନୋଭେସନ୍ ଓ୍ୱିଥ୍ ଇମ୍ପାକ୍ଟ ଆଓ୍ୱାର୍ଡସ ୨୦୨୪ରେ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଉନ୍ନତମାନର ପ୍ରଦର୍ଶନରେ ପାଇଁ ପ୍ରଥମ ସ୍ଥାନ ହାସଲ କରିଛି। ସେହିଭଳି ରାଜ୍ୟ ବର୍ଗରେ ମଧ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଉପଲବ୍ଧି ବିଦ୍ୟୁତ ବିତରଣରେ ଉତ୍କର୍ଷତା ପ୍ରତି କମ୍ପାନିର ପ୍ରତିବଦ୍ଧତାକୁ ଦର୍ଶାଉଛି। ପୂର୍ବତନ ଶକ୍ତି ସଚିବ ତଥା ସମ୍ମିଳନୀ ଓ ବିଚାରକ ମଣ୍ଡଳୀର ଅଧ୍ୟକ୍ଷ ଅନୀଲ ରାଜଦାନ ଓ ଦିଲ୍ଲୀ ବିଦ୍ୟୁତ ନିୟାମକ ଆୟୋଗର ପୂର୍ବତନ ସଦସ୍ୟ ତଥା ବିଚାରକ ମଣ୍ଡଳୀର ଅନ୍ୟତମ ସଦସ୍ୟ ବିପି ସିଂହଙ୍କଠାରୁ ଟିପିସିଓଡିଏଲ୍ ତରଫରୁ କମ୍ପାନିର ବିଜନେସ୍ ଏକ୍ସଲେନ୍ସ ମୁଖ୍ୟ ନିରଞ୍ଜନ ରାଉତ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

'ଇନୋଭେସନ୍ ଓ୍ୱିଥ୍ ଇମ୍ପାକ୍ଟ ଆଓ୍ୱାର୍ଡସ ଫର୍ ଡିସକମ ୨୦୨୪' ରେ ଭାରତର ବିଦ୍ୟୁତ ବିତରଣ କଂପାନିଗୁଡ଼ିକର ଅଭିନବ ଅଭ୍ୟାସକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ୨୦୨୪ ଅକ୍ଟୋବର ୨୩ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ପୁରସ୍କାର ସମାରୋହରେ ଟିପିସିଓଡିଏଲ୍, ଟାଟା ପାଓ୍ୱାର ମୁମ୍ବାଇ ଏବଂ ଟାଟା ପାଓ୍ୱାର ଦିଲ୍ଲୀ ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡିଡିଏଲ୍) ଏକାଧିକ ବର୍ଗରେ ଭଲ ପ୍ରଦର୍ଶନ କରିଛନ୍ତି। ଶକ୍ତି ମନ୍ତ୍ରଣାଳୟର ସମର୍ଥନରେ ଆୟୋଜିତ ଏହି ପୁରସ୍କାରର ଦ୍ୱାଦଶ ବାର୍ଷିକ ସଂସ୍କରଣରେ ଦେଶବ୍ୟାପୀ ୩୨ଟି ଡିସକମ୍ ଅଂଶଗ୍ରହଣ କରିଥିଲେ। ଏହି ପୁରସ୍କାର ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ଏହି ପୁରସ୍କାର ଆମର ପରିଚାଳନାଗତ ଉତ୍କର୍ଷତା ଏବଂ ଗ୍ରାହକଙ୍କ ସନ୍ତୁଷ୍ଟି ପାଇଁ ନିରନ୍ତର ପ୍ରୟାସର ପ୍ରମାଣ ବୋଲି ସେ କହିଛନ୍ତି।

# ବାଣ ବଦଳରେ ଫୁଟିଲା ବେଲୁନ୍

**ଭୁବନେଶ୍ୱର (ପିପିଏସ୍):** ଆଲୋକର ପର୍ବ ଦୀପାବଳିକୁ ଏକ ନିଆରା ଓ ନିରାଡମ୍ବର ଭାବେ ପାଳନ କରିଛନ୍ତି ଆଦିବାସୀପଲ୍ଲୀ ଗ୍ରାମବାସୀ। ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧରେ ରହିଥିବା ଆଦିବାସୀ ପଲ୍ଲୀ କନ୍ଦଳେଇର ବନବାସୀମାନେ ସ୍ୱଚ୍ଛ ଓ ସବୁଜ ଦୀପାବଳି ପାଳନ କରି ସାରା ବିଶ୍ୱକୁ ପ୍ରକୃତି ପ୍ରେମର ବାର୍ତ୍ତା ପ୍ରଦାନ କରିଛନ୍ତି। 'ପ୍ରଦୂଷଣ ମୁକ୍ତ ଶବ୍ଦ ଓ ବାୟୁ, ସବୁଜ ଦୀପାବଳି ବଢ଼ାଏ ଆୟୁ'ର ବାର୍ତ୍ତା ସେମାନେ ଦେଇଥିଲେ। ପ୍ରଦୂଷଣ ଓ ବିପଦ ସୃଷ୍ଟି କରୁଥିବା ବାଣ ନ ଫୁଟାଇ ତା' ବଦଳରେ ବେଲୁନ୍ ଫୁଟାଇ ଦୀପ ଜାଳି ଉତ୍ସାହର ସହ ଉତ୍ସବଟିକୁ ପାଳନ କରିଥିଲେ। ସାମାଜିକ ଅନୁଷ୍ଠାନ ଚିନ୍ମୟୀ ଫାଉଣ୍ଡେସନ୍ ପକ୍ଷରୁ ଆୟାଜିତ ଏହି ସବୁଜ ଦୀପାବଳି ଉତ୍ସବରେ ପରିବେଶବିତ୍ ସୁଶାନ୍ତ ସାହୁଙ୍କ 'ବାଣ ବଦଳରେ ବେଲୁନ୍' ଚିନ୍ତାଧାରାକୁ ବନବାସୀମାନେ ସ୍ୱାଗତ କରିବା ସହ ପ୍ରଶଂସା କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ମିଠେଇ, ବିସ୍କୁଟ୍, ଚକୋଲେଟ ଇତ୍ୟାଦି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବୁଲ୍‌ସ ଆଇର ଅଧକ୍ଷ ତ୍ରିଲୋଚନ ବେଉରା ଯୋଗଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସବୁଜ ଦୀପାବଳିର ବ୍ୟାପକ ପ୍ରଚାର ପ୍ରସାର ହେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି।

# ଦିନକ ପରେ ବି ସଫା ହୋଇପାରୁନି ଦୀପାବଳି ଆବର୍ଜନା

**ଭୁବନେଶ୍ୱର (ପିପିଏସ୍):** ରାଜ୍ୟରେ ଆଲୋକର ପର୍ବ ଦୀପାବଳି ଶେଷ ହୋଇଛି। ଏଥିପାଇଁ ରାଜଧାନୀ ଆକାଶ ଧୂଆଁମୟ ହୋଇଯାଇଛି। ଅନ୍ୟପଟେ ବାଣରୁ ବାହାରୁଥିବା କାଗଜଗ ଟୁକୁଡ଼ା, ବାରୁଦ ଗୁଣ୍ଡ ଆଉ ଅନ୍ୟାନ୍ୟ ରସାୟନିକ ବର୍ଜ୍ୟ ରାଜଧାନୀ ରାସ୍ତାରେ ବିଛାଇ ହୋଇ ପଡ଼ିଛି। ଏଭଳି ଅଳିଆ ଉଭୟ ମଣିଷ ଓ ପଶୁପକ୍ଷୀଙ୍କ ପାଇଁ ବିପଜ୍ଜନକ। ବିଏମ୍‌ସି ଏହାକୁ ତୁରନ୍ତ ସଫା କରୁ। ଏଭଳି ଅଳିଆକୁ ହାଟାଇବାରେ ବିଳମ୍ବ କଲେ ବରଦାସ୍ତ କରାଯିବ ନାହିଁ ବୋଲି ବୋଲି ବୁଦ୍ଧିଜୀବୀ ଓ ପଶୁ ପ୍ରେମୀ ମତ ପ୍ରକାଶ କରିଛନ୍ତି। ସବୁ ପରିସ୍ଥିତିରେ ଗୋଟିଏ ଦିନରେ ଅଳିଆ ହଟିଯିବ ବୋଲି ବିଏମ୍‌ସି କହୁଛି। ହେଲେ କୌଣସି ପର୍ବପର୍ବାଣି ଆସିଲେ କିମ୍ବା ଉତ୍ସବ ପର ଦିନ ସହରରୁ ଅଳିଆ ହଟାଇବା ବିଏମ୍‌ସି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଯାଉଛି। ଅଳିଆ ସଫା କରିବାରେ ବିଏମ୍‌ସି ନୟାନ୍ତ ହୋଇଯାଉଛି। ଦିନ ଦିନ ଧରି ଅଳିଆ ପଡ଼ି ରହୁଛି। ଦୀପାବଳି ବାସି ରାଜଧାନୀର ବିଭିନ୍ନ ରାସ୍ତାରେ ଦ୍ୱିପହର ପର୍ଯ୍ୟନ୍ତ ଅଳିଆ ପଡି ରହିଥିଲା। କିଛି ଜାଗାରେ ଅଳିଆକୁ ଓଳା ଯାଇ ରାସ୍ତା କଡ଼ରେ ରଖାଯାଇଥିଲେ ମଧ ଏହାକୁ ଉଠାଇବାକୁ କେହି ଆସି ନ ଥିଲେ।

କିଛି ସ୍ଥାନରେ ଫୁଟନ୍ତା ବାଣରୁ ବାହାରୁଥିବା ଅଳିଆକୁ ବୁଲା ଗୋରୁ ମୁହଁ ମାରୁଥିବା ଦେଖିବାକୁ ମିଳିଥିଲା। ଯାହା ଗୋରୁଙ୍କ ସ୍ୱାସ୍ଥ୍ୟ ପକ୍ଷେ ବିପଦଜନକ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ରାସ୍ତାରେ ବିଛାଇ ହୋଇ ପଡିଥିବା ବାଣ ଜନିତ ଅଳିଆ ଯୋଗୁଁ ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଛି। ତେବେ ଅଳିଆ ନ ହଟିଲେ ବିଭିନ୍ନ ଏଜେନ୍ସି ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଏମ୍‌ସି କହୁଛି। ହେଲେ କଡା କାର୍ଯ୍ୟାନୁଷ୍ଠାନ ଅଭାବରୁ ଏଜେନ୍ସି ମାନେ ମନମୁଖି କାମ କରୁଛନ୍ତି। ଅବଶ୍ୟକ ସ୍ଥଳେ ଅଧିକ ଶ୍ରମିକ ଏବଂ ଲୋକ ଲଗାଉ ନାହାନ୍ତି। ଯାହାର ଫଳ ରାଜଧାନୀବାସୀ ଭୋଗୁଛନ୍ତି।

# ଦୁଇ ପ୍ରେମିକା ସହ ମିଶି ପତ୍ନୀ ହତ୍ୟା ଘଟଣା: ରିମାଣ୍ଡରେ ଯିବ ଅଭିଯୁକ୍ତ ସ୍ୱାମୀ

**ଭୁବନେଶ୍ୱର (ପିପିଏସ୍):** ଆନେସ୍ଥେସିଆ ଓ ପୋଟାସିୟମ କ୍ଲୋରାଇଡ ଇଞ୍ଜେକସନ ଦେଇ ଶୁଭଶ୍ରୀ ନାୟକଙ୍କୁ ହତ୍ୟା ଘଟଣାରେ ପୁଲିସର ତଦନ୍ତ ଆଉ ପାଦେ ଆଗେଇଛି। ଅଭିଯୁକ୍ତ ସ୍ୱାମୀ ପ୍ରଦ୍ୟୁମ୍ନ କୁମାର ଏବଂ ଦୁଇ ପ୍ରେମିକା ରୋଜି ପାତ୍ର ଓ ଇଜିତା ଭୂୟାଁଙ୍କୁ ରିମାଣ୍ଡରେ ଆଣିବା ଲାଗି କୋର୍ଟରେ ଆବେଦନ କରିଛି ଭରତପୁର ଥାନା ପୁଲିସ। ୩ ଦିନ ଲାଗି ରିମାଣ୍ଡ ଆବେଦନ କରାଯାଇଛି। କୋର୍ଟଙ୍କ ଅନୁମତି ପରେ ୩ ଅଭିଯୁକ୍ତଙ୍କୁ ଆଣି ପଚରାଉଚରା କରାଯିବ। ସେମାନେ ଶୁଭଶ୍ରୀଙ୍କୁ ହତ୍ୟା କରିବା ପାଇଁ କେବେଠାରୁ ଯୋଜନା କରିଥିଲେ ସେ ନେଇ ପଚରାଯିବ। ଏଥିସହିତ ଡାକ୍ତରଙ୍କ



ବିନା ପରାମର୍ଶରେ କିଭଳି ସେମାନେ କେଉଁଠାରୁ ଓ କିଭଳି ଆନାସ୍ଥେସିଆ ଓ ପୋଟାସିୟମ କ୍ଲୋରାଇଡ୍ ଇଞ୍ଜେକସନ ଆଣିଲେ ସେନେଇ ଖୋଳତାଡ଼ କରିବ ପୁଲିସ। ଅଭିଯୁକ୍ତଙ୍କ ମଧ୍ୟରେ ଥିବା ସମ୍ପର୍କ ବା ଯୋଗାଯୋଗକୁ ପ୍ରମାଣ କରିବା ପାଇ ସେମାନଙ୍କ ସିଡିଆର (କଲ୍ ଡିଟେଲ ରେକର୍ଡ) ମଗାଇଛି ପୁଲିସ। ୩ ଜଣଙ୍କ ମୋବାଇଲ ନମ୍ବରର ୬ ମାସର ସିଡିଆର ଲାଗି ପୁଲିସ ଆବେଦନ କରିଛି। କଲ୍ ଡିଟେଲ ରେକର୍ଡ ଆସିବା ପରେ ଅଭିଯୁକ୍ତଙ୍କ ମଧ୍ୟରେ ଥିବା ସମ୍ପର୍କ ପ୍ରମାଣିତ ହୋଇପାରିବ।

ସେପଟେ ଜବତ ହୋଇଥିବା ୩ଟି ବ୍ୟବହୃତ ଆନେସ୍ଥେସିଆ ଓ ୪ଟି ପୋଟାସିୟମ କ୍ଲୋରାଇଡ ଇଞ୍ଜେକସନ ସିସିକୁ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାରକୁ ପଠାଯାଇଛି। ଏଥିସହିତ ରୁମ ଭିତରୁ ୩ଟି ବ୍ୟବହୃତ ସିରିଞ୍ଜ ଜବତ ଓ ଗୋଟିଏ ବ୍ୟବହାର ହୋଇନଥିବା ୧୦ ମିଲି ଗ୍ରାମର ଆନାସ୍ଥେସିଆ ଇଞ୍ଜେକସନ ମଧ୍ୟ ପରୀକ୍ଷା ଲାଗି ଏସ୍ଏଫ୍ଏସ୍ଏଲ୍‌କୁ ପଠାଇଛି ପୁଲିସ। ସୂଚନାଯୋଗ୍ୟ ଯେ, ଖୋର୍ଦ୍ଧା ବିଜେବି ନଗରର ଶୁଭଶ୍ରୀ ୨୦୨୦ ମସିହାରେ କସୋଟିର ପ୍ରଦ୍ୟୁମ୍ନକୁ ପ୍ରେମ ବିବାହ କରିଥିଲେ। ପ୍ରଦ୍ୟୁମ୍ନ ତାଙ୍କୁ ନିର୍ଯାତନା ଦେଉଥିବାରୁ ଗତ ୬ ମାସ ହେବ ଶୁଭଶ୍ରୀ ଯାଇ ତାଙ୍କ ବାପଘରେ ରହୁଥିଲେ। ଗତମାସ ୨୭ ତାରିଖରେ ଶୁଭଶ୍ରୀଙ୍କୁ ଆଣିଥିଲେ। ତା' ପରଦିନ ଉଭୟ ରୋଜିର ଭଡ଼ା ଘରେ ପହଞ୍ଚିଥିଲେ। ପୂର୍ବରୁ ସେଠାରେ ଥିବା ରୋଜି, ଇଜିତା ଓ ପ୍ରଦ୍ୟୁମ୍ନ ମିଶି ଶୁଭଶ୍ରୀଙ୍କୁ ପ୍ରଥମେ ୩ଟି (୩୦ ମିଲି ଗ୍ରାମ) ଆନେସ୍ଥେସିଆ ଓ ୪ଟି (୪୦ ମିଲି ଗ୍ରାମ) ପୋଟାସିୟମ କ୍ଲୋରାଇଡ ଇଞ୍ଜେକସନ ଦେଇଥିଲେ। ଶୁଭଶ୍ରୀ ଅଚେତ ହେବାପରେ ଏଥିରୁ ବର୍ତ୍ତିବା ଲାଗି ଇଜିତା ଓ ରୋଜି ମିଶି ଅଟୋ ଯୋଗେ ଶୁଭଶ୍ରୀଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ଶୁଭଶ୍ରୀଙ୍କୁ ସେମାନେ ଜାଣିନଥିଲେ ମଧ୍ୟ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଡାକ୍ତରଖାନା ଆଣିଥିବା କହିଥିଲେ। ହେଲେ ଶୁଭଶ୍ରୀଙ୍କ ଶରୀରରେ ଥିବା ସିରିଞ୍ଜ ଚିହ୍ନ ସବୁ ଧରା ପକାଇ ଦେଇଥିଲା। ପୁଲିସ ପ୍ରଦ୍ୟୁମ୍ନ, ରୋଜି ଓ ଇଜିତାଙ୍କୁ ଗିରଫ କରିଥିଲା।

# ଶାହଙ୍କ ଉପରେ ଭିତ୍ତିହୀନ ଅଭିଯୋଗରେ ଭାରତର କଡ଼ା ଚେତାବନୀ



ନୂଆଦିଲ୍ଲୀ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ କାନାଡାର ଭିତ୍ତିହୀନ ଅଭିଯୋଗକୁ ନେଇ ଭାରତର କଡ଼ା ଆଭିମୁଖ୍ୟ । କାନାଡାକୁ ଚେତାବନୀ ଦେଇ କହିଛି , ଏହି ପ୍ରକାରର ଦାୟିତ୍ୱହୀନ ହରକତ ଦ୍ୱିପାକ୍ଷୀୟ ସମ୍ବନ୍ଧରେ ଗୁରୁତର ପ୍ରଭାବ ପକାଇପାରେ । ଭାରତର ବିଦେଶ ମନ୍ତ୍ରଣାଳୟ କାନାଡାର ଉଚ୍ଚାୟୋଗଙ୍କ ପ୍ରତିନିଧିଙ୍କୁ ସମନ ଜାରି କରି କଡ଼ା ବିରୋଧ କରିଛନ୍ତି । ଉଲ୍ଲେଖନୀୟ ଯେ, ଗତବର୍ଷ ଖଲିସ୍ତାନୀ ଆତଙ୍କୀ ହରଦୀପ ସିଂହ ନିଜ୍ଜରର ହତ୍ୟା ପରେ ଭାରତ ଓ କାନାଡା ମଧ୍ୟରେ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା ଏବଂ ନିକଟବର୍ତ୍ତୀ ଦିନ ଗୁଡ଼ିକରେ କାନାଡା ଭାରତ ବିରୋଧରେ ବିନା ପ୍ରମାଣରେ ଅନେକ ଅଭିଯୋଗ ଲଗାଇଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜାୟସୱାଲ କହିଛନ୍ତି , ଆମେ ଗତ କାଲି କାନାଡାର ଉଚ୍ଚାୟୋଗଙ୍କ ପ୍ରତିନିଧିଙ୍କୁ ସମନ ଜାରି କରିଛୁ । ଯେଉଁ ନୋଟ୍ ପ୍ରଦାନ କରାଯାଇଥିଲା, ସେଥିରେ କୁହାଯାଇଛି ଯେ, ଭାରତ ସରକାର ଉପ ମନ୍ତ୍ରୀ ଡେଭିଡ୍ ମାରିସନଙ୍କ ଦ୍ୱାରା ସମିତି ସମ୍ମୁଖରେ ଭାରତର କେନ୍ଦ୍ରୀୟ ଗୃହ ମନ୍ତ୍ରୀଙ୍କ ପାଇଁ କରାଯାଇ ଥିବା ଭିତ୍ତିହୀନ ସନ୍ଦର୍ଭକୁ କଡ଼ା ଶବ୍ଦରେ ବିରୋଧ କରିଛନ୍ତି । ରୟଟର୍ସର ରିପୋର୍ଟ ଅନୁସାରେ, କାନାଡା ଅଭିଯୋଗ କରିଥିଲା ଯେ, କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ କାନାଡାର ମାଟିରେ ଶିଖ୍ ସଂଖ୍ୟା ଲଘୁଙ୍କୁ ଟାର୍ଗେଟ୍ କରିବାର ଷଡ଼ଯନ୍ତ୍ରର ପଛରେ ଥିଲେ । କାନାଡାର ଉପ ବିଦେଶ ମନ୍ତ୍ରୀ ଡେଭିଜ୍ ମାରିସନ ଏକ ସଂସଦୀୟ ପ୍ୟାନେଲକୁ କହିଛନ୍ତି କି, ସେ ୱାଶିଂଟନ ପୋଷ୍ଟକୁ କହିଛନ୍ତି କି, ଶାହ ଷଡ଼ଯନ୍ତ୍ରର ପଛରେ ଥିଲେ । ବୁଧବାର ଆମେରିକା ଶାହଙ୍କ ବିରୋଧରେ କାନାଡାର ଅଭିଯୋଗକୁ ନେଇ ପ୍ରତିକ୍ରିୟାରେ କହିଛି ଏହା ଖୁବ୍ ଚିନ୍ତାଜନକ । ବିଦେଶ ବିଭାଗର ପ୍ରବକ୍ତା ମାଥ୍ୟୁ ମିଲର କହିଛନ୍ତି, କାନାଡା ସରକାର ଦ୍ୱାରା ଲଗାଯାଇ ଥିବା ଅଭିଯୋଗ ଚିନ୍ତାଜନକ ଏବଂ ଆମେ ଏହି ଅଭିଯୋଗ ବିଷୟରେ କାନାଡା ସରକାରଙ୍କୁ ପରାମର୍ଶ କରିବା ଜାରି ରଖିବୁ । ହେଲେ ଭାରତ ସ୍ପଷ୍ଟ ଭାବେ କହିଛି କି କାନାଡାର ଅଭିଯୋଗ ଭିତ୍ତିହୀନ ।

# ଅନନ୍ତନାଗରେ ଏନ୍‌କାଉଣ୍ଟର



ଶ୍ରୀନଗର : ପୁଣି ସୀମାରେ ଫୁଟିଲା ଗୁଳି । ଜମ୍ମୁକାଶ୍ମୀରର ଅନନ୍ତନାଗରେ ସୁରକ୍ଷାକର୍ମୀ ଓ ଆତଙ୍କୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ସେନା ଗୁଳିରେ ୨ ଆତଙ୍କୀ ହୋଇଛନ୍ତି ନିପାତ । ଅନ୍ୟପଟେ ଶ୍ରୀନଗରର ଖାନିଆରରେ ସୁରକ୍ଷା ବାହିନୀ ୨ ଆତଙ୍କବାଦୀଙ୍କୁ ଘେରାବନ୍ଦୀ କରିଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ,
ଜମ୍ମୁକାଶ୍ମୀର ପୋଲିସ, ଶ୍ରୀନଗର ସେକ୍ଟର ସିଆରପିଏଫ ଓ ଭାରତୀୟ ସେନାଙ୍କ ମିଳିତ ସର୍ଚ୍ଚ ଅପରେସନ ଚାଲିଥିଲା । ଆତଙ୍କୀ ଗତିବିଧି ନେଇ ଗୁଇନ୍ଦା ସୂଚନା ମିଳିବା ପରେ ହଲକାନ ଗାଲି ଅଞ୍ଚଳରେ ଅପରେସନ ଆରମ୍ଭ ହୋଇଥିଲା । ଏହି ସମୟରେ ଗୁଳିବିନିମୟ ହୋଇଥିଲା । ଏହା ପୂର୍ବରୁ ଅକ୍ଟୋବର ୨୯ ତାରିଖରେ ଅଖନୁରରେ ସୁରକ୍ଷାବଳ ୩ ଆତଙ୍କୀଙ୍କୁ ନିପାତ କରିଥିଲା । କିଛି ଦିନ ହେବ ସୀମାରେ ଆତଙ୍କୀଙ୍କ ଗତିବିଧି ବଢ଼ିଛି । ଅକ୍ଟୋବର ୨୦ରେ ଜଣେ ଡାକ୍ତର ଓ ୬ ଜଣ ଶ୍ରମିକଙ୍କ ଉପରେ ଗୁଳି ଚଳାଇଥିଲେ

# ମୋଦୀଙ୍କ ଟେକ୍‌ନିକ୍ କପି କଲେ ଟ୍ରମ୍ପ୍ !



ନ୍ୟୁୟର୍କ : ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଦୀପାବଳିକୁ ନେଇ ଏକ ବାର୍ତ୍ତା ଦେଇଛନ୍ତି । ଏହା ଉପରେ ଆମେରିକାରେ ରହୁଥିବା ହିନ୍ଦୁ ସମୂହ ଟ୍ରମ୍ପଙ୍କୁ ପ୍ରଶଂସା କରିଛନ୍ତି । ହିନ୍ଦୁ ଆମେରିକୀୟ ସମୂହ ଟ୍ରମ୍ପଙ୍କ ଆମେରିକା ଏବଂ ବାଂଲାଦେଶ ସମେତ ସମଗ୍ର ବିଶ୍ୱରେ ହିନ୍ଦୁମାନଙ୍କର ମାନବିକ ଅଧିକାରର ସୁରକ୍ଷା ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ପ୍ରଶଂସା କରିଛନ୍ତି । ଟ୍ରମ୍ପ 'ବାଂଲାଦେଶର ହିନ୍ଦୁ, ଖ୍ରୀଷ୍ଟିଆନ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତି ହୋଇଥିବା ବର୍ବର ହିଂସାକୁ ଦୃଢ ନିନ୍ଦା କରିଛନ୍ତି । ସେ କହିଛନ୍ତି, ସେଠାରେ ସମ୍ପୂର୍ଣ୍ଣ ଅରାଜକତା ପରିସ୍ଥିତି ରହିଛି । ଏହା ମୋ ଅଧୀନରେ କେବେ ହୋଇନାହିଁ । କମଳା ହାରିସ ଏବଂ ଜୋ ବାଇଡେନ ସମଗ୍ର ବିଶ୍ୱରେ ଏବଂ ଆମେରିକାରେ ହିନ୍ଦୁମାନଙ୍କୁ ଅଣଦେଖା କରିଛନ୍ତି । କିନ୍ତୁ ଆମେ କଟରପନ୍ଥୀ ବାମପନ୍ଥୀଙ୍କୁ ଧର୍ମ ବିରୋଧୀ ଏଜେଣ୍ଡାରୁ ହିନ୍ଦୁ ଆମେରିକୀୟମାନଙ୍କୁ ରକ୍ଷା କରିବୁ । ଆମେ ଅପାଣଙ୍କର ସ୍ୱାଧୀନତା ପାଇଁ ଲଢିବୁ । ମୋର ଶାସନ ଅଧୀନରେ ଆମେ ଭାରତ ଏବଂ ମୋର ଭଲ ବନ୍ଧୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଆମର ମହାନ ସହଭାଗିତାକୁ ମଜବୁତ କରିବୁ ବୋଲି ଟ୍ରମ୍ପ କହିଛନ୍ତି । ତେବେ ଏହାକୁ ନେଇ ହିନ୍ଦୁଜ ଫର ଆମେରିକା ଫାଷ୍ଟର ସଂସ୍ଥାପକ ଓ ଅଧକ୍ଷ ଉତ୍ସବ ସନ୍ଦୁଜା ଟ୍ରମ୍ପଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ମୁଁ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ବହୁତ କୃତଜ୍ଞ । ମୁଁ ତାଙ୍କର ସବୁବେଳେ ପ୍ରଶଂସା କରିବି । ଏହା ନିରାଶାଜନକ ଯେ କମଳା ହାରିସ ଏହି ପ୍ରସଙ୍ଗରେ କିଛି କହୁ ନାହାନ୍ତି । ମୁଁ ଭାବୁଛି ଏହି ନିର୍ବାଚନରେ ଏକ ବଡ ପରିବର୍ତ୍ତନ ଆଣିବାକୁ ଯାଉଛି ।

# ଏୟାରଇଣ୍ଡିଆ ବିମାନରୁ ମିଳିଲା ଗୁଳି, ବାରୁଦ




ନୂଆଦିଲ୍ଲୀ: ବିଗତ କିଛି ଦିନ ଧରି ବିଭିନ୍ନ ବିମାନକୁ ମିଳୁଥିବା ବୋମା ଧମକ ବେଶ୍ ଚିନ୍ତାର କାରଣ ପାଲଟିଛି । ଏହାରି ମଧ୍ୟରେ ଏବେ ଏୟାର ଇଣ୍ଡିଆର ବିମାନ ଇଓ୯୧୬ରୁ ଜବତ ହୋଇଛି ଗୁଳି ଏବଂ ବାରୁଦ । ବିମାନଟି ଦୁବାଇରୁ ଦିଲ୍ଲୀ ଆସିଥିଲା । ତେବେ ଏହି ଗୋଳାବାରୁଦ ଭରା ପ୍ୟାକେଟ ମିଳିବାପରେ ବିମାନ କର୍ମଚାରୀମାନେ ତୁରନ୍ତ ସବୁ ଯାତ୍ରୀଙ୍କୁ ସୁରକ୍ଷିତ ବାହାର କରିଥିଲେ ଏବଂ ଏୟାରପୋର୍ଟ ପୋଲିସକୁ ଏହାର ସୂଚନା ଦେଇଥିଲେ । ଏହି ମାମଲାରେ ଗୁରୁତର ସହ ନେଇ ତୁରନ୍ତ ଏୟାରପୋର୍ଟ ପୋଲିସ ଅଭିଯୋଗ ରୁଜୁ କରିଥିଲା । ଏୟାର ଇଣ୍ଡିଆର ପ୍ରବକ୍ତାଙ୍କ ସୂଚନା ଅନୁଯାୟୀ, ଘଟଣା ଅକ୍ଟୋବର ୨୭ର । ଏହା ପୂର୍ବରୁ ଭାରତୀୟ ବିମାନ କମ୍ପାନିଙ୍କ ଦ୍ୱାରା ପରିଚାଳିତ ୨୫ରୁ ଅଧିକ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନକୁ ଅକ୍ଟୋବର ୨୫ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଥିଲା । ସେହିଭଳି ଗତ ୧୨ ମାସ କଥା ଦେଖିଲେ ଭାରତୀୟ ବିମାନ କମ୍ପାନିଙ୍କ ଦ୍ୱାରା ପରିଚାଳିତ ପ୍ରାୟ ୨୭୫ରୁ ଅଧିକ ଉଡ଼ାଣକୁ ବୋମାରେ ଉଡ଼ାଇଦେବାକୁ ନେଇ ମିଥ୍ୟ ଧମକ ମିଳିଥିଲା । ଏଥିରୁ ଅଧିକାଂଶ ଧମକ ସୋସିଆଲ ମିଡିଆ ମାଧ୍ୟମରେ ଦିଆଯାଇଥିଲା । ତେବେ ଏଭଳି ଘଟଣା ବଢ଼ିବା ପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଥିଲେ ସରକାର ବିମାନ କମ୍ପାନିଙ୍କୁ ବୋମା ଧମକ ମିଳିବା ଘଟଣାର ମୁକାବିଲା କରିବା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଯୋଜନା କରୁଛନ୍ତି, ଯେଉଁଥିରେ ଏଭଳି ଧମକ ଦେଉଥିବା ବ୍ୟକ୍ତିଙ୍କୁ 'ନୋ ଫ୍ଲାଇଂ' ତାଲିକାଭୁକ୍ତ କରାଯିବ ।

# ବାଂଲାଦେଶରେ ୩୦ ହଜାର ହିନ୍ଦୁଙ୍କ ବିରୋଧ ପ୍ରଦର୍ଶନ




ଢାକା: ବାଂଲାଦେଶର ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟ ସୁରକ୍ଷା ତଥା ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି । ହିନ୍ଦୁ ସମ୍ପ୍ରଦାୟର ୩୦ ହଜାରରୁ ଅଧିକ ସଦସ୍ୟ ଶନିବାର ଦିନ ଏକ ରାଲି କରି ମଧ୍ୟବର୍ତ୍ତୀକାଳୀନ ସରକାରଙ୍କଠାରୁ ସୁରକ୍ଷା ତଥା ନିର୍ଯାତନା ଏବଂ ସମ୍ପ୍ରଦାୟର ନେତାଙ୍କ ବିରୋଧରେ ଦାଖଲ ହୋଇଥିବା ଦେଶଦ୍ରୋହ ମାମଲା ରଦ୍ଦ କରିବାକୁ ଦାବି କରିଛନ୍ତି । ସେମାନେ ଦକ୍ଷିଣ-ପୂର୍ବ ଚଟଗାଓଁ ସହରର ଏକ ପ୍ରମୁଖ ଛକଠାରେ ଏକତ୍ରିତ ହୋଇ ସ୍ଲୋଗାନ ଦେଇଥିଲେ । ଦେଶର ଅନ୍ୟ ସ୍ଥାନରେ ମଧ୍ୟ ଏନେଇ ବିରୋଧ ପ୍ରଦର୍ଶନ କରାଯାଇଥିଲା । ହିନ୍ଦୁ ଗୋଷ୍ଠୀ କହିଛନ୍ତି ଯେ ଅଗଷ୍ଟ ଆରମ୍ଭରେ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଧର୍ମନିରପେକ୍ଷ ସରକାର ବହିଷ୍କାର ହେବା ପରେ ଏବଂ ହସିନା ଦେଶ ଛାଡି ପଳାଇବା ପରଠାରୁ ହିନ୍ଦୁମାନଙ୍କ ଉପରେ ଲଗାତାର ଆକ୍ରମଣ ହେଉଛି । ହସିନା ସରକାରଙ୍କ ପତନ ପରେ ନୋବେଲ ଶାନ୍ତି ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ମଧ୍ୟବର୍ତ୍ତୀ ସରକାର ଗଠନ କରାଯାଇଥିଲା ତେବେ ନୂଆ ସରକାରଙ୍କ ସମୟରେ ହିନ୍ଦୁଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଚିହ୍ନ ଲାଗିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି ।

# ଝାଡ଼ଖଣ୍ଡରେ ଭୂକମ୍ପ ଝଟ୍‌କା

ରାଞ୍ଚି : ଝାଡଖଣ୍ଡରେ ଶନିବାର ଭୂକମ୍ପ ଝଟକା ଅନୁଭୂତ ହୋଇଛି । ରାଜ୍ୟରେ ଅନେକ ସ୍ଥାନରେ ସକାଳ ୯ଟା ୨୦ରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିବା ବେଳେ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୬ ରେକର୍ଡ କରାଯାଇଛି । ଭୂକମ୍ପର କେନ୍ଦ୍ରସ୍ଥଳ ଖୁଣ୍ଟି ବୋଲି କୁହାଯାଉଛି । ଭୂକମ୍ପର ଝଟକା ରାଜଧାନୀ ରାଞ୍ଚି, ଜାମ୍ ?ଶେଦପୁର ଓ ଚାଇବାସାରେ ଅନୁଭୂତ ହୋଇଛି । ଭୂକମ୍ପ ଝଟକା ଅନୁଭବ ହେବା ମାତ୍ରେ ଲୋକେ ନିଜ ନିଜ ଘରୁ ବାହାରକୁ ପଳାଇ ଆସିଥିଲେ । ଏଥିରେ କୌଣସି ଧନ ଜୀବନହାନୀ ହୋଇଥିବା ନେଇ ଖବର ମିଳି ନାହିଁ ।

# କିମ୍ ଜୋଙ୍ଗ୍ ଉନ୍‌ଙ୍କ ୪୦ ସୈନିକଙ୍କୁ ହତ୍ୟା କଲା ୟୁକ୍ରେନ୍


କିଭ୍ : ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ସମୟରେ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି । ରୁଷିଆରେ ଥିବା ୪୦ ଜଣ ଉତ୍ତର କୋରିଆ ସୈନିକଙ୍କୁ ୟୁକ୍ରେନ ସେନା ଦ୍ୱାରା ହତ୍ୟା କରାଯାଇଛି । ଏହି ସୈନିକମାନେ ୟୁକ୍ରେନର କୁର୍ସ୍କ ଅଞ୍ଚଳରେ ରୁଷିଆ ସୈନ୍ୟ ସହିତ ନିୟୋଜିତ ହୋଇଥିଲେ । ଆହତ ଉତ୍ତର କୋରିଆ ସୈନିକ କହିଛନ୍ତି ଯେ, କିପରି ୟୁକ୍ରେନ ସେନା ତାଙ୍କ ବ୍ରିଗେଡର ୪୦ ସୈନିକଙ୍କୁ ହତ୍ୟା କଲେ । ସେ କହିଛନ୍ତି, ଠୋସ୍ ସୂଚନା ଏବଂ ଅସ୍ତ୍ରଶସ୍ତ୍ର ବିନା ଉତ୍ତର କୋରିଆ ସୈନିକମାନଙ୍କୁ ୟୁକ୍ରେନ ସେନା ସହିତ ଯୁଦ୍ଧ କରିବାକୁ ପଠାଯାଇଛି । ଯେବେଠାରୁ ରୁଷିଆ ମାଟିରେ ଉତ୍ତର କୋରିଆ ସୈନ୍ୟ ମୁତୟନ ହେବା ନିଶ୍ଚିତ ହୋଇଛି । ସେବେଠାରୁ ୟୁକ୍ରେନ୍ର କେତେକ ବରିଷ୍ଠ କମାଣ୍ଡର ଉତ୍ତର କୋରିଆ ସୈନ୍ୟବାହିନୀର ଦକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲେ ଏବଂ କହିଥିଲେ ଯେ, ୟୁକ୍ରେନୀୟମାନେ ସେମାନଙ୍କ ବିଷୟରେ ଅଧିକ ଚିନ୍ତା କରିବାର ଆବଶ୍ୟକତା ନାହିଁ ।

# ଦୀପାବଳି ପରେ ଦିଲ୍ଲୀରେ ଅବସ୍ଥା ସଙ୍ଗିନ୍



ନୂଆଦିଲ୍ଲୀ : ବିଭିନ୍ନ କାରଣରୁ ନୂଆଦିଲ୍ଲୀର ବାୟୁମଣ୍ଡଳ ପ୍ରାୟତଃ ପ୍ରଦୂଷିତ ହେବାରେ ଲାଗିଛି । ତେବେ ଦୀପାବଳି ପରେ ଦିଲ୍ଲୀ ଆକାଶ ଅଧିକ ପ୍ରଦୂଷିତ ହୋଇଥିବା ଜଣାପଡିଛି । ପ୍ରଦୂଷଣ ରୋକିବାକୁ ଦିଲ୍ଲୀ ସରକାର ଦୀପାବଳିରେ ବାଣ ବିକ୍ରି ଓ ବାଣଫୁଟା ଉପରେ କଡା କଟକଣା ଲାଗୁ କରିଥିବା ସତ୍ତ୍ୱେ ଏହାର ସୁଫଳ ମିଳିପାରିନାହିଁ । ଗୁରୁବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଦିଲ୍ଲୀବାସୀ ପ୍ରବଳ ବାଣ ଫୁଟାଇଥିବା ଜଣାପଡିଛି । ଏଥିଯୋଗୁଁ ଦିଲ୍ଲୀ ଆକାଶ ଧୂଆଁରେ ଆଚ୍ଛାଦିତ ହୋଇପଡିଥିବାବେଳେ ଶବ୍ଦ ପ୍ରଦୂଷଣ ମାତ୍ରା ଯଥେଷ୍ଟ ବୃଦ୍ଧି ପାଇଥିବା କୁହାଯାଇଛି । ଏସଏଏଫଏଆର (ସିଷ୍ଟମ ଅଫ୍ ଏୟାର କ୍ୱାଲିଟି ଆଣ୍ଡ୍ ୱେଦର ଫୋରକାଷ୍ଟିଙ୍ଗ ରିସର୍ଚ୍ଚ) ପକ୍ଷରୁ ପ୍ରଦତ୍ତ ତଥ୍ୟଅନୁଯାୟୀ ଶୁକ୍ରବାର ସକାଳ ୬ଟା ୩୦ ସୁଦ୍ଧା ଦିଲ୍ଲୀର ଏକ୍ୟୁଆର (ଏୟାର କ୍ୱାଲିଟି ଇଣ୍ଡେକ୍ସ) ୩୫୯ ଥିବା ରେକର୍ଡ କରାଯାଇଛି । ଦୀପାବଳି ଦିନ ଏହା ୩୨୮ ରେକର୍ଡ କରାଯାଇଥିଲା । ଏହାକୁ ଅତ୍ୟନ୍ତ ଖରାପ ଶ୍ରେଣୀଭୁକ୍ତ କରାଯାଇଛି । ଏକ୍ୟୁଆଇ ୪୫୦ ରହିଲେ ଏହାକୁ ଅତ୍ୟନ୍ତ ସାଂଘାତିକ ଆଖ୍ୟା ଦିଆଯାଇଥାଏ । ବାୟୁମଣ୍ଡଳରେ ଥିବା ମାଇକ୍ରୋ ପାର୍ଟିକଲ୍‌ସ (ପିଏମ୨.୫) ମାତ୍ରା ବୃଦ୍ଧି ପାଇଲେ ଫୁସ୍‌ଫୁସ୍‌ରେ ସଂକ୍ରମଣ ଆଶଙ୍କା ୨୩ ଗୁଣ ଅଧିକ ହୋଇଥାଏ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି । ଶୁକ୍ରବାର ଦିଲ୍ଲୀର ପ୍ରତି ଘନ ମିଟର ଅଞ୍ଚଳରେ ପ୍ରଦୂଷଣ ମାତ୍ରା ୩୪୫ ମାଇକ୍ରୋଗ୍ରାମ୍‌ସ ରହିଥିବା ଜଣାପଡିଛି । ଫଳରେ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହରର ମାନ୍ୟତାଲାଭ କରିଛି । ରିପୋର୍ଟ ଅନୁଯାୟୀ ଦିଲ୍ଲୀ ସହରର ୪୦ଟି ସ୍ଥାନରେ ଖଞ୍ଜାଯାଇଥିବା ମନିଟରିଂ ଷ୍ଟେସନରେ ପ୍ରଦୂଷଣ ମାତ୍ରା ଅତ୍ୟନ୍ତ ଖରାପ ରହିଥିବା କୁହାଯାଇଛି । ବୁରାରି କ୍ରସିଂ ଅଞ୍ଚଳରେ ଏକ୍ୟୁଆଇ ୩୯୪ ରେକର୍ଡ କରାଯାଇଥିବାବେଳେ ସୋନିଆ ବିହାରରେ ଏହା ୩୯୨, ପଞ୍ଜାବୀ ବାଗରେ ୩୯୧, ନର୍ଥ କ୍ୟାମ୍ପସରେର ୩୯୦, ବାୱାନାରେ ୩୮୮, ଜାହାଙ୍ଗୀରପୁରୀରେ ୩୮୭, ରୋହିଣୀରେ ୩୮୫, ଅଶୋକ ବିହାରରେ ୩୮୪ ଏବଂ ନେହେରୁ ନଗରରେ ଏହା ୩୮୧ ରହିଥିଲା । ଏହି ପ୍ରସଙ୍ଗରେ ଦିଲ୍ଲୀର ପରିବେଶ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି ଯେ ଦୀପାବଳିରେ ବାଣଫୁଟା କଟକଣାକୁ କାର୍ଯ୍ୟକାରୀ କରିବାକୁ ପୁଲିସର ୩୭୭ଟି ଦଳକୁ ନିୟୋଜିତ କରାଯାଇଥିଲା । ବିଭିନ୍ନ ଅଞ୍ଚଳରେ ଯେପରି ବାଣଫୁଟା ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ଦିଲ୍ଲୀର ସବୁ ପୁଲିସ ଡିସିପିଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଏହାସତ୍ତ୍ୱେ ଦିଲ୍ଲୀକୁ କିପରି ବାଣ ଆସିଲା ଏବଂ ସହରବାସୀ ସମସ୍ତ କଟକଣାକୁ ବେଖାତିର କରି ଏହା ଫୁଟାଇଲେ, ତାହା କ୍ଷମତାସୀନ ଆପ୍ ସରକାରଙ୍କ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୂଚନାଯୋଗ୍ୟ ଗତବର୍ଷ ଦୀପାବଳି ପରଦିନ ଦିଲ୍ଲୀର ବାୟୁମଣ୍ଡଳ ଅତି ପରିଷ୍କାର (ଏକ୍ୟୁଆଇ ୨୧୮) ରହିଥିଲା ।

# ସରକାରଙ୍କ ଡିଜିଟାଲ ଜୀବନ ପ୍ରମାଣପତ୍ର କ୍ୟାମ୍ପେନ୍ ଆରମ୍ଭ




ନୂଆଦିଲ୍ଲୀ : ପର୍ସନାଲ, ଜନ ଅଭିଯୋଗ ଏବଂ ପେନସନ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ସରକାର ଆରମ୍ଭ କରିଥିବା ସର୍ବ ବୃହତ ଅଭିଯାନ ଅଧୀନରେ ୧.୮ ଲକ୍ଷରୁ ଅଧିକ ପେନସନଭୋଗୀ ପ୍ରଥମ ଦିନରେ ସେମାନଙ୍କର ଡିଜିଟାଲ ଲାଇଫ ସାର୍ଟିଫିକେଟ ପାଇଛନ୍ତି । ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ନଭେମ୍ବର ୧ରୁ ୩୦ପର୍ଯ୍ୟନ୍ତ ଭାରତର ୮୦୦ ସହର ଏବଂ ଜିଲାରେ ତୃତୀୟ ତଥା ବୃହତ୍ତମ ଦେଶବ୍ୟାପୀ ଡିଜିଟାଲ ଲାଇଫ ସାର୍ଟିଫିକେଟ ଅଭିଯାନ ଆରମ୍ଭ କରିଛି । କର୍ମଚାରୀ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ ଆଜି ପର୍ଯ୍ୟନ୍ତ ଏହା ହେଉଛି ସବୁଠାରୁ ବଡ ଡିଏଲସି ଅଭିଯାନ । ଶୁକ୍ରବାର ସା ପର୍ଯ୍ୟନ୍ତ ସମୁଦାୟ ୧.୮୧ ଲକ୍ଷ ଡିଏଲସି ଗଠନ କରାଯାଇଥିଲା । ଦେଶର ଦୂରବର୍ତ୍ତୀ ଅଞ୍ଚଳରେ ରହୁଥିବା ସମସ୍ତ ପେନସନଭୋଗୀଙ୍କ ନିକଟରେ ପହଞ୍ଚିବା ପାଇଁ ସିଜିଡିଏ, ଟେଲିକମ ବିଭାଗ, ରେଳ ବିଭାଗ, ଟଓଡଇଓ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ଗରସସ୍ୱଣ) ଙ୍କ ସହଯୋଗରେ ଏହି ଅଭିଯାନ ଚାଲିଛି । ଏହା ବ୍ୟତୀତ ୧୯ ଟି ବ୍ୟାଙ୍କ, ୭୮୫ ଜିଲା ଡାକଘର ଏବଂ ୫୭ କଲ୍ୟାଣ ସଙ୍ଗଠନ ମଧ୍ୟ ଏକ ମାସର ଅଭିଯାନରେ ସହଯୋଗ କରିବେ । ମୁଖ ଚିହ୍ନିବା ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପେନସନଭୋଗୀଙ୍କ ଡିଜିଟାଲ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବାକୁ ଏହି ଅଭିଯାନର ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରଣାଳୟ କହିଛି । ଏହା ମଧ୍ୟ କୁହାଯାଇଛି ଯେ ଏହି ଅଭିଯାନ ସମୟରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏବଂ ଭାରତର ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ ଦ୍ୱାରା ବୈଷୟିକ ସହାୟତା ଯୋଗାଇ ଦିଆଯିବ । ବୃଦ୍ଧ ପେନସନଭୋଗୀମାନଙ୍କ ପାଇଁ ମୁଖ ଚିହ୍ନକୁ ଅଧିକ ଅନ୍ତର୍ନିହିତ ଏବଂ ସୁବିଧାଜନକ କରାଯାଇଛି ଏବଂ ଏହା ଆଣ୍ଡ୍ରଏଡ ଏବଂ ଆଇଓଏସରେ ମଧ୍ୟ ବ୍ୟବହାର କରାଯାଇପାରିବ ବୋଲି ମନ୍ତ୍ରଣାଳୟ କହିଛି ।

# ବିଜେପି ବିଧାୟକ ଦେବେନ୍ଦ୍ର ସିଂହ ରାଣାଙ୍କ ପରଲୋକ

ନୂଆଦିଲ୍ଲୀ: ରାଜନୈତିକ କ୍ଷେତ୍ରରୁ ଆସିଛି ଏକ ଦୁଃଖ ଖବର । ଜମ୍ମୁ କଶ୍ମୀରର ବିଜେପି ବିଧାୟକ ଦେବେନ୍ଦ୍ର ରାଣାଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ଶ୍ରୀ ରାଣାଙ୍କୁ ୫୯ ବର୍ଷ ବୟସ ହୋଇଥିଲା । ପରିବାରରେ ନିଜର ପତ୍ନୀ, ଦୁଇଟି ଝିଅ ଓ ଗୋଟିଏ ପୁଅଙ୍କୁ ଛାଡ଼ି ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ବିଧାୟକ । ବିଧାୟକ ଶ୍ରୀ ରାଣାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଜେପିର ବହୁ ବରିଷ୍ଠ ରାଜନେତା ଶୋକବ୍ୟକ୍ତ କରିଥିବା ବେଳେ ତାଙ୍କର ଅଗଣିତ ପ୍ରଶଂସକଙ୍କ ମଧ୍ୟରେ ନିରାଶା ଖେଳିଯାଇଛି । ଶ୍ରୀ ରାଣା ହେଉଛନ୍ତି ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କ ଭାଇ । ଶ୍ରୀ ରାଣା ଦୀର୍ଘସମୟ ଧରି ଖରାପ ସ୍ୱାସ୍ଥ୍ୟ କାରଣରୁ ଚିକିତ୍ସିତ ହେଉଥିଲେ । ୧୦ ବର୍ଷ ପରେ ଜମ୍ମୁ କଶ୍ମୀର ବିଧାନସଭା ନିର୍ବାଚନ ହୋଇଥିବା ବେଳେ ଶ୍ରୀ ରାଣା ନଗରୋଟା ଆସନରୁ ବିଜେପି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନ୍ୟାସନାଲ କନଫରେନ୍ସର ଜୋଗିନ୍ଦର ସିଂହଙ୍କୁ ପରାସ୍ତ କରିଥିଲେ ।

# ଆରମ୍ଭ ହେଲା ଆମେରିକାରୁ ଅନ୍‌ମୋଲ୍ ବିଷ୍ଣୋଇର ପ୍ରତ୍ୟାର୍ପଣ ପ୍ରକ୍ରିୟା



ନୂଆଦିଲ୍ଲୀ: ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନମୋଲ ବିଷ୍ଣୋଇର ପ୍ରତ୍ୟାର୍ପଣ ପ୍ରକ୍ରିୟା ଆରମ୍ଭ ହୋଇଛି । ସୂତ୍ରରୁ ପ୍ରକାଶ ଯେ ମୁମ୍ବାଇ କ୍ରାଇମ ବ୍ରାଞ୍ଚ ଏହି ପ୍ରକ୍ରିୟା ଆରମ୍ଭ କରିଛି । ମୁମ୍ବାଇ ପୁଲିସ ସୂତ୍ର ଅନୁଯାୟୀ, ଆମେରିକାର ଅଧିକାରୀମାନେ ଅନମୋଲର ଉପସ୍ଥିତିକୁ ଭାରତୀୟ ଅଧିକାରୀଙ୍କ ନିକଟରେ ନିଶ୍ଚିତ କରିଛନ୍ତି । ମୁମ୍ବାଇ କ୍ରାଇମ ବ୍ରାଞ୍ଚ ଗ୍ୟାଙ୍ଗ୍‌ଷ୍ଟଅନମୋଲ ବିଷ୍ଣୋଇର ପ୍ରତ୍ୟର୍ପାଣ ମାମଲାକୁ ନେଇ ମୁମ୍ବାଇ ସେସନ କୋର୍ଟକୁ ସୂଚନା ଦେଇଛି ଏବଂ ଖୁବ ଶୀଘ୍ର ଫାଇଲକୁ କେନ୍ଦ୍ରକୁ ପଠାଯିବ । ଏଥିସହ ଗ୍ୟାଙ୍ଗର୍ଷ୍ଟକୁ ବିଦେଶରେ ଖୋଜିବାରେ ସହାୟତା କରିବାକୁ ଏକ ରେଡ୍ କର୍ଣ୍ଣର ନୋଟିସ୍ (ଆରଏନ୍) ଜାରି କରାଯାଇଛି ବୋଲି ସୂତ୍ରରୁ ପ୍ରକାଶ । ଅନ୍‌ମୋଲ୍ ଭାରତରେ ପ୍ରାୟ ୧୭ରୁ ଅଧିକ ଅପରାଧିକ ମାମଲାରେ ସଂପୃକ୍ତ ଥିବା ସୂଚନା ରହିଛି । ଅନ୍‌ମୋଲ୍‌ର ଭାଇ ଲରେନ୍ସ ଗୋଲ୍‌ଡି ବରାସହ ମିଶି ସଲମାନ ଖାନଙ୍କ ଘର ସମ୍ମୁଖରେ ହୋଇଥିବା ଗୁଳିକାଣ୍ଡରେ ସଂପୃକ୍ତ ଥିବା ନିଶ୍ଚିତ ହୋଇଛି । ଗତ ସପ୍ତାହରେ, ଜାତୀୟ ଅନୁସନ୍ଧାନ ଏଜେନ୍ସି (ଏନଆଇଏ) ଅନମୋଲର ନାଁକୁ ନାମକୁ ବହୁ ଚର୍ଚ୍ଚିତ ତାଲିକାରେ ଯୋଡିଥିଲା ଏବଂ କେହି ଅନ୍‌ମୋଲ୍ ସଂପର୍କରେ କିଛି ସୂଚନା ଦେଲେ ୧୦ ଲକ୍ଷ ଟଙ୍କାର ପୁରସ୍କାର ବି ଘୋଷଣା କରିଥିଲା । ସିଦ୍ଧୁ ମୋସୱାଲା ହତ୍ୟା ମାମଲାରେ ଅନମୋଲ ଗାୟକଙ୍କ ହତ୍ୟାରେ ବ୍ୟବହୃତ ଆମଦାନୀ ହୋଇଥିବା ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇଥିବା ଅଭିଯୋଗ ହୋଇଛି । ଅକ୍ଟୋବର ୧୨ ତାରିଖରେ ଏନସିପି ନେତା ବାବା ସିଦ୍ଧିକିଙ୍କ ହତ୍ୟାରେ ବ୍ୟବହୃତ ହୋଇଥିବା ତୁର୍କୀରେ ନିର୍ମିତ ପିସ୍ତଲ ପ୍ରଦାନ କରିଥିବା ଅଭିଯୋଗ ମଧ୍ୟ ହୋଇଛି ।

# କେରଳ ଏକ୍ସପ୍ରେସରେ ପିଟି ହୋଇ ୪ ସଫେଇ କର୍ମଚାରୀଙ୍କ ମୃତ୍ୟୁ



ଥିରୁଭାନନ୍ତପୁରମ: ଦକ୍ଷିଣ ଭାରତ କେରଳର ପଲକ୍କଡ ନିକଟରେ କେରଳ ଏକ୍ସପ୍ରେସ ଟ୍ରେନରେ ଧକ୍କା ହେବା ପରେ ଚାରିଜଣ ପରିମଳ ବା ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ଶନିବାର ରେଲୱେ ପୋଲିସ ଏହି ସୂଚନା ଦେଇଛି । ସୂଚନାନୁସାରେ, ନୂଆଦିଲ୍ଲୀ-ଥିରୁଭାନନ୍ତପୁରମ ଟ୍ରେନ ରେଳ ଷ୍ଟେଶନଠାରୁ କିଛି ଦୂରରେ ଶୋରାନୁର ବ୍ରିଜ ନିକଟରେ ଥିବା ରେଳ ଟ୍ରାକରେ ଅଳିଆ ଆବର୍ଜନା ସଫା କରୁଥିବା ସମୟରେ ସଫେଇ କର୍ମଚାରୀଙ୍କୁ ଧକ୍କା ଦେଇଥିଲା । ଏହି ଧକ୍କାରେ ସମସ୍ତ ଚାରିଜଣ ପରିମଳ କର୍ମଚାରୀ ଟ୍ରାକରୁ ଭାରତପୁଜା ନଦୀକୁ ଖସିପଡିଥିଲେ । ଏହି ଦୁର୍ଘଟଣାରେ ୪ଜଣ ପରିମଳ କର୍ମଚାରୀଙ୍କର ମୃତ୍ୟୁ ହୋଇଛି, ଯେଉଁଥିରେ ଦୁଇ ପୁରୁଷ ଏବଂ ଦୁଇଜଣ ମହିଳା ଅଛନ୍ତି । ତିନୋଟି ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଚତୁର୍ଥ ବ୍ୟକ୍ତିଙ୍କ ମୃତଦେହ ଖୋଜା ଚାଲିଛି ।

### ଯାହା ପୁଲିସ ଓ ଅବକାରୀ ବିଭାଗ କରିପାରିଲା ନାହିଁ ତାହାକୁ ମହିଳା କରି ଦେଖାଇଲେ

# ଘରୁ ବାହାର କରି ରାସ୍ତାରେ ଭାଙ୍ଗିଲେ ମଦବୋତଲ



ଭଦ୍ରକ, (ପିପିଏସ୍): ଧାମନଗର ଅଂଚଳରେ ଚୋରା ଦେଶି ଓ ବିଦେଶୀ ମଦ କାରବାର ଦିନକୁଦିନ ବଢ଼ିଚାଲିଚି। ଅବକାରୀ ବିଭାଗ ଓ ପୋଲିସ ଜାଣି ନ ଜାଣିଲା ପରି ଅଭିନୟ କରୁଛି। ଫଳରେ କୋମଳମତି ପିଲା ଓ ଯୁବକମାନେ ନିଶା ସେବନ କରି ପଥ ଭ୍ରଷ୍ଟ ହେଉଛନ୍ତି। ତେବେ ଏହି ଚୋରା ମଦ ରୋକିବା ପାଇଁ ମହିଳାମାନେ ଆଗେଇ ଆସିଛନ୍ତି। ଏପରି କି ଯାହା ପୁଲିସ କି ଅବକାରୀ ବିଭାଗ କରିପାରିନି ତାହାକୁ ମହିଳା ମାନେ କରି ଦେଖାଇଛନ୍ତି। ପ୍ରକାଶ ଥାଉକି, ଧାମନଗର ଥାନା ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ପାଟୁଳି ବଜାରରେ ଦୀର୍ଘଦିନ ହେବ ବେଆଇନ ଭାବେ ଚୋରା ମଦ କାରବାର ଚାଲୁଥିବା ଅଭିଯୋଗ ହୋଇଆସୁଥିଲା। ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରିନଥିଲା। ଆଜି ଗ୍ରାମର ମହିଳା ମାନେ ଏକ ଜୋଟ ହୋଇ ମଦ ବିକୁଥିବା ହୃଦାନନ୍ଦ ତ୍ରିପାଠୀ ଓ ରାଧାଶ୍ୟାମ ତ୍ରିପାଠୀଙ୍କ ଘରୁ ମଦ ବାହାର କରି ରାସ୍ତା ଉପରେ ଭାଙ୍ଗି ବିରୋଧ କରିଥିଲେ। ଏହି ଦୁଇ ଜଣ ଚୋରା ମଦ ବେପାରୀଙ୍କ ଯୋଗୁଁ ଆଖପାଖ ୩ରୁ ୪ ପଞ୍ଚାୟତର ଛୁଆ ଠୁ ବୁଢ଼ା ମଦ ପି ମାତାଲ ହେଉଥିଲେ। ଘରେ ସ୍ତ୍ରୀ'ର ପୁରୁଣା ଲୁଗା ଠାରୁ ଆରମ୍ଭ କରି ହାଣ୍ଡି, କଡ଼ା, ମୋବାଇଲ ସମେତ ଚାଉଳକୁ ବିକ୍ରିକରି ମଦ ପିଉଥିଲେ। ଏହା ଦ୍ୱାରା ପରିବାରରେ ଅସନ୍ତୋଷ ଲାଗି ରହିଥିଲା। ଆଜି ମହିଳାମାନେ ଏକଜୋଟ ହୋଇ ଚୋରା ମଦ କାରବାର କରୁଥିବା ବ୍ୟକ୍ତିଙ୍କ ଘରୁ ଦେଶୀ ବିଦେଶୀ ମଦ ବାହାର କରି ରାସ୍ତା ଉପରେ ଭାଙ୍ଗି ଥିଲେ। ପ୍ରକାଶ ଥାଉ କି ଧାମନଗର ଓ ଦୋବଲରେ ଥିବା ଦେଶି ଓ ବିଦେଶୀ ଦୋକାନରୁ ଦୈନିକ ୨୫ ରୁ ୩୦ ପେଟି ମଦଆଣି ଏଠାରେ ଦିଅନ୍ତି ,ପରେ ଏହି ଦୋକାନରେ ଖୋଲମ ଖୁଲା ଚୋରା ମଦ ଚଡା ଦରରେ ବିକ୍ରି କରୁଥିବା ମହିଳାମାନେ କହିଛନ୍ତି। ଆଗାମୀ ଦିନରେ ଏ ଠାରେ ଚୋରା ମଦ ରୋକା ନଗଲେ ପୁଲିସ ଓ ଅବକାରୀ ବିଭାଗ ଆଗରେ ଧାରଣ ଦିଆଯିବ ବୋଲି ଉତ୍ୟକ୍ତ ମହିଳା ମାନେ କହିଚନ୍ତି।

# ଗଞ୍ଜାମ ଜିଲ୍ଲାସ୍ତରୀୟ ସୁରଭି ସମାରୋହ



ବ୍ରହ୍ମପୁର(ପିପିଏସ୍): ସ୍ଥାନୀୟ ଭିଭିଗିରି ବାଳିକା ବିଦ୍ୟାଳୟ ପରିସରରେ ଗଞ୍ଜାମ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସଭାରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀ ମାନଙ୍କ ପ୍ରତିଭାକୁ ଅନ୍ୱେଷଣ କରିବାର ଏହା ଏକ ମାଧ୍ୟମ। ଛାତ୍ରଛାତ୍ରୀମାନଙ୍କ ପାରିଦର୍ଶିତା ଦ୍ୱାରା ଶିକ୍ଷକଶିକ୍ଷୟିତ୍ରୀମାନେ ପରିଚିତ ହେବା ଅଖଣ୍ଡ ଗୌରବର ବିଷୟ। ଯେପରି ଅର୍ଜୁନଙ୍କ ଭଳି ଶିଷ୍ୟଙ୍କ ଦ୍ୱାରା ଗୁରୁ ଦ୍ରୋଣାଚାର୍ଯ୍ୟ ପରିଚିତ ହୋଇପାରିଥିଲେ। ଏଣୁ ଶିକ୍ଷକ ସମାଜ ଏଭଳି ଛାତ୍ରଛାତ୍ରୀ ଗଢ଼ିତୋଳନ୍ତୁ ଯାହା ଦ୍ୱାରା ଆପଣମାନେ ପ୍ରତିଷ୍ଠିତ ହୋଇପାରିବେ। ମୁଖ୍ୟବକ୍ତା ରୂପେ ନିଗମ ମେୟର ସଂଘମିତ୍ରା ଦଳେଇ ଯୋଗଦେଇ ଛାତ୍ରଛାତ୍ରୀମାନେ କେବଳ ପାଠପଢ଼ାରେ ସୀମିତ ନହୋଇ ଅନ୍ୟ ପ୍ରତିଯୋଗୀତାରେ ଭାଗନେଇ ନିଜର ଦକ୍ଷତା ପରିପ୍ରକାଶ କରିବାର ଆବଶ୍ୟକତା ରହିଛି। ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଶିକ୍ଷାଧିକାରୀ ରାଜେଶ ପ୍ରଧାନ, ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା, ସୁରଭି କାର୍ଯ୍ୟକ୍ରମର ସଂଯୋଜକ ଡଃ.ସରୋଜ ମୋହନ ପାଳ ପ୍ରମୁଖ ମଞ୍ଚାସୀନଥିଲେ। ମୁଖ୍ୟ ଅତିଥି ପିଏମ୍ ପୋଷଣ ଷ୍ଟଲର ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ସାଂସଦ ଡଃ.ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ଜିଲ୍ଲାର ୨୨ଟି ବ୍ଲକ୍, ବ୍ରହ୍ମପୁର ମହାନଗର ନିଗମର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ୭୭୦ଜଣ ବିଦ୍ୟାର୍ଥୀ ଯୋଗ ଦେଇଥିବା ବେଳେ ପ୍ରଥମ ହୋଇଥିବା ୩୫ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଥମ ହୋଇଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ । କାର୍ଯ୍ୟକ୍ରମରେ ଅତିରିକ୍ତ ଶିକ୍ଷାଧିକାରୀ ରାଜେଶ ପ୍ରଧାନ, ମେଡିକାଲ୍ କ୍ୟାମ୍ପସର ପ୍ରଧାନ ଶିକ୍ଷୟିତ୍ରୀ ଡ.ପ୍ରଭାତୀ ମହାପାତ୍ର, ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନି, ଡିପିସି ଅଫିସ୍‌ର ମଧୁସୂଦନ ପରିଡାଙ୍କ ସମେତ ୨୨ଟି ବ୍ଲକ୍‌ର ବିଇଓ, ଏବିଇଓ, ଗାଇଡ୍ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଖଣ୍ଡଦେଉଳି ହାଇସ୍କୁଲର ପ୍ରଧାନଶିକ୍ଷକ ଡ. ଶଙ୍କର ନାରାୟଣ ବେଜ, ସିଟି ହାଇସ୍କୁଲ ପ୍ରଧାନଶିକ୍ଷକ ପନ୍ନଗ ଭୂଷଣ ମାଝୀ, ଟାଙ୍ଗଣାପଲ୍ଲୀ ସ୍କୁଲ ପ୍ରଧାନଶିକ୍ଷକ ବିଷ୍ଣୁ ତ୍ରିପାଠୀ, ଇ.ମନୋଜ ବେହେରାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଭିଭିଗିରି ହାଇସ୍କୁଲର ସମସ୍ତ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ସ୍ୱଚ୍ଛତା ସଚେତନତା ଅଭିଯାନ

ଚୌଦ୍ୱାର,(ପିପିଏସ୍): ଇମ୍ପା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ତରଫରୁ ସ୍ୱାସ୍ଥ୍ୟରକ୍ଷା ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବଡ଼ସାମନ୍ତରାପୁର ପଞ୍ଚାୟତ ଅନ୍ତର୍ଗତ ସର୍ଦ୍ଧାରଖରିଦାସ୍ଥିତ ଲକ୍ଷ୍ମୀନାରାୟଣ ଶିକ୍ଷାନୁଷ୍ଠାନ ସମୁହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍‌ର ଗୋଷ୍ଠୀ ସଂଯୋଜିକା ଶୁଭଶ୍ରୀ ନାୟକ ଓ ଅଂକିତା ବାରିକ ଅତିଥି ଭାବେ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ଓ ସ୍ୱଚ୍ଛତାରକ୍ଷା ସମ୍ପର୍କରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇବା ସହିତ ବ୍ୟାୟମ, ପ୍ରାଣାୟମ, ପ୍ରାକୃତିକ ଜୀବନଚର୍ଯ୍ୟା ଆଦି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ସାହୁ ଏବଂ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସରସ୍ୱତୀ ଦେଉରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନାଟ୍ୟ ପରିଷଦ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ଚୌଦ୍ୱାର,(ପିପିଏସ୍): ଓଟିଏମ୍ କଲୋନୀସ୍ଥିତ ରାଧାମୋହନ ନାଟ୍ୟ ପରିଷଦର ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇ ଯାଇଛି ।ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଏଥିରେ ଅତିଥିଭାବେ ଯୋଗଦେଇ ନବ ନିର୍ମିତ କାର୍ଯ୍ୟାଳୟର ଉଦ୍‌ଘାଟନ କରି ଓଡ଼ିଶାର ନାଟ୍ୟକଳାକୁ ବଞ୍ଚାଇ ରଖିବା ଦିଗରେ ପରିଷଦର ପ୍ରୟାସକୁ ପ୍ରଶଂସା କରିଥିଲେ ।ପରିଷଦ ସଭାପତି ସନ୍ତୋଷ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ମନୋଜ ମହାନ୍ତି,ଶଶାଂକ ରାଉତ,ପ୍ରମୋଦ ଜେନା,ସୁରେଶ କୁମାର ନାଥ, ବିଶ୍ୱଜିତ ଭଞ୍ଜ,ଅର୍ଜୁନ ପଣ୍ଡା, ଶୁଭାଶିଷ ପଟ୍ଟନାୟକ, ରାଜକିଶୋର ସାମନ୍ତ, ମାନସ ଦାସ, ଅଜୟ ପାତ୍ର, ଦିବ୍ୟ ରଂଜନ ବଳ, ଦିବ୍ୟ ରଂଜନ ମଲ୍ଲ, ଅଜୟ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦୀପକ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

### ଉନ୍ନୟନ କାମ ଅଧାପନ୍ତରିଆ

# କମିଶନରଙ୍କ ସହ ମେୟର ଓ କରପୋରେଟରଙ୍କ ଆଲୋଚନା

ବ୍ରହ୍ମପୁର (ପିପିଏସ୍): ସହରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସଠିକ ଭାବେ ହେଉ ନାହିଁ। ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ଅଧପନ୍ତରିଆ ଭାବେ ପଡି ରହିଛି। କିନ୍ତୁ ଅଧପନ୍ତରିଆ କାର୍ଯ୍ୟରେ ଠିକାଦାରଙ୍କ ବିଲ ପାରିତ କରାଯାଉଥିବା ନେଇ କର୍ପୋରେଟରମାନେ ଅଭିଯୋଗ କରିଛନ୍ତି। ଏ ନେଇ ଶନିବାର ବିଏମସି ମେୟର ସଂଘମିତ୍ରା ଦଳେଇଙ୍କ ନେତୃତ୍ୱରେ ବହୁ କର୍ପୋରେଟର କମିଶନର ଭବାନୀ ପ୍ରସାଦ ମିଶ୍ରଙ୍କ ଉପରେ ଅସନ୍ତୋଷ ଝାଡିଛନ୍ତି। ସହରର ବିଭିନ୍ନ ୱାର୍ଡରେ ଉନ୍ନୟନ କାର୍ଯ୍ୟ ଅଧପନ୍ତରିଆ ହୋଇ ରହିଛି। କିନ୍ତୁ ଯନ୍ତ୍ରୀମାନେ ଏହାର ଯାଂଚ ନ କରି ସଂପୃକ୍ତ କାର୍ଯ୍ୟର ବିଲ ପାରିତ କରୁଥିବା କମିଶନରଙ୍କୁ କହିଥିଲେ। ବିଲ୍ ପାରିତ ପୂର୍ବରୁ ଯନ୍ତ୍ରୀମାନେ କର୍ପୋରେଟରଙ୍କୁ ଅବଗତ କରିବା ପାଇଁ ଦାବି ହୋଇଥିଲା। ମେୟର ମଧ ଏଥିରେ ସହମତି ପ୍ରକାଶ କରିଥିଲେ। କାର୍ଯ୍ୟ ଅଧପନ୍ତରିଆ ଥିବା କାରଣରୁ ସାଧାରଣ ଜନତା ଅସନ୍ତୋଷ ପ୍ରକାଶ କରୁଥିବା ଅଭିଯୋଗ ହୋଇଥିଲା। ଠିକାଦାର ଓ ଯନ୍ତ୍ରୀଙ୍କୁ ଦାୟିତ୍ୱବାନ ହେବାକୁ ନିର୍ଦ୍ଦେଶ ଦେବା ପାଇଁ କର୍ପୋରେଟରମାନେ ଦାବି କରିଥିଲେ।

ଅନ୍ୟପଟେ ଟେଣ୍ଡର ହୋଇଥିବା ସତ୍ତ୍ୱେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା କର୍ପୋରେଟରମାନେ କମିଶନରଙ୍କୁ ଅଭିଯୋଗ କରିଥିଲେ। ଏଣୁ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦାବି କରିଥିଲେ। ଯାହାକୁ ନେଇ ଦୀର୍ଘ ସମୟ ଧରି କର୍ପୋରେଟର ଓ କମିଶନରଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। କିନ୍ତୁ କମିଶନର ଏ ବାବଦରେ ଆଲୋଚନା କରିବା ପାଇଁ କହି କଥାକୁ ଏଡାଇ ଦେଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ମେୟରଙ୍କୁ ବିଏମସିର ପୂର୍ବତନ ନିର୍ବାହୀ ଯନ୍ତ୍ରୀ ଇଂ ଲଳିତ ମୋହନ ଦାଶ ଫୋନରେ ଧମକ ଦେଇଥିବା ନେଇ ଅଭିଯୋଗକୁ କର୍ପୋରେଟରମାନେ ଘୋର ନିନ୍ଦା କରିଥିଲେ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଜଣେ ପୂର୍ବତନ ଯନ୍ତ୍ରୀ ମହାନଗରର ପ୍ରଥମ ନାଗରିକଙ୍କୁ ଏଭଳି ଧମକ ଦେବା ସଂପୂର୍ଣ୍ଣ ନିନ୍ଦନୀୟ ବୋଲି କର୍ପୋରେଟରମାନେ କହିଥିଲେ। ଆଗାମୀ ଦିନରେ ନଗର ଉନ୍ନୟନ ବିଭାଗଙ୍କ ନିକଟରେ କର୍ପୋରେଟରଙ୍କ ପକ୍ଷରୁ ଅଭିଯୋଗ କରାଯିବ ବୋଲି ସୂଚନା ମିଳିଛି। ଆଜିର ଆଲୋଚନାରେ କର୍ପୋରେଟର ଧୀରେଶ ସାବତ, ଦୁର୍ଗା କୁମାର ଲାୟକ, ନୀଳକଣ୍ଠ ସାହୁ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, କିଶୋର ପାତ୍ର, ଆପା ରାଓ, ପଦ୍ମିନୀ ମିଶ୍ର, ଚିତ୍ରସେନ ମହାପାତ୍ର ଓ ସନ୍ତୋଷ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ରେ ଲାସ୍ୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପ୍ରତିଯୋଗିତା

## କୃତୀ ପ୍ରତିଯୋଗୀଙ୍କୁ ୪ର୍ଥ ଲାସ୍ୟ ଆୱାର୍ଡ ଫେଷ୍ଟିଭାଲରେ ସମ୍ମାନିତ କରାଯିବ




କଟକ, (ପିପିଏସ୍) : ସଦର ଥାନା ଅନ୍ତର୍ଗତ ଗୋପାଳପୁରସ୍ଥିତ ଲାସ୍ୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଚତୁର୍ଥ ଲାସ୍ୟ ପ୍ରତିଭା ୨୦୨୪ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ନୃତ୍ୟ ଏବଂ ଆର୍ଟ ପ୍ରତିଯୋଗିତା ଟାଉନହଲ୍ ଠାରେ ନଭେମ୍ବର ୧୦ ତାରିଖରେ ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହେବାକୁ ଥିବା ୪ର୍ଥ ଲାସ୍ୟ ଆୱାର୍ଡ ଫେଷ୍ଟିଭାଲରେ ପୁରସ୍କୃତ କରାଯିବ ବୋଲି ଶନିବାର ପୂର୍ବାହ୍ଣରେ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଲାସ୍ୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏକାଡେମୀର ପ୍ରତିଷ୍ଠାତା ଦେବୀଦତ୍ତ ପଣ୍ଡା ଓ ସମ୍ପାଦିକା ସମୀକ୍ଷା ଦୀକ୍ଷିତ ସୂଚନା ଦେଇଛନ୍ତି।

ଟାଉନହଲରେ ୪ଟି ବିଭାଗ ଯଥା ଚିତ୍ରାଙ୍କନ (ଡ୍ରଇଂ), ଓଡ଼ିଶୀ ନୃତ୍ୟ (ସୋଲୋ), ଲୋକନୃତ୍ୟ (ସୋଲୋ) ଓ ଭଜନ ନୃତ୍ୟ (ସୋଲୋ)ରେ ପ୍ରତିଯୋଗିତା କରାଯିବ। ପ୍ରତିଯୋଗିତା ପୂର୍ବାହ୍ଣ ୮ଟାରୁ ଆରମ୍ଭ ହେବ। ଡ୍ରଇଂ, ଲୋକନୃତ୍ୟ ଓ ଭଜନ ନୃତ୍ୟ ପାଇଁ ବୟସ ସୀମା ସବ୍ ଜୁନିୟର ବର୍ଗ ପାଇଁ ୬ରୁ ୯ ବର୍ଷ ଧାର୍ଯ୍ୟ କରାଯାଇଥିବା ବେଳେ ଜୁନିୟର ବର୍ଗ ପାଇଁ ୧୦ରୁ ୧୩ ବର୍ଷ ଏବଂ ସିନିୟର ବର୍ଗରେ ୧୪ରୁ ୨୦ ବର୍ଷ ଏବଂ ଓଡ଼ିଶୀ ନୃତ୍ୟ (ସୋଲୋ)ରେ ସବ୍ ଜୁନିୟର ୮ରୁ ୧୨ ବର୍ଷ, ଜୁନିୟର ୧୩ରୁ ୧୬ ବର୍ଷ ଏବଂ ସିନିୟର ବର୍ଗରେ ୧୭ରୁ ୨୫ ବର୍ଷର ପିଲାମାନେ ଭାଗ ନେଇପାରିବେ। ଡ୍ରଇଂରେ ସବ୍ ଜୁନିୟର ବର୍ଗ ପାଇଁ ବିଷୟବସ୍ତୁ ଫ୍ରୁଟ୍ ବାସ୍କେଟ୍, ଜୁନିୟର ବର୍ଗରେ ପିଲାଙ୍କ ପାଇଁ ଚିଲ୍‌ଡ୍ରେନ୍ ପାର୍କ ଓ ସିନିୟର ବର୍ଗରେ ଓଡ଼ିଶାର କଳା ଓ ସଂସ୍କୃତି ବିଷୟ ରଖାଯାଇଛି । ସେହିଭଳି ଓଡ଼ିଶୀ ନୃତ୍ୟ (ସୋଲୋ)ରେ ପ୍ରତି ପ୍ରତିଯୋଗୀଙ୍କ ପାଇଁ ୪ ମିନିଟ୍, ଲୋକନୃତ୍ୟ (ସୋଲୋ) ଏବଂ ଭଜନ ନୃତ୍ୟ(ସୋଲୋ) ସେମି କ୍ଲାସିକାଲରେ ପ୍ରତି ପ୍ରତିଯୋଗୀଙ୍କ ପାଇଁ ୩ ମିନିଟ୍ ସମୟ ଦିଆଯିବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ରେଜିଷ୍ଟ୍ରେସନ ଫି ଧାର୍ଯ୍ୟ କରାଯାଇଛି। ସବ୍‌ଜୁନିୟର ବର୍ଗ ପାଇଁ ୪୦୦, ଜୁନିୟର ବର୍ଗ ପାଇଁ ୪୫୦ ଏବଂ ସିନିୟର ବର୍ଗ ପାଇଁ ୫୦୦ ଟଙ୍କା ରଖାଯାଇଛି। ଫୋନ୍‌ପେ ନମ୍ବର- ୯୯୩୭୩୮୦୯୭୩ ଜରିଆରେ ରେଜିଷ୍ଟ୍ରେସନ କରାଯାଇ ପାରିବ। ଏକାଡେମୀ ପକ୍ଷରୁ ଡ୍ରଇଂ ସିଟ୍ ପ୍ରଦାନ କରାଯିବ। ବିଚାରକଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ନିଷ୍ପତ୍ତି ହେବ। ପ୍ରତିଯୋଗୀମାନେ ସ୍କୁଲ, କଲେଜ ପରିଚୟପତ୍ର / ଆଧାର କାର୍ଡ ନେଇ ଆସିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଡ୍ୟାନ୍ସ ଏକାଡେମୀର ପ୍ରତିଷ୍ଠାତା ଶ୍ରୀ ପଣ୍ଡା ଓ ସମ୍ପାଦିକା ଶ୍ରୀମତୀ ଦୀକ୍ଷିତ ପ୍ରକାଶ କରିଛନ୍ତି।

# ଟିପିସିଓଡିଏଲ ବିଭାଗର ବେପରୁଆ ବିଦ୍ୟୁତ ସେବା

## ଛାତ୍ରର ଜୀବନ ଗଲା: ପ୍ରତିବାଦରେ ରାସ୍ତା ରୋକ !

ଜଗତସିଂହପୁର,(ପିପିଏସ୍): ବିଦ୍ୟୁତ୍ ବିଭାଗର ବେପରୁଆ ସେବା ଯୋଗୁ ଜଣେ ନବମ ଶ୍ରେଣୀଛାତ୍ରର ଜୀବନ ହାନି ଘଟିଛି। ଯାହାକୁ ନେଇ ଆଜି ସକାଳୁ ପରିବାର ଲୋକେ ଓ ଗ୍ରାମବାସୀ ଉତ୍ୟକ୍ତ ହୋଇ ଜଗତସିଂହପୁର ଜିଲ୍ଲାର ବାଲିକୁଦା ନହରଣା ରାସ୍ତାର ଚାରିଆକଣ ଛକଠାରେ ଟାୟାର ଜାଳି ରାସ୍ତା ରୋକ କରିବା ସହିତ ପରିବାରକୁ କ୍ଷତି ପୁରଣ ପ୍ରଦାନ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯ ବିଳମ୍ବରେ ବାଲିକୁଦା ପୁଲିସ ସହିତ ବାଲିକୁଦା ତହସିଲଦାର ଓ ଟିପିକୋଲଡ଼ ବିଭାଗର କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଂଚି ଉତ୍ୟକ୍ତ ଜନତାଙ୍କୁ ବୁଝାସୁଝା କରିବା ସହିତ କ୍ଷତି ପୁରଣ ନିମନ୍ତେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ଲିଖିତ ପ୍ରତିଶୃତି ପ୍ରଦାନ ପରେ ଧାରଣା କାରୀମାନେ ଧାରଣାରୁ ଅବ୍ୟାହତ ନେଇଥିଲେ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

କଟକସଦର (ପିପିଏସ୍): ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ପାଳନ ଅବସରରେ ଆଜି କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ସମାପନୀ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ସଭାରେ କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ଦୁର୍ନୀତିକୁ ବିରୋଧ କରିବାକୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ଖାଦ୍ୟପଦାର୍ଥ ଭେଜାଲ କରିବା ଭଳି ଗର୍ହିତ ଅପରାଧ କରୁଥିବା ଲୋକମାନଙ୍କୁ ସାମାଜିକ ବାସନ୍ଦ କରିବା ଭଳି ଦଣ୍ଡ ଦେବାକୁ ମେୟର ମତ ଦେଇଥିଲେ। ଦୁର୍ନୀତିର ବିରୋଧକୁ ଜନ ଆନ୍ଦୋଳନରେ ପରିଣତ କରିପାରିଲେ ଏହା ଦେଶକୁ ଆଗକୁ ବଢାଇବାରେ ସହାୟକ ହୋଇପାରିବ। ରେଭେନସା ବିଶ୍ୱବିଦ୍ୟାଳୟର ବରିଷ୍ଠ ସହକାରୀ ପ୍ରାଧ୍ୟାପକ ଡଃ. ଅଭିଷେକ ଶର୍ମା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଚଳିତ ବର୍ଷର ବିଷୟବସ୍ତୁ ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ପ୍ରଗତିର ଭିତି ଉପରେ ଆଲୋକପାତ କରି ସତ୍ୟକୁ ଜୀବନର ଆଧାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସତ୍ୟନିଷ୍ଠ ଆଚରଣ ସାମାଜିକ ତଥା ଆଧ୍ୟାତ୍ମିକ ଜୀବନକୁ ପରିପୁଷ୍ଟ କରିବାରେ ସହାୟକ ହେବ। ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ ସରକାରୀ କର୍ମଚାରୀମାନେ ସାଧୁତା ଆପଣାଇବା ଏବଂ ସେମାନଙ୍କ ନିକଟକୁ ଆସୁଥିବା ସାଧାରଣ ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ଯଥାସମ୍ଭବ ସେମାନଙ୍କ କାର୍ଯ୍ୟ ସମାପନ କରିବାକୁ ଆହ୍ୱାନ ଦେଇଥିଲେ। ଲୋକଙ୍କୁ ବାରମ୍ବାର ଦଉଡାଇବା ଭଳି ମନ୍ଦ ଅଭ୍ୟାସକୁ ପରିବର୍ତ୍ତନ କରିବାକୁ ଶ୍ରୀ ରାଜ କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ବିଭାଗ, କଟକ ଖଣ୍ଡ, କେ. ବେଣୁଗୋପାଳ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। ସପ୍ତାହ ପାଳନ ଅବସରରେ ଆୟୋଜିତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ଆଜିର କାର୍ଯ୍ୟକ୍ରମରେ ପୁରସ୍କାର ବିତରଣ କରାଯାଇଥିଲା ଏବଂ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ପ୍ରସ୍ତୁତ ଏକ ପଥପ୍ରାନ୍ତ ନାଟକର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା।

# ୫ ଜଣଙ୍କୁ ଖଣ୍ଡାରେ ହାଣିବା ଘଟଣାରେ ଗୁରୁତର ଜାଗେଶ୍ୱରଙ୍କ ମୃତ୍ୟୁ

ଧାମନଗର (ପିପିଏସ୍): ଗତ ସେପ୍ଟେମ୍ବର ୧୩ ତାରିଖ ବିଳମ୍ବିତ ରାତ୍ରରେ ଭଦ୍ରକ ରାନ୍ଦିଆ ଅଞ୍ଚଳର ବାଇଧର ରାଉଳଙ୍କ ପୁଅ ଗୌରାଙ୍ଗ ରାଉଳ କୌଣସି କାରଣରୁ ବନ୍ତ ବ୍ଲକ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ତୋଡ଼ଙ୍ଗା ଗ୍ରାମ ପଞ୍ଚାୟତ ବରପଦି ପାଟଣା ଗ୍ରାମର ଶ୍ୱଶୁର ଘରେ ପଶି ପରିବାରର ୫ଜଣଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲା। ଗୁରୁତର ଆହତ ମାନେ କଟକ ବଡ ଡାକ୍ତରଖାନାରେ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ। ପୋଲିସ ଏହି ଘଟଣାରେ ୧୬ ତାରିଖରେ କେସ ନଂ ୫୬୪/୨୪ ନୂତନ ଅପରାଧିକ ଧାରା ୧୦୯ ରେ ଏକ ମାମଲା ରୁଜୁ କରି ଚୁପ ବସିଥିଲା। ମାତ୍ର ସେପ୍ଟେମ୍ବର ୨୧ ତାରିଖରେ ଏ ସମ୍ପର୍କରେ ଦୈନିକ ଓଡ଼ିଆ ସମ୍ବାଦପତ୍ର ପ୍ରଜାତନ୍ତ୍ରରେ ଖବର ପ୍ରସାରଣ ପରେ ସକ୍ରିୟ ହୋଇଥିଲା ଭଦ୍ରକ ପୋଲିସ। ତତ୍କାଳୀନ ଏସପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତ ଆକ୍ରମଣକାରୀଙ୍କୁ ଧରିବାକୁ ତତ୍ପର ହେବା ସହ ଫୋନ ଟ୍ରାକିଙ୍ଗ କରି ସେପ୍ଟେମ୍ବର ୨୯ ତାରିଖରେ କଟକ ମଙ୍ଗଳାବାଗରୁ ନୃଶଂସ ଗୌରାଙ୍ଗକୁ ଗିରଫ କରିଥିଲା ପୋଲିସ। ଏପଟେ ଗୌରାଙ୍ଗ ଖଣ୍ଡା ଚୋଟରେ ହାତ ଦୁଇଗଡ ହୋଇଥିବା ଶାଶୂ ଓ ପେଟରେ ଗଭୀର ଆଘାତ ପାଇଥିବା ଶ୍ୱଶୁର ଜାଗେଶ୍ୱର ବେହେରା ଡିସଚାର୍ଜ ହୋଇ ଘରକୁ ଫେରିଥିଲେ।ଗତକାଲି ୧ ତାରିଖ ଶୁକ୍ରବାର ନିଶ୍ୱାସ ନେବାରେ ଅସୁବିଧା ହେବାରୁ ଶ୍ୱଶୁର ଜାଗେଶ୍ୱର ବେହେରାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା। ସେଠାରେ ୨ ତାରିଖ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତ ଜାଗେଶ୍ୱରଙ୍କ ପୁତ୍ର ପ୍ରଦୀପ ବେହେରାଙ୍କ ଲିଖିତ ଅଭିଯୋଗ କ୍ରମେ ପୁଲିସ ଶବ ଜବତ ସହ ବ୍ୟବଚ୍ଛେଦ କରି ଅପରାହ୍ଣରେ ପରିବାରକୁ ହସ୍ତାନ୍ତର କରିଛି। ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ଜାଗେଶ୍ୱରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣା ଯାଇଛି।ଏହି ଘଟଣାରେ ଗୁରୁତର ଆହତ ଶଳା ଭାଉଜ ଅନସୁୟା ବେହେରା ଏବେବି ଡ଼ାକ୍ତରଖାନରେ ମରଣ ସହ ସଂଗ୍ରାମ କରୁଛନ୍ତି।

# ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡାକୁ ଉଠିଲା ମହାଦୀପ

ଭଦ୍ରକ, (ପିପିଏସ୍): ପବିତ୍ର ଦୀପାବଳୀ ଉତ୍ସବ ଅବସରରେ ରୀତିନୀତି ଅନୁଯାୟୀ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡାକୁ ରାତ୍ର ୧୦ଟାରେ ଉଠିଛି ମହାଦୀପ। ଏହି ଅବସରରେ ମଣିବାବାଙ୍କ ମନ୍ଦିରରେ ଭୋର ୪ଟାରେ ଦ୍ୱାରଫିଟା ନୀତି ସହ ସମସ୍ତ ନୀତିକାନ୍ତି ଅପରାହ୍ଣ ସୁଧା ସମ୍ପନ୍ନ ହେବା ପରେ ମହାଦୀପ ଉଠିଥିଲ।

# ପ୍ରେମିକାଙ୍କ ଯୁଗଳବନ୍ଦୀ ଫଟୋ ଭାଇରାଲ କରି ପ୍ରେମିକ ଗିରଫ



ଭଦ୍ରକ, (ପିପିଏସ୍): ପ୍ରେମିକା ଓ ପ୍ରେମିକଙ୍କ ଯୁଗଳ ବନ୍ଦୀ ଫଟୋକୁ ଭାଇରାଲକରି ପ୍ରେମିକ ଗିରଫ ହୋଇଥିବା ଆଲୋଚନାର ବିଷୟ ହୋଇଛି। ପ୍ରେମିକ ପ୍ରେମିକାକୁ ବାହା ନ ହୋଇ ପୁଣି ଫଟୋ ଭାଇରାଲ କରିବା ନେଇ ଭଦ୍ରକ ଜିଲ୍ଲା ତିହିଡି ଥାନା ବିଲନା ପଞ୍ଚାୟତ ଅଧୀନ ଲଞ୍ଜାତରା ଗ୍ରାମର ପ୍ରେମିକାର ବାପା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମକଦ୍ଦମା (ନଂ ୪୮୪/୨୪) ରୁଜୁ କରି ଶନିବାର ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଦଲ ଦଲି ଗ୍ରାମର ତନ୍ମୟ ବାରିକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗରୁ ପ୍ରକାଶ ଯେ, ତନ୍ମୟ ଭଦ୍ରକରେ ଥିବା ଏମ ବଜାରରେ ଚାକିରୀ କରୁଥିବା ବେଳେ ସେଠାରେ ଚାକିରୀ କରୁଥିବା ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ଉଭୟ ଭୁବନେଶ୍ୱରସ୍ଥିତ ଏକ ଦକ୍ଷତା ବିକାଶ କେନ୍ଦ୍ରରେ ତାଲିମ ନେଇଥିଲେ। ସେଠାରେ ଉଭୟଙ୍କ ସମ୍ପର୍କ ଅଧିକ ନିବିଡ଼ ହୋଇଥିଲା ଏବଂ ଉଭୟ ବିଭିନ୍ନ ସ୍ଥାନ ବୁଲି ଅନ୍ତରଙ୍ଗ ଭାବେ ଫଟୋ ଉଠାଇ ଥିଲେ। ତେବେ ଉଭୟ ବିବାହ ପାଇଁ ରାଜି ଥିଲେ ମଧ୍ୟ ତନ୍ମୟଙ୍କ ପରିବାର ଲୋକ ବିବାହ ପାଇଁ ଅରାଜି ହୋଇଥିଲେ। ତନ୍ମୟଙ୍କ ବୟସ ଯୁବତୀଙ୍କ ଠାରୁ ଦୁଇ ବର୍ଷ କମ୍ ଥିବାରୁ ସେମାନେ ଅରାଜି ହୋଇଥିଲେ। ପରେ ତନ୍ମୟ ପ୍ରେମିକାଙ୍କ ସହ ଉଠାଇ ଥିବା ବିଭିନ୍ନ ଅନ୍ତରଙ୍ଗ ଯୁଗଳ ବନ୍ଦୀ ଫଟୋକୁ ଭାଇରାଲ କରିଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ଯୁବତୀଙ୍କ ବାପା ଗତ ମାସ ୨୯ ତାରିଖରେ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ତିହିଡି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତ ପ୍ରେମିକକୁ ଗିରଫ କରାଯାଇଥିବା ଜଣାପଡିଛି ।

# ଅର୍ଥନୀତିଜ୍ଞ ସ୍ୱର୍ଗତ ଦେବରୋଏଙ୍କ ବିୟୋଗରେ ଶୋକ

ଚୌଦ୍ୱାର,(ପିପିଏସ୍):ସୁପ୍ରତିଷ୍ଠିତ ଅର୍ଥନୀତିଜ୍ଞ,ସୁଲେଖକ,ପ୍ରଧାନମନ୍ତ୍ରୀଙ୍କ ଅର୍ଥ ପରାମର୍ଶଦାତା ପରିଷଦର ଅଧକ୍ଷ ତଥା ଗୋଖଲେ ଇନ୍‌ଷ୍ଟିଚ୍ୟୁଟ ଅଫ ପଲିଟିକ୍ସ ଆଣ୍ଡ ଇକୋନୋମିକ୍ସ(ଡିମଡ଼ ୟୁନିଭରସିଟି)ର ପୂର୍ବତନ କୁଳାଧିପତି ବିବେକ ଦେବରୋୟଙ୍କ ଶୁକ୍ରବର ଦିନ ପରଲୋକ ହୋଇ ଯାଇଛି। ତାଙ୍କ ପରଲୋକରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ଗଭୀର ଶୋକ ବ୍ୟକ୍ତ କରି ସ୍ୱର୍ଗତ ଦେବରୋଏ ଏକାଧାରରେ ଜଣେ ସୁପ୍ରତିଷ୍ଠିତ ଅର୍ଥନୀତିଜ୍ଞ, ସ୍ତମ୍ଭକାର, ସୁଲେଖକ, ସଂସ୍କାରକ ତଥା ସୁସଂଗଠକ ଥିଲେ ବୋଲି ପ୍ରକାଶ କରି ଭାରତର ଆର୍ଥିକ ସଂସ୍କାର ଓ ବିକାଶ ଦିଗରେ ତାଙ୍କ ଅବଦାନ କେବେ ଭୁଲିବାର ନୁହେଁ ବୋଲି ମତବ୍ୟକ୍ତ କରିଛନ୍ତି।


**ପୂର୍ବ ତଟ ରେଳପଥ**

1) ଇ-ଟେଣ୍ଡର ବିଜ୍ଞପ୍ତି ନଂ. ST-SBP-TENDER-2024-24, ତା.25.10.2024ରିଖ

କାର୍ଯ୍ୟର ନାମ : [illegible] ଏବଂ ଭୁବନେଶ୍ୱର [illegible]

ଟେଣ୍ଡର ମୂଲ୍ୟ (₹): 18,91,991.00, EMD(₹):37,800.00

2) ଇ-ଟେଣ୍ଡର ବିଜ୍ଞପ୍ତି ନଂ. ST-SBP-TENDER-2024-25, ତା.25.10.2024ରିଖ

କାର୍ଯ୍ୟର ନାମ : 03 (ତିନି) ବର୍ଷ [illegible] MIS [illegible] (SSDAC, HASSDAC) [illegible] (ARC) [illegible]

ଟେଣ୍ଡର ମୂଲ୍ୟ (₹): 71,80,380.90, EMD (₹) : 1,43,600.00, ଟେଣ୍ଡର [illegible] (₹):5,900/- ।

[illegible] ତା. 18.11.2024 ରିଖ 1100 ଘଣ୍ଟିକାରେ [illegible]

[illegible] https://www.ireps.gov.in [illegible]

[illegible] 15 (ପନ୍ଦର) [illegible]

[illegible] (ବାଣିଜ୍ୟ ଏବଂ ଭୁବନେଶ୍ୱର), [illegible]

PR-[illegible]/P/24-25


**ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟ ନଂ.୪ ସ୍ଥାନ : ସରକାରୀ ଅଫିସ, ୟୁନିଟ-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା**

**ଓ.ଏସ୍.ଏସ୍ କେସ୍ ନଂ.-୪୮୭/୨୦୨୩**

ପ୍ରସନ୍ନ କୁମାର ପାତ୍ର ..... ବାଦୀ

ବନାମ

ବସୁନ୍ଧରା ଇଷ୍ଟେଟ ଡେଭଲପର୍ସ ଏବଂ ଅନ୍ୟମାନେ .....ପ୍ରତିବାଦୀ

ନୋଟିସ୍ ସି.ପି.ସି.ଅର୍ଡର-୫, ରୁଲ୍-୨୦ ମୁତାବକ

୨) **ସାରିଆ ପାଣି,** ସ୍ୱାମୀ: ସ୍ୱର୍ଗତଃ ଅରକ୍ଷିତ ପାଣି, ସା: ଦାରୁଠେଙ୍ଗ, ପୋଷ୍ଟ/ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା

୩) **ପ୍ରମିଳା ଦାସ,** ପିତା: ସ୍ୱର୍ଗତଃ ଅରକ୍ଷିତ ପାଣି, ସ୍ୱାମୀ: ଲକ୍ଷ୍ମୀଧର ଦାସ, ସା: ପାଉଁଶି, ଥାନା: ଏୟାରଫିଲ୍ଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା

୪) **ଗୌତମୀ ଦାଶ,** ପିତା: ସ୍ୱର୍ଗତଃ ଅରକ୍ଷିତ ପାଣି, ସ୍ୱାମୀ: ଅଗାଧୁ ଚନ୍ଦ୍ର ଦାଶ, ସା: କଲ୍ୟାଣପୁର ଶାସନ, ଥାନା: ଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା

୫) **ଅବନୀ ରଥ,** ପିତା: ସ୍ୱର୍ଗତଃ ଅରକ୍ଷିତ ପାଣି, ସ୍ୱାମୀ: ଜଗନ୍ନାଥ ରଥ, ସା: ଦାରୁଠେଙ୍ଗ, ପୋଷ୍ଟ ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା

୬) **ଲକ୍ଷ୍ମୀଧର ପାଣି,** ପିତା: ସ୍ୱର୍ଗତଃ ଭ୍ରମର ପାଣି

୮) **ନାରଣ ପାଣି,** ପିତା: ମଦନ ପାଣି, ଉଭୟଙ୍କର ବାସସ୍ଥାନ ସା: ଦାରୁଠେଙ୍ଗ, ପୋଷ୍ଟ/ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା

୯) **ସଚ୍ଚିଦାନନ୍ଦ ଜଗଦେବ,** ପିତା: କୁବେର ଚନ୍ଦ୍ର ଜଗଦେବ, ସା: ପ୍ଲଟ୍ ନଂ.: ୩/୯୪, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି । ଯେହେତୁ ପ୍ରତିବାଦୀ ନଂ ୩ ଏବଂ ୯ ନୋଟିସ୍ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ. ୨, ୪, ୫, ୬ ଏବଂ ୮ଙ୍କୁ ନୋଟିସ୍ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି, ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ. ୪ ଇଜିଲାସ ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା **ତା.୦୨.୧୨.୨୦୨୪ ଦିବା ୧୧.୩୦ ଘଟିକା** ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲି ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

**ତଫସିଲି ସମ୍ପତ୍ତିର ବିବରଣୀ**

ମୌଜା- ଭୁଆସୁଣୀ, ତହସିଲ-ଭୁବନେଶ୍ୱର, ଥାନା: ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ସାବକ ଖାତା ନଂ. ୧୯୧, ସାବକ ପ୍ଲଟ ନଂ. ୪୩୬, ଏରିଆ- ଏ୦.୦୫୫ ଡିସିମିଲି, ହାଲ୍ ଖାତା ନଂ.: ୧୧୨୨, ହାଲ୍ ପ୍ଲଟ୍ ନଂ.: ୧୯୬୮, କ୍ଷେତ୍ର: ଏକର୦.୦୫୫ଡିସିମିଲି

ଏଣୁ ଉପରୋକ୍ତ ମାମଲାର ଉପରଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷ ଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ ନଂ. ୪ଙ୍କ ଆଦେଶ କ୍ରମେ

ସ୍ୱା/- (କୋର୍ଟ ଅଧିକାରୀ)

# ପିଲାଙ୍କୁ କ୍ଲାସ ବଦଳରେ ଘାସ କଟାଉଛନ୍ତି ପ୍ରଧାନଶିକ୍ଷୟିତ୍ରୀ

## ଥାନାରେ ଏତଲା ସହ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ



କଟକ : ଛାତ୍ରଛାତ୍ରୀଙ୍କୁ ପାଠପଢାଇବା ପରିବେର୍ତ୍ତ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଯଦି କୌଣସି ଛାତ୍ରଛାତ୍ରୀ ଏହାକୁ ବିରୋଧ କରୁଛନ୍ତି ସେମାନଙ୍କୁ ମାଡ଼ ମରାଯାଉଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ପ୍ରତି ଏଭଳି ଅକଥନୀୟ ଅତ୍ୟାଚାର କରୁଥିବା ଅଭିଯୋଗ ହୋଇଛି। ଏପରିକି ସେ ନିଜ ସ୍ୱାମୀଙ୍କ ସହାୟତାରେ ଅଭିଭାବକଙ୍କୁ ଧମକ ମଧ ଦେଉଥିବା ଅଭିଯୋଗ ଉଠିଛି। ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଏଭଳି ଘଟିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପକୁ ନେଇ ଅଭିଭାବକ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଅଭିଭାବକମାନେ ଏନେଇ ଓ ଥାନାରେ ଏତଲା ଦେବା ସହ ଜିଲାପାଳ ଏବଂ କଟକ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଭେଟି ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ଆଧାରରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଡିଇଓ ଡ. ସନ୍ତୋଷ କୁମାର ରାଉତଙ୍କୁ ତଦନ୍ତ ପାଇ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଆରମ୍ଭ ହୋଇଥିବା ଡିଇଓ ଶ୍ରୀ ରାଉତ କହିଥିବାବେଳେ ଯଦି ଅଭିଯୋଗର ସତ୍ୟତା ପ୍ରମାଣିତ ହୁଏ, ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଅଭିଯୋଗ ମୁତାବକ, କଳପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦେଉଳିସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ପ୍ରଥମ ରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ପଢୁଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଭାବେ ସୁଲୋଚନା ଦାଶ ଯେଉଁଦିନ ଠାରୁ ଏହି ସ୍କୁଲର କାର୍ଯ୍ୟଭାର ଗ୍ରହଣ କରିଛନ୍ତି, ସେବେଠାରୁ ବିଦ୍ୟାଳୟରେ ବିଶୃଙ୍ଖଳା, ଦାୟିତ୍ୱ ହୀନତା, ଦଳୀୟ ରାଜନୀତି, ଜାତିଆଣ ଭେଦଭାବ, ବେଆଇନ ଭାବେ ପଇସା ଆଦାୟ, ପିଲା ମାନଙ୍କୁ ଘାସ ଓପାଡ଼ିବା ପରି କାମ ରେ ନିଯୋଜନ ଏମିତି ଅନେକ ଘଟଣା ଘଟୁଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାଁ ରେ ଏପର୍ଯ୍ୟନ୍ତ ବେଣ୍ଟକାର ଥାନାରେ ତିନି ତିନି ଥର ଅଭିଯୋଗ ମଧ ହୋଇଛି। ଏଥି ସହିତ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ପାଠ ପଢ଼ା ବନ୍ଦ କରି ନିଜସ୍ୱ ଗୁଳିଖଟି, ଦଳୀୟ ରାଜନୀତି କରୁଛନ୍ତି। ଯାହା ଫଳରେ ବିଗତ ତିନିବର୍ଷ ହେବ ବିଦ୍ୟାଳୟର ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ଅନ୍ୟ ସ୍କୁଲ ତୁଳନାରେ କମ୍ ମାର୍କ ସହିତ ଫେଲ ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଛି। ପୂର୍ବରୁ ଶ୍ରୀମତୀ ଦାଶଙ୍କ ସହିତ ତାଙ୍କର ପୁରୁଷ ବନ୍ଧୁ ବିଦ୍ୟାଳୟକୁ ଆସି ପିଲାମାନଙ୍କୁ ଘାସ ବାଛିବା, ମାଟି ଖୋଳିବା କାମ କରାଇବା ସହ ମାଡ଼ ମଧ ମାରୁଥିଲେ। ଏପରି ବିଷାକ୍ତ ପରିବେଶ ହେତୁ ସ୍କୁଲ ର ଛବି ଖରାପ ହେବା ସହିତ ପିଲା ମାନେ ମଧ ସ୍କୁଲ ଯିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ଦାଶଙ୍କୁ ଅନ୍ୟତ୍ର ବଦଳି କରାଇ ନୂତନ ନିଯୁକ୍ତି ପାଇଁ ଦାବି ହୋଇଛି।

# ନ୍ୟୁଜିଲାଣ୍ଡ ୧୪୩ ରନ୍ ଆଗୁଆ




ନୂଆଦିଲ୍ଲୀ:ରୋମାଞ୍ଚକର ସ୍ଥିତିରେ ମୁମ୍ବାଇ ଟେଷ୍ଟ । ସମ୍ମାନ ରକ୍ଷା ପାଇଁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ତୃତୀୟ ଟେଷ୍ଟ ଖେଳୁଥିବା ଟିମ ଇଣ୍ଡିଆ ଅପେକ୍ଷାକୃତ ସହଜ ସ୍ଥିତିରେ ରହିଛି । ପ୍ରଥମ ଇନିଂସରେ ୨୮ ରନର ଗୁରୁତ୍ୱପୂର୍ଣ୍ଣ ଲିଡ୍ ପାଇଥିବା ଭାରତ ଦ୍ୱିତୀୟ ଇନିଂସରେ ନ୍ୟୁଜିଲ୍ୟାଣ୍ଡର ୯ ବ୍ୟାଟରଙ୍କୁ ପ୍ୟାଭିଲିୟନ ପଠାଇ ଦେଇଛି । ୨-୦ରେ ଟେଷ୍ଟ ସିରିଜକୁ କବଜା କରି ସାରିଥିବା ନ୍ୟୁଜିଲ୍ୟାଣ୍ଡ ଦ୍ୱିତୀୟ ଇନିଂସରେ ୧୪୩ ରନର ଲିଡ୍ ହାସଲ କରି ନେଇଛି । ହାତରେ ଆଉ ଗୋଟିଏ ୱିକେଟ ଥିବାରୁ ଦଳ ଯଥାସମ୍ଭବ ଲିଡ୍‌କୁ ୨୦୦ ରନର ନିକଟବର୍ତ୍ତୀ କରିବାକୁ ଚେଷ୍ଟା କରିବ । ମୁମ୍ବାଇର ଟର୍ଣ୍ଣିଂ ଟ୍ରାକରେ ମାତ୍ର ଗୋଟିଏ ଥାର ୧୦୦ରୁ ଅଧିକ ରନ ଚେଜ ହୋଇଥିବାରୁ ଭାରତ ପାଇଁ ମ୍ୟାଚ୍ ଜିତିବା ସହଜ ହେବ ନାହିଁ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି । ଆଜି ଦ୍ୱିତୀୟ ଦିନରେ ମୋଟ ୧୫ଟି ୱିକେଟ ଝଡ଼ିଛି । ପ୍ରଥମ ଦିନରେ ୧୪ଟି ୱିକେଟ ଝଡ଼ିଥିଲା । ତେଣୁ ମୁମ୍ବାଇର ୱାଙ୍ଖେଡେ ପିଚ୍ ବୋଲରଙ୍କୁ ସୁହାଇବାରେ ଲାଗିଛି । ଭାରତ ଦ୍ୱିତୀୟ ଦିନରେ ତା'ର ପ୍ରଥମ ଇନିଂସରେ ୬ଟି ୱିକେଟ ହରାଇଥିବା ବେଳେ ନ୍ୟୁଜିଲ୍ୟାଣ୍ଡର ୯ ଜଣ ବ୍ୟାଟର ଆଉଟ ହୋଇଛନ୍ତି । ଦ୍ୱିତୀୟ ଦିନର ଖେଳ ଶେଷ ଶେଷ ସୁଦ୍ଧା ନ୍ୟୁଜିଲ୍ୟାଣ୍ଡ ତା'ର ଦ୍ୱିତୀୟ ଇନିଂସରେ ୯ ୱିକେଟ ହରାଇ ୧୭୧ ରନ କରିଛି । ଦିବସର ଶେଷ ବ୍ୟାଟର ଭାବେ ମ୍ୟାଟ ହେନରୀ ୧୦ ରନ କରି ଆଉଟ ହେବା ପରେ ଅମ୍ପାୟାର ଷ୍ଟମ୍ପ ଅପସାରଣ କରିଛନ୍ତି । ଏହି ସମୟରେ ଏଜାଜ ପଟେଲ ୭ ରନ କରି ରହିଥିଲେ । ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ମଧ୍ୟରେ ବଲରେ କମାଲ କରିଛନ୍ତି ରବୀନ୍ଦ୍ର ଜାଡେଜା । ସେ ଏକାକୀ ୪ ୱିକେଟ ନେଇଥିବା ବେଳେ ତାଙ୍କ ସିନିୟର ଯୋଡ଼ି ରବି ଅଶ୍ୱିନଙ୍କ ଖାତାକୁ ୩ ୱିକେଟ ଯାଇଛି । ଆକାଶ ଦୀପ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ସଫଳତା ପାଇଛନ୍ତି । ପ୍ରଥମ ଇନିଂସରେ ଜାଡେଜା ୫ଟି ଓ ୱାଶିଂଟନ ସୁନ୍ଦର ୪ଟି ୱିକେଟ ନେଇଥିଲେ । ନ୍ୟୁଜିଲ୍ୟାଣ୍ଡ ପାଇଁ ଦ୍ୱିତୀୟ ଇନିଂସରେ ୱିଲ ୟଙ୍ଗ ପୁଣି ଅର୍ଦ୍ଧଶତକ ହାସଲ କରିଛନ୍ତି । ହେଲେ ସେ ୫୧ ରନ କରି ଅଶ୍ୱିନଙ୍କ ବଲରେ ଆଉଟ ହୋଇଯାଇଛନ୍ତି । ଆଜି ଭାରତ ୮୬/୪ରୁ ଖେଳ ଆରମ୍ଭ କରିଥିଲା । ଶୁବମନ ଗିଲଙ୍କ ୯୦ ଓ ରଷଭ ପନ୍ତଙ୍କ ୬୦ ରନ ବଳରେ ଭାରତୀୟ ଟିମ ଟି ବ୍ରେକ ପୂର୍ବରୁ ୨୬୩ ରନ କରି ଅଲଆଉଟ ହୋଇଯାଇଥିଲା । ନ୍ୟୁଜିଲ୍ୟାଣ୍ଡ ପାଇଁ ଏଜାଜ ପଟେଲ ସର୍ବାଧିକ ୫ ୱିକେଟ ନେଇଥିଲେ । ଭାରତ ୨୬୩ ରନରେ ଅଲଆଉଟ ହୋଇଥିଲେ ହେଁ ଗୁରୁତ୍ୱପୂର୍ଣ୍ଣ ୨୮ ରନର ଲିଡ ହାସଲ କରିଥିଲା । ନ୍ୟୁଜିଲ୍ୟାଣ୍ଡ ତା'ର ଦ୍ୱିତୀୟ ଇନିଂସ ଆରମ୍ଭରୁ ଅଧିନାୟକ ଟମ ଲାଥମ(୨)ଙ୍କୁ ହରାଇଥିଲା । ତାଙ୍କ ୱିକେଟ ଆକାଶ ଦୀପ ନେଇଥିଲେ । ଟି ବ୍ରେକ ପରେ କମାଲ କରିଥିଲେ ଅଶ୍ୱିନ ଓ ଜାଡେଜା ଯୋଡ଼ି । ଏହାପୂର୍ବରୁ ୱାଶିଂଟନ ସୁନ୍ଦର ୨୨ ରନ କରିଥିବା ଡେଭନ କନୱେଙ୍କ ୱିକେଟ ନେଇଥିଲେ । ରଚିନ ରବୀନ୍ଦ୍ର(୪) ଅଶ୍ୱିନଙ୍କ ଶିକାର ବନିବା ପରେ ନ୍ୟୁଜିଲ୍ୟାଣ୍ଡ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲା । ଡାରେଲ ମିଚେଲ ଓ ୟଙ୍ଗ ୪ର୍ଥ ୱିକେଟ ପାଇଁ ୫୦ ରନ ଯୋଡ଼ିଥିଲେ । ହେଲେ ୨୧ ରନ କରିଥିବା ମିଚେଲଙ୍କୁ ଜାଡେଜା ଚମତ୍କାର ଢଙ୍ଗରେ ଅଶ୍ୱିନଙ୍କ ବଲରେ ଆଉଟ କରି ଦେଇଥିଲେ । ଏହାପରେ ୱିକେଟ ଝଡ଼ିବା ଆରମ୍ଭ ହୋଇଥିଲା । ଟମ ବ୍ଲଣ୍ଡେଲ(୪), ଗ୍ଲେନ ଫିଲିପ୍ସ(୨୬) ଓ ଇଶ ଶୋଢ଼ି(୮) ୧୪୮ ରନ ଭିତରେ ଆଉଟ ହୋଇଥିଲେ । ଏହାପରେ ୫୧ ରନ କରିଥିବା ୟଙ୍ଗଙ୍କୁ ଅଶ୍ୱିନ ଆଉଟ କରି ବଡ଼ ବିପର୍ଯ୍ୟୟ ଘଟାଇଥିଲେ । ଏଜାଜ ପଟେଲ ଓ ହେନରୀ ୯ମ ୱିକେଟ ପାଇଁ ୨୧ ରନ ଯୋଡ଼ିଥିଲେ ହେଁ ଏହାକୁ ଜାଡେଜା ଭାଙ୍ଗି ଦେଇଥିଲେ । ହେନରୀ ୧୦ ରନ କରି ଜାଡେଜାଙ୍କ ବଲରେ ବୋଲ୍ଡ ହେବା କ୍ଷଣି ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ହୋଇଥିଲା ।

# ପନ୍ତଙ୍କ ଟାର୍ଗେଟ୍‌ରେ ବିରାଟ ରେକର୍ଡ !



ନୂଆଦିଲ୍ଲୀ: ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜର ତୃତୀୟ ତଥା ଶେଷ ମ୍ୟାଚରେ ସଂଘର୍ଷ ଜାରି ରହିଛି । ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୨୩୫ ରନ୍ କରି ଅଲଆଉଟ ହୋଇଥିବା ବେଳେ ଭାରତ ୨୬୩ ରନ୍ ସଂଗ୍ରହ କରିଛି । ଶୁଭମନ ଗିଲଙ୍କ ୯୦ ସହ ରଷଭ ପନ୍ତଙ୍କ ଦମଦାର ଅର୍ଦ୍ଧଶତକୀୟ ଇନିଂସ ବଳରେ ଭାରତ ୨୮ ରନ୍ ଆଗୁଆ ରହିଛି । ତେବେ ମ୍ୟାଚର ଦ୍ୱିତୀୟ ଦିନରେ ନ୍ୟୁଜିଲାଣ୍ଡ ବିପକ୍ଷରେ ରଷଭ ପନ୍ତ ଦମଦାର ବ୍ୟାଟିଂ ଜାରି ରଖିଥିଲେ । ଏହି ମ୍ୟାଚରେ ମାତ୍ର ୩୬ ବଲରୁ ଅର୍ଦ୍ଧଶତକ ହାସଲ କରି ରଷଭ ଏକ ବଡ଼ ରେକର୍ଡ ନିଜ ନାମରେ କରିଛନ୍ତି । ତୃତୀୟ ମ୍ୟାଚର ଦ୍ୱିତୀୟ ଦିନରେ ଦମଦାର ବ୍ୟାଟିଂ ସହ ରଷଭ ସାରା ଦୁନିଆକୁ ନିଜ ରୌଦ୍ର ରୂପ ଦେଖାଇଛନ୍ତି । ନ୍ୟୁଜିଲାଣ୍ଡ ବୋଲରଙ୍କୁ ଟାର୍ଗେଟ କରି ରଷଭ ବିସ୍ଫୋରକ ବ୍ୟାଟିଂ କରିଥିଲେ । ମାତ୍ର ୩୬ ବଲ ଖେଳି ନିଜ ଅର୍ଦ୍ଧଶତକ ହାସଲ କରିଥିଲେ ରଷଭ । ଏହାସହିତ ଏକ ରେକର୍ଡ ମଧ୍ୟ ସେ ନିଜ ନାମରେ କରିଛନ୍ତି । ମାତ୍ର ୮୬ ରନରେ ଭାରତ ୪ ୱିକେଟ ହରାଇ ସଂକଟରେ ପଡ଼ିଥିବା ବେଳେ ରଷଭ ପାଳି ସମ୍ଭାଳିଥିଲେ । ଶୁଭମନ ଗିଲଙ୍କ ସହ ମିଶି ଭାରତକୁ ଏହି ବିପଦରୁ ବାହାର କରିଛନ୍ତି ରଷଭ । ଏହି ଇନିଂସରେ ରଷଭ ୫୯ ବଲରୁ ୮ଟି ଚୌକା ଏବଂ ୨ଟି ଛକା ସହିତ ୬୦ ରନର ଦମଦାର ପାଳି ଖେଳିଛନ୍ତି । ତେବେ ୩୬ ବଲରେ ଅର୍ଦ୍ଧଶତକ ହାସଲ କରି ରଷଭ ଏକ ବିଶାଳ ରେକର୍ଡ ନିଜ ନାମରେ କରିଛନ୍ତି । ନ୍ୟୁଜିଲାଣ୍ଡ ବିପକ୍ଷରେ ଟେଷ୍ଟ କ୍ରିକେଟରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଥିବା ଖେଳାଳି ଭାବରେ ରେକର୍ଡ ସୃଷ୍ଟି କରିଛନ୍ତି ରଷଭ । ଏହାପୂର୍ବରୁ ଯଶସ୍ୱୀ ଜଏସ୍ୱାଲ ୪୧ ବଲରେ ଅର୍ଦ୍ଧଶତକ ହାସଲ କରି ଏହି ରେକର୍ଡ ନିଜ ନାମରେ କରିଥିଲେ । ପୁଣେରେ ଖେଳା ଯାଇଥିବା ଦ୍ୱିତୀୟ ଟେଷ୍ଟରେ ଏହି ରେକର୍ଡ ହାସଲ କରିଥିଲେ ଯଶସ୍ୱୀ ଜଏସ୍ୱାଲ । ବର୍ତ୍ତମାନ ନ୍ୟୁଜିଲାଣ୍ଡ ବିପକ୍ଷରେ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ଭାରତୀୟ ଖେଳାଳି ପାଲଟିଛନ୍ତି ।

# ଗୋଟିଏ ଓଭରରେ ୬ ଛକା ସହ ୩୭ ରନ୍



ନୂଆଦିଲ୍ଲୀ: ଇଂଲଣ୍ଡର ପୂର୍ବତନ ଅଲରାଉଣ୍ଡର ରବି ବୋପାରା ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛନ୍ତି । ସେ ଗୋଟିଏ ଓଭରରେ କ୍ରମାଗତ ୬ ଛକା ମାରିବାର ଭିଡିଓ ଏବେ ବେଶ ଚର୍ଚ୍ଚାରେ ରହିଛି । ସେ ଜଣେ ପୂର୍ବତନ ଭାରତୀୟ କ୍ରିକେଟରଙ୍କ ବଲରେ ଏପରି ରେକର୍ଡ କରିଛନ୍ତି । ଅନ୍ତର୍ଜାତୀୟ କ୍ରିକେଟରେ ସାଧାରଣତଃ ବୋଲିଂ କରୁ ନଥିବା ରବିନ ଉଥାପ୍ପାଙ୍କ ବଲରେ ରବି ବୋପାରା ୬ ଛକା ମାରିଛନ୍ତି । ଉଥାପ୍ପା ଗୋଟିଏ ଓଭରରେ ୬ ଛକା ସହ ମୋଟ ୩୭ ରନ ଦେଇଛନ୍ତି । ହଂକଂ ସିକ୍ସେସ ଟୁର୍ଣ୍ଣାମେଣ୍ଟରେ ଏପରି ଘଟଣା ଘଟିଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬ ଜଣ ଖେଳାଳି ଖେଳିବାର ନିୟମ ରହିଛି । ଭାରତ ଓ ଇଂଲଣ୍ଡ ପରସ୍ପରକୁ ଗୋଟିଏ ମ୍ୟାଚ୍‌ରେ ଭେଟିଥିବା ବେଳେ ଉଥାପ୍ପା ୬ଟି ଲିଗାଲ ବଲରେ ୬ଟି ଛକା ଓ ଗୋଟିଏ ୱାଇଡ ପକାଇଥିଲେ । ବୋପାରା ମଧ୍ୟ ୧୪ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । ଉଥାପ୍ପାଙ୍କ ପ୍ରଥମ ୫ଟି ବଲରୁ ବୋପାରା ୫ଟି ଛକା ମାରିଥିଲେ । ପରବର୍ତ୍ତୀ ବଲ ୱାଇଡ ହୋଇଥିଲା । ସେହିପରି ଶେଷ ବଲରେ ବୋପାରା ପୁଣି ଏକ ଛକା ମାରିଥିଲେ । ପରବର୍ତ୍ତୀ ଓଭରରେ ବୋପାରା ଭାରତର ଶାହବାଜ ନଦୀମଙ୍କୁ ସାମ୍ନା କରିଥିଲେ । ତାଙ୍କର ପ୍ରଥମ ବଲକୁ ମଧ୍ୟ ସେ ବାଉଣ୍ଡରୀ ବାହାରକୁ ପଠାଇ ଦେଇଥିଲେ । ଏହାର ଅର୍ଥ ସେ ୭ ବଲରେ ୭ ଛକା ମାରିଛନ୍ତି । ହଂକଂ ସିକ୍ସେସ ଟୁର୍ଣ୍ଣାମେଣ୍ଟରେ ବୋପାରା ଇଂଲଣ୍ଡର କମାଣ ସମ୍ଭାଳିଛନ୍ତି । ସେ ଭାରତ ବିପକ୍ଷ ମ୍ୟାଚରେ ୧୪ ବଲରେ ୫୩ ରନ କରିବା ପରେ ନିୟମ ଅନୁସାରେ ରିଟାର୍ଡ ହୋଇଥିଲେ । ସମିତ ପଟେଲ ମଧ୍ୟ ବୋପାରାଙ୍କ ସାଥ ଦେଇ ୧୮ ବଲରେ ୫୧ ରନର ଇନିଂସ ଖେଳିଛନ୍ତି । ବୋପାରା ଓ ସମିତ ପଟେଲଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଇଂଲଣ୍ଡ ୬ ଓଭରରେ ଗୋଟିଏ ୱିକେଟ ହରାଇ ୧୨୦ ରନ କରିଥିଲା । ଏହାର ଜବାବରେ କେଦାର ଯାଦବ ୧୫ ବଲରେ ଅପରାଜିତ ୪୮ ରନର ଇନିଂସ ଖେଳିଥିଲେ ହେଁ ଭାରତ କେବଳ ୧୦୫ ରନ କରିପାରି ଥିଲା । ଫଳରେ ଦଳକୁ ୧୫ ରନରେ ହାରିବାକୁ ପଡ଼ିଥିଲା । ଭାରତ ଟୁର୍ଣ୍ଣାମେଣ୍ଟରେ ଏଯାଏ ଗୋଟିଏ ହେଲେ ମ୍ୟାଚ୍ ଜିତି ନାହିଁ । ଦଳ ପାକିସ୍ତାନ, ୟୁଏଇ ଓ ଇଂଲଣ୍ଡ ଠାରୁ ହାରି ସାରିଲାଣି ।

# ଭାରତୀୟ ପ୍ରଶଂସକଙ୍କୁ ଖୁବ୍‌ଶୀଘ୍ର ଭିସା ଉପଲବ୍ଧ କରାଇବ ପିସିବି



ନୂଆଦିଲ୍ଲୀ: ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)ର ଅଧ୍ୟକ୍ଷ ମୋହସିନ ରଜା ନକଭି ମଧ୍ୟ ପାକିସ୍ତାନ ସରକାରରେ କେନ୍ଦ୍ରମନ୍ତ୍ରୀ ଅଛନ୍ତି । ଅତୀତରେ ପିସିବି ପାଇଁ ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଆଇସିସି ଏପର୍ଯ୍ୟନ୍ତ ଚାମ୍ପିୟନ୍ସ ଟ୍ରଫି କାର୍ଯ୍ୟସୂଚୀକୁ ସବୁଜ ସଙ୍କେତ ଦେଇନାହିଁ । ଏବେ ବୋର୍ଡ ଭାରତୀୟ ପ୍ରଶଂସକଙ୍କୁ ଆଶ୍ୱାସନା ଦେଇଛି ଯେ ଯଦି ସେମାନେ ଚାମ୍ପିୟନ୍ସ ଟ୍ରଫିଉପଭୋଗ କରିବାକୁ ପାକିସ୍ତାନ ଆସିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ଭିସା ସମ୍ବନ୍ଧୀୟ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ମୋହସିନ ରଜା ନକଭି ନିକଟରେ କିଛି ଶିଖ୍ ତୀର୍ଥଯାତ୍ରୀଙ୍କୁ ଭେଟିଥିଲେ ଏବଂ ସେ ଚାମ୍ପିୟନ୍ସ ଟ୍ରଫି କୁ ନେଇ ଭାରତୀୟ ପ୍ରଶଂସକଙ୍କ ସକାରାତ୍ମକ ପ୍ରତିକ୍ରିୟା କୁ ଅପେକ୍ଷା କରିଛନ୍ତି । ପାକିସ୍ତାନର ଏକ ମିଡିଆ ଏଜେନ୍ସି ଅନୁଯାୟୀ ନକଭି କହିଛନ୍ତି ଯେ ଆମେ ଭାରତୀୟ ପ୍ରଶଂସକଙ୍କ ପାଇଁ ଏକ ସତନ୍ତ୍ର କୋଟା ପ୍ରସ୍ତୁତ କରିବୁ ଏବଂ ପ୍ରଶଂସକଙ୍କୁ ଖୁବ୍ ଶୀଘ୍ର ଭିସା ଉପଲବ୍ଧ କରାଇବାକୁ ଚାହୁଁଛୁ । ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଆୟୋଜକ ଏବଂ ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ବର୍ଷ ଫେବୃଆରି ଓ ମାର୍ଚ୍ଚରେ ଖେଳାଯିବ । ଏହି ଶୀର୍ଷସ୍ତରୀୟ ଆଇସିସି ଟୁର୍ଣ୍ଣାମେଣ୍ଟଆଉ ମାତ୍ର କିଛି ମାସ ବାକି ଅଛି, କିନ୍ତୁ ଟିମ୍ ଇଣ୍ଡିଆ ପାକିସ୍ତାନ ଯିବ କି ନାହିଁ, ତାହା ଏପର୍ଯ୍ୟନ୍ତ ମୋହର ମାରିନାହିଁ । ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତୀୟ ଦଳକୁ ପାକିସ୍ତାନ ପଠାଯିବ କି ନାହିଁ ତାହା ଭାରତ ସରକାରଙ୍କ ଉପରେ ନିର୍ଭର କରେ ।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୩ ନଭେମ୍ବର-୯ ନଭେମ୍ବର ୨୦୨୪




ଟାର୍ଗେଟ୍‌ରେ ସଲମାନ

ସଲମାନଙ୍କୁ ପୁଣି ଧମକ ବଲିଉଡ ସୁପରଷ୍ଟାର ସଲମାନ ଖାନଙ୍କୁ ଆଉ ଏକ ଧମକ ମିଳିଛି । ମହମ୍ମଦ ତାୟବ ନାମକ ଜଣେ ବ୍ୟକ୍ତି ମୁମ୍ବାଇର କଣ୍ଟ୍ରୋଲ ରୁମ ନମ୍ବରକୁ ଏକ ମେସେଜ ପଠାଇଛନ୍ତି । କହିଛନ୍ତି ଯେ ଆମେ ସଲମାନ ଖାନଙ୍କୁ ଛାଡିବୁ ନାହିଁ । ବହୁତ ଖରାପ ହେବ । ଶେଷ ଚେତାବନୀ ଦେଉଛୁ ।

**ଜାତୀୟ:** ଭାରତ ନଇଁବ ନାହିଁ

**ସ୍ୱତନ୍ତ୍ର ପ୍ରସଙ୍ଗ:** କାହିଁକି ଭାରତରେ ଏତେ ଭୋକିଲା ?

**ନାରୀ:**ମହିଳାଙ୍କ ପାଇଁ କାହିଁକି ଜରୁରୀ ଏହି ସବୁ ଭିଟାମିନ୍.

**କ୍ଷୁଦ୍ରଗଳ୍ପ:**ବଦଳିଯାଉଥିବା ଦୃଶ୍ୟର ଦଲିଲ

**ଚଳଚ୍ଚିତ୍ର:** ରୋହିତଙ୍କୁ ରିଟେନ୍ କରିବ କି ମୁମ୍ବାଇ ! ,୪୦ବର୍ଷରେ ପଦାର୍ପଣ କଲେ ଇରଫାନ୍,ରାନୀ ରାମପାଲ୍‌ଙ୍କ ଅବସର ,ମହମ୍ମଦ ରିଜୱାନ ପାକିସ୍ତାନ ଦଳର ନୂଆ ଅଧିନାୟକ,ମୁଁ ଖୁବ୍‌ଶୀଘ୍ର କରିବି ବଡ଼ ଘୋଷଣା: ପାଣ୍ଡ୍ୟା ,ପ୍ୟାରିସ୍ ଅଲିମ୍ପିକ୍ସର ଜର୍ସି ପିନ୍ଧି ବିଧାନସଭାରେ ପ୍ରବେଶ କଲେ ବିନେଶ,ଅର୍ଜୁନ ଏରିଗାଇସି ରଚିଲେ ଇତିହାସ,ପନ୍ତଙ୍କ ହେବ ଆର୍‌ସିବିରେ ଏଣ୍ଟ୍ରି !


**ଖେଳ:**ଜାନି ମାଷ୍ଟର୍‌କୁ ଜାମିନ,ଦାମୀ କାର୍ କିଣିଲେ ଅଭିନେତ୍ରୀ ନୁସରତ,ରାମ ଭୂମିକାରେ ରଣବୀର,ରିୟାଙ୍କୁ ସୁପ୍ରିମ୍ ଆଶ୍ୱସ୍ତ,ଭଲ ହିନ୍ଦୀ ପ୍ରୋଜେକ୍ଟକୁ ଅପେକ୍ଷା କରିଛନ୍ତି ନିତ୍ୟା ,ମିସ୍‌ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ୍ ରାଚେଲ,ନିଜକୁ ବିବାହ କଲେ ବ୍ରିଟନି ସ୍ପିୟର୍ସ

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ଆଇପିଏଲ୍ ୨୦୨୫ରୁ ବାଦ୍‌ପଡ଼ିଲେ ଷ୍ଟୋକ୍ସ

ନୂଆଦିଲ୍ଲୀ,: ଆଇପିଏଲ ୨୦୨୫ ପୂର୍ବରୁ ମେଗା ଅକ୍ସନ ଆୟୋଜିତ ହେବ । ନିକଟରେ ରିଟେନ୍‌ଶନ ତାଲିକା ପ୍ରକାଶ ପାଇଥିଲା, ଯେଉଁଥିରେ ୧୦ ଟିମ୍ ମିଶି ମୋଟ ୪୭ ଖେଳାଳିଙ୍କୁ ରିଟେନ୍ କରିଥିଲେ । ଏବେ ବାକି ଖେଳାଳି ଅକ୍ସନରେ ନଜର ଆସିବେ । ଏସବୁ ମଧ୍ୟରେ ଜଣେ ଭେଟେରାନ ଖେଳାଳିଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି । ଏହି ଖେଳାଳି ଆଇପିଏଲ୍ ୨୦୨୫ରୁ ବାଦ୍ ପଡ଼ିପାରନ୍ତି । ବିସିସିଆଇର ନୂଆ ନିୟମକୁ ନେଇ ଉକ୍ତ ଖେଳାଳି ଅକ୍ସନରେ ନିଜ ନାମ ଦେବେ ନାହିଁ ବୋଲି କୁହାଯାଉଛି । ଆଇପିଏଲ୍ ମେଗା ଅକ୍ସନ ଲାଗି ରେଜିଷ୍ଟ୍ରେଶନର ଅନ୍ତିମ ତାରିଖ ରବିବାର ଅର୍ଥାତ ୩ ନଭେମ୍ବର ଅଟେ । ହେଲେ ଏଥିରେ ଇଂଲଣ୍ଡ ଟେଷ୍ଟ ଟିମ୍‌ର ଅଧିନାୟକ ବେନ ଷ୍ଟୋକ୍ସ ଅକ୍ସନରେ ନିଜ ନାମ ଦେବେ ନାହିଁ । ଦ ଟେଲିଗ୍ରାଫ ରିପୋର୍ଟ ମୁତାବକ, ଷ୍ଟୋକ୍ସ ଟେଷ୍ଟ କ୍ରିକେଟ ଉପରେ ଧ୍ୟାନ ଦେବାକୁ ଚାହୁଁଛନ୍ତି । ଗତ ସିଜନରେ ମଧ୍ୟ ସେ ଖେଳି ନ ଥିଲେ । ୨୦୨୩ରେ ଚେନ୍ନାଇ ସୁପର କିଙ୍ଗ୍ସ ତାଙ୍କୁ ୧୬.୨୫ କୋଟିରେ କିଣିଥିଲା । ହେଲେ ସେ ଆହତ ହେବାକୁ ନେଇ କିଛି ମ୍ୟାଚ୍ ଖେଳିଥିଲେ । ରିପୋର୍ଟ ମୁତାବକ, ଷ୍ଟୋକ୍ସ ଇଂଲଣ୍ଡ ପାଇଁ ହ୍ୱାଇଟ୍ ବଲ୍ କ୍ରିକେଟ ଖେଳିବାକୁ ଚାହାନ୍ତି । ସେ ୨୦୨୨ରେ ଦଳ ପକ୍ଷରୁ ଅନ୍ତିମ ଟି୨୦ ଖେଳିଥିଲେ । ସେହିଭଳି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ଅବସର ନିଷ୍ପତ୍ତିରୁ ଓହରିଯାଇ ୨୦୨୩ରେ ଦିନିକିଆ ବିଶ୍ୱକପ୍‌ରେ ପ୍ରତ୍ୟାବର୍ତ୍ତନ କରିଥିଲେ ।ହେଲେ ଏବେ ସେ ପୁଣିଥରେ ଦିନିକିଆ ଏବଂ ଟି୨୦ ଦଳକୁ ଫେରିପାରନ୍ତି ବୋଲି କୁହାଯାଉଛି । ଆସନ୍ତା ବର୍ଷ ଆରମ୍ଭରୁ ଚାମ୍ପିଅନ୍ସ ଟ୍ରଫି ଖେଳାଯିବ । ଏମିତିରେ ଷ୍ଟୋକ୍ସ ନିଜ କ୍ୟାରିୟରକୁ ନେଇ ବଡ଼ ନିଷ୍ପତ୍ତି ନେଇପାରନ୍ତି । କେବଳ ଏତିକି ନୁହେଁ ଷ୍ଟୋକ୍ସ ଅକ୍ସନରୁ ହଟିବା ପଛର ଆଉ ଏକ କାରଣ ବିସିସିଆଇର ନୂଆ ନିୟମ ବୋଲି କୁହାଯାଉଛି । ଆଇପିଏଲ୍ ଗଭର୍ନିଂ କାଉନସିଲର ନୂଆ ନିୟମ ମୁତାବକ ଅକ୍ସନରେ ବିକ୍ରି ହେବା ପରେ ଯଦି କେହି ବିଦେଶୀ ଖେଳାଳି କୌଣସି ଉପଯୁକ୍ତ କାରଣ ନ ଥାଇ ନିଜ ନାମ ଫେରାଇ ନିଅନ୍ତି ତେବେ ତାଙ୍କ ଉପରେ ୨ ବର୍ଷର ବ୍ୟାନ୍ ଲଗାଯାଇପାରେ ।

# ଆଇପିଏଲ୍: ୧୦ ଟିମ୍ ପାଇଁ ୪୭ ଖେଳାଳି ରିଟେନ୍




ନୂଆଦିଲ୍ଲୀ: ଆଇପିଏଲ-୨୦୨୫ ପୂର୍ବରୁ ରିଟେନସନ ଲିଷ୍ଟ ଜାରି ହୋଇସାରିଛି । ବର୍ତ୍ତମାନ ମେଗା ଅକ୍ସନକୁ ଅପେକ୍ଷା କରି ରହିଛନ୍ତି ବିଭିନ୍ନ ଦଳରୁ ରିଲିଜ ହୋଇଥିବା ଖେଳାଳି । ଏହି ତାଲିକାରେ କେ.ଏଲ ରାହୁଲ, ରଷଭ ପନ୍ତ ଏବଂ ଶ୍ରେୟସ ଆୟରଙ୍କ ସହ ଆହୁରି ଅନେକ ବଡ଼ ବଡ଼ ଖେଳାଳିଙ୍କ ନାମ ସାମିଲ ରହିଛି । ତେବେ ଅକ୍ସନ ପୂର୍ବରୁ ଆଇପିଏଲ-୨୦୨୫ରୁ ଦୂରେଇ ରହିବା ପାଇଁ ନିଷ୍ପତ୍ତି ନେଉଛନ୍ତି ଷ୍ଟାର କ୍ରିକେଟର । ଦଳ ଆଗାମୀ ସିଜନ ପାଇଁ ତାଙ୍କୁ ରିଟେନସନ ତାଲିକାରେ ସାମିଲ କରିନାହିଁ । ଏହାପରେ ସେ ଏଭଳି ନିଷ୍ପତ୍ତି ନେବେ ବୋଲି ଆଲୋଚନା ହେଉଛି । ଆଇପିଏଲ-୨୦୨୫ ପାଇଁ ୧୦ଟି ଟିମ ମୋଟ ୪୭ ଜଣ ଖେଳାଳିଙ୍କୁ ରିଟେନ୍ କରିଛନ୍ତି । ଏମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଖେଳାଳି ଅକ୍ସନରେ ସାମିଲ ହେବେ ବୋଲି ଆଶା କରାଯାଉଛି । କିନ୍ତୁ ଜଣେ ଖେଳାଳି ଅକ୍ସନରେ ନିଜ ନାମ ଦେବାକୁ ଚାହୁଁ ନଥିବା ଜାଣିବାକୁ ମିଳିଛି । ଚେନ୍ନାଇ ସୁପର କିଙ୍ଗସର ପୂର୍ବତନ କ୍ରିକେଟର ବେନ୍ ଷ୍ଟୋକ୍ସ ଆଗାମୀ ସିଜନ ପାଇଁ ଟୁର୍ଣ୍ଣାମେଣ୍ଟରୁ ଦୂରେଇ ରହିପାରନ୍ତି । ମେଗା ଅକ୍ସନ ପାଇଁ ରେଜିଷ୍ଟ୍ରେସନ କରିବାର ଶେଷ ତାରିଖ ନଭେମ୍ବର ୩ ତାରିଖ ରହିଥିବା ବେଳେ ସେ ଏଥିରୁ ଦୂରେଇ ରହିବେ ବୋଲି ଚର୍ଚ୍ଚା ହେଉଛି । ଇଂଲଣ୍ଡ ପାଇଁ ଅଧିକ ସମୟ ଦେବା ସହ ଟେଷ୍ଟ କ୍ରିକେଟ ଉପରେ ଅଧିକ ଫୋକସ୍ କରିବାକୁ ଏଭଳି ନିଷ୍ପତ୍ତି ନେବେ ବୋଲି କୁହାଯାଉଛି । ରିପୋର୍ଟ ଅନୁସାରେ, ସୀମିତ ଓଭର କ୍ରିକେଟରେ ଇଂଲଣ୍ଡ ଦଳକୁ ପୁଣିଥରେ କମବ୍ୟାକ କରିବାକୁ ଚାହୁଁଛନ୍ତି ବେନ୍ ଷ୍ଟୋକ୍ସ । ୨୦୨୨ ଟି-୨୦ ବିଶ୍ୱକପରେ ସେ ଶେଷ ଟି-୨୦ ମ୍ୟାଚ ଖେଳିଥିବା ବେଳେ ଷ୍ଟୋକ୍ସ ୨୦୨୩ ଦିନିକିଆ ବିଶ୍ୱକପରେ ମଧ୍ୟ କମବ୍ୟାକ କରିଥିଲେ । ତେବେ ବର୍ତ୍ତମାନ ମ୍ୟାକୁଲମଙ୍କ କୋଚିଙ୍ଗରେ ସେ ପୁଣିଥରେ ଦିନିକିଆ ଏବଂ ଟି-୨୦ ଦଳକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି । ଆଗାମୀ ଚମ୍ପିଆନ୍ସ ଟ୍ରଫି-୨୦୨୫ ପୂର୍ବରୁ ସେ ଏକ ବଡ଼ ନିଷ୍ପତ୍ତି ନେଇପାରନ୍ତି ବୋଲି ଆଶା କରାଯାଉଛି । ତେବେ ୨୦୨୩ ମସିହାରେ ସେ ଶେଷ ଥର ପାଇଁ ଚେନ୍ନାଇ ସୁପର କିଙ୍ଗସ ପକ୍ଷରୁ ଖେଳିଥିଲେ । ଏହାପରେ ଆହତ ଜନିତ ସମସ୍ୟା ଯୋଗୁଁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି । ଏହାବ୍ୟତୀତ ବିସିସିଆଇର ନୂଆ ନିୟମ ମଧ୍ୟ ତାଙ୍କ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି । ଆଇପିଏଲର ନୂଆ ନିୟମ ଅନୁସାରେ, ଅକ୍ସନରେ ବିକ୍ରି ହେବା ପରେ କୌଣସି ବିଦେଶୀ ଖେଳାଳି ବୈଧ କାରଣ ବିନା ଟୁର୍ଣ୍ଣାମେଣ୍ଟରୁ ଦୂରେଇ ରହିଲେ, ତାଙ୍କ ଉପରେ ୨ ବର୍ଷ(୨ଟି ଆଇପିଏଲ ସିଜନ) ପାଇଁ ବ୍ୟାନ୍ ଲାଗୁ କରାଯିବ । ଅନେକ ସମୟରେ ବିଦେଶୀ ଖେଳାଳି ଅକ୍ସନରେ ବିକ୍ରି ହେବା ପରେ ଟୁର୍ଣ୍ଣାମେଣ୍ଟ ଆରମ୍ଭେ ହେବା ପୂର୍ବରୁ କିମ୍ୱା ସିଜନ ଆରମ୍ଭରୁ ଫ୍ରାଞ୍ଚାଇଜି ଛାଡ଼ି ଦେଇଥାନ୍ତି । ତେଣୁ ଏହି ସମସ୍ୟାକୁ ରୋକିବା ପାଇଁ ଏଭଳି ଏକ ନିୟମ ଆଣିଛି ଆଇପିଏଲ ଗଭର୍ଣ୍ଣିଂ କାଉନ୍ସିଲ

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583